# ଭାରତର

# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

## ମାର୍ଚ୍ଚ2021ରେ ସମାପ୍ତ ବର୍ଷ ପାଇଁ
## ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନ

लोकहितार्थ  सत्यनिष्ठा
ଜନ ସାଧାରଣଙ୍କ ସତ୍ୟତା ନିମନ୍ତେ ଉଦ୍ଦିଷ୍ଟ

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 2 ବର୍ଷ 2022*

**ଭାରତର**

**ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ**

ମାର୍ଚ୍ଚ 2021 ରେ ସମାପ୍ତ ବର୍ଷ ପାଇଁ

# ରାଜ୍ୟ ଆର୍ଥିକ ସ୍ଥିତିର ଲେଖାପରୀକ୍ଷା ପ୍ରତିବେଦନ

**ଓଡ଼ିଶା ସରକାର**

**ପ୍ରତିବେଦନ ସଂଖ୍ୟା 2 ବର୍ଷ 2022**

# ସୂଚୀପତ୍ର


| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| | ମୁଖବନ୍ଧ | *ix* |
| | ସଂକ୍ଷିପ୍ତ ସାରମର୍ମ | *xi-xiv* |
| **ଅଧ୍ୟାୟI: ସାଧାରଣ ସମୀକ୍ଷା** | | |
| 1.1 | ଓଡ଼ିଶାର ପାର୍ଶ୍ୱଚିତ୍ର | 1 |
| 1.2 | ରାଜ୍ୟ ଆର୍ଥିକ ସମୀକ୍ଷା ପ୍ରତିବେଦନ ପାଇଁ ଆଧାର ଏବଂ ଆଭିମୁଖ୍ୟ | 1 |
| 1.3 | ପ୍ରତିବେଦନର ଗଠନ | 2 |
| 1.4 | ସରକାରୀ ହିସାବ ଢାଞ୍ଚା ଏବଂ ବଜେଟ ପଦ୍ଧତିର ସାଧାରଣ ଦୃଷ୍ଟିପାତ | 3 |
| 1.4.1 | ରାଜ୍ୟର ମୋଟ ଘରୋଇ ଉତ୍ପାଦ | 4 |
| 1.4.1.1 | କ୍ଷେତ୍ରୀୟ ସଂଯୋଜନା | 5 |
| 1.4.2 | ଆର୍ଥିକ ଛବି | 7 |
| 1.4.3 | ସରକାରଙ୍କର ସମ୍ପତ୍ତି ଏବଂ ଦାୟିତ୍ୱର ଚିତ୍ର | 8 |
| 1.5 | ବିତ୍ତୀୟ ସ୍ଥିରତା, ନିଅଣ୍ଟ ଏବଂ ମୋଟ ଋଣର ଧାର୍ଯ୍ୟ ଲକ୍ଷ୍ୟ ହାସଲ | 9 |
| 1.5.1 | ଆର୍ଥିକ ରୂପରେଖ | 11 |
| 1.6 | ସମୀକ୍ଷା ଦ୍ୱାରା ପରୀକ୍ଷା ପରେ ନିଅଣ୍ଟ ଏବଂ ମୋଟ ଋଣ | 12 |
| 1.6.1 | ସମୀକ୍ଷା ପର ବଳକା/ ନିଅଣ୍ଟ | 13 |
| **ଅଧ୍ୟାୟII: ରାଜ୍ୟର ଆର୍ଥିକ ସ୍ଥିତି** | | |
| 2.1 | 2019-20ବର୍ଷ ତୁଳନାରେ ମୂଳ ରାଜସ୍ୱ ସମଷ୍ଟିରେ ପ୍ରମୁଖ ପରିବର୍ତ୍ତନ | 15 |
| 2.2 | ପାଣ୍ଠିର ଉତ୍ସ ଏବଂ ବିନିମୟ | 15 |
| 2.3 | ରାଜ୍ୟର ସମ୍ବଳ | 16 |
| 2.3.1 | ରାଜ୍ୟର ପ୍ରାପ୍ତି | 17 |
| 2.3.2 | ରାଜ୍ୟର ରାଜସ୍ୱ ପ୍ରାପ୍ତି | 17 |
| 2.3.2.1 | ରାଜସ୍ୱ ପ୍ରାପ୍ତିର ଧାରା ଏବଂ ବୃଦ୍ଧି | 18 |
| 2.3.2.2 | ରାଜ୍ୟର ନିଜସ୍ୱ ସମ୍ବଳ | 19 |
| 2.3.2.3 | କେନ୍ଦ୍ରଠାରୁ ହସ୍ତାନ୍ତର | 23 |
| 2.3.3 | ଢାଞ୍ଚାଗତ ଅନୁଭାଗ ଅଧିନରେ ପ୍ରାପ୍ତି | 26 |
| 2.3.4 | ସମ୍ବଳର ବ୍ୟବହାରରେ ରାଜ୍ୟର ଦକ୍ଷତା | 27 |
| 2.4 | ସମ୍ବଳର ବ୍ୟବହାର | 27 |
| 2.4.1 | ବ୍ୟୟର ବୃଦ୍ଧି ଓ ଉପାଦାନ | 28 |
| 2.4.2 | ରାଜସ୍ୱ ବ୍ୟୟ | 31 |
| 2.4.2.1 | ରାଜସ୍ୱ ବ୍ୟୟରେ ପ୍ରମୁଖ ପରିବର୍ତ୍ତନ | 32 |
| 2.4.2.2 | ପ୍ରତିବଦ୍ଧ ବ୍ୟୟ | 34 |

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| 2.4.2.3 | ଜାତୀୟ ପେନ୍‌ସନ୍ ନୀତି | 35 |
| 2.4.2.4 | ସହାୟକ ମୂଲ୍ୟ/ ରିହାତି | 36 |
| 2.4.2.5 | ସ୍ଥାନୀୟ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଆର୍ଥିକ ସହାୟତା | 37 |
| 2.4.3 | ପୁଞ୍ଜିଗତ ବ୍ୟୟ(ସିଇ) | 37 |
| 2.4.3.1 | ଢାଞ୍ଚାଗତ ବ୍ୟୟରେ ମୁଖ୍ୟ ପରିବର୍ତ୍ତନ | 39 |
| 2.4.3.2 | ସରକାରୀ କମ୍ପାନୀ ଏବଂ ନିଗମରେ ପୁଞ୍ଜିଗତ ବ୍ୟୟର ମାନ | 40 |
| 2.4.4 | ବ୍ୟୟ ଅଗ୍ରାଧୀକାର | 42 |
| 2.4.5 | ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟ | 43 |
| 2.5 | ସରକାରୀ ହିସାବ ପ୍ରାପ୍ତି | 43 |
| 2.5.1 | ସରକାରୀ ହିସାବ ପାଣ୍ଠିର ନିଟ୍ ବଳକା | 44 |
| 2.5.2 | ସଂରକ୍ଷିତ ପାଣ୍ଠି | 45 |
| 2.5.3 | ଋଣ ଓ ଅଗ୍ରୀମର ଅବସ୍ଥା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ / ପଇଠ ସୁଧ | 47 |
| 2.6 | ଋଣ ପରିଚାଳନା | 48 |
| 2.6.1 | ଋଣ ପାର୍ଶ୍ୱଚିତ୍ର ବକେୟା ଦେୟ/ ଋଣର ଉପାଦାନ | 49 |
| 2.6.1.1 | ବିତ୍ତୀୟ ନିଅଣ୍ଟର ଗଠନ ଓ ଆର୍ଥିକ ସହାୟତା | 52 |
| 2.6.2 | ଋଣ ପାର୍ଶ୍ୱଚିତ୍ର, ପୂର୍ଣ୍ଣ ବିକାଶ ଓ ପରିଶୋଧ | 53 |
| 2.6.3 | *କରଜ ପାଣ୍ଠିର ପ୍ରକୃତ ଉପଲବ୍ଧତା* | 54 |
| 2.7 | ସରକାରୀ ଋଣ ପୋଷଣୀୟତାର ବିଶ୍ଳେଷଣ | 55 |
| 2.7.1 | ଋଣ ସ୍ଥିରତା ଓ ଋଣ ପୋଷଣୀୟତା ସଂକେତକ | 55 |
| 2.7.2 | କରଜ ପାଣ୍ଠିର ଉପଯୋଗ | 56 |
| 2.7.3 | ନିର୍ଭରୋକ୍ତିର ସ୍ଥିତି-ଆକସ୍ମିକ ଦେୟ | 57 |
| 2.7.4 | ବଳକା ଅର୍ଥ ରାଶି | 58 |
| 2.8 | ସୁପାରିଶ | 61 |
| **ଅଧ୍ୟାୟ III: ବଜେଟାରୀ ପରିଚାଳନା** | | |
| 3.1 | ବଜେଟ ପଦ୍ଧତି | 63 |
| 3.1.1 | 2020-21ମଧ୍ୟରେ ସମୁଦାୟ ବ୍ୟବସ୍ଥା, ବିନିଯୋଗ ଏବଂ ସଞ୍ଚୟର ସାରାଂଶ | 64 |
| 3.1.2 | ଭାରିତ ଏବଂ ଅନୁମୋଦିତ ବିତରଣ | 65 |
| 3.2 | ବିନିଯୋଗ ହିସାବ | 65 |
| 3.3 | ବଜେଟାରୀ ଏବଂ ହିସାବ ପଦ୍ଧତିର ସଚ୍ଛୋଟତା ଉପରେ ମନ୍ତବ୍ୟ | 66 |
| 3.3.1 | ପୁଞ୍ଜିଗତ ଖର୍ଚ୍ଚକୁ ରାଜସ୍ୱ ଖର୍ଚ୍ଚ ଏବଂ ଭାରିତ ଖର୍ଚ୍ଚକୁ ଅନୁମୋଦିତ ଖର୍ଚ୍ଚ ଏବଂ ଏହା ବିପରିତେ ବିଭାଗୀକରଣ | 66 |
| 3.3.2 | ଅନୁପୂରକ ଅନୁଦାନ | 66 |
| 3.3.2.1 | ଅନାବଶ୍ୟକ ଅଥବା ଅତ୍ୟଧିକ ଅନୁପୂରକ ଅନୁଦାନ | 66 |
| 3.3.2.2 | ଅତ୍ୟଧିକ ଅନୁପୂରକ ଅନୁଦାନ | 67 |

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| 3.3.3 | ଅନାବଶ୍ୟକ ଅଥବା ଅତ୍ୟଧିକ ପୁନଃ-ବିନିଯୋଗ | 67 |
| 3.3.4 | ସଞ୍ଚୟ/ ପ୍ରତ୍ୟାର୍ପଣ | 67 |
| 3.3.4.1 | ବଜେଟ ପାଣ୍ଠିର ଉପଯୋଗର ଧାରା | 69 |
| 3.3.5 | ମାତ୍ରାଧିକ ପ୍ରତ୍ୟାର୍ପଣ | 69 |
| 3.3.5.1 | ବଳକା ସଂଚୟର ପ୍ରତ୍ୟାର୍ପଣ | 70 |
| 3.3.5.2 | ପ୍ରତ୍ୟାର୍ପଣ ହୋଇଥିବା ଆଂଶିକ ପ୍ରତ୍ୟାର୍ପଣ ହୋଇଥିବା ସମ୍ଭାବିତ ସଞ୍ଚୟ | 70 |
| 3.3.6 | ଅତ୍ୟଧିକ ଖର୍ଚ୍ଚ ଏବଂ ଏହାର ନିୟମିତୀକରଣ | 71 |
| 3.3.6.1 | ସାମ୍ପ୍ରତିକ ଆର୍ଥିକ ସମ୍ବନ୍ଧୀୟ ଅତ୍ୟଧିକ ଖର୍ଚ୍ଚ | 71 |
| 3.3.6.2 | ପୂର୍ବ ଆର୍ଥିକ ବର୍ଷରେ ବ୍ୟୟର ନିୟମିତିକରଣ | 71 |
| 3.3.7 | ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି କରିବା ପାଇଁ ସହାୟକ ଅନୁଦାନ | 72 |
| 3.4 | ବଜେଟାରୀ ଏବଂ ହିସାବ ପଦ୍ଧତି ଉପରେ ପ୍ରଭାବୀ ପୂର୍ଣ୍ଣ ମନ୍ତବ୍ୟ | 72 |
| 3.4.1 | ବଜେଟର ମୁଖ୍ୟ ନୀତି ଘୋଷଣା ଏବଂ ତାଙ୍କର ପରିଚାଳନାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକୃତ ପାଣ୍ଠି ପ୍ରଦାନ | 73 |
| 3.5 | ନଗଦ ରାଶି ପରିଚାଳନା ପଦ୍ଧତି | 73 |
| 3.5.1 | ବ୍ୟୟର ବହୁଳତା | 75 |
| 3.6 | ବଛାଯାଇଥିବା ଅନୁଦାନର ସମୀକ୍ଷା | 76 |
| 3.6.1 | ଅନୁଦାନ ସଂଖ୍ୟା-12-ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | 76 |
| 3.6.1.1 | ବଜେଟ୍ ବ୍ୟବସ୍ଥା ଏବଂ ବ୍ୟୟ | 76 |
| 3.6.1.2 | ସଂଚୟର ପ୍ରତ୍ୟାର୍ପଣ | 77 |
| 3.6.1.3 | ଅନାବଶ୍ୟକ ଅନୁପୂରକ ଅନୁଦାନ | 77 |
| 3.6.1.4 | କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ | 77 |
| 3.6.2 | ଅନୁଦାନ ସଂଖ୍ୟା-20-ଜଳ ସମ୍ପଦ ବିଭାଗ | 79 |
| 3.6.2.1 | ବଜେଟ୍ ଏବଂ ବ୍ୟୟ | 79 |
| 3.6.2.2 | ସଞ୍ଚୟ | 79 |
| 3.6.2.3 | ଅନାବଶ୍ୟକ ଅନୁପୂରକ ଅନୁଦାନ | 80 |
| 3.6.2.4 | କାର୍ଯ୍ୟକ୍ରମ ପରିଚାଳନା | 80 |
| 3.7 | ଆର୍ଥିକ ବର୍ଷର ଶେଷ ଭାଗରେ ପାଣ୍ଠି ପ୍ରଦାନ କରିବା | 82 |
| 3.8 | ଆକସ୍ମିକ ପାଣ୍ଠିରୁ ଅଗ୍ରୀମ | 83 |
| 3.9 | ସୁପାରିଶ | 84 |
| **ଅଧ୍ୟାୟIV: ହିସାବର ଗୁଣବତ୍ତା ଏବଂ ଆର୍ଥିକ ବିବରଣୀ ପ୍ରଣାଳୀ** | | |
| 4.1 | ରାଜ୍ୟର ଏକୀକୃତ ପାଣ୍ଠି କିମ୍ବା ଜନସାଧାରଣ ହିସାବ ବାହାରେ ପାଣ୍ଠି | 85 |
| 4.2 | ରାଜ୍ୟ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତର | 85 |
| 4.2.1 | କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ସ୍ଥାନାନ୍ତରର ଧାରା | 86 |
| 4.3 | ବିନିଯୋଗ ପ୍ରମାଣ ପତ୍ର (ୟୁସି)ଦାଖଲରେ ବିଳମ୍ବ | 86 |

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| 4.3.1 | ଏକୀକୃତ ଆର୍ଥିକ ପରିଚାଳନା ପ୍ରଣାଳୀ (ଆଇଏଫ୍‌ଏମ୍‌ଏସ୍)-ୟୁସି ପରିମାଣ କାର୍ଯ୍ୟକାରୀ କରିବାରେ ବିଳମ୍ବ | 89 |
| 4.4 | ସଂକ୍ଷେପ ଆକସ୍ମିକ ବିଲ୍ | 89 |
| 4.4.1 | ଆଇଏଫ୍‌ଏମ୍‌ଏସ୍ ରେ ଅନ୍‌ଲାଇନ୍ ବିଲ୍ ପ୍ରସ୍ତୁତି ଏବଂ ଦାଖଲ ମଡ୍ୟୁଲ୍ ଅଧୀନରେ ଡିସି ବିଲ୍ କାର୍ଯ୍ୟକାରିତାର କାର୍ଯ୍ୟାନ୍ୱୟନ ନହେବା | 91 |
| 4.5 | ବ୍ୟକ୍ତିଗତ ଜମା (ପିଡି) ଖାତା | 91 |
| 4.5.1 | ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା | 91 |
| 4.5.2 | ଅକାମୀ ପିଡି ଆକାଉଣ୍ଟ ଏବଂ ପିଡି ଆକାଉଣ୍ଟ ଅବଶେଷର ମିଳାମିଶା ନହେବା | 93 |
| 4.6 | ମାଇନର ହେଡ୍ 800 ର ଅବ୍ୟବସ୍ଥିତ ବ୍ୟବହାର | 94 |
| 4.7 | ପ୍ରମୁଖ ଅନିଶ୍ଚିତ ହେଡ୍ ଅଧିନରେ ବକେୟା ରାଶି | 95 |
| 4.7.1 | ପେ ଏବଂ ଆକାଉଣ୍ଟସ୍ ଅଫିସ୍(ପିଏଓ) ସସ୍‌ପେନ୍ସ (ଲଘୁ ଶୀର୍ଷ101) | 96 |
| 4.8 | ବିଭାଗୀୟ ଆକଳନଗୁଡ଼ିକର ମିଳାମିଶା ନହେବା | 97 |
| 4.9 | ନଗଦ ବାଲାନ୍ସର ମିଳାମିଶା | 98 |
| 4.9.1 | ବ୍ୟାଙ୍କ ବାଲାନ୍ସ ଓ କ୍ୟାସ୍ ବୁକ୍ ବାଲାନ୍ସ ମଧ୍ୟରେ ମିଳାମିଶା ନ ହେବା ଦ୍ୱାରା 14.08 କୋଟି ଟଙ୍କାର ଅସଙ୍ଗତି | 98 |
| 4.10 | ଆକାଉଣ୍ଟ ମାନକ ଅନୁପାଳନ ନହେବା | 98 |
| 4.11 | ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ବାର୍ଷିକ ହିସାବ/ ପୃଥକ ଅଡିଟ୍ ରିପୋର୍ଟର ଉପସ୍ଥାପନ ନହେବା | 99 |
| 4.12 | ବିଭାଗୀୟ ବାଣିଜ୍ୟିକ ଅଣ୍ଡରଟେକିଂ | 99 |
| 4.13 | ସଂସ୍ଥା ଏବଂ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଦାନ/ ଋଣର ସର୍ବଶେଷ ବିବରଣୀ ଦାଖଲ ନ ହେବା | 100 |
| 4.14 | ଆକାଉଣ୍ଟସର ସମୟାନୁବର୍ତ୍ତିତା ଏବଂ ଗୁଣବତ୍ତା | 100 |
| 4.15 | ଆତ୍ମସାତ୍, କ୍ଷତି, ଚୋରୀ ଇତ୍ୟାଦି | 101 |
| 4.16 | ପରାମର୍ଶ ବିନା ଆକାଉଣ୍ଟସରେ ନୂତନ ସବ୍‌ହେଡ୍ ବିସ୍ତୃତ ହେଡ୍ ହେବା | 102 |
| 4.17 | ରାଜ୍ୟ ଆର୍ଥିକ ଅଡିଟ୍ ରିପୋର୍ଟ ଉପରେ କାର୍ଯ୍ୟ ଅନୁସରଣ | 102 |
| 4.18 | ସୁପାରିଶ | 102 |
| **ଅଧ୍ୟାୟV: ସରକାରୀ ଉଦ୍ୟୋଗ** | | |
| 5.1 | ଉପକ୍ରମ | 103 |
| 5.1.1 | ଆଦେଶ | 103 |
| 5.1.2 | ଏହି ପ୍ରତିବେଦନରେ ଯାହା ଅଛି | 103 |
| 5.1.3 | ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | 104 |
| 5.1.4 | ରାଜ୍ୟ ଅର୍ଥନୀତିରେ ଯୋଗଦାନ | 104 |
| 5.1.5 | ରାଜ୍ୟ ପିଏସ୍‌ଇ ଗୁଡ଼ିକୁ ବଜେଟ୍ ସହାୟତା | 105 |

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| 5.2 | ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକରେ ବିନିଯୋଗ | 106 |
| 5.2.1 | ଇକ୍ୱିଟି ହୋଲ୍ଡିଂ | 107 |
| 5.2.2 | ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକୁ ଦିଆଯାଇଥିବା ଋଣ | 108 |
| 5.2.2.1 | 31 ମାର୍ଚ୍ଚ 2021ସୁଦ୍ଧା ବକେୟା ଥିବା ଦୀର୍ଘକାଳୀନ ଋଣର ଗଣନା | 108 |
| 5.2.2.2 | ଋଣ ଦେୟକୁ ପୂରଣ ପାଇଁ ସମ୍ପତ୍ତିର ପର୍ଯ୍ୟାପ୍ତତା | 109 |
| 5.2.2.3 | ସୁଧ କଭରେଜ୍ | 110 |
| 5.2.2.4 | ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ ଓ୍ୱାରୀ ବିଶ୍ଳେଷଣ | 110 |
| 5.2.3 | ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ | 111 |
| 5.3 | ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରୁ ଫେରସ୍ତ | 112 |
| 5.3.1 | ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ପ୍ରାପ୍ତ ଲାଭ | 112 |
| 5.3.2 | ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ହୋଇଥିବା କ୍ଷତି | 113 |
| 5.3.3 | ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଗୁଡିକରେ ପୁଞ୍ଜି କ୍ଷୟ | 114 |
| 5.3.4 | ଏସ୍‌ପିଏସ୍‌ଇ ଦ୍ୱାରା ଡିଭିଡେଣ୍ଡ ଦେୟ | 114 |
| 5.4 | ଉତ୍ପାଦନର ମୂଲ୍ୟ | 116 |
| 5.4.1 | ନିୟୋଜିତ ପୁଞ୍ଜି ଉପରେ ଫେରସ୍ତ (ଆର୍‌ଓସିଇ) | 117 |
| 5.4.2 | ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଆୟ (ଆର୍‌ଓଇ) | 117 |
| 5.4.3 | ବିକ୍ରୟ ଏବଂ ମାର୍କେଟିଂ | 118 |
| 5.5 | ସରକାରୀ ଉଦ୍ୟୋଗଗୁଡିକର ସମୀକ୍ଷା | 119 |
| 5.6 | ସିଏଜିଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି | 119 |
| 5.7 | ଏସ୍‌ପିଏସ୍‌ଇ ମାନଙ୍କ ଦ୍ୱାରା ହିସାବ ଦାଖଲ | 119 |
| 5.7.1 | ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା | 119 |
| 5.7.2 | ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଗୁଡିକର ସମୟୋଚିତ ପ୍ରସ୍ତୁତି | 120 |
| 5.8 | ସିଏଜିଙ୍କ ତଦାରଖ–ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରଖ ସମୀକ୍ଷା | 121 |
| 5.8.1 | ବିତ୍ତୀୟ ରିପୋର୍ଟ ଢ଼ାଞ୍ଚା | 121 |
| 5.8.2 | ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ହିସାବ ସମୀକ୍ଷା | 121 |
| 5.8.3 | ସରକାରୀ କମ୍ପାନୀଗୁଡିକର ହିସାବର ଅନୁପୂରକ ସମୀକ୍ଷା | 121 |
| 5.9 | ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ | 122 |
| 5.9.1 | କମ୍ପାନୀ ଅଧିନିୟମ,**2013**ର ଧାରା**143** ଅନୁଯାୟୀ ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ହିସାବର ସମୀକ୍ଷା | 122 |
| 5.9.1.1 | ଅଡିଟ ରିପୋର୍ଟର ସଂଶୋଧନ | 122 |
| 5.9.1.2 | ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ | 122 |

| ଅନୁଚ୍ଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| | ଅନୁପୂରକ ମନ୍ତବ୍ୟ | |
| 5.10 | ହିସାବ ମାନଦଣ୍ଡ/ ଇଣ୍ଡ ଏଏସ୍ ବ୍ୟବସ୍ଥାର ଅନୁପାଳନ ନକରିବା | 131 |
| 5.11 | ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିଠି | 132 |
| 5.12 | ସୁପାରିଶ | 133 |
| **ପରିଶିଷ୍ଟ** | | |
| 1.1 | ଓଡ଼ିଶାର ସଂକ୍ଷିପ୍ତ ପାର୍ଶ୍ଵଚିତ୍ର | 135 |
| 1.2 | ସରକାରୀ ହିସାବର ଢାଞ୍ଚା ଓ ଆକାର | 136 |
| 2.1 | 2020-21ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣୀ | 137-139 |
| 2.2 | ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମୟ ପର୍ଯ୍ୟାପ୍ତ ତଥ୍ୟ | 140-142 |
| 2.3 | 31 ମାର୍ଚ୍ଚ 2021ସୁଦ୍ଧା ଓଡ଼ିଶା ସରକାରଙ୍କର ଆର୍ଥିକ ସ୍ଥିତିର ସଂକ୍ଷିପ୍ତ ବିବରଣ | 143-144 |
| 3.1 | ଅନାବଶ୍ୟକ ପ୍ରମାଣିତ ଅନୁପୂରକ ବ୍ୟବସ୍ଥାର ବିବରଣ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି କିମ୍ବା ତତୋଧିକ) | 145-146 |
| 3.2 | )20-21ବର୍ଷରେ ଅଧିକ ଅନୁପୂରକ ବ୍ୟବସ୍ଥା ହେବାର ବିବରଣ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି ଟଙ୍କା କିମ୍ବା ତତୋଧିକ) | 147 |
| 3.3 | 2020-21ବର୍ଷରେ ପାଣ୍ଠିର ଅନାବଶ୍ୟକ/ ଅଧିକ ପୁନଃ ବିନିଯୋଗ | 148 |
| 3.4 | 31ମାର୍ଚ୍ଚ2021ସୁଦ୍ଧା ପୁନଃ ବିନିଯୋଗ ପାଣ୍ଠି(ଏକ କୋଟି ଟଙ୍କା ଏବଂ ତଦୁର୍ଦ୍ଧ ପ୍ରତ୍ୟେକ କ୍ଷେତ୍ରରେ) | 149 |
| 3.5 | 2020-21ବର୍ଷରେ 100କୋଟି ଟଙ୍କାରୁ ଅଧିକ ସଂଚୟ ହୋଇଥିବା ଅନୁଦାନର ଚିଠା | 150-151 |
| 3.6 | 2020-21ବର୍ଷ ମଧ୍ୟରେ ମୋଟ ବ୍ୟବସ୍ଥାର ଶତ ପ୍ରତିଶତ ପ୍ରତ୍ୟାର୍ପଣର ବିବରଣ (10କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ ପ୍ରତି କ୍ଷେତ୍ରରେ) | 152 |
| 3.7 | 2020-21ବର୍ଷରେ ଆଂଶିକ ଫେରସ୍ତ ଏବଂ ଏକ କୋଟି ଟଙ୍କା ଓ ତଦୁର୍ଦ୍ଧ ସଂଚୟ ରାଶିର ବିବରଣୀ) | 153 |
| 3.8 | ବ୍ୟୟ ପାଇଁ ବ୍ୟବସ୍ଥା (ଏକ କୋଟି ଟଙ୍କା ଓ ତଦୁର୍ଦ୍ଧ) ହୋଇଥିବା ଏବଂ କୌଣସି ବ୍ୟୟ ହୋଇନଥିବା ଯୋଜନା ଗୁଡ଼ିକର ସବିଶେଷ ତଥ୍ୟ | 154-155 |
| 3.9 | 2020-21ବର୍ଷରେ ଶେଷ ମାସ ମଧ୍ୟରେ ପ୍ରଚୁର ବ୍ୟୟ (ଶତ ପ୍ରତିଶତ)ର ବିବରଣ(10 କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ) | 156-157 |
| 3.10 | 2020-21ଆର୍ଥିକ ବର୍ଷର ଶେଷ ଭାଗରେ ଅର୍ଥ ପ୍ରଦାନର ବିବରଣ | 158-160 |
| 4.1 | ସହାୟକ ଅନୁଦାନର ସବିଶେଷ ବିବରଣୀ ଯେଉଁଥିପାଇଁ 2020-21ଶେଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ଵାରା ପ୍ରାପ୍ତି ପାଇଁ ବକେୟା ଥିବା ବିନିଯୋଗ ପ୍ରମାଣ ପତ୍ର | 161 |
| 4.2 | ଜିଆଇଏ ର ସବିଶେଷ ବିବରଣୀ ଦର୍ଶାଉଥିବା ବିବୃତ୍ତି ଯାହାପାଇଁ ୟୁସି ଗୁଡ଼ିକ 10 ବର୍ଷରୁ ଅଧିକ ସମୟ ପାଇଁ 31-03-2021ସୁଦ୍ଧା ବକେୟା ଅଛି | 162 |
| 4.3 | 31 ମାର୍ଚ୍ଚ 2021 ସୁଦ୍ଧା ବିଭାଗୱାରୀ ଏସି/ଡିସି ବିଲର ବକେୟା ରିପୋର୍ଟ | 163 |

| ଅନୁଛେଦ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା ପୃଷ୍ଠା |
|---|---|---|
| 4.4 | 2020-21ମଧ୍ୟରେ ବିଭାଗଓ୍ୱାରୀ ଏସି/ଡିସି ବିଲ୍‌ର ବକେୟା | 164 |
| 4.5 | 31ମାର୍ଚ୍ଚ2021ସୁଦ୍ଧା ଅଚଳ ଥିବା ବ୍ୟକ୍ତିଗତ ଜମାଖାତାର ସବିଶେଷ ତଥ୍ୟ | 165 |
| 4.6 | 2020-21ରେ ଲଘୁ ଶୀର୍ଷ-800 (ଅନ୍ୟାନ୍ୟ ଖର୍ଚ୍ଚ) ଅଧିନରେ ଦରଜ କରାଯାଇଥିବା ମୁଖ୍ୟ ଶୀର୍ଷ ବ୍ୟୟର ବିବରଣ | 166 |
| 4.7 | 2020-21ରେ ମୁଖ୍ୟ ଶୀର୍ଷ ଅନୁଯାୟୀ ପ୍ରାପ୍ତିଗୁଡ଼ିକୁ ଲଘୁ ଶୀର୍ଷ-800 (ଅନ୍ୟାନ୍ୟ ପ୍ରାପ୍ତି) ଅଧିନରେ ଦରଜ ହୋଇଥିବାର ବିବରଣ | 167 |
| 4.8 | 31ମାର୍ଚ୍ଚ2021ସୁଦ୍ଧା କ୍ୟାସ୍ ବୁକ୍ ଏବଂ ପାସ୍ ବୁକ୍ ଜମା ମଧ୍ୟରେ ପ୍ରଭେଦ | 168 |
| 4.9 | ସ୍ୱୟଂଶାସିତ ସଂସ୍ଥାଗୁଡ଼ିକରେ ଆକାଉଣ୍ଟର ବକେୟା ଏକ ପୃଥକ ଅଢ଼ଇଠ ରିପୋର୍ଟ ପ୍ରସ୍ତୁତିରେ ଦେଖାଯାଉଥିବା ବିଳମ୍ବର ବିବରଣୀ | 169 |
| 4.10 | ଅପବ୍ୟବହାର, କ୍ଷତି, ଚୋରୀ ଇତ୍ୟାଦିର ବକେୟା ମାମଲା | 170 |
| 5.1 | 80 ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଗୁଡିକର ତାଲିକା | 171-173 |
| 5.2 A | ବକେୟା ଖାତାଗୁଡିକର ବିବରଣୀ କିମ୍ବା ସମାପନ ପ୍ରକ୍ରିୟାରେ ବା ନିଷ୍କ୍ରିୟ କମ୍ପାନୀସମୂହ କ. ସରକାରୀ କମ୍ପାନୀସମୂହ ଏବଂ ନିଗମ ସମୂହ | 174-175 |
| 5.2 B | ବକେୟା ଖାତାଗୁଡିକର ବିବରଣୀ କିମ୍ବା କମ୍ପାନୀ ସମାପନ ପ୍ରକ୍ରିୟାରେ ଖ. ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ | 176 |
| 5.3 | ଓଡିଶାର ଜିଏସ୍‌ଡିପି ଉପରେ କାରବାରର ବିଭାଗଓ୍ୱାରୀ ଶତକଡା ହାର | 177-178 |
| 5.4 | 2019-20**ଏବଂ**2020-21ମଧ୍ୟରେ 10 ଏସ୍‌ପିଏସ୍‌ଇ ଦ୍ୱାରା କ୍ଷତି | 179 |
| 5.5 | 31 ମାର୍ଚ୍ଚ 2021 ସୁଦ୍ଧା ନକରାତ୍ମକ ନିଟ୍ ମୂଲ୍ୟ ଥିବା ଏସ୍‌ପିଏସ୍‌ଇ ଗୁଡିକର ତାଲିକା | 180 |
| 5.6 | ସରକାରୀ କମ୍ପାନୀଗୁଡିକ ଦ୍ୱାରା ଡିଭିଡେଣ୍ଡର ଅଭାବ | 181 |
| 5.7 | ଏସ୍‌ପିଏସ୍‌ଇ ଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି | 182 |
| 5.8 | ଏସ୍‌ପିଏସ୍‌ଇର ନିୟୋଜିତ ପୁଞ୍ଜି ଉପରେ ଫେରସ୍ତ | 183-185 |
| 5.9 | ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଆୟ ଆର୍‌ଓଇ | 186-188 |
| 5.10 | ଏସ୍‌ପିଏସ୍‌ଇ ଗୁଡିକର ତାଲିକା ଯେଉଁଠାରେ ସିଏଜି ଦ୍ୱାରା ମନ୍ତବ୍ୟ ପ୍ରଦାନ କରାଯାଇଅଛି | 189 |
| 5.11 | କମ୍ପାନୀ ଗୁଡିକର ବିବରଣୀ ଯେଉଁଠାରେ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଦର୍ଶାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାଡ୍/ଇଣ୍ଡ୍ ଏଏସ୍‌ର ଅନୁପାଳନ ହୋଇନଥିଲା | 190 |
| 5.12 | ଏସ୍‌ପିଏସ୍‌ଇ ଗୁଡିକର ତାଲିକା ଯେଉଁଠାରେ ସିଏଜି ଦ୍ୱାରା ପରିଚାଳନା କର୍ତ୍ତୃପକ୍ଷ ଚିଠି ଜାରି କରାଯାଇଥିଲା | 191 |
| 6.1 | ଗୁରୁତ୍ୱପୂର୍ଣ୍ଣ ବଜେଟ୍ ସମ୍ବନ୍ଧୀୟ ଶବ୍ଦର ଶବ୍ଦକୋଷ | 192-195 |

# ମୁଖବନ୍ଧ

ସମ୍ବିଧାନର ଧାରା 151ଅନୁଯାୟୀ ଏହି ପ୍ରତିବେଦନ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଛି ।

ଓଡ଼ିଶା ସରକାରଙ୍କର ଆର୍ଥିକସ୍ଥିତିର ପ୍ରତିବେଦନ 2020-21ବର୍ଷ ମଧ୍ୟରେ ରାଜ୍ୟର ଆର୍ଥିକ ସଂପାଦନର ଆକଳନ ଏବଂ ରାଜ୍ୟ ବିଧାନସଭାକୁ ସମୀକ୍ଷା ବିଶ୍ଲେଷଣ ଉପରେ ଆଧାରିତ ଆର୍ଥିକ ତଥ୍ୟର ଉପାଦାନ ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିବେଦନରେ ପାଞ୍ଚୋଟି ଅଧ୍ୟାୟ ଅଛି ।

**ଅଧ୍ୟାୟ I ସାଧାରଣ ସମୀକ୍ଷା:** ଏହି ଅଧ୍ୟାୟ ଆଧାର ପ୍ରତିବେଦନ ଏବଂ ଅନ୍ତର୍ନିହିତ ତଥ୍ୟ, ସରକାରୀ ଖାତାର ଗଠନର ଏକ ସମୀକ୍ଷା ପ୍ରଦାନ, ବଜେଟ୍ ପ୍ରକ୍ରିୟା, ପ୍ରମୁଖ ସୂଚକାଙ୍କର ମାକ୍ରୋ-ଆର୍ଥିକ ବିଶ୍ଲେଷଣ ଏବଂ ରାଜ୍ୟର ଆର୍ଥିକ ସ୍ଥିତି ନିଅଣ୍ଟ/ ବଳକାକୁ ଅନ୍ତର୍ଭୁକ୍ତ କରି ଏକ ଚିତ୍ର ପ୍ରଦାନ କରେ।

**ଅଧ୍ୟାୟ II ରାଜ୍ୟର ଆର୍ଥିକ ସ୍ଥିତି:** ଏହି ଅଧ୍ୟାୟ ରାଜ୍ୟର ଆର୍ଥିକ ସ୍ଥିତିର ଏକ ବ୍ୟାପକ ଦୃଷ୍ଟିକୋଣକୁ ପ୍ରଦାନ କରେ, ପୂର୍ବ ବର୍ଷ ତୁଳନାରେ ପ୍ରମୁଖ ଆର୍ଥିକ ସର୍ବମୋଟର ଜଟିଳ ପରିବର୍ତ୍ତନକୁ ବିଶ୍ଲେଷଣ କରେ, 2016-17 ରୁ 2020-21 ଅବଧି ମଧ୍ୟରେ ସାମଗ୍ରିକ ଧାରା ରାଜ୍ୟର ଋଣର ପାର୍ଶ୍ୱଚିତ୍ର ଏବଂ ପ୍ରମୁଖ ଖାତା କାରବାର, ରାଜ୍ୟର ଆର୍ଥିକ ହିସାବ ଉପରେ ଆଧାରିତ।

**ଅଧ୍ୟାୟ III ଆୟ ବ୍ୟୟ ପତ୍ରର ପରିଚାଳନା:** ଏହି ଅଧ୍ୟାୟଟି ରାଜ୍ୟର ବିନିଯୋଗ ହିସାବ ଉପରେ ଆଧାରିତ ଏବଂ ରାଜ୍ୟ ସରକାରର ବିନିଯୋଗ ଏବଂ ବଣ୍ଟନ ପ୍ରାଥମିକତାର ସମୀକ୍ଷା ଏବଂ ସାମ୍ବିଧାନିକ ବ୍ୟବସ୍ଥାରୁ ବିଚ୍ଛିନ୍ନତା ଉପରେ ପ୍ରତିବେଦନ ସମ୍ବନ୍ଧିତ ଆୟବ୍ୟୟ ପତ୍ରର ପରିଚାଳନା ।

**ଅଧ୍ୟାୟ IV ହିସାବର ଗୁଣବତ୍ତା ଏବଂ ଆର୍ଥିକ ପ୍ରତିବେଦନର ଅଭ୍ୟାସ :** ଏହି ଅଧ୍ୟାୟଟି ହିସାବର ଗୁଣବତ୍ତା ଏବଂ ରାଜ୍ୟ ସରକାରଙ୍କର ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ଏବଂ ଅନୁପାଳନ ପ୍ରସଙ୍ଗ ନିର୍ଦ୍ଦିଷ୍ଟ ଆର୍ଥିକ ନିୟମ ଏବଂ ନିୟମାବଳୀ ସହିତ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ବନ୍ଧରେ ମନ୍ତବ୍ୟ ଦିଆଯାଇଛି ।

**ଅଧ୍ୟାୟ V ସାର୍ବଜନୀନ କ୍ଷେତ୍ର ଉଦ୍ୟମ:** ଏହି ଅଧ୍ୟାୟରେ ରାଜ୍ୟର ସାର୍ବଜନିନ କ୍ଷେତ୍ର ଉଦ୍ୟୋଗର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଏବଂ ରାଜ୍ୟ ସାର୍ବଜନିନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ ଉପରେ ଭାରତର ମହାସମୀକ୍ଷକ ଏବଂ ମହାନିୟନ୍ତ୍ରକଙ୍କ ଭୂମିକା ରହିଛି ।

ଭାରତର ମହାସମୀକ୍ଷକ ଏବଂ ମହାନିୟନ୍ତ୍ରକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁଯାୟୀ ଅଡ଼ିଟ୍ ସଂପାଦନ କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ସଂକ୍ଷିପ୍ତ ସାରମର୍ମ

# ସଂକ୍ଷିପ୍ତ ସାରମର୍ମ

## ଅଧ୍ୟାୟI: ସାଧାରଣ ସମୀକ୍ଷା

### *ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ ଏବଂ ବୃତ୍ତଖଣ୍ଡର ମିଶ୍ରଣ*

2020-21 ରେ ଓଡ଼ିଶାର ସମଗ୍ର ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ସାମ୍ପ୍ରତିକ ମୂଲ୍ୟରେ 5,09,574କୋଟି ଟଙ୍କା ଥିଲା ଏବଂ କ୍ରମାଗତ ମୂଲ୍ୟ 3,76,998କୋଟି ଟଙ୍କା ଥିଲା, ପୂର୍ବ ବର୍ଷ ତୁଳନାରେ ଏହା ଯଥାକ୍ରମେ(-2.24) ପ୍ରତିଶତଏବଂ (-4.92) ପ୍ରତିଶତ ପଞ୍ଜିକୃତ ହୋଇଥିଲା । 2020-21 ରେ ଜିଏସ୍‌ଡିପି ପାଇଁ ସେବା କ୍ଷେତ୍ର ସବୁଠାରୁ ବଡ଼ ଯୋଗଦାନକାରୀ 37.16 ପ୍ରତିଶତ ଥିଲା । ଏହା ପଛକୁ ଶିଳ୍ପକ୍ଷେତ୍ର 31.73 ପ୍ରତିଶତ ଥିଲା,ଯେତେବେଳେ କୃଷିକ୍ଷେତ୍ର ଏବଂ ଉତ୍ପାଦ ଉପରେ ଟିକସ ସବ୍‌ସିଡି ଛାଡ଼ ପରେ ଯଥାକ୍ରମେ 18.61 ପ୍ରତିଶତ ଥିଲା ।

(ଅନୁଚ୍ଛେଦ 1.4)

### *ରାଜ୍ୟର ଆର୍ଥିକ ସ୍ଥିତି*

ରାଜ୍ୟ 9.076କୋଟି ଟଙ୍କାର ରାଜସ୍ୱ ବଳକା ହାସଲ କରିଥିଲା ଏବଂ ଆର୍ଥିକ ନିଅଣ୍ଟ9,786କୋଟି ଟଙ୍କା ଥିଲା । ବର୍ଷ2020-21 ରେ ରାଜ୍ୟର ରାଜସ୍ୱ ବଳକା (9,076କୋଟି ଟଙ୍କା), ପୂର୍ବବର୍ଷର ରାଜସ୍ୱବଳକା (2,430 କୋଟି ଟଙ୍କା) ଠାରୁ ଉଲ୍ଲେଖନୀୟ ଭାବରେ (273ପ୍ରତିଶତ) ବର୍ଦ୍ଧିତ ଥିଲା । ଆର୍ଥିକ ନିଅଣ୍ଟ (9,786 କୋଟି ଟଙ୍କା) ଜିଏସ୍‌ଡିପିର (509,574 କୋଟି ଟଙ୍କା) (-1.92) ପ୍ରତିଶତ ଥିଲା ।

***(ଅନୁଚ୍ଛେଦ1.5)***

## ଅଧ୍ୟାୟ II: ରାଜ୍ୟର ଆର୍ଥିକ ସ୍ଥିତି

### *ସମ୍ବଳର ଉତ୍ସ ଏବଂ ପ୍ରୟୋଗ*

ବର୍ଷ 2020-21 ରେ ସରକାରଙ୍କର ରାଜସ୍ୱ ପ୍ରାପ୍ତି (1,04,387 କୋଟି ଟଙ୍କା), ସମୁଦାୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) (5,09,574 କୋଟି ଟଙ୍କା)ର 20.49 ପ୍ରତିଶତ ଥିଲା । ବର୍ଷ 2020-21 ରେ ରାଜ୍ୟର ରାଜସ୍ୱ ବ୍ୟୟ (95,311 କୋଟି ଟଙ୍କା), ଜିଏସ୍‌ଡିପିର 18.70 ପ୍ରତିଶତ ଥିଲା । 2019-20 (99,137 କୋଟି ଟଙ୍କା) ତୁଳନାରେ ଏହଁଆ 3,826 କୋଟି ଟଙ୍କା (3.86 ପ୍ରତିଶତ) ହ୍ରାସ ପାଇଛି ।

***(ଅନୁଚ୍ଛେଦ2.2, 2.3.2 ଏବଂ2.4.1)***

ନିଜସ୍ୱଟିକସ ରାଜସ୍ୱ (34,258କୋଟି ଟଙ୍କା),ପୂର୍ବବର୍ଷ ତୁଳନାରେ 6.01ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ପୂର୍ବବର୍ଷ ତୁଳନାରେ ଅଣ ଟିକସ ରାଜସ୍ୱ (19,518କୋଟି ଟଙ୍କା) 33.26 ପ୍ରତିଶତ ବୃଦ୍ଧି ପାଇଥିଲା ।

***(ଅନୁଚ୍ଛେଦ2.3.2)***

ପୁଞ୍ଜିଗତ ବ୍ୟୟ ପୂର୍ବବର୍ଷ (20,277କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ 2020-21 ବର୍ଷରେ (17,949କୋଟି ଟଙ୍କା) 2,328 କୋଟି ଟଙ୍କା (11.48 ପ୍ରତିଶତ) କମ୍ ହୋଇଥିଲା । 2020-21ବର୍ଷରେ ପୁଞ୍ଜିଗତ ବ୍ୟୟ ବଜେଟ ଅଟକଳ (26263 କୋଟି ଟଙ୍କା) ଠାରୁ 8314 କୋଟି ଟଙ୍କା କମ୍ ଥିଲା । 2020-21 ମଧ୍ୟରେ ପୁଞ୍ଜି ବ୍ୟୟ (ସିଇ) 17,949 କୋଟି ଟଙ୍କା) ମୋଟ ଖର୍ଚ୍ଚର 15.63 ପ୍ରତିଶତ (1,14,857 କୋଟି ଟଙ୍କା) ଅଟେ । ପୂର୍ବ ବର୍ଷ (20,277 କୋଟି ଟଙ୍କା) ତୁଳନାରେ ଏହା 2,328 କୋଟି ଟଙ୍କା(11.48 ପ୍ରତିଶତ) ହ୍ରାସ ପାଇଛି ।

***(ଅନୁଚ୍ଛେଦ2.3 ଏବଂ 2.4)***

### *ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ*

ସରକାରଙ୍କର ପ୍ରତିବଦ୍ଧ ବ୍ୟୟ, ସୁଧ ପ୍ରଦାନ (6,644କୋଟି ଟଙ୍କା), ବେତନ ଓ ମଜୁରୀ (21,003କୋଟି ଟଙ୍କା) ଏବଂ ପେନ୍‌ସନ (13,629କୋଟି ଟଙ୍କା) କୁ ନେଇ ଗଠିତ ବର୍ଷ 2020-21ରେ ପ୍ରତିବଦ୍ଧ ବ୍ୟୟ41,276କୋଟି ଟଙ୍କା ଥିଲା ଏବଂ ଏହା ରାଜସ୍ୱ ବ୍ୟୟ (95,311କୋଟି ଟଙ୍କା) ର 43.31ପ୍ରତିଶତ ଥିଲା ।

***(ଅନୁଚ୍ଛେଦ2.4.2.2)***

### *ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଓ ଅଗ୍ରୀମ*

31ମାର୍ଚ୍ଚ2021ସୁଦ୍ଧା ସରକାରଙ୍କ ଦ୍ୱାରା, ସରକାରୀ କମ୍ପାନୀ, ସ୍ୱୟଂଶାସିତ ସଂସ୍ଥା ଏବଂ ନିଗମ ଗୁଡ଼ିକୁ ପ୍ରଦାନ କରାଯାଇଥିବା ଋଣ ଓ ଅଗ୍ରୀମର ପରିମାଣ 9,076 କୋଟି ଟଙ୍କା ଥିଲା ।

ବର୍ଷ2016-17 ରେ ବାକିଥିବା ଋଣ ଓ ଅଗ୍ରୀମ 4,708 କୋଟି ଟଙ୍କାରୁ ବୃଦ୍ଧି ପାଇ ବର୍ଷ 2020-21ରେ 9,076 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ବର୍ଷ 2020-21 ରେ ଅଗ୍ରୀମ ଋଣର ମୁଖ୍ୟ ଅଂଶ (700 କୋଟି ଟଙ୍କା) ଭାରତୀୟ ତୈଳ ନିଗମ ଲିମିଟେଡ୍‌ର ଥିଲା ।

***(ଅନୁଚ୍ଛେଦ2.5.3)***

### *ନଗଦ ଅର୍ଥ*

ମାର୍ଚ୍ଚ2021 ସୁଦ୍ଧା ନଗଦ ଅର୍ଥ ରାଶି32,636କୋଟି ଟଙ୍କା ଥିଲା । ବର୍ଷ2017-18, 2018-19ଏବଂ 2019-20 ରେ ନଗଦ ଅର୍ଥର ଅବଶେଷ ରାଶି ଯଥାକ୍ରମେ 30,848.11କୋଟି ଟଙ୍କା. 38,134.48 କୋଟି ଟଙ୍କା ଏବଂ 42,437.50କୋଟି ଟଙ୍କା ଥିଲା । ବିତ୍ତୀୟ ନିଅଣ୍ଟରାଜ୍ୟ ହୋଇ ମଧ ରାଜ୍ୟ ସରକାର ନିୟମିତ ଭାବରେ ବହୁଳ ପରିମାଣର ନଗଦ ଅର୍ଥ ରଖୁଛନ୍ତି ।

***(ଅନୁଚ୍ଛେଦ2.7.4)***

## ଅଧ୍ୟାୟ III: ବଜେଟ ପରିଚାଳନା

### *ସଞ୍ଚୟ*

ବର୍ଷ 2020-21ରେ, ମୋଟ ସଂଚୟ 43,554.13କୋଟି ଟଙ୍କା ଥିଲା । ସେଥିମଧ୍ୟରୁ, 32,556.37 କୋଟି ଟଙ୍କା (74.75 ପ୍ରତିଶତ) ବର୍ଷର ଶେଷ ଦିନରେ ଯଥା-31 ମାର୍ଚ୍ଚ 2021 ରେ ଫେରସ୍ତ କରାଯାଇଥିଲା । 2020-21 ବର୍ଷ ମଧ୍ୟରେ 10,997.76 କୋଟି ଟଙ୍କା (25.25 ପ୍ରତିଶତ) ଅବଶିଷ୍ଟ ସଞ୍ଚୟ ଫେରସ୍ତ କରାଯାଇନାହିଁ ।

***(ଅନୁଚ୍ଛେଦ3.3.4)***

*ପ୍ରମୁଖ ସମର୍ପଣ/ ଫେରସ୍ତ*

11ଟି ଅନୁଦାନ ଅନ୍ତର୍ଗତ 12ଟି ମାମଲାରେ (ପ୍ରତ୍ୟେକ ମାମଲାରେ 50କୋଟି ଟଙ୍କା ଏବଂ ଅଧିକ) ସମୁଦାୟ ବ୍ୟବସ୍ଥା 1,834.31କୋଟି ଟଙ୍କାର ଶତପ୍ରତିଶତ ସମର୍ପଣ ହୋଇଥିଲା ।

***(ଅନୁଚ୍ଛେଦ3.3.5)***

*ସଂଚୟ ଠାରୁ ଅଧିକ ସମର୍ପଣ*

ତିନୋଟି ମାମଲାରେ (ତିନୋଟିଅନୁଦାନ)ସମର୍ପଣ ହୋଇଥିବା ରାଶି (ପ୍ରତ୍ୟେକ ମାମଲାରେ ଏକ କୋଟି ଟଙ୍କା ବା ଅଧିକ) ସଂଚୟ ଠାରୁ ଅଧିକ ଥିଲା ଯାହା ଉକ୍ତ ବିଭାଗର ଅପର୍ଯ୍ୟାପ୍ତ ବଜେଟ ନିୟନ୍ତ୍ରଣକୁ ଇଙ୍ଗିତ କରୁଥିଲା । ସଂଚୟ ରାଶି 4,674.53 କୋଟି ଟଙ୍କା ତୁଳନାରେ ସମର୍ପଣ ରାଶି 5,053.61 କୋଟି ଟଙ୍କା ଥିଲା, ଫଳତଃ 379.08 କୋଟି ଟଙ୍କା ଅଧିକ ସମର୍ପଣ ହୋଇଥିଲା ।

***(ଅନୁଚ୍ଛେଦ3.3.5.1)***

## ଅଧ୍ୟାୟ IV: ହିସାବର ଗୁଣବତ୍ତା ଓ ପ୍ରଚଳିତ ଆର୍ଥିକ ବିବରଣୀ

*ବ୍ୟକ୍ତିଗତ ଜମା ଖାତା (ପିଡି)*

31ମାର୍ଚ୍ଚ 2021ସୁଦ୍ଧା 811ଟିପିଡି ଖାତାରେ 7,047.28 କୋଟି ଟଙ୍କା ବ୍ୟୟ ନ ହୋଇ ଅବଶେଷ ରହିଥିଲା । ପୂର୍ବ ବର୍ଷ ତୁଳନାରେ ପିଡି ଆକାଉଣ୍ଟଗୁଡ଼ିକର ଅନାବଶ୍ୟକ ବାଲାନ୍ସରେ 66.28 ପ୍ରତିଶତ ହ୍ରାସ ଘଟିଛି । ମୁଖ୍ୟତଃ ଓଡ଼ିଶା ମିନେରାଲ୍ ବିଅରିଙ୍ଗ୍ ଡେଭଲପ୍‌ମେଣ୍ଟ କର୍ପୋରେସନ (ଓଏମ୍‌ବିଏଡିସି) ପୃଥକ ବିନିଯୋଗ ଆକାଉଣ୍ଟ ଖୋଲିବା ଏବଂ 16,758 କୋଟି ଟଙ୍କା ବିନିଯୋଗ କରିବା ଏବଂ ଓଏମ୍‌ବିଏଡିସିର ପିଡି ଆକାଉଣ୍ଟରେ 414.85 କୋଟି ଟଙ୍କା ଛାଡ଼ିବା ।

***(ଅନୁଚ୍ଛେଦ4.6.1 ଏବଂ 4.6.2)***

*ବକେୟା ବିସ୍ତୃତ କଣ୍ଟିଜେଣ୍ଟ ବିଲ୍ (ଡିସି)*

ବର୍ଷ 2020-21ରେ ଦେଖାଗଲା ଯେ 385 ଟି ଆବ୍‌ଷ୍ଟ୍ରାକ୍ଟ କଣ୍ଟିଜେଣ୍ଟ ବିଲ୍ ମାଧ୍ୟମରେ 14 ଟି ବିଭାଗର 14 କୋଟି ଟଙ୍କା ଉଠାଣ କରିଥିଲେ । ମାତ୍ର ଉପରୋକ୍ତ ଅଗ୍ରୀମ (23.93 ପ୍ରତିଶତ) ବାବଦରେ 3.35 କୋଟି ଟଙ୍କା ଡିସି ବିଲ୍ ପ୍ରସ୍ତୁତ କରାଯାଇ ବ୍ୟବସ୍ଥିତ କରାଯାଇଥିଲା । 31ମାର୍ଚ୍ଚ 2021ସୁଦ୍ଧା 10.65କୋଟି ଟଙ୍କା ଡିସି ବିଲ୍ ଉପସ୍ଥାପନ କରାଯାଇ ନଥିଲା । ତେଣୁ, ଏହା ସୁନିଶ୍ଚିତ ହୋଇପାରିନଥିଲା ଯେ 10.65 କୋଟି ଟଙ୍କା ମଞ୍ଜୁର ହୋଇଥିବା ଉଦ୍ଦେଶ୍ୟରେ ପ୍ରକୃତରେ ବିନିଯୋଗ ହୋଇଥିଲା । ***(ଅନୁଚ୍ଛେଦ4.5)***

## ଅଧ୍ୟାୟV: ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ

*ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ(ଏସ୍‌ପିଏସ୍‌ଇ) ମାନଙ୍କର ସଂଖ୍ୟା*

31ମାର୍ଚ୍ଚ 2021ସୁଦ୍ଧା ସିଏଜି ଅଡିଟ୍ ଅଧିନରେ 80 ଟି ଏସ୍‌ପିଏସ୍‌ଇ ଗୁଡ଼ିକ ଥିଲା । ଏଥି ମଧ୍ୟରେ, 62 ଟି ସରକାରୀ କମ୍ପାନୀ ତିନୋଟି ଷ୍ଟାଚୁଟାରୀ ନିଗମ ଏବଂ 15 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ । ଏଥି ମଧ୍ୟରୁ

ଆକାଉଣ୍ଟଗୁଡ଼ିକ ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ବକେୟା ରହିଥିଲେ କିମ୍ବା ୩୫ ଟି ଏସ୍‌ପିଏସ୍‌ଇ (ତିନୋଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନିକୁ ଅନ୍ତର୍ଭୁକ୍ତ କରି) ସମ୍ବନ୍ଧରେ ବାତିଲ୍ ଅଧୀନରେ ରହିଥିଲା ।

***(ଅନୁଚ୍ଛେଦ5.1.3)***

### *ଏସ୍‌ପିଏସ୍‌ଇ ଗୁଡ଼ିକରେ ସିଏଜିର ତଦାରଖ ଭୂମିକା ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଦ୍ୱାରା ଆକାଉଣ୍ଟ ପ୍ରସ୍ତୁତିରେ ସମୟାନୁବର୍ତ୍ତିତା*

କମ୍ପାନି ଅଧିନିୟମ, 2013 ଅନୁଯାୟୀ ସେମାନଙ୍କର ଆର୍ଥିକ ବିବରଣୀ ଦାଖଲ ସମ୍ବନ୍ଧରେ ଏସ୍‌ପିଏସ୍‌ଇ ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟାନୁବର୍ତ୍ତିତା କରୁନଥିଲେ । ଫଳସ୍ୱରୂପ, 54 ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଗୁଡ଼ିକର 952 ଖାତାରେ ବକେୟା ଥିଲା ।

***(ଅନୁଚ୍ଛେଦ5.7.2)***

# ଅଧ୍ୟାୟ-I

# ସାଧାରଣ ସମୀକ୍ଷା

ଅଧ୍ୟାୟ

I

# ସାଧାରଣ ସମୀକ୍ଷା

## 1.1 ଓଡ଼ିଶାର ପାର୍ଶ୍ୱଚିତ୍ର

ଭାରତର ପୂର୍ବ ଉପକୂଳରେ ଥିବା ଓଡ଼ିଶା 30 ଟି ପ୍ରଶାସନିକ ଭୌଗୋଳିକ ଜିଲ୍ଲାରେ ବିଭକ୍ତ । ଏହାର ଭୌଗୋଳିକ କ୍ଷେତ୍ର (1,55,707 ବର୍ଗ କି.ମି), ଭୋଗୋଳିକ ଦୃଷ୍ଟିରୁ ଏହା ଭାରତର ନବମ ବୃହତ୍ତମ ରାଜ୍ୟ ଅଟେ ଯାହା ଦେଶର ମୋଟ କ୍ଷେତ୍ରର 4.87 ପ୍ରତିଶତ ଅଟେ । ଭାରତର 2011 ଜନଗଣନା ଅନୁଯାୟୀ, ଓଡ଼ିଶାର ମୋଟ ଜନସଂଖ୍ୟା 4.20 କୋଟି (ଏକାଦଶ ବୃହତ୍ତମ ରାଜ୍ୟ), ଯେଉଁଥିରୁ 2.12 କୋଟି (50.54 ପ୍ରତିଶତ) ପୁରୁଷ ଏବଂ 2.08 କୋଟି (49.46 ପ୍ରତିଶତ) ମହିଳା ଅଟନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟାର ପ୍ରତିଶତ 32.59 ପ୍ରତିଶତ, ଯାହା ଜାତୀୟ ହାର ଠାରୁ 21.9 ପ୍ରତିଶତ ଅଧିକ । ସର୍ବ ଭାରତୀୟ ସ୍ତରରେ ହାରାହାରି ତୁଳନାରେ ଓଡ଼ିଶାର ସାକ୍ଷରତା ହାର କମ୍, ଜନ୍ମ ସମୟରେ ଜୀବ ଆଶା କମ୍ ଅଧିକ ଶିଶୁ ମୃତ୍ୟୁ ହାର ।

ସରକାରୀ ହିସାବଗୁଡ଼ିକର ସଂରଚନା ପରିଶିଷ୍ଟ **1.2**ଭାଗ-**କ** ରେ ବ୍ୟାଖ୍ୟା କରାଯାଇଛି ଏବଂ ଓଡ଼ିଶା ସରକାରଙ୍କ ଆର୍ଥିକ ହିସାବର ଉପସ୍ଥାପନ ଭାଗ-**ଖ** ରେ ଦର୍ଶାଯାଇଛି ।

## 1.2 ରାଜ୍ୟ ଆର୍ଥିକ ସମୀକ୍ଷା ପ୍ରତିବେଦନ ପାଇଁ ଆଧାର ଏବଂ ଆଭିମୁଖ୍ୟ

ଭାରତର ସମ୍ବିଧାନର ଧାରା 151 (2) ଅନୁଯାୟୀ, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କର ରିପୋର୍ଟଗୁଡ଼ିକ ଏକ ରାଜ୍ୟର ହିସାବ ସହିତ ଜଡ଼ିତ ଥିବାର, ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବାକୁ ହେବ, ଯାହାକୁ ସେ ରାଜ୍ୟ ବିଧାନସଭା ସମ୍ମୁଖରେ ଉପସ୍ଥାପିତ କରାଇବେ । ଭାରତର ସମ୍ବିଧାନର ଧାରା 152(2) ଅନୁଯାୟୀ ରାଜ୍ୟ ଆର୍ଥିକ ସମୀକ୍ଷା ପ୍ରତିବେଦନ(ଏସ୍ଏଫ୍ଏଆର୍) ପ୍ରସ୍ତୁତ ଏବଂ ଦାଖଲ କରାଯାଏ ।

ଭାଉଚର ଗୁଡ଼ିକରୁ ଟ୍ରେଜେରୀ ଦ୍ୱାରା ପ୍ରଦତ୍ତ ସଂପ୍ରମାଣ ପତ୍ର ଓ ପ୍ରାରମ୍ଭିକ ଏବଂ ସହାୟକ ହିସାବ ଖାତା, ରାଜ୍ୟ ସରକାରଙ୍କ ଅଧିନରେ ଏହି ହିସାବ ରଖିବାକୁ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟ ଏବଂ ବିଭାଗ ଗୁଡ଼ିକ ଏବଂ ରିଜର୍ଭ ବ୍ୟାଙ୍କରୁ ମିଳିଥିବା ବିବୃତି ଆଧାରରେ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡ଼ିଶା ରାଜ୍ୟର ବାର୍ଷିକ ଆର୍ଥିକ ହିସାବ ଓ ବିନିଯୋଗ ହିସାବ ପ୍ରସ୍ତୁତ କରିଥାନ୍ତି । ଏହି ହିସାବଗୁଡ଼ିକ ବ୍ୟକ୍ତିଗତ ଭାବରେ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ଦ୍ୱାରା ସମୀକ୍ଷା କରାଯାଏ ଏବଂ ସିଏଜିଙ୍କ ଦ୍ୱାରା ହିସାବ ଗୁଡ଼ିକ ପ୍ରମାଣିତ ହୋଇଥାଏ ।

ରାଜ୍ୟର ଆର୍ଥିକ ହିସାବ ଏବଂ ବିନିଯୋଗ ହିସାବ ଖାତାଗୁଡ଼ିକର ପ୍ରତିବେଦନ ପାଇଁ ମୂଳ ତଥ୍ୟ ପ୍ରଦାନ କରନ୍ତି । ଅନ୍ୟାନ୍ୟ ଉତ୍ସଗୁଡ଼ିକ ନିମ୍ନପ୍ରକାରେ ଅନ୍ତର୍ଭୁକ୍ତ ହୋଇଥାଏ :

- **ରାଜ୍ୟର ବଜେଟ୍**: ଅନୁମାନ ତୁଳନାରେ ଆର୍ଥିକ ପାରାମିଟରଗୁଡ଼ିକର ଏବଂ ବଣ୍ଟନ ପ୍ରାଥମିକତାର ଅନୁମାନ, ତଥା କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବା ଏବଂ ସଂପୃକ୍ତ ନିୟମ ଏବଂ ନିର୍ଦ୍ଦିଷ୍ଟ ପ୍ରଣାଳୀର ଆଧାରରେ ଅନୁପାଳନ କରିବା;
- ସମୀକ୍ଷାର ଫଳାଫଳ ମହାଲେଖାକାର (ଅଡିଟ୍) ଙ୍କ ଦ୍ୱାରା ପରିଚାଳିତ ହୋଇଥାଏ;
- ଅନ୍ୟାନ୍ୟ ତଥ୍ୟ ବିଭାଗୀୟ ଅଧିକାରୀ ସହିତ ଏବଂ ଟ୍ରେଜେରୀଗୁଡ଼ିକ ସହିତ(ହିସାବ ସହିତ ଏମ୍ଆଇଏସ୍);

- ଜିଏସ୍‌ଡିପି ତଥ୍ୟ ଏବଂ ଅନ୍ୟ ରାଜ୍ୟ ସମ୍ବନ୍ଧିତ ପରିସଂଖ୍ୟାନ; ଏବଂ
- ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ବିଭିନ୍ନ ସମୀକ୍ଷା ପ୍ରତିବେଦନ ।

ଚତୁର୍ଦ୍ଦଶ ଅର୍ଥ ଆୟୋଗର ସୁପାରିଶ, ରାଜ୍ୟ ଆର୍ଥିକ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ଅଧିନିୟମ, ଭାରତ ସରକାରଙ୍କର ସର୍ବୋତ୍ତମ ପଦ୍ଧତି ଏବଂ ନିର୍ଦ୍ଦେଶାବଳୀ ଆଧାରରେ ଏହିସବୁ ପ୍ରସଙ୍ଗରେ ବିଶ୍ଳେଷଣ କରାଯାଏ । ରାଜ୍ୟ ଅର୍ଥ ବିଭାଗ ସହିତ ଏକ ପ୍ରସ୍ଥାନ ସମ୍ମିଳନୀ ଡିସେମ୍ବର2021ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମୀକ୍ଷା ପଦ୍ଧତିକୁ ବ୍ୟାଖ୍ୟା କରାଯାଇଥିଲା ଏବଂ ଡ୍ରାଫ୍ଟ ପ୍ରତିବେଦନ ମନ୍ତବ୍ୟ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା । ସରକାରଙ୍କର ଉତ୍ତର ଯେଉଁଠାରେ ଗ୍ରହଣ କରାଯାଇଛି ଉପଯୁକ୍ତ ସ୍ଥାନରେ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ।

## 1.3 ପ୍ରତିବେଦନର ଗଠନ

ରାଜ୍ୟ ଆର୍ଥିକ ସମୀକ୍ଷା ପ୍ରତିବେଦନ ନିମ୍ନଲିଖିତ ପାଞ୍ଚ ଅଧ୍ୟାୟକୁ ନେଇ ଗଠିତ ହୋଇଅଛି-

| | |
|---|---|
| **ଅଧ୍ୟାୟ– 1** | **ସାଧାରଣ ଦୃଷ୍ଟିପାତ**<br>ଏହି ଅଧ୍ୟାୟ ଆଧାର ଏବଂ ପ୍ରତିବେଦନର ପ୍ରବେଶ ମାର୍ଗ ବିଷୟରେ ବର୍ଣ୍ଣନା କରେ ଏବଂ ଅନ୍ତର୍ନିହିତ ତଥ୍ୟ, ସରକାରୀ ହିସାବଗୁଡ଼ିକର ଗଠନ, ବଜେଟ୍ ପ୍ରକ୍ରିୟା, ପ୍ରମୁଖ ମାକ୍ରୋ-ଆର୍ଥିକ ବିଶ୍ଳେଷଣର ମୂଖ୍ୟ ସୂଚକାଙ୍କ ସହିତ ନିଅଣ୍ଟ/ ବଳକା ସହିତ ରାଜ୍ୟ ଆର୍ଥିକ ସ୍ଥିତି ସମ୍ବନ୍ଧରେ ଏକ ସମୀକ୍ଷା ପ୍ରଦାନ କରେ । |
| **ଅଧ୍ୟାୟ – II** | **ରାଜ୍ୟର ଆର୍ଥିକ ସ୍ଥିତି**<br>ଏହି ଅଧ୍ୟାୟ ରାଜ୍ୟର ବ୍ୟାପକ ଆର୍ଥିକ ଅବସ୍ଥିତି ସମ୍ବନ୍ଧରେ ପୂର୍ବବର୍ଷ ତୁଳନାରେ ପ୍ରମୁଖ ଆର୍ଥିକ ଏଗ୍ରିଗେଟ୍ ଗୁଡ଼ିକରେ ଜଟିଳ ପରିବର୍ତ୍ତନ ବିଷୟରେ ବିଶ୍ଳେଷଣ କରେ, 2016-17 ରୁ 2020-21 ଅବଧି ମଧ୍ୟରେ ସାମଗ୍ରୀକ ଧାରା ବିଷୟରେ ରାଜ୍ୟର ପାର୍ଶ୍ୱଚିତ୍ର ଏବଂ ପ୍ରମୁଖ ଖାତା କାରବାର, ରାଜ୍ୟର ଆର୍ଥିକ ହିସାବ ଉପରେ ତଥ୍ୟ ପ୍ରଦାନ କରେ । |
| **ଅଧ୍ୟାୟ – III** | **ବଜେଟ୍ ପରିଚାଳନା**<br>ଏହି ଅଧ୍ୟାୟଟି ବିନିଯୋଗ ହିସାବ ରାଜ୍ୟର ଏବଂ ଆବଣ୍ଟନର ସମୀକ୍ଷା ଏବଂ ରାଜ୍ୟ ସରକାରଙ୍କର ଆବଣ୍ଟନ ପ୍ରାଥମିକତା ଏବଂ ବିଚ୍ୟୁତି ଉପରେ ପ୍ରତିବେଦନଗୁଡ଼ିକ ସାମ୍ବିଧାନିକ ବ୍ୟବସ୍ଥା ଠାରୁ ସମ୍ବନ୍ଧିତ ବଜେଟ୍ ପରିଚାଳନା । |
| **ଅଧ୍ୟାୟ – IV** | **ହିସାବର ଗୁଣବତ୍ତା ଓ ପ୍ରଚଳିତ ଆର୍ଥିକ ବିବରଣୀ**<br>ଏହି ଅଧ୍ୟାୟରେ ଗୁଣାତ୍ମକ ହିସାବ ରାଜ୍ୟ ସରକାରଙ୍କ ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ଏବଂ ନିର୍ଦ୍ଦିଷ୍ଟ ଆର୍ଥିକ ନିୟମ ଏବଂ ନିୟମାବଳୀ ସହିତ ଅନୁପାଳନ ପ୍ରସଙ୍ଗ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ଉପରେ ମନ୍ତବ୍ୟ ଦିଆଯାଇଛି । |
| **ଅଧ୍ୟାୟ – V** | **ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଗୁଡ଼ିକ**<br>ଏହି ଅଧ୍ୟାୟରେ ସରକାରୀ କମ୍ପାନି ଗୁଡ଼ିକ ଷ୍ଟାଚୁଟରୀ କର୍ପୋରେସନ୍ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନି ଗୁଡ଼ିକର ଆର୍ଥିକ କାର୍ଯ୍ୟ ଦକ୍ଷତା ବିଷୟରେ ସେମାନଙ୍କର ଆକାଉଣ୍ଟରୁ ମିଳିଥିବା ତଥ୍ୟ ଭିତ୍ତିରେ ଆଲୋଚନା କରାଯାଇଛି । |

## 1.4 ସରକାରୀ ହିସାବ ଢାଞ୍ଚା ଏବଂ ବଜେଟ ପଦ୍ଧତିର ସାଧାରଣ ଦୃଷ୍ଟିପାତ

ପ୍ରତ୍ୟେକ ଆର୍ଥିକ ବର୍ଷ ସମ୍ବନ୍ଧରେ ସରକାରଙ୍କର ପ୍ରସ୍ତାବିତ ପ୍ରାପ୍ତି ଓ ବ୍ୟୟର ଏକ ବିବରଣୀ, ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବାକୁ ଭାରତର (ଧାରା 202) ଏକ ସାମ୍ବିଧାନିକ ଆବଶ୍ୟକତା ରହିଛି । ଏହି "ବାର୍ଷିକ ଆର୍ଥିକ ବିବରଣୀ" ବଜେଟର ମୁଖ୍ୟ ଦସ୍ତାବିଜକୁ ନେଇ ପ୍ରସ୍ତୁତ । ପୁନଶ୍ଚ, ବଜେଟରେ ରାଜସ୍ୱ ଖାତା ବ୍ୟୟକୁ ଅନ୍ୟାନ୍ୟ ବ୍ୟୟ ଠାରୁ ପୃଥକ କରିବା ଆବଶ୍ୟକ ।

ନିଜସ୍ୱ ଟିକସ ରାଜସ୍ୱ, ଅଣ-ଟିକସ ରାଜସ୍ୱ, କେନ୍ଦ୍ରୀୟ କର/ ଶୁଳ୍କର ଭାଗ, ଏବଂ ଭାରତ ସରକାରଙ୍କ ଠାରୁ ସହାୟକ ଅନୁଦାନକୁ ନେଇ **ରାଜସ୍ୱ ଆୟ** ଗଠିତ ।

ପ୍ରାକୃତିକ କିମ୍ବା ଆର୍ଥିକ ସମ୍ପତ୍ତି ସୃଷ୍ଟି କରୁନଥିବା ସରକାରଙ୍କର ଅନ୍ୟ ସମସ୍ତ ବ୍ୟୟକୁ ନେଇ ରାଜସ୍ୱ ବ୍ୟୟ ଗଠିତ । ଏହା ସରକାରୀ ବିଭାଗ ଗୁଡ଼ିକରେ ଏବଂ ବିଭିନ୍ନ ସେବାଗୁଡ଼ିକରେ ନିୟମିତ କାର୍ଯ୍ୟକାରିତା, ସରକାରଙ୍କ ଦ୍ୱାରା ନିଆଯାଇଥିବା ଋଣର ସୁଧ ପ୍ରଦାନ ଏବଂ ବିଭିନ୍ନ ଅନୁଷ୍ଠାନକୁ (କେତେକ ଅନୁଦାନ ସମ୍ପତ୍ତି ସୃଷ୍ଟି ପାଇ ହୋଇଥିଲେ ମଧ୍ୟ) ଦିଆଯାଉଥିବା ସହାୟକ ଅନୁଦାନ ପାଇଁ କରାଯାଇଥିବା ସମ୍ବନ୍ଧିତ ବ୍ୟୟ ।

**ପୁଞ୍ଜିଗତ ଆୟର** ମୁଖ୍ୟ ଅଂଶ ହେଲା ସରକାରଙ୍କ ଦ୍ୱାରା କରାଯାଉଥିବା ଋଣ ଯାହାକୁ, ବଜାର ଋଣ, ଟ୍ରେଜେରୀ ବିଲ୍ କିମ୍ବି ମାଧ୍ୟମରେ ରିଜର୍ଭ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନରୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା କରଜ ଏବଂ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ପରିଶୋଧ, କୁହାଯାଏ । ଅନ୍ୟାନ୍ୟ ଅଂଶଗୁଡ଼ିକ ହେଲା, ସ୍ୱଳ୍ପ ସଞ୍ଚୟ (ପୋଷ୍ଟ ଅଫିସ୍ ସଞ୍ଚୟ ଖାତା, ଜାତୀୟ ସଞ୍ଚୟ ପ୍ରମାଣପତ୍ର ଇତ୍ୟାଦି, ଭବିଷ୍ୟନିଧି ପାଣ୍ଠି, ଏବଂ ସରକାରୀ ଉଦ୍ୟୋଗରେ ଅଂଶଧନ ବିକ୍ରିରୁ ଲବ୍ଧ ଆୟ ।

**ପୁଞ୍ଜିଗତ ବ୍ୟୟ** ମଧ୍ୟରେ, ଜମି ଅଧିଗ୍ରହଣରେ ବ୍ୟୟ, ଭବନ, ଯନ୍ତ୍ରାଂଶ, ଯନ୍ତ୍ରପାତି, ଅଂଶଧନ ନିବେଶ, ଏବଂ ପିଏସ୍ଇରେ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଓ ଅଗ୍ରୀମ ଗୁଡ଼ିକ, ଅନ୍ତର୍ଭୁକ୍ତ ।

**ସରକାରୀ ହିସାବର ଢାଞ୍ଚା**



ରାଜ୍ୟ ସରକାରଙ୍କର ହିସାବ ତିନି ଭାଗରେ ରଖାଯାଏ :

1. ଭାରତର ସମ୍ବିଧାନର ଧାରା 266(1) ଅଧିନରେ ସ୍ଥାପିତ ରାଜ୍ୟର ଏକତ୍ରୀକୃତ ପାଣ୍ଠି ।
2. ଭାରତର ସମ୍ବିଧାନର ଧାରା 267(2) ଅଧିନରେ ଗଠିତ ରାଜ୍ୟର ଆକସ୍ମିକ ପାଣ୍ଠି ।
3. ସମ୍ବିଧାନର ଧାରା 266(2) ଅନୁଯାୟୀ ରାଜ୍ୟର ସରକାରୀ ପାଣ୍ଠି ।

ବର୍ତ୍ତମାନ ଆମର ସରକାରରେ ଏକ ହିସାବ ଶ୍ରେଣୀ ବିଭାଗ ପଦ୍ଧତି ଅଛି ଯାହା କି ଉଭୟ କାର୍ଯ୍ୟକ୍ଷମ ଓ ଅର୍ଥନୈତିକ ।

| | **କାରବାରର ବର୍ଗ** | **ଶ୍ରେଣୀ ବିଭାଗ** |
|---|---|---|
| ସିଜିଏ ଦ୍ୱାରା ଏଲ୍ଏମ୍ଏମ୍ଏଚ୍‌ରେ ମାନକ | କାର୍ଯ୍ୟ-ଶିକ୍ଷା, ସ୍ୱାସ୍ଥ୍ୟ, ଇତ୍ୟାଦି/ ବିଭାଗ | ଅନୁଦାନ ଅଧିନରେ ମୁଖ୍ୟ ହେଡ୍ (4 ଅଙ୍କ) |
| | ଉପ-କାର୍ଯ୍ୟ | ସବ୍ ମୁଖ୍ୟ ହେଡ୍ (2 ଅଙ୍କ) |
| | କାର୍ଯ୍ୟକ୍ରମ | ମାଇନର ହେଡ୍ (3 ଅଙ୍କ) |
| ରାଜ୍ୟଗୁଡ଼ିକ ପାଇଁ ନମନୀୟତା ବାକି ଅଛି | ଯୋଜନା | ସବ୍ ହେଡ୍ (2 ଅଙ୍କ) |
| | ଉପଯୋଜନା | ଡିଟେଲଡ୍ ହେଡ୍(2 ଅଙ୍କ) |
| | ଅର୍ଥନୈତିକ ପ୍ରକୃତି/କାର୍ଯ୍ୟକଳାପ | ଅବ୍‌ଜେକ୍ଟ ହେଡ୍-ଦରମା ଛୋଟ କାମସବୁ ଇତ୍ୟାଦି (2 ଅଙ୍କ) |

ବିଭାଗ, କାର୍ଯ୍ୟ, ଯୋଜନା କିମ୍ବା କାର୍ଯ୍ୟକ୍ରମ ଏବଂ ଖର୍ଚ୍ଚର ବିଷୟବସ୍ତୁଗୁଡ଼ିକୁ କାର୍ଯ୍ୟକ୍ଷମ ଶ୍ରେଣୀ ବିଭାଗ ଆମକୁ ଜଣାଇଥାଏ । ଅର୍ଥନୈତିକ ବର୍ଗୀକରଣ ଏହି ରାଜସ୍ୱ, ପୁଞ୍ଜିଗତ, ଋଣ ଇତ୍ୟାଦିର ଦେୟକୁ ସଂଗଠିତ କରିବାରେ ସାହାଯ୍ୟ କରିଥାଏ । ଚାରି ଅଙ୍କ ବିଶିଷ୍ଟ ମୁଖ୍ୟ ଶୀର୍ଷକର ପ୍ରଥମ ଅଙ୍କରେ ସଂଖ୍ୟା ଯୁକ୍ତ କରିବା ଦ୍ୱାରା ଅର୍ଥନୈତିକ ବର୍ଗୀକରଣ ହାସଲ ହୋଇଥାଏ । ଉଦାହରଣ ସ୍ୱରୂପ, ରାଜସ୍ୱ ଆୟ ପାଇଁ '0' ଏବଂ 1 ରାଜସ୍ୱ ବ୍ୟୟ ପାଇଁ '2' ଏବଂ '3' ଇତ୍ୟାଦି ସହଜାତ ସଂଖ୍ଯା ଏବଂ ଉଦ୍ଦେଶ୍ୟ ଶୀର୍ଷକର ବିତରଣ ଦ୍ୱାରା ଅର୍ଥନୈତିକ ବର୍ଗୀକରଣ ମଧ୍ୟ ହାସଲ କରାଯାଇପାରେ । ଉଦାହରଣ, "ବେତନ" ଉଦ୍ଦେଶ୍ୟ ଶୀର୍ଷକ ହେଲା ରାଜସ୍ୱ ବ୍ୟୟ, "ନିର୍ମାଣ" ଉଦ୍ଦେଶ୍ୟ ଶୀର୍ଷକ ହେଉଛି ପୁଞ୍ଜିଗତ ବ୍ୟୟ । ବଜେଟ ଦସ୍ତାବିଜରେ ବିନିଯୋଗର ପ୍ରାଥମିକ ଅଂଶ ହେଉଛି ଉଦ୍ଦେଶ୍ୟ ଶୀର୍ଷକ ।

### ବଜେଟ୍ ପ୍ରକ୍ରିୟା

ଭାରତର ସମ୍ବିଧାନର ଧାରା 202 ଅନୁଯାୟୀ, ରାଜ୍ୟର ରାଜ୍ୟପାଳ, ବାର୍ଷିକ ଆର୍ଥିକ ବିବରଣୀ ରୂପରେ ବର୍ଷକ ପାଇଁ ରାଜ୍ୟର ପ୍ରସ୍ତାବିତ ଆୟ ଏବଂ ବ୍ୟୟର ଏକ ବିବରଣୀ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିଥାନ୍ତି । ଧାରା 203 ଅନୁଯାୟୀ, ଅନୁଦାନ/ ବିନିଯୋଗ ପାଇଁ ଦାବୀ ରୂପରେ ଏକ ବିବରଣୀ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଏ ଏବଂ ଏହାର ଅନୁମୋଦନ ପରେ, ଧାରା 204 ଅନୁଯାୟୀ ଏକତ୍ରୀକୃତ ପାଣ୍ଠିରୁ ଆବଶ୍ୟକୀୟ ରାଶି ବିନିଯୋଗ ପାଇଁ ବିନିଯୋଗ ବିଧେୟକ ବିଧାନ ସଭାରେ ଅନୁମୋଦିତ ହୋଇଥାଏ । କେତେକ ରାଜ୍ୟଙ୍କର ଏକାଧିକ ଏକତ୍ରୀକୃତ ବଜେଟ ଥାଏ- ଶିଶୁ ବଜେଟ୍, କୃଷି ବଜେଟ୍, ଦୁର୍ବଳ ଶ୍ରେଣୀ(ଏସ୍‌ସି/ଏସ୍‌ଟି) ବଜେଟ୍, ଭିନ୍ନକ୍ଷମ ବଜେଟ ଇତ୍ୟାଦି ଉପ-ବଜେଟ ଥାଏ ।

ରାଜ୍ୟ ବଜେଟ୍ ମାନୁଆଲ ବଜେଟ୍ ସୂତ୍ର ପ୍ରକ୍ରିୟାର ସବିଶେଷ ବର୍ଣ୍ଣନା କରିଥାଏ ଏବଂ ବଜେଟ ଅଟକଳ ପ୍ରସ୍ତୁତ କରିବା ଏବଂ ଏହାର ବ୍ୟୟ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କୁ ମାର୍ଗ ଦର୍ଶନ କରିଥାଏ । ବଜେଟ ଏବଂ ବଜେଟ ସମ୍ବନ୍ଧୀୟ ଅନ୍ୟାନ୍ୟ ପଦକ୍ଷେପର କାର୍ଯ୍ୟକାରିତାରେ ସମୀକ୍ଷା ଯାଞ୍ଚର ଫଳାଫଳ, ଏହି ପ୍ରତିବେଦନର ଅଧ୍ୟାୟ–**III** ରେ ସବିଶେଷ ବର୍ଣ୍ଣନା କରାଯାଇଛି ।

### 1.4.1ରାଜ୍ୟର ମୋଟ ଘରୋଇ ଉତ୍ପାଦ

ଏକ ନିର୍ଦ୍ଦିଷ୍ଟ ସମୟରେ ଦେଶରେ ଏବଂ ରାଜ୍ୟରେ ଉତ୍ପାଦନ ସମସ୍ତ ସରକାରୀ ଭାବରେ ଅନୁମୋଦିତ ଚୂଡ଼ାନ୍ତ ସାମଗ୍ରୀ ଓ ସେବାର ବିନା ପ୍ରତିଲିପିରେ ହିସାବ ହୋଇଥିବା ବଜାର ମୂଲ୍ୟକୁ ଯଥାକ୍ରମେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ରୂପେ ବିବେଚନା କରାଯାଏ ଏବଂ ଏଗୁଡ଼ିକ ଦେଶ ଏବଂ ରାଜ୍ୟର ଅର୍ଥନୀତିର

ଗୁରୁତ୍ୱପୂର୍ଣ୍ଣ ସଂକେତ । 2020-21 ରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ ପ୍ରଚଳିତ ମୂଲ୍ୟରେ 5,09,574 କୋଟି ଟଙ୍କା ଥିଲା । ଭାରତର ମୋଟ ଘରୋଇ ଉତ୍ପାଦ ଏବଂ ରାଜ୍ୟର ଜିଏସ୍‌ଡିପି ପ୍ରଚଳିତ ମୂଲ୍ୟ ଏବଂ ସ୍ଥିର ମୂଲ୍ୟ (ମୂଳ ବର୍ଷ :2011-12) ରେ ବାର୍ଷିକ ବୃଦ୍ଧିର ଧାରା ସାରଣୀ 1.1 ରେ ଦର୍ଶାଯାଇଛି । କୋଭିଡ୍-19 ପ୍ରକୋପ ହେତୁ ଓଡ଼ିଶା ଏବଂ ସମଗ୍ର ଭାରତରେ ବର୍ଷ2020-21 ରେ ଆର୍ଥିକ ଅଭିବୃଦ୍ଧି ନକରାତ୍ମକ ଥିଲା ।

**ସାରଣୀ 1.1: ଭାରତର ଜିଡିପି ଏବଂ ରାଜ୍ୟର ଜିଏସ୍‌ଡିପି**

| ବର୍ଷ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| **ବର୍ତ୍ତମାନ ମୂଲ୍ୟ** | | | | | |
| ଭାରତର ଜିଡିପି(ଟଙ୍କା କୋଟିରେ) | 153,91,669 | 170,90,042 | 188,86,957 | 203,51,013 | 197,45,670 |
| ବିକାଶ ଦର (ପ୍ରତିଶତରେ) | 11.76 | 11.03 | 10.51 | 7.75 | -2.97 |
| ରାଜ୍ୟର ଜିଏସ୍‌ଡିପି(ଟଙ୍କା କୋଟିରେ) | 3,92,804 | 4,40,879 | 4,87,805 | 5,21,275 | 5,09,574 |
| ବିକାଶ ଦର (ପ୍ରତିଶତରେ) | 19.56 | 12.24 | 10.64 | 6.86 | -2.24 |
| **ସ୍ଥିର ମୂଲ୍ୟ (ଆଧାର ବର୍ଷ 2011-12)** | | | | | |
| ଭାରତର ଜିଡିପି(ଟଙ୍କା କୋଟିରେ) | 123,08,193 | 131,44,582 | 140,03,316 | 145,69,268 | 135,12,740 |
| ବିକାଶ ଦର (ପ୍ରତିଶତରେ) | 8.26 | 6.80 | 6.53 | 4.04 | -7.25 |
| ରାଜ୍ୟର ଜିଏସ୍‌ଡିପି(ଟଙ୍କା କୋଟିରେ) | 3,37,348 | 3,61,568 | 3,76,877 | 3,96,499 | 3,76,998 |
| ବିକାଶ ଦର (ପ୍ରତିଶତରେ) | 15.44 | 7.18 | 4.23 | 5.21 | -4.92 |

*__ଉତ୍ସ:- ଜିଡିପି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ__ (2016-17: ଶେଷ ସଂଶୋଧିତ ଆକଳନ, : 2017-18 ତୃତୀୟ ସଂଶୋଧିତ ଆକଳନ: 2018-19: ଦ୍ୱିତୀୟ ସଂଶୋଧିତ ଆକଳନ, 2019-20: ପ୍ରଥମ ସଂଶୋଧିତ ଆକଳନ ଏବଂ2020-21: ଅସ୍ଥାୟୀ)*

*__ଜିଏସ୍‌ଡିପି__ଅର୍ଥନୈତିକ ଓ ପରିସଂଖ୍ୟା ନିର୍ଦ୍ଦେଶାଳୟ, ଓଡ଼ିଶା (2016-17: ଶେଷ ସଂଶୋଧିତ ଆକଳନ,, 2017-18: ତୃତୀୟ ସଂଶୋଧିତ ଆକଳନ,, 2018-19: ଦ୍ୱିତୀୟ ସଂଶୋଧିତ ଆକଳନ, 2019-20: ପ୍ରଥମ ସଂଶୋଧିତ ଆକଳନ ଏବଂ2020-21: ଅଗ୍ରୀମ)*

### 1.4.1.1କ୍ଷେତ୍ରୀୟ ସଂଯୋଜନା

ମରୁଡ଼ି, ବନ୍ୟା ଏବଂ ଘୂର୍ଣ୍ଣିବଳୟ ପରି ନିୟମିତ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ, ଜିଏସ୍‌ଡିପିର କ୍ଷେତ୍ରୀୟ ସଂଯୋଜନା କ୍ଷେତ୍ରରେ କୃଷି ଏବଂ ସହଯୋଗୀ କାର୍ଯ୍ୟକଳାପ କ୍ଷେତ୍ରର ଅଂଶଧନ 2016-17ବର୍ଷର ଅବଦାନ ତୁଳନାରେ ବର୍ଷ 2020-21 ରେ ପ୍ରାୟତଃ ସମାନ ଥିଲା ।

ବର୍ଷ 2020-21 ରେ ଜିଏସ୍‌ଡିପି ଶିଳ୍ପ କ୍ଷେତ୍ରରେ ଅଂଶ 31.73 ପ୍ରତିଶତ ବର୍ଷ 2016-17 ରେ 35.55 ପ୍ରତିଶତ ତୁଳନାରେ ଯଥେଷ୍ଟ କମ୍ ଥିଲା ଯାହା କୋଭିଡ୍-19 ମହାମାରୀ ସମୟରେ ବନ୍ଦ୍ ଓ ଶିଳ୍ପ କାର୍ଯ୍ୟରେ ପ୍ରତିବନ୍ଧକ ଲଗାଇବା ଯୋଗୁଁ ହୋଇଥିଲା । ଏହି କ୍ଷେତ୍ର, (i) ଖଣିଜ ଓ ପଥର ଖଣି (ii) ଉଦ୍ୟୋଗ ଧନ୍ଦା (iii) ଶକ୍ତି, ଗ୍ୟାସ୍ ଓ ଜଳ ଯୋଗାଣ ଏବଂ (iv) ନିର୍ମାଣ, କାର୍ଯ୍ୟକଳାପକୁ ନେଇ ଗଠିତ । ଶିଳ୍ପ କ୍ଷେତ୍ର ଅଧୀନରେ, 48.40 ପ୍ରତିଶତ ଅଂଶଧନ ସହିତ ଉଦ୍ୟୋଗ ଧନ୍ଦା ଏକ ଅଗ୍ରଗାମୀ ଉପ-କ୍ଷେତ୍ର ।

ବର୍ଷ2020-21ରେ ସେବା କ୍ଷେତ୍ରର ଅଂଶ 37.16 ପ୍ରତିଶତ ଥିଲା । ଏହି କ୍ଷେତ୍ର, (i) ବାଣିଜ୍ୟ, ମରାମତି, ହୋଟେଲ ଏବଂ ରେସ୍ତୋରାଂ, (ii) ପରିବହନ, ସଂରକ୍ଷଣ, ଯୋଗାଯୋଗ ଇତ୍ୟାଦି, (iii) ଆର୍ଥିକ ସେବା, (iv) ଭୂ-ସମ୍ପତ୍ତି, ଓଡି ବୃତ୍ତିଗତ ସେବା, (v) ସାଧାରଣ ପ୍ରଶାସନ ଏବଂ ପ୍ରତିରକ୍ଷା ଏବଂ (vi) ଅନ୍ୟାନ୍ୟ ସେବାକୁ ନେଇ ଗଠିତ । ଅନ୍ୟାନ୍ୟ ସେବାଗୁଡ଼ିକ ସେବା କ୍ଷେତ୍ର ଅଧୀନରେ 23.73 ପ୍ରତିଶତ ଅଂଶ ଧନ ସହିତ ଅଗ୍ରୀମ ଉପ-କ୍ଷେତ୍ର ଅଟେ । କୋଭିଡ୍-19 ମହାମାରୀ ସମୟରେ ରେସ୍ତୋରାଁ ଗୁଡ଼ିକ ସୀମିତ ପ୍ରତିବନ୍ଧକ ସହିତ କାର୍ଯ୍ୟ କରିବାକୁ ଅନୁମତି ଦିଆଗଲା ଏବଂ ସାମଗ୍ରୀ ପରିବହନ ଓ ସଂରକ୍ଷଣ ପରି କାର୍ଯ୍ୟକଳାପ ଅନ୍ୟ କ୍ଷେତ୍ର ପରି ପ୍ରତିକୂଳ ପ୍ରଭାବ ପକାଇଲା ନାହିଁ । କୋଭିଡ୍-19 ମହାମାରୀ ସମୟରେ ବିଭିନ୍ନ ମହାମାରୀର ପ୍ରତିଷେଧକ ନିମନ୍ତେ ସାଧାରଣ ପ୍ରଶାସନ ଅଧୀନରେ ବ୍ୟୟ ବୃଦ୍ଧି କରାଯାଇଥିଲା ।

ଉତ୍ପାଦରେ ଟିକସର ଅଂଶଧନ (ରିହାତି ବ୍ୟତୀତ) 2016-17 ରେ 9.63 ପ୍ରତିଶତରୁ ବୃଦ୍ଧି ପାଇଁ 2020-21 ବର୍ଷରେ ଜିଏସ୍‌ଡିପିର ଅଂଶଧନ 12.50 ପ୍ରତିଶତ ହୋଇଥିଲା ।

ଜିଏସ୍‌ଡିପିକୁ କ୍ଷେତ୍ରୀୟ ଅବଦାନରେ ପରିବର୍ତ୍ତନ ଏବଂ ଜିଏସ୍‌ଡିପିର କ୍ଷେତ୍ରୀୟ ଉନ୍ନତିରେ 2016-17 ଠାରୁ 2020-21 ବର୍ଷ ପର୍ଯ୍ୟନ୍ତ ଧାରା ବିଶଦ ତଥ୍ୟ ନିମ୍ନ ରେଖାଚିତ୍ର 1.1 ଏବଂ 1.2 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.1: ଜିଏସ୍‌ଡିପିକୁ କ୍ଷେତ୍ରୀୟ ଅବଦାନରେ ପରିବର୍ତ୍ତନ (2016-17ଠାରୁ 2020-21)**




*ଉତ୍ସ: ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

**ରେଖାଚିତ୍ର 1.2: ଜିଏସ୍‌ଡିପିରେ କ୍ଷେତ୍ରୀୟ ଉନ୍ନତି (ପୂର୍ବ ବର୍ଷ ତୁଳନାରେ)**




*ଉତ୍ସ: ଓଡ଼ିଶା ସରକାରଙ୍କ ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରୁ*

ଅବଶ୍ୟ, 2020-21 ମଧ୍ୟରେ ସମସ୍ତ ତିନୋଟି କ୍ଷେତ୍ରର କ୍ଷେତ୍ରୀୟ ଅଭିବୃଦ୍ଧି ହାର ମହାମାରୀ ହେତୁ ନକରାତ୍ମକ ଅଭିବୃଦ୍ଧିର ସାକ୍ଷୀ ରହିଲା । 2019-20 ତୁଳନାରେ ସମସ୍ତ ତିନୋଟି କ୍ଷେତ୍ରରେ ହ୍ରାସ ଧାରା ଦେଖା ଦେଇଥିଲା, ଯେଉଁଥିରେ ଶିଳ୍ପ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥିଲା, ଏହାର ପଛକୁ ସେବା କ୍ଷେତ୍ର ଓ ପରେ କୃଷି ଏବଂ ସହଯୋଗି କାର୍ଯ୍ୟକଳାପ କ୍ଷେତ୍ର ପ୍ରଭାବିତ ହୋଇଥିଲା ।

## 1.4.2ଆର୍ଥିକ ଛବି

ବର୍ଷ 2020-21 ର ବାସ୍ତବ ତୁଳନାରେ 2020-21 ବର୍ଷ ପାଇଁ ବଜେଟ ଅଟକଳ ତୁଳନାରେ ବାସ୍ତବ ଫଳାଫଳର ସବିଶେଷ ତଥ୍ୟ ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ 1.2: ବଜେଟ ଅଟକଳ ତୁଳନାରେ ବାସ୍ତବ ଆର୍ଥିକ ଫଳାଫଳ**

(ଟଙ୍କା କୋଟିରେ)

| କ୍ର. ସଂ. | ଉପାଦାନଗୁଡ଼ିକ | 2019-20 ପ୍ରକୃତ | 2020-21 ବି.ଇ. | 2020-21 ପ୍ରକୃତ | ପ୍ରତିଶତ ପ୍ରକୃତ ଓ ବି.ଇ | ପ୍ରତିଶତ ପ୍ରକୃତ ଓ ଜିଏସ୍‌ଡିପି |
|---|---|---|---|---|---|---|
| 1 | ରାଜସ୍ୱ କର | 32,315 | 38,350 | 34,258 | 89.33 | 6.72 |
| 2 | ଅଣ ରାଜସ୍ୱ କର | 14,647 | 17,650 | 19,518 | 110.58 | 3.83 |
| 3 | କେନ୍ଦ୍ରୀୟ ସରକାରଙ୍କ କର/ ଶୁଳ୍କର ଭାଗ | 30,454 | 36,300 | 27,543 | 75.88 | 5.41 |
| 4 | ଅନୁଦାନ ଏବଂ ଅଂଶଦାନ | 24,152 | 32,000 | 23,068 | 72.09 | 4.53 |
| **5** | **ରାଜସ୍ୱ ପ୍ରାପ୍ତି (1+2+3+4)** | **1,01,568** | **1,24,300** | **1,04,387** | **83.98** | **20.49** |
| 6 | ଋଣ ଓ ଅଗ୍ରୀମର ଅସୁଲି | 287 | 250 | 684 | 273.60 | 0.13 |
| 7 | ଅନ୍ୟାନ୍ୟ ପ୍ରାପ୍ତି | -- | 0 | 0 | 0.00 | 0.00 |
| 8 | ଧାର ଗ୍ରହଣ ଏବଂ ଅନ୍ୟାନ୍ୟ ଆଦାୟ(ଏ) | 18,818 | 17,878 | 9,786 | 54.74 | 1.92 |
| **9** | **ପୁଞ୍ଜିଗତ ପ୍ରାପ୍ତି (6+7+8)** | **19,105** | **18,128** | **10,470** | **57.76** | **2.05** |
| **10** | **ମୋଟ ପ୍ରାପ୍ତି (5+9)** | **1,20,673** | **1,42,428** | **1,14,857** | **80.64** | **22.54** |
| 11 | ପୁଞ୍ଜି ଖର୍ଚ୍ଚ ଯେଉଁଥିରୁ | 99,137 | 1,14,791 | 95,311 | 83.03 | 18.70 |
| 12 | ସୁଧ ଦେୟ | 6,063 | 7,160 | 6,644 | 92.79 | 1.30 |
| 13 | ଅନୁଦାନ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ | 7,487 | 9,102 | 8,567 | 94.12 | 1.68 |
| 14 | ପୁଞ୍ଜି ଖର୍ଚ୍ଚ ଯେଉଁଥିରୁ (ବି) | 21,536 | 27,637 | 19,546 | 70.72 | 3.84 |
| 15 | ପୁଞ୍ଜି ବିନିଯୋଗ | 20,277 | 26,263 | 17,949 | 68.34 | 3.52 |
| 16 | ଋଣ ଓ ଅଗ୍ରୀମ | 1,259 | 1,374 | 1,597 | 116.23 | 0.31 |
| **17** | **ମୋଟ ବ୍ୟୟ (11+14)** | **1,20,673** | **1,42,428** | **1,14,857** | **80.64** | **22.54** |
| **18** | **ଆର୍ଥିକ ବଳକା (5-11)** | **2,430#** | **9,509** | **9,076** | **95.45** | **1.78** |
| **19** | **ଆର୍ଥିକ ନିଅଣ୍ଟ {17-(5+6+7)}** | **18,819#** | **17,878** | **9,786** | **54.74** | **1.92** |
| **20** | **ପ୍ରାଥମିକ ନିଅଣ୍ଟ (19-12)** | **12,756** | **10,718** | **3,142** | **29.32** | **0.62** |

***ଉତ୍ସ: ରାଜସ୍ୱ ହିସାବ ଏବଂ ବଜେଟ ଗୋଟେ ନଜରରେ***

*# ପୂର୍ଣ୍ଣ ଅବସ୍ଥାକୁ ଆଣିବା ଯୋଗୁ 1 କୋଟି ଟଙ୍କାର ପାର୍ଥକ୍ୟ*

*(କ) କରଜ ଏବଂ ଅନ୍ୟାନ୍ୟ ଦେୟ: ନିଟ୍ ସରକାରୀ ଋଣ (ଆଦାୟ- ବଣ୍ଟନ) + ନିଟ୍ ଆକସ୍ମିକ ପାଣ୍ଠି+ ନିଟ୍ ସରକାରୀ ହିସାବ(ଆଦାୟ – ବଣ୍ଟନ) + ପୂର୍ବ ଜମା ଓ ଶେଷ ଜମାର ନିଟ୍*

*(ଖ) ପୁଞ୍ଜିଗତ ବ୍ୟୟ ଏବଂ ଋଣ ଓ ଅଗ୍ରୀମ ପ୍ରଦାନ ପୁଞ୍ଜିଗତ ଖର୍ଚ୍ଚର ଅନ୍ତର୍ଭୁକ୍ତ*

ପୂର୍ବ ବର୍ଷ ତୁଳନାରେ ରାଜସ୍ୱ ପ୍ରାପ୍ତି 2,819 କୋଟି ଟଙ୍କା ବୃଦ୍ଧି ହେବାର କାରଣ ହେଉଛି ରାଜ୍ୟର ଅଣଟିକସ ରାଜସ୍ୱ 4,871 କୋଟି ଟଙ୍କା ଏବଂ ରାଜ୍ୟର ଟିକସ ରାଜସ୍ୱ 1,943 କୋଟି ଟଙ୍କାକୁ ବୃଦ୍ଧି ହେତୁ । ପ୍ରକାଶ ଥାଉକି, ଚଳିତ ବର୍ଷ ମଧ୍ୟରେ ଗ୍ରାଣ୍ଟସ୍‌-ଇନ୍‌-ଏଡ୍ ଏବଂ ୟୁନିୟନ ଟ୍ୟାକ୍ସର ରାଜ୍ୟ ଅଂଶଧନ ଯଥାକ୍ରମେ 1,084 କୋଟି ଟଙ୍କା ଏବଂ 2,911 କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

ଜିଏସ୍‌ଟି କ୍ଷତିପୂରଣ ହେଉଛି ଜିଏସ୍‌ଟି (ରାଜ୍ୟକୁ କ୍ଷତିପୂରଣ) ଅଧିନିୟମ 2017 ଅନୁଯାଇ ରାଜ୍ୟ ସରକାରଙ୍କ ରାଜସ୍ୱ । ପ୍ରକାଶ ଥାଉକି, ବର୍ଷ 2020-21 ରେ ଜିଏସ୍‌ଟି କ୍ଷତିପୂରଣ ଅପର୍ଯ୍ୟାପ୍ତ ପରିମାଣର ବାଲାନ୍ସ ହେତୁ ରାଜସ୍ୱ ଆୟ ଭାବରେ 4,361.59 କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ପାଇବା ବ୍ୟତୀତ ଓଡ଼ିଶା 3,822 କୋଟି ଟଙ୍କା ବ୍ୟାକ୍-ଟୁ-ବ୍ୟାକ୍ ଋଣ ମଧ୍ୟ ପ୍ରାପ୍ତି କରିଛି ଯେଉଁଥିରେ ରାଜ୍ୟର ପରିଶୋଧ ଦାୟିତ୍ୱ ନାହିଁ । ଏହି ବ୍ୟବସ୍ଥା ହେତୁ, ବର୍ଷ 2020-21 ରେ ଜିଏସ୍‌ଟି କ୍ଷତିପୂରଣ ବଦଳରେ 9,076 କୋଟି ଟଙ୍କା ରାଜସ୍ୱ ବଳକା ଓ 9,786 କୋଟି ଟଙ୍କା ଆର୍ଥିକ ନିଅଣ୍ଟ ସହିତ 3,822 କୋଟି ଟଙ୍କା ଋଣ ପ୍ରାପ୍ତି ପାଠ କରାଯାଇପାରେ ।

ନିମ୍ନରେ ଥିବା ସାରଣୀ 1.3 ଗତ ପାଞ୍ଚ ବର୍ଷର ଆୟ ସହିତ ବ୍ୟୟର ଧାରା ବିଶ୍ଳେଷଣକୁ ସୂଚିତ କରୁଛି :

**ସାରଣୀ 1.3: ପ୍ରାପ୍ତି ଭିସ୍-ଏ-ଭିସ୍ ଖର୍ଚ୍ଚର ଧାରା**

(ଟଙ୍କା କୋଟିରେ)

| ବର୍ଷ | ରାଜସ୍ୱ | | ରାଜସ୍ୱ ପ୍ରାପ୍ତି ତୁଳନାରେ ରାଜସ୍ୱ ଖର୍ଚ୍ଚର ପ୍ରତିଶତ | ପୁଞ୍ଜି | | ପୁଞ୍ଜି ପ୍ରାପ୍ତି ତୁଳନାରେ ପୁଞ୍ଜି ଖର୍ଚ୍ଚର ପ୍ରତିଶତ |
|---|---|---|---|---|---|---|
| | ପ୍ରାପ୍ତି | ଖର୍ଚ୍ଚ | | ପ୍ରାପ୍ତି | ଖର୍ଚ୍ଚ | |
| 2016-17 | 74,299 | 65,041 | 87.54 | 11,312 | 21,687 | 191.72 |
| 2017-18 | 85,204 | 71,837 | 84.31 | 13,119 | 25,674 | 195.70 |
| 2018-19 | 99,546 | 85,356 | 85.75 | 10,308 | 28,592 | 277.38 |
| 2019-20 | 1,01,568 | 99,137 | 97.61 | 14,966 | 26,030 | 173.93 |
| 2020-21 | 1,04,387 | 95,311 | 91.31 | 21,002 | 28,798 | 137.12 |

- ବର୍ଷ 2019-20ରେ, ରାଜସ୍ୱ ଭାବରେ ଗ୍ରହଣ କରାଯାଇଥିବା ପ୍ରତ୍ୟେକ 100 ଟଙ୍କା ପାଇଁ 97.61 ଟଙ୍କା ରାଜସ୍ୱ ଖର୍ଚ୍ଚରେ ରହିଥିଲା, ଯାହା 2020-21 ରେ 91 ଟଙ୍କାକୁ ହ୍ରାସ କରାଯାଇଥିଲା ।
- ବର୍ଷ 2016-17 ରୁ 2020-21 ମଧ୍ୟରେ ରାଜସ୍ୱ ବ୍ୟୟ 30,270 କୋଟି ଟଙ୍କା (46.54 ପ୍ରତିଶତ), ପୁଞ୍ଜି ଖର୍ଚ୍ଚରେ 7111 କୋଟି ଟଙ୍କା (32.79 ପ୍ରତିଶତ)କୁ ବୃଦ୍ଧି ପାଇଛି ।
- ଯେତେବେଳେ ବର୍ଷ ମଧ୍ୟରେ ରାଜସ୍ୱ ପ୍ରାପ୍ତି ଉପରେ ରାଜସ୍ୱ ଖର୍ଚ୍ଚର ଶତକଡ଼ା ଏବଂ ପୁଞ୍ଜି ପ୍ରାପ୍ତି ଉପରେ ପୁଞ୍ଜି ଖର୍ଚ୍ଚର ଶତକଡ଼ା ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଉଛି, ବର୍ଷ 2016-17 ରୁ 2020-21 ମଧ୍ୟରେ ପୁଞ୍ଜି ପ୍ରାପ୍ତି ତୁଳନାରେ ପୁଞ୍ଜି ଖର୍ଚ୍ଚର ପ୍ରତିଶତ ହ୍ରାସ ହୋଇଆସୁଅଛି ।

### 1.4.3ସରକାରଙ୍କ ସମ୍ପତ୍ତି ଓ ଦାୟିତ୍ୱର ଚିତ୍ର

ସରକାରୀ ହିସାବ ଗୁଡ଼ିକ ସରକାରଙ୍କର ଆର୍ଥିକ ଦାୟିତ୍ୱ ଏବଂ ଖର୍ଚ୍ଚରୁ ହୋଇଥିବା ସମ୍ପତ୍ତିକୁ କଏଦ୍ କରିଥାଏ । ଦାୟିତ୍ୱ ମୁଖ୍ୟତଃ ଆଭ୍ୟନ୍ତରୀଣ ଋଣ, ଭାରତ ସରକାରଙ୍କ ଠାରୁ ପ୍ରାପ୍ତି ଋଣ ଓ ଅଗ୍ରୀମ, ଜନସାଧାରଣ ହିସାବର ପ୍ରାପ୍ତି ଏବଂ ରିଜର୍ଭ ପାଣ୍ଠିକୁ ନେଇ ଗଠିତ ଏବଂ ସମ୍ପତ୍ତି ମୁଖ୍ୟତଃ ପୁଞ୍ଜି ବିନିଯୋଗ, ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଋଣ ଓ ଅଗ୍ରୀମ ଏବଂ ନଗଦ ବାଲାନ୍ସ ଟଙ୍କାକୁ ନେଇ ଗଠିତ ।

**ସାରଣୀ 1.4: ସମ୍ପତ୍ତି ଓ ଦାୟିତ୍ୱର ସଂକ୍ଷିପ୍ତ ସ୍ଥିତି**

(ଟଙ୍କା କୋଟିରେ)

| ଦାୟିତ୍ୱ | | | | | ସମ୍ପତ୍ତି | | | | |
|---|---|---|---|---|---|---|---|---|---|
| | | 2019-20 | 2020-21 | ବୃଦ୍ଧି/ ହ୍ରାସର ପ୍ରତିଶତ | | | 2019-20 | 2020-21 | ବୃଦ୍ଧି/ ହ୍ରାସର ପ୍ରତିଶତ |
| ଏକତ୍ରିକୃତ ପାଣ୍ଠି | | | | | | | | | |
| କ | ଆଭ୍ୟନ୍ତରୀଣ ଋଣ | 60,595.30 | 67,521.41 | 11.43 | କ | ସ୍ଥିର ସମ୍ପତ୍ତି ଉପରେ ମୋଟ ପୁଞ୍ଜି | 1,61,726.29 | 1,79,684.79 | 11.10 |
| ଖ | ଭାରତ ସରକାରଙ୍କ ଠାରୁ ଋଣ | 7,842.55 | 11,981.95 | 52.78 | ଖ | ଋଣ ଓ ଅଗ୍ରୀମ | 8,162.72 | 9,066.17 | 11.07 |

| ଦାୟିତ୍ୱ | | | | | ସମ୍ପତ୍ତି | | | | |
|---|---|---|---|---|---|---|---|---|---|
| | | 2019-20 | 2020-21 | ବୃଦ୍ଧି/ ହ୍ରାସର ପ୍ରତିଶତ | | | 2019-20 | 2020-21 | ବୃଦ୍ଧି/ ହ୍ରାସର ପ୍ରତିଶତ |
| | ଓ ଅଗ୍ରୀମ | | | | | | | | |
| **ଆକସ୍ମିକ ପାଣ୍ଠି** | | 400.00 | 229.00 | -42.75 | | | | | |
| **ସରକାରୀ ହିସାବ** | | | | | | | | | |
| କ | ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି | 24,337.84 | 24,949.37 | | କ | ଅଗ୍ରୀମ | 10.61 | 16.48 | 55.32 |
| ଖ | ଜମା | 29,256.25 | 16,225.05 | -44.54 | ଖ | ଟଙ୍କା ପଇଠ | 100.24 | 82.23 | -17.97 |
| ଗ | ସଂରକ୍ଷିତ ପାଣ୍ଠି | 21,362.47 | 20,333.44 | -4.76 | ଗ | ସସ୍‌ପେନ୍ସ ଓ ବିବିଧ | -- | -- | -- |
| ଘ | ସସ୍‌ପେନ୍ସ ଓ ବିବିଧ ଅବଶେଷ | 91.45 | 117.62 | 28.62 | ଘ | ରୋକଡ଼ ଅବଶେଷ (ଧାର୍ଯ୍ୟ ପାଣ୍ଠିର ବିନିଯୋଗକୁ ନେଇ) | 42,437.50 | 32,636.04 | -23.10 |
| ଙ | ବିବିଧ ପୁଞ୍ଜି ପ୍ରାପ୍ତି | 698.15 | 698.15 | -- | | | | | |
| ଚ | ଖର୍ଚ୍ଚ ଉପରେ ଅଧିକ ପରିମାଣର ସଂଗୃହିତ ପ୍ରାପ୍ତି | 67,853.36 | 79,429.72 | 17.06 | | | | | |
| | **ମୋଟ** | **2,12,437.36** | **2,21,485.71** | **4.26** | | **ମୋଟ** | **2,12,437.36** | **2,21,485.71** | **4.26** |

*ଉତ୍ସ: ସଂପୃକ୍ତ ବର୍ଷର ଆର୍ଥିକ ହିସାବ*

ଏକତ୍ରୀକୃତ ପାଣ୍ଠିରେ ସମ୍ପତ୍ତିର ଅଭିବୃଦ୍ଧି ହାର 11.10 ପ୍ରତିଶତ ବୃଦ୍ଧି ହୋଇ 2019-20 ରେ 1,69,889 କୋଟି ଟଙ୍କାରୁ 2020-21 ରେ 1,88,751 କୋଟି ଟଙ୍କାରେ ପହଞ୍ଚିଲା । ସେହିପରି ଏକତ୍ରୀକୃତ ପାଣ୍ଠିରେ ଦାୟିତ୍ୱର ବୃଦ୍ଧି ହାର 16.17 ପ୍ରତିଶତ ବୃଦ୍ଧି ହୋଇ 2019-20 ରେ 68,438 କୋଟି ଟଙ୍କାରୁ 2020-21 ରେ 79,503 କୋଟି ଟଙ୍କାରେ ପହଞ୍ଚିଲା । ବର୍ଷ ଶେଷରେ ନଗଦ ଅବଶେଷ 32,636 କୋଟି ଟଙ୍କା ଥିଲା ଯାହା ପୂର୍ବ ବର୍ଷ ତୁଳନାରେ 9,801 କୋଟି ଟଙ୍କା (23.10 ପ୍ରତିଶତ) ହ୍ରାସ ପାଇଥିଲା ।

## 1.5 ବିତ୍ତୀୟ ସ୍ଥିରତା: ନିଅଣ୍ଟ ଏବଂ ମୋଟ ଋଣର ଧାର୍ଯ୍ୟ ଲକ୍ଷ୍ୟ ହାସଲ

ରାଜସ୍ୱ ନିଅଣ୍ଟକୁ ଅପସାରଣ କରି, ବିତ୍ତୀୟ ନିଅଣ୍ଟ ଓ ବକେୟା ଋଣକୁ ଏକ ଗ୍ରହଣୀୟ ସ୍ତରକୁ କମାଇ, ଉନ୍ନତତର ଋଣ ପରିଚାଳନା ବ୍ୟବସ୍ଥା ଓ ଏକ ମାଧ୍ୟମ ଦ୍ୱାରା ସ୍ୱଚ୍ଛତା ବୃଦ୍ଧି ଦ୍ୱାରା ବିତ୍ତୀୟ ପରିଚାଳନାରେ ସାବଧାନତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ସହିତ କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟ ସରକାର ଆର୍ଥିକ ଦାୟିତ୍ୱ ଏବଂ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍) ନିୟମକୁ ପାସ୍ କରିଛନ୍ତି । ଏହା ପ୍ରସଙ୍ଗରେ ନିଅଣ୍ଟ ପଦକ୍ଷେପ ଏବଂ ଋଣ ସ୍ତର ସହିତ ରାଜ୍ୟଙ୍କ ଦ୍ୱାରା ପରିମାଣିକ ଲକ୍ଷ୍ୟ ପୂରଣ କରିବାକୁ ନିୟମରେ ବ୍ୟବସ୍ଥା ରହିଛି ।

ବର୍ଷ 2016-21 ପାଇଁ, ଆର୍ଥିକ ଧାର୍ଯ୍ୟ ତୁଳନାରେ ଲକ୍ଷ୍ୟ ହାସଲ, ରାଜ୍ୟ ଏଫ୍‌ଆର୍‌ବିଏମ୍ ଅଧିନିୟମରେ ନିର୍ଦ୍ଧାରଣର ସବିଶେଷ ତଥ୍ୟ ସାରଣୀ 1.5 ରେ ଏବଂ ଚଳିତ ବର୍ଷ ପାଇଁ ବାସ୍ତବ ସହିତ, ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୋଇଥିବା ମଧ୍ୟମ ଅବଧି ଆର୍ଥିକ ଯୋଜନା (ଏମ୍‌ଟିଏଫ୍‌ପି) 2020 ରେ ପ୍ରସ୍ତାବିତ ଆର୍ଥିକ ମାପଦଣ୍ଡର ଏକ ତୁଳନାତ୍ମକ ଚିତ୍ର ସାରଣୀ 1.6 ରେ ଉପସ୍ଥାପନ କରାଯାଇଛି ।

### ସାରଣୀ 1.5: ରାଜ୍ୟ ଏଫ୍‌ଆର୍‌ବିଏମ୍ ଅଧିନିୟମର ବ୍ୟବସ୍ଥାର ଅନୁପାଳନ

| ଆର୍ଥିକ ପରିମାପ | ଅଧିନିୟମରେ ଆର୍ଥିକ ଲକ୍ଷ୍ୟ ଧାର୍ଯ୍ୟ | ସଫଳତା (ଟଙ୍କା କୋଟିରେ) | | | | |
|---|---|---|---|---|---|---|
| | | 2016-17 | 2017-18 | 2018-19 | 2019-20 | 2020-21 |
| ରାଜସ୍ୱ ନିଅଣ୍ଟ (-) / ବଳକା (+) (ଟଙ୍କା କୋଟିରେ) | ରାଜସ୍ୱ ବଳକା | **9,258** √ | **13,367** √ | **14,190** √ | **2,430** √ | **9,076** √ |

| ଆର୍ଥିକ ପରିମାପ | ଅଧିନିୟମରେ ଆର୍ଥିକ ଲକ୍ଷ୍ୟ ଧାର୍ଯ୍ୟ | ସଫଳତା (ଟଙ୍କା କୋଟିରେ) | | | | |
|---|---|---|---|---|---|---|
| | | 2016-17 | 2017-18 | 2018-19 | 2019-20 | 2020-21 |
| ଆର୍ଥିକ ନିଅଣ୍ଟ (-) / ବଳକା (+) (ଜିଏସ୍‌ଡିପିର ପ୍ରତିଶତ) | 3.5 ପ୍ରତିଶତ (2020-21 ପାଇଁ 5ପ୍ରତିଶତ) | (-)2.39 √ | (-)2.12 √ | (-)2.08 √ | (-)3.61 × | (-)1.92 √ |
| ଜିଏସ୍‌ଜିପିକୁ ସମୁଦାୟ ବକେୟା ଋଣର ଅନୁପାତ(ପ୍ରତିଶତରେ) | 25 ପ୍ରତିଶତ | 18.23 √ | 22.04 √ | 22.19 √ | 24.19 √ | 23.34# √ |
| ରାଜସ୍ୱ ପ୍ରାପ୍ତିର ଶତକଡ଼ା ସୁଧ ଦେୟ | 15 ପ୍ରତିଶତ | 5.43 √ | 5.85 √ | 5.83 √ | 5.97 √ | 6.36 √ |
| ରାଜ୍ୟର ନିଜସ୍ୱ ରାଜସ୍ୱ ସହିତ ଦରମା ଅନୁପାତ | 80 ପ୍ରତିଶତ | 49.13 √ | 48.74 √ | 43.50 √ | 44.39 √ | 39.34 √ |
| ପ୍ରାଥମିକ ବଳକା ଜିଏସ୍‌ଡିପିର ପ୍ରତିଶତରେ | 2 ପ୍ରତିଶତ | (-)1.36 × | (-)0.99 × | (-)0.89 × | (-)2.45 × | (-)0.62 × |

*ଉତ୍ସ: ଏଫ୍‌ଆର୍‌ବିଏମ୍ ଅଧିନିୟମ ଏବଂ ଆର୍ଥିକ ହିସାବ ସମ୍ପୃକ୍ତ ବର୍ଷଗୁଡ଼ିକ, ଓଡ଼ିଶା ସରକାରଙ୍କର*

ଆର୍ଥିକ ନିଅଣ୍ଟ ଲକ୍ଷ୍ୟ ଏବଂ 2020-21 ବର୍ଷ ପାଇଁ ବାର୍ଷିକ ଋଣ ସୀମା 13 ମଇ 2021 ର ଓଡ଼ିଶା ଗେଜେଟ୍ (ଅସାଧାରଣ) ମାଧ୍ୟମରେ ଓଏଫ୍‌ବିଆର୍‌ଏମ୍ ଆକ୍ଟ 2005 ର ଧାରା (ବି) 5 ରେ ସ୍ଥିର ହୋଇଥିବା ଲକ୍ଷ୍ୟ ଉପରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଦୁଇ ପ୍ରତିଶତ ବୃଦ୍ଧି ପାଇଛି । ପ୍ରାଥମିକ ବଳକା ହାସଲ କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବ୍ୟତୀତ 2016-17 ରୁ 2020-21ମଧ୍ୟରେ ଏଫ୍‌ଆର୍‌ବିଏମ୍ ଅଧିନିୟମରେ ଧାର୍ଯ୍ୟ କରାଯାଇଥିବା ସମସ୍ତ ଆର୍ଥିକ ପାରାମିଟର ହାସଲ କରିବାକୁ ରାଜ୍ୟ ସକ୍ଷମ ହୋଇଥିଲା ।

**ସାରଣୀ 1.6: 2020-21 ବର୍ଷ ପାଇଁ ଏମ୍‌ଟିଏଫ୍‌ପି ରେ ପ୍ରକ୍ଷେପଣ ତୁଳନାରେ ବାସ୍ତବତା**

| କ୍ର.ସଂ. | ଆର୍ଥିକ ପରିବର୍ତ୍ତନୀୟ | ପ୍ରକ୍ଷେପଣ ଏମ ଟି ଏଫ୍‌ପି ଅନୁଯାୟୀ | ପ୍ରକୃତ (2020-21) | ଭିନ୍ନତା (ପ୍ରତିଶତରେ) |
|---|---|---|---|---|
| 1 | ନିଜସ୍ୱ ରାଜସ୍ୱ କର | 38,350 | 34,258 | (-)10.67 |
| 2 | ଅଣ କର ରାଜସ୍ୱ | 17,650 | 19,518 | (+)10.58 |
| 3 | କେନ୍ଦ୍ରୀୟ କରର ଅଂଶ | 36,300 | 27,543 | (-)24.12 |
| 4 | ଭାରତ ସରକାରଙ୍କ ଠାରୁ ଅନୁଦାନ | 32,000 | 23,068 | (-)27.91 |
| 5 | ରାଜସ୍ୱ ପ୍ରାପ୍ତି (1+2+3+4) | **1,24,300** | **1,04,387** | (-)16.02 |
| 6 | ରାଜସ୍ୱ ବ୍ୟୟ | 1,14,791 | 95,311 | (-)16.97 |
| 7 | ରାଜସ୍ୱ ନିଅଣ୍ଟ (-) / ବଳକା (+) (5-6) | **9,509** | **9,076** | (-)4.55 |
| 8 | ଆର୍ଥିକ ନିଅଣ୍ଟ (-) / ବଳକା (+) | **17,878** | **9,786** | (-)45.26 |
| 9 | ଋଣ-ଜିଏସ୍‌ଡିପି ଅନୁପାତ(ପ୍ରତିଶତରେ) | 18.99 | 23.34# | (+)26.86 |
| 10 | ବର୍ତ୍ତମାନର ମୂଲ୍ୟରେ ଜିଏସ୍‌ଡିପି ଅଭିବୃଦ୍ଧି (ପ୍ରତିଶତ) | 11.70 | -2.24 | (-)119.15 |

*ଉତ୍ସ: ମଧ୍ୟମ ମିଆଦ ଆର୍ଥିକ ଯୋଜନା 2020 ଏବଂ ଓଡ଼ିଶା ସରକାର ଆର୍ଥିକ ହିସାବ 2020-21*

# ଏହି ଋଣରେ 3,822 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଜିଏସ୍‌ଟି କ୍ଷତିପୂରଣ ଭାଇଡ୍ ଭାରତ ସରକାରଙ୍କର ନମ୍ବର ଭାଇଡ୍-ଏଫ୍ ନମ୍ବର 40(1)ପିଏଫ୍-ଏସ୍/2021-22 ତାରିଖ 10-12-2021 ରେ ଅଭାବ ବଦଳରେ ଭାରତ ସରକାରଙ୍କର ଋଣ ଫେରସ୍ତ କରାଯାଇଥିଲା ।

ଜିଏସ୍‌ଡିପି ଅନୁପାତରେ ପ୍ରଭାବଶାଳୀ ଋଣ (23.34 ପ୍ରତିଶତ) ଜିଏସ୍‌ଟି କ୍ଷତି ପୂରଣକୁ ବାଦ୍ ଦେବା ପରେ ପହଞ୍ଚିଛି । ବ୍ୟୟ ବିଭାଗ ଭାବରେ ସମୁଦାୟ ବକେୟା ଦାୟିତ୍ୱ ଋଣରୁ ପ୍ରାପ୍ତି ଅନୁଯାୟୀ 3,832 କୋଟି ଟଙ୍କା ଫେରସ୍ତ ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଏହାକୁ କୌଣସି ଆଦର୍ଶ ପାଇଁ ରାଜ୍ୟର ଋଣ ଭାବରେ ଗ୍ରହଣ କରାଯିବ ନାହିଁ ଯାହା ଅର୍ଥ ଆୟୋଗ ଦ୍ୱାରା ଧାର୍ଯ୍ୟ କରାଯାଇପାରେ ।

ଉପରୋକ୍ତ ସାରଣୀରୁ ଏହା ସୁସ୍ପଷ୍ଟ ଯେ ରାଜସ୍ୱ ବଳକା ଋଣ–ଜିଏସ୍‌ଡିପି ଅନୁପାତ ପାଇଁ ରାଜ୍ୟ ସରକାର ଏହାର ଏମ୍‌ଟିଏଫ୍‌ପି ଲକ୍ଷ୍ୟକୁ ହାସଲ କରିପାରିନଥିଲେ । ଯଦିଓ ହଠାତ୍, କୋଭିଡ୍-19 ମହାମାରୀରେ ରାଜ୍ୟର ପୂର୍ବାନୁମାନ ପ୍ରତିକୂଳ ପ୍ରଭାବିତ ହୋଇଥିଲା, ଆର୍ଥିକ ନିଅଣ୍ଟ ଲକ୍ଷ୍ୟକୁ ସରକାର ହାସଲ କରିପାରିଥିଲେ ।

### 1.5.1 ଆର୍ଥିକ ରୂପରେଖ

ତିନିଟି ମୂଳ ଆର୍ଥିକ ରୂପରେଖ ଯଥା- (i) ରାଜସ୍ୱ ବଳକା/ ନିଅଣ୍ଟ[1], (ii)ଆର୍ଥିକ ନିଅଣ୍ଟ[2]ଏବଂ (iii) ପ୍ରାଥମିକ ନିଅଣ୍ଟ[3]ରାଜ୍ୟ ସରକାରଙ୍କର ଆର୍ଥିକ ପରିସ୍ଥିତିର ଆକଳନରେ ସାହାଯ୍ୟ କରନ୍ତି । ଏହି ନିଅଣ୍ଟ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ପଥ, ସରକାରଙ୍କର ଆର୍ଥିକ ସୁସ୍ଥତାର ଆକଳନ କରିବାରେ ସାହାଯ୍ୟ କରିଥାଏ । ଆର୍ଥିକ ରୂପରେଖର ଧାରା ରେଖାଚିତ୍ର **1.3** ଏବଂ **1.4** ରେ ଦର୍ଶାଯାଇଛି ।

ରେଖାଚିତ୍ର **1.3:** ଆର୍ଥିକ ପରିମାପକର ଧାରା




*ଉତ୍ସ: ଓଡ଼ିଶା ସରକାରଙ୍କର 2020-21 ବର୍ଷର ଆର୍ଥିକ ହିସାବ*

ରେଖାଚିତ୍ର **1.4:** ଆର୍ଥିକ ପରିମାପ ଭିସ୍-ଏ-ଭିସ୍-ଜିଏସ୍‌ଡିପି

[1] *ରାଜସ୍ୱ ନିଅଣ୍ଟ+ ରାଜସ୍ୱ ଖର୍ଚ୍ଚ- ରାଜସ୍ୱ ପ୍ରାପ୍ତି*

[2] *ଆର୍ଥିକ ନିଅଣ୍ଟ= ରାଜସ୍ୱ ଖର୍ଚ୍ଚ+ ପୁଞ୍ଜିଗତ ଖର୍ଚ୍ଚ+ ନିଟ୍ ଋଣ ଏବଂ ଅଗ୍ରୀମ(-)ରାଜସ୍ୱ ପ୍ରାପ୍ତି(-) ବିବିଧ ପୁଞ୍ଜିଗତ ପ୍ରାପ୍ତି*

[3] *ପ୍ରାଥମିକ ନିଅଣ୍ଟ=ଆର୍ଥିକ ନିଆଣ୍ଟ- ସୁଧ ଅର୍ଥ ପ୍ରଦାନ.*




*ଉତ୍ସ: ଆର୍ଥିକ ହିସାବ 2020-21, ଓଡ଼ିଶା ସରକାର*

*# ଆଭ୍ୟନ୍ତରୀଣ ଋଣ, ଭାରତ ସରକାର ଏବଂ ସରକାରୀ ହିସାବ ଦେୟତାରୁ ଋଣ ଏବଂ ଅଗ୍ରୀମଗୁଡ଼ିକ ଋଣର ଅନ୍ତର୍ଭୁକ୍ତ।*

କେତେକ ନିଅଣ୍ଟିଆ ରୂପରେଖ ନିମ୍ନରେ ଆଲୋଚନା କରାଗଲା:

- **ରାଜସ୍ୱ ବଳକା:** ପୂର୍ବ ବର୍ଷ ପାଇଁ ରାଜସ୍ୱ ବଳକା (2,340କୋଟି ଟଙ୍କା)ଠାରୁ 2019-20 ବର୍ଷ ତୁଳନାରେ 2020-21 ବର୍ଷରେ ରାଜ୍ୟର ରାଜସ୍ୱ ବଳକା (9,076କୋଟି ଟଙ୍କା)ବୃଦ୍ଧି (273 ପ୍ରତିଶତ)ପାଇଛି । ଯାହାହେଉ, ରାଜ୍ୟର ଏଫ୍‌ଆର୍‌ବିଏମ୍ (ସଂଶୋଧନ) ଅଧିନିୟମ 2016 ର ଉଲ୍ଲେଖ ଅନୁଯାୟୀ ରାଜ୍ୟ ବଳକା ରାଜସ୍ୱ ରାଜ୍ୟ ହେବାର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିଥିଲା । ଅବଶ୍ୟ, ହଠାତ୍ କୋଭିଡ୍ -19 ମହାମାରୀ ହେତୁ ରାଜ୍ୟର ଏମ୍‌ଟିଏଫ୍‌ପି ରେ ଅନ୍ତର୍ଭୁକ୍ତ ଅନ୍ୟ ଲକ୍ଷ୍ୟ ଗୁଡ଼ିକ ଅବହେଳିତ ପ୍ରମାଣିତ ହୋଇଥିଲା ।
- **ଆର୍ଥିକ ନିଅଣ୍ଟ:** ବର୍ଷ2019-20 (18,819 କୋଟି ଟଙ୍କା) ତୁଳନାରେ 2020-21ବର୍ଷରେ ଆର୍ଥିକ ନିଅଣ୍ଟ ପରିମାଣ (9,786କୋଟି ଟଙ୍କା) ଉଲ୍ଲେଖନୀୟ ଭାବରେ (48 ପ୍ରତିଶତ) ହ୍ରାସ ପାଇଥିଲା । ଜିଏସ୍‌ଡିପିର ପ୍ରତିଶତ ସ୍ୱରୂପ ଆର୍ଥିକ ନିଅଣ୍ଟ1.92 ପ୍ରତିଶତ ଥିଲା ଏବଂ ଜିଏସ୍‌ଡିପିର 5 ପ୍ରତିଶତ ମଧ୍ୟରେ ଆର୍ଥିକ ନିଅଣ୍ଟକୁ ବଜାୟ ରଖିବା ପାଇଁ ଏହା ଏଫ୍‌ଆର୍‌ବିଏମ୍ (ସଂଶୋଧନ) ଅଧିନିୟମ 2021 ରେ ଧାର୍ଯ୍ୟ ହୋଇଥିବା ଆର୍ଥିକ ଲକ୍ଷ୍ୟ ମଧ୍ୟରେ ଏହା ଭଳ ଥିଲା ।
- **ପ୍ରାଥମିକ ନିଅଣ୍ଟ**2019-20 (12,756କୋଟି ଟଙ୍କା) ତୁଳନାରେ 2020-21 ରେ ପ୍ରାଥମିକ ନିଅଣ୍ଟ (3,142କୋଟି ଟଙ୍କା)ବର୍ଷରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା (-75 ପ୍ରତିଶତ) । ଜିଏସ୍‌ଡିପିର ଶତକଡ଼ା ଆର୍ଥିକ ନିଅଣ୍ଟ0.62 ପ୍ରତିଶତ ଥିଲା ଏବଂ ଜିଏସ୍‌ଡିପିର 2 ପ୍ରତିଶତ ମଧ୍ୟରେ ଆର୍ଥିକ ନିଅଣ୍ଟ ବଜାୟ ରଖିବା ପାଇଁ ଏହାର ଏଫ୍‌ବିଆର୍‌ବିଏମ୍ ଅଧିନିୟମ 2021 ରେ ଧାର୍ଯ୍ୟ ହୋଇଥିବା ଆର୍ଥିକ ଲକ୍ଷ୍ୟ ମଧ୍ୟରେ ଥିଲା । ଅବଶ୍ୟ, ପ୍ରାଥମିକ ନିଅଣ୍ଟ ସୂଚାଇ ଥିଲା ଯେ ବର୍ଷ 2020-21 ରେ ପ୍ରାଥମିକ ଖର୍ଚ୍ଚ ପୂରଣ ପାଇଁ ଅଣ ଋଣ ପ୍ରାପ୍ତି ପର୍ଯ୍ୟାପ୍ତ ନଥିଲା ।

ଉତ୍ତରରେ ବିଭାଗ କହିଲେ ଯେ (ଡିସେମ୍ବର 2021) ଅର୍ଥନୀତି ଉପରେ କୋଭିଡ୍-19 ମହାମାରୀର ନକରାତ୍ମକ ପ୍ରଭାବ ଓ କେନ୍ଦ୍ରୀୟ ଭାଗର ସ୍ଥାନାନ୍ତର କମିବା ସତ୍ତ୍ୱେ, ରାଜ୍ୟ ଏଫ୍‌ଆର୍‌ବିଏମ୍‌ରେ ନିର୍ଦ୍ଧାରିତ ସମସ୍ତ ଆର୍ଥିକ ପାରାମିଟର ହାସଲ କରିପାରିଥିଲା । ପ୍ରକୃତରେ, ବର୍ତ୍ତମାନର ମୂଲ୍ୟରେ ଜିଏସ୍‌ଡିପି 2.24 ପ୍ରତିଶତକୁ ସଂକୁଚିତ ହୋଇଥିଲା ଯାହା ରାଜ୍ୟ ସରକାରଙ୍କ ଏମ୍‌ଟିଏଫ୍‌ପିରେ ଥିବା ଆକଳନ ପରିପ୍ରେକ୍ଷୀରେ ଋଣ-ଜିଏସ୍‌ଜିପି ଅନୁପାତର ବ୍ୟାପକ ପରିବର୍ତ୍ତନ ହେବାର ମୂଳ କାରଣ ଥିଲା ।

## 1.6 ସମୀକ୍ଷା ଦ୍ୱାରା ପରୀକ୍ଷା ପରେ ନିଅଣ୍ଟ ଏବଂ ମୋଟ ଋଣ

ସମୀକ୍ଷା ଦ୍ୱାରା ପରୀକ୍ଷା ପରେ, ରାଜ୍ୟ ସରକାରଙ୍କର କିଛି ଆର୍ଥିକ କାରବାରର ଚିହ୍ନଟ ହୋଇପାରେ ଯାହାର ସଂପର୍କିତ ହିସାବ ଆଗମ ରାଜସ୍ୱ ଓ ପୁଞ୍ଜିଗତ ଶୀର୍ଷକ ବ୍ୟୟ ମଧ୍ୟରେ ଭୁଲ-ବର୍ଗୀକରଣର ଫଳ ପ୍ରଦାନ କରିଥାଏ । ନିମ୍ନ ଅନୁଭାଗ ଗୁଡ଼ିକରେ ଏହିପରି ଚିହ୍ନିତ ଆର୍ଥିକ କାରବାରର ବର୍ଣ୍ଣନା କରାଯାଇଛି ।

### 1.6.1 ସମୀକ୍ଷା ପର ବଳକା/ ନିଅଣ୍ଟ

ରାଜସ୍ୱ ବ୍ୟୟର ପୁଞ୍ଜିଗତ ବ୍ୟୟରେ ଭୁଲ-ବର୍ଗୀକରଣ ରାଜସ୍ୱ ବଳକା ଅଙ୍କ ଉପରେ ପ୍ରଭାବ ପକାଇଥାଏ । ଏହା ବ୍ୟତୀତ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିର ଅନୁପଯୁକ୍ତ ବ୍ୟୟ, ଜମା ଏବଂ ସୁଧବାହକ ସଂରକ୍ଷିତ ପାଣ୍ଠିକୁ ସୁଧ ପ୍ରଦାନ ନକରିବା, ସେସ୍/ ରାଜଭାଗକୁ ଏକତୀକୃତ ପାଣ୍ଠିରେ ଜମା ନକରିବା ଏବଂ ନୂତନ ପେନ୍‌ସନ୍ ଯୋଜନାକୁ କମ୍ ଯୋଗଦାନ କରିବା ଇତ୍ୟାଦି ମଧ ରାଜସ୍ୱ ବଳକା ଓ ଆର୍ଥିକ ନିଅଣ୍ଟ ପରିମାଣ ଉପରେ ପ୍ରଭାବ ପକାଇଥାଏ । ପ୍ରକୃତ ନିଅଣ୍ଟ ସଂଖ୍ୟାରେ ପହଞ୍ଚିବା ପାଇଁ, ଏହିପରି ଅନିୟମିତତାକୁ ବିପରୀତମୁଖୀ କରିବା ଆବଶ୍ୟକ ।

ବର୍ଷ 2020-21 ରେ ସମୀକ୍ଷା ପରିଲକ୍ଷିତ କରିଥିଲା ଯେ, 1,390.27 କୋଟି ଟଙ୍କା ରାଜସ୍ୱ ବଳକା ଅତିଶୟୋକ୍ତି ହୋଇଥିଲା ଏବଂ 342.90 କୋଟି ଟଙ୍କା ଆର୍ଥିକ ନିଅଣ୍ଟ କମ୍ ଦର୍ଶାଯାଇଥିଲା ଯାହା ସାରଣୀ 1.7 ରେ ଦର୍ଶାଗଲା ।

**ସାରଣୀ 1.7: ରାଜସ୍ୱ ବଳକା ଓ ଆର୍ଥିକ ନିଅଣ୍ଟ ପରିମାଣ ଉପରେ ସମୀକ୍ଷାର ପ୍ରଭାବ**

| ବିଶେଷ | ରାଜସ୍ୱ ବଳକା ଉପରେ ପ୍ରଭାବ (ଟଙ୍କା କୋଟିରେ) | | ଆର୍ଥିକ ନିଅଣ୍ଟ ଉପରେ ପ୍ରଭାବ (ଟଙ୍କା କୋଟିରେ) | |
|---|---|---|---|---|
| | ଅଧିକ ଦର୍ଶାଇବା | କମ୍ ଦର୍ଶାଇବା | | ଅଧିକ ଦର୍ଶାଇବା |
| ରାଜସ୍ୱ ଏବଂ ପୁଞ୍ଜି ବ୍ୟୟ ମଧ୍ୟରେ ଭୁଲ୍ ବର୍ଗୀକରଣ | 1,047.37 | -- | -- | -- |
| ରିଜର୍ଭ ପାଣ୍ଠି ଉପରେ ସୁଧ ପ୍ରଦାନ ନକରିବା (ସୁଧ ସହିତ) | 93.83 | -- | -- | 93.83 |
| ଭରଣା ହୋଇନଥିବା କଣ୍ଟିଜେନ୍ସି ପାଣ୍ଠି | 171.00 | -- | -- | 171.00 |
| ଆଦାୟ ହୋଇଥିବା ଶ୍ରମ କଲ୍ୟାଣ ସେସ୍‌କୁ ବୋର୍ଡଙ୍କ ଖାତାକୁ ସ୍ଥାନାନ୍ତର ନକରିବା | 4.49 | -- | -- | 4.49 |
| ଭୂ- ରାଜସ୍ୱ ସେସ୍‌କୁ ସ୍ଥାନୀୟ ସଂସ୍ଥାକୁ ହସ୍ତାନ୍ତର ନହେବା | 73.58 | -- | -- | 73.58 |
| ମୋଟ (ନିଟ୍ ପ୍ରଭାବ) | **1,390.27** (ଉପର ବିବରଣୀ) | | **342.90** (ତଳ ବିବରଣୀ) | |

*ଉତ୍ସ: 2020-21 ଅଡିଟ୍ ହୋଇଥିବା ଆର୍ଥିକ ହିସାବ, ଓଡ଼ିଶା ସରକାର*

ଭୁଲ ବର୍ଗୀକରଣର ପରୀକ୍ଷା ଫଳରେ, ରାଜସ୍ୱ ବଳକା 9,076.39 କୋଟି ଟଙ୍କା (ଆର୍ଥିକ ହିସାବର ପ୍ରକାଶିତ ସଂଖ୍ୟା)ରୁ ହ୍ରାସ ପାଇ 7,686.12 କୋଟି ଟଙ୍କା (ଆର୍ଥିକ ହିସାବର ପ୍ରମାଣିତ ସଂଖ୍ୟା) ହୋଇଥିଲା ଏବଂ ଆର୍ଥିକ ନିଅଣ୍ଟ (9,785.54 କୋଟି ଟଙ୍କା (ଆର୍ଥିକ ହିସାବର ପ୍ରକାଶିତ ସଂଖ୍ୟା) ରୁ ବୃଦ୍ଧି ପାଇ 2020-21 ରେ 10,128.44 କୋଟି ଟଙ୍କା (ଆର୍ଥିକ ହିସାବର ପ୍ରମାଣିତ ସଂଖ୍ୟା) ହୋଇଥିଲା ।

ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ ଖର୍ଚ୍ଚର ସଠିକ୍ ବର୍ଗୀକରଣ ଏବଂ ସର୍ବସାଧାରଣ ଆର୍ଥିକ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସ ପାଇଁ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପରାମର୍ଶକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ । ଅନେକ ଆକାଉଣ୍ଟିଂ ସଂଶୋଧନ ସିଏଜିଙ୍କ ରିପୋର୍ଟରେ ଅଡିଟ୍ ସୁପାରିଶ ଭାବରେ ବାର୍ଷିକ ବଜେଟ୍ 2021-22 ରେ ଅନ୍ତର୍ଭୁକ୍ତ ହୋଇସାରିଛି । ସୂଚନା ଯୋଗ୍ୟ ଯେ ଧାର୍ଯ୍ୟ ସଂଶୋଧନ ଏବଂ ଉପଯୁକ୍ତ ବର୍ଗୀକରଣ ପରେ ଆର୍ଥିକ ପାରାମିଟର ଗୁଡ଼ିକ ବାଧ୍ୟତାମୂଳକ ଆର୍ଥିକ ଲକ୍ଷ୍ୟ ମଧ୍ୟରେ ଅଛି । ପରବର୍ତ୍ତି ବଜେଟରେ ଅଡିଟର ସୁପାରିଶକୁ ବିଚାର କରାଯିବ ।

# ଅଧ୍ୟାୟ-II

# ରାଜ୍ୟର ଆର୍ଥିକ ସ୍ଥିତି

ଅଧ୍ୟାୟ

II

# ରାଜ୍ୟର ଆର୍ଥିକ ସ୍ଥିତି

## 2.1 2019-20ବର୍ଷ ତୁଳନାରେ ମୂଳ ରାଜସ୍ୱ ସମଷ୍ଟିରେ ପ୍ରମୁଖ ପରିବର୍ତ୍ତନ

ଏହି ବିଭାଗରେ, 2019-20 ତୁଳନାରେ 2020-21 ରେ ରାଜ୍ୟର ମୂଳ ରାଜସ୍ୱ ସମଷ୍ଟିରେ ପ୍ରମୁଖ ପରିବର୍ତ୍ତନ ଗୁଡ଼ିକ ଏକ ବିହଙ୍ଗାବଲୋକନ କରାଯାଇଛି । ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ପ୍ରତ୍ୟେକ ସୂଚକର ବିଶ୍ଳେଷଣ କରାଯାଇଛି ।

**ସାରଣୀ 2.1: 2019-20ତୁଳନାରେ2020-21 ରେ ମୁଖ୍ୟ ରାଜସ୍ୱ ସମଷ୍ଟିରେ ପରିବର୍ତ୍ତନ**

| | |
|---|---|
| **ରାଜସ୍ୱ ଆୟ** | ✓ ରାଜ୍ୟର ରାଜସ୍ୱ ଆୟରେ **2.78**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ନିଜସ୍ୱ କର ଆଦାୟରେ **6.01**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ନିଜସ୍ୱ ଅଣ-ଟିକସ ଆୟରେ **33.25**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ କେନ୍ଦ୍ରୀୟ କର ଏବଂ ଶୁଳ୍କରେ ରାଜ୍ୟର ଅଂଶୀଦାରୀରେ **9.56**ପ୍ରତିଶତ ହ୍ରାସ ଘଟିଥିଲା<br>✓ ଭାରତ ସରକାରଙ୍କ ଠାରୁ ଅନୁଦାନ ପ୍ରାପ୍ତିରେ **4.49**ପ୍ରତିଶତ ବୃଦ୍ଧି ଘଟିଥିଲା |
| **ରାଜସ୍ୱ ବ୍ୟୟ** | ✓ ରାଜସ୍ୱ ବ୍ୟୟରେ **3.86**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସାଧାରଣ ସେବାରେ ରାଜସ୍ୱ ବ୍ୟୟରେ **1.15**ପ୍ରତିଶତ ହ୍ରାସ ଘଟିଥିଲା<br>✓ ସାମାଜିକ ସେବା କ୍ଷେତ୍ରରେ ରାଜସ୍ୱ ବ୍ୟୟରେ **8.31**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଅର୍ଥନୈତିକ ସେବା କ୍ଷେତ୍ରରେ ରାଜସ୍ୱ ବ୍ୟୟ **0.88**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ଅନୁଦାନରେ ବ୍ୟୟ ଭାର **7.25**ପ୍ରତିଶତ ବୃଦ୍ଧି ଘଟିଥିଲା |
| **ପୁଞ୍ଜିଗତ ବ୍ୟୟ** | ✓ ପୁଞ୍ଜିଗତ ବ୍ୟୟ **11.48**ପ୍ରତିଶତ ହ୍ରାସ ପାଇଥିଲା<br>✓ ସାଧରଣ ସେବାରେ ପୁଞ୍ଜିଗତ ବ୍ୟୟ **7.83**ପ୍ରତିଶତ ବୃଦ୍ଧି ହୋଇଥିଲା<br>✓ ସାମାଜିକ ସେବାରେ ପୁଞ୍ଜିଗତ ବ୍ୟୟ **14.08**ପ୍ରତିଶତ ବୃଦ୍ଧି ହୋଇଥିଲା<br>✓ ଅର୍ଥନୈତିକ ସେବାରେ ପୁଞ୍ଜିଗତ ବ୍ୟୟ **11.61**ପ୍ରତିଶତ ହ୍ରାସ ପାଇଥିଲା |
| **ଋଣ ଓ ଅଗ୍ରୀମ** | ✓ ଋଣ ଓ ଅଗ୍ରୀମ ପ୍ରଦାନରେ **26.85**ପ୍ରତିଶତ ବୃଦ୍ଧି ହୋଇଥିଲା<br>✓ ଋଣ ଓ ଅଗ୍ରୀମ ପରିଶୋଧ **138.33**ପ୍ରତିଶତ ବୃଦ୍ଧି ପାଇଥିଲା |
| **ସରକାରୀ ଋଣ** | ✓ ସରକାରୀ ଋଣ ପ୍ରାପ୍ତିରେ **38.42**ପ୍ରତିଶତ ବୃଦ୍ଧି ଘଟିଥିଲା<br>✓ ସରକାରୀ ଋଣ ପରିଶୋଧ **105.87**ପ୍ରତିଶତ ବୃଦ୍ଧି ପାଇଥିଲା |
| **ସରକାରୀ ପାଣ୍ଠି** | ✓ ସରକାରୀ ପାଣ୍ଠି ପ୍ରାପ୍ତିରେ **15.24**ପ୍ରତିଶତ ହ୍ରାସ ହୋଇଥିଲା<br>✓ ସରକାରୀ ପାଣ୍ଠି ବିନିଯୋଗରେ **17.51**ପ୍ରତିଶତ ବୃଦ୍ଧି ହୋଇଥିଲା |
| **ନଗଦ ଅର୍ଥ** | ✓ ପୂର୍ବ ବର୍ଷ ତୁଳନାରେ 2020-21ରେ ନଗଦ ଅର୍ଥ 9,802କୋଟି ଟଙ୍କା (23.10ପ୍ରତିଶତ) ହ୍ରାସ ପାଇଥିଲା |

## 2.2 ପାଣ୍ଠିର ଉତ୍ସ ଏବଂ ବିନିମୟ

ଏହି ବିଭାଗରେ, 2019-20 ବର୍ଷ ତୁଳନାରେ 2020-21 ବର୍ଷରେ ରାଜ୍ୟର ପାଣ୍ଠି ଉତ୍ସର ଉପାଦାନ ଏବଂ ବିନିମୟର ତୁଳନା କରାଯାଇଛି । ପାଣ୍ଠିର ଉତ୍ସ ଏବଂ ବିନିଯୋଗର ସବିଶେଷ ବିବରଣୀ**ପରିଶିଷ୍ଟ 2.1** ଏବଂ **2.2**ରେ ଦର୍ଶାଯାଇଛି ।

**ସାରଣୀ 2.2: 2019-20ଏବଂ 2020-21ର ପାଣ୍ଠିର ଉତ୍ସ ଏବଂ ବିନିମୟର ବିବରଣୀ**

(କୋଟି ଟଙ୍କାରେ)

| | ବିବରଣ | 2019-20 | 2020-21 | ବୃଦ୍ଧି/ ହ୍ରାସ (ଭିନ୍ନତାର ପ୍ରତିଶତ) |
|---|---|---|---|---|
| ଉତ୍ସ | ବଳକା ଜମା | 38,134 | 42,438 | 4,304(11.29) |
| | ରାଜସ୍ୱ ପ୍ରାପ୍ତି | 1,01,568 | 1,04,387 | 2,819(2.76) |
| | ଋଣ ଓ ଅଗ୍ରୀମ ଆଦାୟ | 287 | 684 | 397(138.33) |
| | ସରକାରୀ ଋଣ ପ୍ରାପ୍ତି (ପ୍ରକୃତ) | 10,185 | 11,066 | 881(8.65) |
| | ସରକାରୀ ପାଣ୍ଠି ପ୍ରାପ୍ତି (ପ୍ରକୃତ) | 11,497 | (-)10,911 | -22,408(194.90) |
| | ମୋଟ | **1,61,671** | **1,47,664** | **-14,007(8.66)** |

| | ବିବରଣ | 2019-20 | 2020-21 | ବୃଦ୍ଧି/ ହ୍ରାସ (ଭିନ୍ନତାର ପ୍ରତିଶତ) |
|---|---|---|---|---|
| ବିନିଯୋଗ | ରାଜସ୍ୱ ଖର୍ଚ୍ଚ | 99,137 | 95,311 | -3,826(3.86) |
| | ପୁଞ୍ଜିଗତ ଖର୍ଚ୍ଚ | 20,277 | 17,949 | -2,328(11.48) |
| | ଋଣ ଓ ଅଗ୍ରୀମ ପ୍ରଦାନ | 1,259 | 1,597 | 338(26.85) |
| | ଆକସ୍ମିକ ପାଣ୍ଠି (ପ୍ରକୃତ) | (-)1,440 | 171 | 1,611(111.88) |
| | ଶେଷ ଜମା | 42,438 | 32,636 | -9,802(23.10) |
| | **ସର୍ବମୋଟ** | **1,61,671** | **1,47,664** | **-14,007(8.66)** |

*ଉତ୍ସ: ଓଡ଼ିଶା ସରକାରଙ୍କର ସଂପୃକ୍ତ ବର୍ଷର ଆର୍ଥିକ ହିସାବ*

ରେଖାଚିତ୍ର **2.1:** ସମ୍ବଳର ସଂଯୋଜନା

(ପ୍ରତିଶତରେ)




ରେଖାଚିତ୍ର **2.2:** ସମ୍ବଳର ବିନିଯୋଗ

(ପ୍ରତିଶତରେ)




*ଉତ୍ସ: ଆର୍ଥିକ ହିସାବ* ***2020-21***

## 2.3 ରାଜ୍ୟର ସମ୍ବଳ

ରାଜ୍ୟର ସମ୍ବଳଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା:

**1. ରାଜସ୍ୱ ଆୟରେ** ରାଜସ୍ୱ ଟିକସ, ଅଣ-ଟିକସ, କେନ୍ଦ୍ରୀୟ ଶୁଳ୍କ କରରୁ ରାଜ୍ୟର ଅଂଶ ଏବଂ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ଅନୁଦାନ ଅନ୍ତର୍ଭୁକ୍ତ ।

**2.ପୁଞ୍ଜିଗତ ଆୟରେ**ପୁଞ୍ଜି ପ୍ରତ୍ୟାହାରରୁ ଆୟ ସ୍ୱରୂପ ବିବିଧ ପୁଞ୍ଜିଗତ ପ୍ରାପ୍ୟ, ଋଣ ଓ ଅଗ୍ରୀମ ପରିଶୋଧ, ଆଭ୍ୟନ୍ତରୀଣ ଉତ୍ସରୁ ଋଣ (ବଜାର ଋଣ, ଆର୍ଥିକ ପ୍ରତିଷ୍ଠାନ/ ବାଣିଜ୍ୟିକ ବ୍ୟାଙ୍କରୁ କରଜ) ଏବଂ ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ଋଣ ଓ ଅଗ୍ରୀମ ଅନ୍ତର୍ଭୁକ୍ତ ।

ଉଭୟ ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି, ରାଜ୍ୟ ସରକାରଙ୍କର କନ୍‌ସୋଲିଡେଟେଡ୍ ଫଣ୍ଡର ଅଂଶ ବିଶେଷ ।

**3. ପ୍ରକୃତ ସରକାରୀ ହିସାପ ପ୍ରାପ୍ତି:**ଏହା ସ୍ୱଳ୍ପ ସଞ୍ଚୟ, ଭବିଷ୍ୟତ ପାଣ୍ଠି, ସଂରକ୍ଷିତ ପାଣ୍ଠି, ଜମା, ଅନିଶ୍ଚିତ, ପ୍ରେରଣ ଆଦି କନ୍‌ସୋଲିଡେଟେଡ୍ ଫଣ୍ଡର ଅଂଶ ନଥିବା କେତେକ କାରବାରରୁ ପ୍ରାପ୍ତ ଏବଂ ବିନିଯୋଗର ଆଧାର ।

ଏଗୁଡ଼ିକ ସମ୍ବିଧାନର ଧାରା 266(2) ଅନୁଯାୟୀ ଗଠିତ ସରକାରୀ ଖାତାରେ ରଖାଯାଏ ଏବଂ ଏଗୁଡ଼ିକ ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ନୁହେଁ । ବିନିଯୋଗ ପରେ ବଳକା ପାଣ୍ଠି ସରକାରଙ୍କ ଦ୍ୱାରା ବ୍ୟବହାର ପାଇଁ ଉପଲବ୍ଧ ଥାଏ ।

## 2.3.1 ରାଜ୍ୟର ପ୍ରାପ୍ତି

2020-21ରେ ରାଜ୍ୟ ସମ୍ବଳର(1,14,478କୋଟି ଟଙ୍କା) ମୋଟାମୋଟି ଗଠନ ରେଖାଚିତ୍ର2.3 ରେ ଦର୍ଶାଗଲା:

**ରେଖାଚିତ୍ର 2.3: 2020-21ରେ ସମ୍ବଳର ସମାହାର**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ଆର୍ଥିକ ହିସାବ*

ଉପରୋକ୍ତ ରେଖା ଚିତ୍ରରୁ ଜଣାଯାଉଛି ଯେ2020-21ବର୍ଷରେ ରାଜ୍ୟ ସରକାରଙ୍କ ସମୁଦାୟ ସମ୍ବଳ1,14,478କୋଟି ଟଙ୍କାରୁ ରାଜସ୍ୱ ଆୟ(1,04,387କୋଟି ଟଙ୍କା) ସମୁଦାୟ ସମ୍ବଳର91.19ପ୍ରତିଶତ ଥିଲା । ପୁଞ୍ଜିଗତ ଆୟ (21,002କୋଟି ଟଙ୍କା) ଏବଂ ସରକାରୀ ପାଣ୍ଠି ପ୍ରାପ୍ତି (-10,910କୋଟି ଟଙ୍କା) ଯଥାକ୍ରମେ18.35ପ୍ରତିଶତ ଏବଂ(-) 9.53ପ୍ରତିଶତଥିଲା ।

## 2.3.2 ରାଜ୍ୟର ରାଜସ୍ୱ ପ୍ରାପ୍ତି

ସରକାରଙ୍କର ରାଜସ୍ୱ ପ୍ରାପ୍ତିର ସବିଶେଷ ବିବରଣୀ ବିତ୍ତୀୟ ହିସାବର ବିବରଣୀ-14 ରେ ଦର୍ଶାଯାଇଛି । ସରକାରଙ୍କର ପ୍ରାପ୍ତ ରାଜସ୍ୱ (1,04,387 କୋଟି ଟଙ୍କା) ଜିଏସ୍‌ଡିପି[4] (5,09,574 କୋଟି ଟଙ୍କା) ର 20.49 ପ୍ରତିଶତ ଥିଲା, ଯାହାକି ପୂର୍ବ ବର୍ଷ (1,01,568 କୋଟି ଟଙ୍କା) ତୁଳନାରେ 2.78 ପ୍ରତିଶତ ବୃଦ୍ଧି ହୋଇଥିଲା । ମାତ୍ର, ରାଜସ୍ୱ ପ୍ରାପ୍ତି ମୋଟ ବଜେଟ୍ ଅଟକଳ (1,24,300 କୋଟି ଟଙ୍କା) ଠାରୁ 19,913 କୋଟି ଟଙ୍କା କମ୍ ଥିଲା । ବର୍ଷ 2016-17ଠାରୁ2020-21ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଧାରା ଓ ଗଠନ **ରେଖାଚିତ୍ର2.4**ରେ ଦର୍ଶାଗଲା ।

4 ବର୍ତ୍ତମାନ ଦରରେ ଜିଏସ୍‌ଡିପି

ରେଖାଚିତ୍ର 2.4: ରାଜସ୍ୱ ପ୍ରାପ୍ତିର ଗଠନର ଧାରା




*ଉତ୍ସ: ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ*

ଉପରୋକ୍ତ ରେଖାଚିତ୍ରରୁ ଦେଖାଯାଏ ଯେ ନିଜସ୍ୱ କର ଏବଂ ଅନୁଦାନ ପ୍ରାପ୍ତି ଗତ ପାଞ୍ଚ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିଲା ।

କେନ୍ଦ୍ରୀୟ ଟିକସ୍ ସ୍ଥାନାନ୍ତରଣ 2016-17 ଠାରୁ 2018-19 ବର୍ଷ ଅବଧିରେ ବର୍ଦ୍ଧିତ ହାରରେ ଥିଲା ଏବଂ 2019-20 ବର୍ଷ ଠାରୁ ହ୍ରାସ ପାଇଥିଲା । କେନ୍ଦ୍ରୀୟ ଟିକସ ସ୍ଥାନାନ୍ତରଣ ପାଇଁ ବଜେଟ୍ ଅଟକଳ 36,300 କୋଟି ଟଙ୍କା ଥିଲା ବେଳେ 2020-21 ରେ ପ୍ରକୃତ ଟିକସ 27,543 କୋଟି ଟଙ୍କା ଥିଲା, ଯାହାକି ବଜେଟ ଅଟକଳ ଠାରୁ 24.12 ପ୍ରତିଶତ (୮,757 କୋଟି ଟଙ୍କା) କମ୍ ଥିଲା ।

### 2.3.2.1ରାଜସ୍ୱ ପ୍ରାପ୍ତିର ଧାରା ଏବଂ ବୃଦ୍ଧି

ପାଞ୍ଚ ବର୍ଷର ଅବଧିରେ ଜିଏସ୍‌ଡିପି ତୁଳନାରେ ରାଜସ୍ୱ ପ୍ରାପ୍ତିର ଧାରା ଏବଂ ବୃଦ୍ଧି ତଥା ରାଜସ୍ୱ ହ୍ରାସ ଉପରେ ଏହି ଉପଅନୁଚ୍ଛେଦରେ ଦର୍ଶାଯାଇଛି ।

ଜିଏସ୍‌ଡିପି ସହିତ ରାଜସ୍ୱ ପ୍ରାପ୍ତିର ଧାରାଗୁଡ଼ିକ ସାରଣୀ**2.3**ଏବଂ ରେଖାଚିତ୍ର**2.5**ରେ ଦର୍ଶାଯାଇଛି :

ସାରଣୀ 2.3: ଜିଏସ୍‌ଡିପିରେ ରାଜସ୍ୱ ପ୍ରାପ୍ତିର ଧାରା

| | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| **ରାଜସ୍ୱ ପ୍ରାପ୍ତି (କୋଟିରେ)** | **74,299** | **85,204** | **99,546** | **1,01,568** | **1,04,387** |
| ରାଜସ୍ୱ ପ୍ରାପ୍ତି ବୃଦ୍ଧିର ହାର (ପ୍ରତିଶତ) | 7.77 | 14.68 | 16.83 | 2.03 | 2.78 |
| ନିଜସ୍ୱ ଟିକସ ରାଜସ୍ୱ | 22,852 | 27,914 | 30,318 | 32,315 | 34,258 |
| ଅଣଟିକସ ରାଜସ୍ୱ | 8,043 | 8,398 | 14,276 | 14,647 | 19,518 |
| ରାଜ୍ୟର ନିଜସ୍ୱ ରାଜସ୍ୱ (ନିଜସ୍ୱ ଓ ଅଣଟିକସ ରାଜସ୍ୱ) | 30,895 | 36,312 | 44,594 | 46,962 | 53,776 |
| ନିଜସ୍ୱ ରାଜସ୍ୱର ବୃଦ୍ଧି ହାର (ନିଜସ୍ୱ ଓ ଅଣଟିକସ ରାଜସ୍ୱ) (ପ୍ରତିଶତ) | (-)1.10 | 17.53 | 22.81 | 5.31 | 14.51 |
| **ମୋଟାମୋଟି ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)(ଟଙ୍କା କୋଟିରେ)** | 3,92,804 | 4,40,879 | 4,87,805 | 5,21,275 | 5,09,574 |
| **ଜିଏସ୍‌ଡିପିର ବୃଦ୍ଧି ହାର (ପ୍ରତିଶତ)** | 19.56 | 12.24 | 10.64 | 6.86 | -2.24 |
| ରାଜସ୍ୱ ପ୍ରାପ୍ତି/ ଜିଏସ୍‌ଡିପି(ପ୍ରତିଶତ) | 18.92 | 19.33 | 20.41 | 19.48 | 20.49 |
| **ଆପେକ୍ଷିକ ହ୍ରାସ ଅନୁପାତ**[5] | | | | | |

5 *ମୂଳ ପରିବର୍ତ୍ତନଶୀଳତା ସହିତ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ସହିତ ରାଜସ୍ୱ ଅସ୍ଥିରତାର ସ୍ଥିତି କିମ୍ବା ସମେଦନଶୀଳତାର ମାତ୍ରାକୁ ଆପେକ୍ଷିକ ଲଘୁତର ଧାରା ଦର୍ଶାଇଥାଏ । ଉଦାହରଣ ସ୍ୱରୂପ, ଯଦି ଜିଏସ୍‌ଡିପିରେ ଏକ ପ୍ରତିଶତ ବୃଦ୍ଧି ଘଟେ, ରାଜସ୍ୱ ହ୍ରାସ 0.72 ସୂଚାଏ ଯେ ରାଜସ୍ୱ ପ୍ରାପ୍ତି 0.72 ପ୍ରତିଶତ ମାତ୍ରାରେ ବୃଦ୍ଧି ହୋଇଛି ।.*

| | | | | | |
|---|---|---|---|---|---|
| ଜିଏସ୍‌ଡିପି ତୁଳନାରେ ରାଜସ୍ୱ ହ୍ରାସ | 0.40 | 1.20 | 1.58 | 0.30 | (-)1.24 |
| ଜିଏସ୍‌ଡିପି ତୁଳନାରେ ରାଜ୍ୟର ନିଜସ୍ୱ ରାଜସ୍ୱ ହ୍ରାସ | (-)0.06 | 1.43 | 2.14 | 0.77 | (-)6.48 |

*ଉତ୍ସ: ଜିଏସ୍‌ଡିପି ଓଡ଼ିଶା ସରକାରଙ୍କ ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ*
*ରାଜସ୍ୱ ପ୍ରାପ୍ତି ସଂପୃକ୍ତ ବର୍ଷର ଆର୍ଥିକ ହିସାବ ଖାତା*

ଉପରୋକ୍ତ ସାରଣୀରୁ ଏହି ସିଦ୍ଧାନ୍ତ ହୋଇପାରେ ଯେ:

- ରାଜସ୍ୱ ହ୍ରାସ ତଥା ରାଜ୍ୟର ନିଜସ୍ୱ ଟିକସ, ହ୍ରାସ, ଜିଏସ୍‌ଡିପି ତୁଳନାରେ 2016-17 ଓ 2019-20 ବ୍ୟତୀତ ଗତ ପାଞ୍ଚ ବର୍ଷ ମଧ୍ୟରେ ଏକ ଉପରେ ଥିଲା । ଜିଏସ୍‌ଡିପିରେ ହ୍ରାସ ହୋଇଥିବାରୁ 2020-21 ରେ ରାଜସ୍ୱ ହ୍ରାସ (-)1.24 ଥିଲା । ଏକ ରୁ ଅଧିକ ରାଜସ୍ୱ ହ୍ରାସ ଏହା ଦର୍ଶାଇଥିଲା ଯେ ଜିଏସ୍‌ଡିପିରେ ପ୍ରତି ଏକ ପ୍ରତିଶତ ବୃଦ୍ଧି (ଅଥବା ହ୍ରାସ) ପାଇଁ ରାଜସ୍ୱରେ ଏକ ପ୍ରତିଶତରୁ ଅଧିକ ବୃଦ୍ଧି (ଅଥବା ହ୍ରାସ) ହୋଇଥିଲା ଏବଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ନୀତି ଗ୍ରହଣ କରିବାର ଆବଶ୍ୟକତାକୁ ଦର୍ଶାଇଥିଲା ।
- ପୂର୍ବ ବର୍ଷ(5,21,275 କୋଟି ଟଙ୍କା) ତୁଳନାରେ ଜିଏସ୍‌ଡିପି(5,09.574କୋଟି ଟଙ୍କା)ରେ ହ୍ରାସ ହୋଇଥିବାରୁ 2020-21 ବର୍ଷରେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ରାଜସ୍ୱ ପ୍ରାପ୍ତି (20.49 ପ୍ରତିଶତ) 2019-20 ବର୍ଷରେ (19.48 ପ୍ରତିଶତ) ତୁଳନାରେ ବୃଦ୍ଧି  ହୋଇଥିଲା । ଏହା ରେଖାଚିତ୍ର 2.5 ରେ ଚିତ୍ରିତ ହୋଇଅଛି ।

**ରେଖାଚିତ୍ର 2.5: ବିଗତ ପାଞ୍ଚ ବର୍ଷର ରାଜସ୍ୱ ପ୍ରାପ୍ତର ଧାରା**




*ଉତ୍ସ:ଜିଏସ୍‌ଡିପି- ଓଡ଼ିଶା ସରକାରଙ୍କ ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ*
*ରାଜସ୍ୱ ପ୍ରାପ୍ତି-ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ ଖାତା*

### 2.3.2.2 ରାଜ୍ୟର ନିଜସ୍ୱ ସମ୍ବଳ

ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ଦିଆଯାଉଥିବା କେନ୍ଦ୍ରୀୟ ଟିକସରେ ରାଜ୍ୟର ଭାଗ ଏବଂ ସହାୟକ ଅନୁଦାନ ଗୁଡ଼ିକୁ ନେଇ ରାଜସ୍ୱ ଟିକସ ଓ ଅଣ ଟିକସ ରାଜସ୍ୱ ଅନୁସାରେ ସମ୍ବଳଗୁଡ଼ିକର ପ୍ରବୃତ୍ତି କରଣରେ ରାଜ୍ୟର ପ୍ରଦର୍ଶନକୁ ଆକଳନ କରାଯାଇଥାଏ । ବର୍ଷ 2020-21 ରେ ରାଜ୍ୟର ନିଜସ୍ୱ ରାଜସ୍ୱ (ରାଜସ୍ୱ କର ଓ ଅଣରାଜସ୍ୱ କର) ପ୍ରାପ୍ତି 14.51 ପ୍ରତିଶତ ବୃଦ୍ଧି ପାଇଥିଲା ଯାହାକି ଜିଏସ୍‌ଡିପି ସର୍ତ୍ତ ଅନୁସାରେ ଆର୍ଥିକ ଭିତ୍ତିଭୂମି ଉପରେ ଆଧାରିତ ବୃଦ୍ଧି ଦର ଠାରୁ ଅଧିକ ଥିଲା (-2.24 ପ୍ରତିଶତ) ।2020-21 ପାଇଁ ରାଜ୍ୟର ନିଜର ରାଜସ୍ୱ କରର ବଜେଟ୍ ଅଟକଳ 38,350 କୋଟି ଟଙ୍କା ଥିଲା ।

## (କ) ରାଜ୍ୟର ନିଜସ୍ୱ ରାଜସ୍ୱ ଟିକସ

ରାଜ୍ୟର ନିଜସ୍ୱ ରାଜସ୍ୱ ଟିକସର ବିଭିନ୍ନ ଉପାଦାନଗୁଡ଼ିକ ସାରଣୀ**2.4**ରେ ଦର୍ଶାଯାଇଛି ।

**ସାରଣୀ2.4: ରାଜ୍ୟର ରାଜସ୍ୱର ଉପାଦାନ(ଟଙ୍କା କୋଟିରେ)**

| ରାଜସ୍ୱ ଶୀର୍ଷକ | 2016-17 | 2017-18 | 2018-19 | 2019-20 | 2020-21 | Spark Line |
|---|---|---|---|---|---|---|
| ରାଜ୍ୟର ସାମଗ୍ରୀ ଓ ସେବା କର | 0 | 6,609 | 11,943 | 13,204 | 13,043 | |
| ବିକ୍ରୀ / ବାଣିଜ୍ୟ କର ଇତ୍ୟାଦି | 13,402 | 11,522 | 7,310 | 7,455 | 7,777 | |
| ରାଜ୍ୟ ଅବକାରୀ ଶୁଳ୍କ | 2,786 | 3,221 | 3,925 | 4,495 | 4,053 | |
| ଯାନ କର | 1,216 | 1,535 | 1,746 | 1,836 | 1,526 | |
| ଶୁଳ୍କ ଓ ପଞ୍ଜିକରଣ ଫି | 1,364 | 1,037 | 1,237 | 1,435 | 2,942 | |
| ଭୂ-ରାଜସ୍ୱ | 460 | 542 | 511 | 721 | 603 | |
| ମାଲପତ୍ର ଓ ଯାତ୍ରୀକର | 1,760 | 1,260 | 182 | 133 | 146 | |
| ଅନ୍ୟାନ୍ୟ କର | 1,864 | 2,188 | 3,464 | 3,036 | 4,168 | |
| ମୋଟ | **22,852** | **27,914** | **30,318** | **32,315** | **34,258** | |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ସୂଚିତ ହୁଏ ଯେ:

- ବର୍ଷ 2020-21 ରେ ବଜେଟ ଅଟକଳ (38,350 କୋଟି ଟଙ୍କା) ତୁଳନାରେ ରାଜ୍ୟର ନିଜସ୍ୱ ରାଜସ୍ୱ କର 34,258 କୋଟି ଟଙ୍କା (89.32 ପ୍ରତିଶତ) ଥିଲା । ବଜେଟ ଅଟକଳ ତୁଳନାରେ ରାଜ୍ୟ ସାମଗ୍ରୀ ଓ ସେବାକର ବାବଦକୁ 2,426 କୋଟି ଟଙ୍କା, ବିକ୍ରି କର, ବାଣିଜ୍ୟ କର ବାବଦକୁ 973 କୋଟି ଟଙ୍କା, ରାଜ୍ୟ ଅବକାରୀ ବାବଦରେ 1,197 କୋଟି ଟଙ୍କା ଏବଂ ଯାନବାହାନ ଉପରେ ଟିକସ ବାବଦରେ 474କୋଟି ଟଙ୍କା କମ୍ ମିଳିଥିଲା । ବର୍ଷ 2020-21 ରେ ନିଜସ୍ୱ ରାଜସ୍ୱ କର ସମସ୍ତ ରାଜସ୍ୱ ପ୍ରାପ୍ତିର 32.82 ପ୍ରତିଶତ ଥିଲା ।

- ଓଡ଼ିଶା ଉପକର ଆଇନ୍ 1962 ର ବ୍ୟବସ୍ଥା ଅନୁଯାୟୀ ଭୂ-ରାଜସ୍ୱ ଉପକରରୁ ସଂଗୃହୀତ ଅର୍ଥକୁ ପଞ୍ଚାୟତିରାଜ ଅନୁଷ୍ଠାନ(ପିଆର୍‌ଆଇ) ଯଥା- ଗ୍ରାମ ପଞ୍ଚାୟତ(ଜିପି), ପଞ୍ଚାୟତ ସମିତି(ପିଏସ୍) ଏବଂ ଜିଲ୍ଲା ପରିଷଦ (ଜେଡ୍‌ପି) ଗୁଡ଼ିକରେ 60:20:20 ଅନୁପାତ ହାରରେ ବିତରଣ ହୋଇଥିଲା । ମାତ୍ର, 2020-21 ରେ ସଂଗୃହୀତ ହୋଇଥିବା 73.58 କୋଟି ଟଙ୍କାର ଭୂ-ରାଜସ୍ୱ କର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବଣ୍ଟନ ହୋଇନଥିଲା । ଏହାଦ୍ୱାରା ରାଜସ୍ୱ ବଳକା ଓ ବିତ୍ତୀୟ ନିଅଣ୍ଟ73.58 କୋଟି ଟଙ୍କାର ପ୍ରଭାବ ପକାଇଥିଲା । ବର୍ଷ 2018-19 ରେ ମଧ୍ୟ ଏହିପରି 48.07 କୋଟି ଟଙ୍କା ଆଦାୟ ହୋଇଥିଲା ଏବଂ ବର୍ଷ 2019-20 ରେ 36.60 କୋଟି ଟଙ୍କା ଆଦାୟ ହୋଇଥିଲା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନକୁ ପ୍ରଦାନ କରାଯାଇ ନଥିଲା ।

- ରାଜ୍ୟର ନିଜସ୍ୱ ରାଜସ୍ୱ ଟିକସ 2016-17 ବର୍ଷ ଠାରୁ 2020-21 ବର୍ଷ ମଧ୍ୟରେ ବୃଦ୍ଧି ଘଟିଥିଲା । ମାତ୍ର, ପୂର୍ବ ବର୍ଷ ତୁଳନାରେ ଏହି ବୃଦ୍ଧିହାର 2017-18 ବର୍ଷ ଠାରୁ ହ୍ରାସ ହେବା ଆରମ୍ଭ ହେଲା ଯାହାକି ରେଖାଚିତ୍ର 2.6 ରେ ଦର୍ଶାଯାଇଛି । ବିଗତ ଆର୍ଥିକ ବର୍ଷ ସହିତ ଏକ ତୁଳନାତ୍ମକ ଚିତ୍ରରୁ ଜଣାଯାଏ ଯେ ରାଜ୍ୟର ନିଜସ୍ୱ ରାଜସ୍ୱ ଟିକସ ବୃଦ୍ଧି ହାର 2019-20 ରେ 6.59 ପ୍ରତିଶତରୁ 2020-21 ରେ 6.01 ପ୍ରତିଶତକୁ ଖସି ଆସିଥିଲା । 2020-21 ବର୍ଷରେ ବିଭିନ୍ନ ଅର୍ଥନୈତିକ କ୍ଷେତ୍ର/ ଗତିବିଧି ମାନଙ୍କରେ ବୃଦ୍ଧି ଓ ଏହି କ୍ଷେତ୍ର

ମାନଙ୍କରୁ ପ୍ରାପ୍ତ ଟିକସ ଅସମାନ ଥିଲା ଏବଂ ଏହା କୋଭିଡ-19 ମହାମାରୀ ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା ।

**ରେଖାଚିତ୍ର 2.6: ବର୍ଷ 2016-2020 ମଧ୍ୟରେ ନିଜସ୍ୱ ରାଜସ୍ୱରେ ବୃଦ୍ଧି**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

### ଖ) ରାଜ୍ୟ ସାମଗ୍ରୀ ଓ ସେବା କର (ଏସ୍‌ଜିଏସ୍‌ଟି)

ରାଜ୍ୟ ସରକାର ସାମଗ୍ରୀ ଓ ସେବାକର (ଜିଏସ୍‌ଟି) ଆଇନ୍01 ଜୁଲାଇ 2017 ଠାରୁ ଲାଗୁ କରିଥିଲେ । ସାମଗ୍ରୀ ଓ ସେବା କର (ରାଜ୍ୟମାନଙ୍କ କ୍ଷତି ଭରଣା) ଆଇନ୍ 2017 ଅନୁଯାୟୀ ସାମଗ୍ରୀ ଓ ସେବାକର ପ୍ରଚଳନ ଯୋଗୁ ରାଜ୍ୟମାନଙ୍କୁ ହେଉଥିବା ରାଜସ୍ୱ କ୍ଷତିକୁ କେନ୍ଦ୍ର ସରକାର 2017-18 ଠାରୁ ପାଞ୍ଚ ବର୍ଷ ପାଇଁ ଭରଣା କରିବେ । ଭାରତର ମହାଲେଖା ନିୟନ୍ତ୍ରକ ତଥା ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ପରେ ଚୂଡ଼ାନ୍ତ ରାଜସ୍ୱ ଅଙ୍କ ପ୍ରାପ୍ତି ହେବା ପରେ ପ୍ରତି ଆର୍ଥିକ ବର୍ଷ ପାଇଁ ରାଜ୍ୟମାନଙ୍କୁ ଦେବାକୁ କ୍ଷତି ଭରଣାର ହିସାବ ହୋଇଥାଏ । ରାଜ୍ୟର କୌଣସି ଏଖ ବର୍ଷର ସଂରକ୍ଷିତ ରାଜସ୍ୱ ସେହି ରାଜ୍ୟର ବାର୍ଷିକ ଭିତ୍ତି ରାଜସ୍ୱର ଆକଳନ ବୃଦ୍ଧି ହାର (ବାର୍ଷିକ 14 ପ୍ରତିଶତ) ବ୍ୟବହାର କରିବା ପାଇଁ 2015-16 କୁ ଭିତ୍ତି (ପ୍ରାରମ୍ଭ) ବର୍ଷ ଭାବରେ ଧାର୍ଯ୍ୟ କରାଯାଇଛି ।

ଓଡ଼ିଶା କ୍ଷେତ୍ରରେ, ମୂଳ ବର୍ଷରେ (2015-16) ରାଜସ୍ୱ 11,049.34 କୋଟି ଟଙ୍କା ଥିଲା । ବର୍ଷ 2020-21 ପାଇଁ ସଂରକ୍ଷିତ ରାଜସ୍ୱ ମୂଳ ବର୍ଷ ଆଧାରରେ 21,274.55 କୋଟି ଟଙ୍କା ଧରାଯାଇଥିଲା । ବର୍ଷ 2020-21 ରେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ବାବଦକୁ 13,043 କୋଟି ଟଙ୍କା ପାଇଥିଲା ।ପୂର୍ବ ଜିଏସ୍‌ଟି ଥିଲା 1165.95 କୋଟି ଟଙ୍କା । ଓଡ଼ିଶା ସରକାର ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜସ୍ୱ ପ୍ରାପ୍ତି ଅଧୀନରେ ଅନୁଦାନ ହିସାବରେ 4,361.59 କୋଟି ଟଙ୍କା ଏବଂ ଋଣ ପ୍ରାପ୍ତି ଅଧୀନରେ କ୍ରମାଗତ ଋଣ ହିସାବରେ 3,822 କୋଟି ଟଙ୍କା ପାଇଥିଲେ ।

ବର୍ଷ 2020-21 ରେ ରାଜ୍ୟ ପାଇଥିବା ଏସ୍‌ଜିଏସ୍‌ଟି, ପୂର୍ବଜିଏସ୍‌ଟି ଏବଂ କ୍ଷତି ଭରଣାର ସବିଶେଷ ତଥ୍ୟ ସାରଣୀ 2.5 ରେ ଦର୍ଶାଯାଇଛି:

**ସାରଣୀ 2.5: ଅପ୍ରେଲ 2020 ଠାରୁ ମାର୍ଚ୍ଚ 2021 ମଧ୍ୟରେ ରାଜ୍ୟ ପାଇଥିବା ଏସ୍‌ଜିଏସ୍‌ଡି, ପୂର୍ବ-ଜିଏସ୍‌ଟି ଓ କ୍ଷତି ଭରଣାର ସବିଶେଷ ତଥ୍ୟ**

| ତଥ୍ୟାବଳୀ | ପରିମାଣ (ଟଙ୍କା କୋଟିରେ) |
|---|---|
| ସୁରକ୍ଷିତ ହେବାକୁ ଥିବା ରାଜସ୍ୱ (କ) | 21,274.55 |
| ରାଜ୍ୟ ସାମଗ୍ରୀ ଓ ସେବାକର (ଆଇଜିଏସ୍‌ଟି ଅଗ୍ରୀମ ଭାଗ 535.78କୋଟି ଟଙ୍କା ସହିତ) (ଖ) | 1,30,43.19 |
| ପୂର୍ବ ଜିଏସ୍‌ଟି କର ସଂଗ୍ରହ (ଅପ୍ରେଲ 2020 ରୁ ମାର୍ଚ୍ଚ 2021) (ଗ) | 165.95 |
| ମୋଟ ଆଦାୟ (ଘ) = (ଖ+ଗ) | 13,209.14 |

| ତଥ୍ୟାବଳୀ | ପରିମାଣ (ଟଙ୍କା କୋଟିରେ) |
|---|---|
| କ୍ଷତିପୂରଣ ପ୍ରାପ୍ତି(ଙ) | 4,361.59 |
| ଜିଏସ୍‌ଟି ଅଭାବ ନିମନ୍ତେ କ୍ରମାଗତ ଋଣ | 3,822.00 |

*ଉତ୍ସ: ବିତ୍ତୀୟ ଖାତା, ଅର୍ଥ ବିଭାଗର ବାଣିଜ୍ୟ କର ଏବଂ ଜିଏସ୍‌ଟି ଶାଖା*

2017-18 ରୁ 2020-21 ମଧ୍ୟରେ ରାଜ୍ୟ ସାମଗ୍ରୀ ଓ ସେବା କର ତୁଳନାରେ ପ୍ରକୃତ ପ୍ରାପ୍ତିର ପ୍ରକ୍ଷେପ ସାରଣୀ 2.6 ରେ ଦର୍ଶାଯାଇଛି ।

**ସାରଣୀ 2.6: 2017-2021 ମଧ୍ୟରେ ଏସ୍‌ଜିଏସ୍‌ଟିରେ ହୋଇଥିବା ବାର୍ଷିକ ଚକ୍ରବର୍ତ୍ତୀ ବୃଦ୍ଧିର ବିବରଣ**

| ଆଧାର ବର୍ଷ | ବାର୍ଷିକ ୧୪ ପ୍ରତିଶତ ଚକ୍ରବର୍ତ୍ତୀ ବୃଦ୍ଧିର ପ୍ରକ୍ଷେପ | ପ୍ରକୃତ |
|---|---|---|
| 2015-16 | 11,049 | - |
| 2016-17 | 12,596 | - |
| 2017-18 | 14,359 | 11,229# |
| 2018-19 | 16,369 | 12,129 |
| 2019-20 | 18,662 | 13,330 |
| 2020-21 | 21,275 | 13,209 |

*ଉତ୍ସ: ବିତ୍ତୀୟ ଖାତା, ଅର୍ଥ ବିଭାଗର ବାଣିଜ୍ୟ କର ଏବଂ ଜିଏସ୍‌ଟି ଶାଖା*

# *ପ୍ରକୃତ ନଅ ମାସର ପ୍ରାପ୍ତି 8,422 କୋଟି ଟଙ୍କା ଥିଲା, 12 ମାସର ହାରାହାରି ହିସାବ କରାଯାଇଥିଲା ।*

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ, ଜିଏସ୍‌ଟି ଅଭିବୃଦ୍ଧିର ଆକଳନ ମୂଳ ବର୍ଷର ରାଜସ୍ୱ ଉପରେ ବାର୍ଷିକ14 ପ୍ରତିଶତ ଥିଲା । ମାତ୍ର, 2015-16 ତଥାପି ଏସ୍‌ଜିଏସ୍‌ଟିର ପ୍ରକୃତ ଅଭିବୃଦ୍ଧି ବାର୍ଷିକ 14 ପ୍ରତିଶତ ଧାର୍ଯ୍ୟ ଅଭିବୃଦ୍ଧି ଠାରୁ ବହୁତ କମ୍ ଥିଲା ।

### (ଗ) ଅଣ-ଟିକସ ରାଜସ୍ୱ

ଅଣ-ଟିକସ ରାଜସ୍ୱ, ପ୍ରାପ୍ତ ସୁଧ, ଲାଭାଂଶ ଏବଂ ଲାଭ, ଖଣିଜ ପ୍ରାପ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ପ୍ରାପ୍ତିକୁ ନେଇ ଗଠିତ । ଗତ ପାଞ୍ଚ ବର୍ଷରେ ପ୍ରାପ୍ତ ହୋଇଥିବା ଅଣ-ଟିକସ ରାଜସ୍ୱ ସାରଣୀ **2.7**ରେ ଦର୍ଶାଯାଇଛି**:**

**ସାରଣୀ 2.7: ରାଜ୍ୟରେ ଅଣ-ଟିକସ ରାଜସ୍ୱର ଉପାଦାନ**

| ରାଜସ୍ୱ ଶୀର୍ଷକ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ଅଣଲୌହ ଖଣିଜ | 4926 | 6,131 | 10,480 | 11,020 | 13,792 |
| ସୁଧ ପ୍ରାପ୍ତି | 427 | 601 | 1,462 | 1,487 | 1,262 |
| ଲାଭାଂଶ ଏବଂ ଲାଭ | 566 | 66 | 544 | 321 | 1,063 |
| ଅନ୍ୟାନ୍ୟ ଅଣ-ଟିକସ ପ୍ରାପ୍ତି | **2,124** | **1,600** | **1,791** | **1,819** | **3,401** |
| କ) ବୃହତ ଓ ମଧ୍ୟମ ଜଳସେଚନ | 722 | 663 | 702 | 669 | 796 |
| ଖ) ରାସ୍ତା ଓ ସେତୁ | 73 | 66 | 67 | 44 | 54 |
| ଗ) ଶିକ୍ଷା | 31 | 24 | 26 | 27 | 62 |
| ଘ) ବହୁବିଧ ସାଧାରଣ ସେବା | 384 | 240 | 419 | 411 | 1,729 |
| ଙ) ଅନ୍ୟାନ୍ୟ ଅଥବା ବିବିଧ | 914 | 607 | 577 | 668 | 760 |
| ମୋଟ | **8,043** | **8,398** | **14,277** | **14,647** | **19,518** |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା*

ବର୍ଷ 2020-21ରେ ଅଣ-ଟିକସ ରାଜସ୍ୱ 19,518 କୋଟି ଟଙ୍କା ଥିଲା ଯାହାକି ମୋଟ ରାଜସ୍ୱ ପ୍ରାପ୍ତିର 18.70 ପ୍ରତିଶତ ଅଧିକ ଥିଲା ଏବଂ ଏହା ପୂର୍ବ ବର୍ଷ (14,647 କୋଟି ଟଙ୍କା) ତୁଳନାରେ 4,871 କୋଟି ଟଙ୍କା (33.26 ପ୍ରତିଶତ) ଅଧିକ ହୋଇଥିଲା ।

### 2.3.2.3 କେନ୍ଦ୍ରଠାରୁ ହସ୍ତାନ୍ତର

କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦୁଇଟି ବାଟରେ ପାଣ୍ଠି ହସ୍ତାନ୍ତର କରନ୍ତି (କ) ରାଜ୍ୟକୁ କେନ୍ଦ୍ରୀୟ ଟିକସର ହସ୍ତାନ୍ତର ଓ (ଖ) କେନ୍ଦ୍ର ଦ୍ୱାରା ପ୍ରଦତ୍ତ ଅନୁଦାନ । ରାଜ୍ୟକୁ ହସ୍ତାନ୍ତର କରାଯାଉଥିବା କେନ୍ଦ୍ରୀୟ ଟିକସ ଗୁଡ଼ିକ ହେଲା ବନ୍ଧନ ମୁକ୍ତ ପାଣ୍ଠି ଏବଂ ରାଜ୍ୟଗୁଡ଼ିକ ଏହାକୁ ସେମାନଙ୍କ ଇଚ୍ଛାରେ ବିନିଯୋଗ କରି ପାରିବେ, ମାତ୍ର ରାଜ୍ୟଙ୍କୁ ଏବଂ ସ୍ଥାନୀୟ ନିକାୟକୁ ମିଳୁଥିବା କେନ୍ଦ୍ରର ଅନୁଦାନ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ପ୍ରଯୁଜ୍ୟ ଏବଂ ନିର୍ଦ୍ଦିଷ୍ଟ ଯୋଜନା କିମ୍ବା ଉଦ୍ଦେଶ୍ୟ ପାଇଁ ବିନିଯୋଗ କରାଯିବ । ରାଜ୍ୟମାନଙ୍କୁ ହସ୍ତାନ୍ତର ଭାରତ ସରକାରଙ୍କ ଟିକସ ଆଦାୟ ଉପରେ ନିର୍ଭର କରେ ଏବଂ ସମ୍ବନ୍ଧୀୟ ଅର୍ଥ ଆୟୋଗଙ୍କ ଦ୍ୱାରା ସୁପାରିଶ ପ୍ରତିଶତ ଭିତ୍ତିରେ ରାଜ୍ୟମାନେ ସେମାନଙ୍କ ଅଂଶ ପାଇଥାନ୍ତି । କେନ୍ଦ୍ରଠାରୁ ଗତ ଦଶ ବର୍ଷରେ ହସ୍ତାନ୍ତର ହୋଇଥିବା ଧାରା ରେଖାଚିତ୍ର 2.7 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.7: କେନ୍ଦ୍ରଠାରୁ ହସ୍ତାନ୍ତରର ଧାରା**




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ରେଖାଚିତ୍ରରୁ ଏହା ଜଣାଯାଏ ଯେ ରାଜ୍ୟ ରାଜସ୍ୱର ମୁଖ୍ୟ ଅଂଶ କେନ୍ଦ୍ରୀୟ ହସ୍ତାନ୍ତରରୁ ମିଳିଥାଏ, ଯାହାକି 2016-17ବର୍ଷରେ 58 ପ୍ରତିଶତରୁ 2020-21 ବର୍ଷରେ 48 ପ୍ରତିଶତକୁ କ୍ରମାଗତ ଭାବରେ ହ୍ରାସ ପାଇଅଛି ।

କେନ୍ଦ୍ରୀୟ ହସ୍ତାନ୍ତର ଉପରେ ଅଧିକ ନିର୍ଭର ହେବା ଦୃଷ୍ଟିରୁ ରାଜ୍ୟର ରାଜସ୍ୱ ପ୍ରାପ୍ତି ବହୁମାତ୍ରାରେ ପ୍ରଭାବିତ ହେଉଅଛି କାରଣ ପୂର୍ବ ବର୍ଷ ତୁଳନାରେ 2020-21 ବର୍ଷରେ କେନ୍ଦ୍ର ଠାରୁ ହସ୍ତାନ୍ତର ଓ ଅନୁଦାନ ଯଥାକ୍ରମେ 2,911 କୋଟି ଟଙ୍କା (9.56 ପ୍ରତିଶତ) ଓ 1,084 କୋଟି ଟଙ୍କା (4.49 ପ୍ରତିଶତ) ହ୍ରାସ ପାଇଥିଲା ।

ବର୍ଷ 2020-21 ରେ କେନ୍ଦ୍ରୀୟ ଟିକସ ହସ୍ତାନ୍ତରଣ ବଜେଟ ଅଟକଳ ଅନୁଯାୟୀ 36,300 କୋଟି ଟଙ୍କା ଥିବା ବେଳେ ପ୍ରକୃତ ପ୍ରାପ୍ତି ମାତ୍ର 27,543 କୋଟି ଟଙ୍କା ଥିଲା । ସେହିପରି ଭାରତ ସରକାରଙ୍କ ଠାରୁ ସହାୟକ ଅନୁଦାନର ବଜେଟ ଅଟକଳ 32,000 କୋଟି ଟଙ୍କା ହୋଇଥିଲା ବେଳେ ପ୍ରକୃତ ପ୍ରାପ୍ତି ମାତ୍ର 23,068 କୋଟି ଟଙ୍କା ହୋଇଥିଲା । 2020-21 ବର୍ଷରେ କେନ୍ଦ୍ର ଠାରୁ ହସ୍ତାନ୍ତର ପ୍ରାପ୍ତିରେ ଏହି ଅଭାବ ପାଇଁ ପ୍ରକୃତ ରାଜସ୍ୱ ପ୍ରାପ୍ତି (1,04,387 କୋଟି ଟଙ୍କା) ବଜେଟ ହୋଇଥିବା ରାଜସ୍ୱ ପ୍ରାପ୍ତି (1,24,300 କୋଟି ଟଙ୍କା) ଠାରୁ 19,913 କୋଟି ଟଙ୍କା କମ୍ ଥିଲା ।

### କ) କେନ୍ଦ୍ର ଟିକସ ଓ ଶୁଳ୍କରୁ ରାଜ୍ୟର ଅଂଶୀଦାରୀ

ତ୍ରୟୋଦଶ ଅର୍ଥ ଆୟୋଗ(ଟିଏଫ୍‌ସି) (2010-11ଠାରୁ2014-15) ଏବଂ ଚତୁର୍ଦ୍ଦଶ ଅର୍ଥ ଆୟୋଗ(ଏଫ୍‌ଏଫ୍‌ସି)

(2015-16 to 2019-20) ଏବଂ ପଞ୍ଚଦଶ ଅର୍ଥ ଆୟୋଗ (2020-21 ଠାରୁ 2025-26) ଦ୍ୱାରା ସୁପାରିଶ କରାଯାଇଥିବା କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଏବଂ କେନ୍ଦ୍ର ଦ୍ୱାରା ପ୍ରକୃତ ସ୍ଥାନାନ୍ତରଣର ଏକ ତୁଳନାତ୍ମକ ସାରାଂଶ ସାରଣୀ 2.8 ରେ ଦର୍ଶାଯାଇଛି ।

**ସାରଣୀ 2.8: କେନ୍ଦ୍ରୀୟ ଟିକସ ଓ ଶୁଳ୍କରେ ରାଜ୍ୟର ଅଂଶ: ପ୍ରକୃତ ସ୍ଥାନାନ୍ତରଣ ଏବଂ ଅର୍ଥ ଆୟୋଗ ରିପୋର୍ଟରେ (ଏଫଏସିଆର) ଆକଳନ**

*(ଟଙ୍କା କୋଟିରେ))*

| ବର୍ଷ | ଅର୍ଥ ଆୟୋଗ ଆକଳନ | ଏଫ୍‌ସିଆରରେ ଆକଳନ | ପ୍ରକୃତ ହସ୍ତାନ୍ତର | ପାର୍ଥକ୍ୟ |
|---|---|---|---|---|
| **1.** | **2.** | **3.** | **4.** | **5. (4-3)** |
| 2015-16 | *ସେବାକର ବ୍ୟତୀତ ସମସ୍ତ ଭାଗିଦାରୀ ଟିକସର 4.642 ପ୍ରତିଶତ ଏବଂ ଭାଗିଦାରୀ ସେବାକର ପ୍ରକୃତ ଆୟର 4.744 ପ୍ରତିଶତ (ଏଫ୍‌ଏଫ୍‌ସି ସୁପାରିଶ ଅନୁଯାୟୀ)* | 27,001 | 23,574 | (-)3,427 |
| 2016-17 | | 31,158 | 28,322 | (-) 2,836 |
| 2017-18 | | 36,005 | 31,272 | (-) 4,733 |
| 2018-19 | | 41,656 | 35,354 | (-) 6,302 |
| 2019-20 | | 48,250 | 30,454 | (-) 17,796 |
| 2020-21 | *ସମସ୍ତ ଭାଗିଦାରୀ ଟିକସର ନିଟ୍ 4.629 ପ୍ରତିଶତ (ଏଫ୍‌ଏଫ୍‌ସି ସୁପାରିଶ ଆଧାରରେ)* | 39,586 | 27,543 | (-) 12,043 |

*ଉତ୍ସ: ଅର୍ଥ ଆୟୋଗ ରିପୋର୍ଟ, ବଜେଟ ଏବଂ ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଯେ ଏଫ୍‌ସିଆର୍ ଓ ପ୍ରକୃତ କର ହସ୍ତାନ୍ତରର ଫାଟ ଲଗାତାର ବଢି ଚାଲିଛି ବର୍ଷ 2016-17 ରୁ 2020-21 ଯାଏ।

କେନ୍ଦ୍ର କରର ବିଭିନ୍ନ ଉପାଦାନ ଗୁଡ଼ିକରେ, 2016-17 ଠାରୁ 2020-21 ମଧ୍ୟରେ, ରାଜ୍ୟର ଅଂଶ ସାରଣୀ **2.9** ରେ ଦର୍ଶାଗଲା ।

**ସାରଣୀ 2.9: ଗତ ପାଞ୍ଚ ବର୍ଷରେ କେନ୍ଦ୍ର ଟିକସର ବିଭିନ୍ନ ଉପାଦାନରେ ରାଜ୍ୟର ଅଂଶ**

*(ଟଙ୍କା କୋଟିରେ)*

| କେନ୍ଦ୍ର କର ଉପାଦାନରେ ରାଜ୍ୟର ଅଂଶ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ନିଗମ କର | 9,072 | 9,575 | 12,294 | 10,384 | 8,328 |
| ସୀମା ଶୁଳ୍କ | 3,903 | 3,156 | 2,506 | 1,930 | 1,447 |
| ଆୟ କର | 6,305 | 8,085 | 9,054 | 8,136 | 8,540 |
| ପଣ୍ୟ ତଥା ସେବା ଉପରେ ଅନ୍ୟାନ୍ୟ ଟିକସ ଓ ଶୁଳ୍କ | -- | -- | 18 | 19 | 21 |
| ସେବା କର | 4,564 | 3,561 | 326 | -- | 124 |
| ସମ୍ପତ୍ତି କର | 21 | -- | 5 | 1 | -- |
| କେନ୍ଦ୍ର ଅବକାରୀ ଶୁଳ୍କ | 4,457 | 3,298 | 1,665 | 1,342 | 923 |
| ସିଜିଏସ୍‌ଟି | -- | 441 | 8,726 | 8,642 | 8,160 |
| ଆଇଜିଏସ୍‌ଟି | -- | 3,156 | 696 | -- | -- |
| ଆୟ ଓ ବ୍ୟୟ ଉପରେ ଅନ୍ୟାନ୍ୟ କର | -- | -- | 64 | -- | -- |
| **ସର୍ବମୋଟ** | **28,322** | **31,272** | **35,354** | **30,454** | **27,543** |
| ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପ୍ରତିଶତ | 20.14 | 10.42 | 13.05 | -13.86 | -9.56 |
| ରାଜ୍ୟ ରାଜସ୍ୱ ଆୟର ପ୍ରତିଶତ ଭିତ୍ତିରେ ରାଜ୍ୟ ଅଂଶର ଉପାଦାନ | 38 | 37 | 36 | 30 | 26 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା*

ଏହା ପରିଲକ୍ଷିତ ହେଲା ଯେ, କେନ୍ଦ୍ର ଟିକସର ରାଜ୍ୟ ଅଂଶ ପ୍ରାପ୍ତି 2016-17 ଠାରୁ 2018-19 ମଧ୍ୟରେ ବୃଦ୍ଧି ପାଇଛି । ମାତ୍ର, ଏହା ପୂର୍ବ ବର୍ଷ ତୁଳନାରେ2019-20 ରେ 13.86 ପ୍ରତିଶତ ଏବଂ 2020-21 ରେ 9.56 ପ୍ରତିଶତ ହ୍ରାସ ଘଟିଛି ।

## ଖ) ଭାରତ ସରକାରଙ୍କ ଠାରୁ ଅନୁଦାନ

ବର୍ଷ 2016-17ରୁ 2020-21ମଧ୍ୟରେ ଅନୁଦାନ ଏବଂ ଏହାର ସଂରଚନାର ବିସ୍ତୃତ ବିବରଣୀ ସାରଣୀ 2.10 ରେ ଦର୍ଶାଯାଇଛି ।

**ସାରଣୀ 2.10: ଭାରତ ସରକାରଙ୍କ ଠାରୁ ସହାୟକ ଅନୁଦାନ**

(ଟଙ୍କା କୋଟିରେ)

| ତଥ୍ୟାବଳୀ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ଅଣଯୋଜନା ଅନୁଦାନ | 3,248 | -- | -- | -- | -- |
| ରାଜ୍ୟ ଯୋଜନା ଅନୁଦାନ | 11,769 | -- | -- | -- | -- |
| କେନ୍ଦ୍ରୀୟ ଯୋଜନା ଅନୁଦାନ | 65 | -- | -- | -- | -- |
| କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅନୁଦାନ | 0.1 | -- | -- | -- | -- |
| କେନ୍ଦ୍ରୀୟ ପ୍ରାୟୋଜିତ ଅନୁଦାନ | -- | 12,900 | 13,025 | 13,056 | 12,698 |
| ଅର୍ଥ ଆୟୋଗ ଅନୁଦାନ | -- | 2,406 | 2,840 | 3,563 | 4,949 |
| ରାଜ୍ୟ/ ବିଧାନ ମଣ୍ଡଳ ଥିବା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଅନ୍ୟାନ୍ୟ ହସ୍ତାନ୍ତର/ ଅନୁଦାନ | -- | 2,314 | 3,733 | 7,533 | 5,421 |
| **ମୋଟ** | **15,082** | **17,620** | **19,598** | **24,152** | **23,068** |
| ପୂର୍ବ ବର୍ଷ ପ୍ରାପ୍ତିଠାରୁ ବୃଦ୍ଧି ପ୍ରତିଶତ | 6.74 | 16.83 | 11.23 | 23.24 | -4.49 |
| ରାଜସ୍ୱ ପ୍ରାପ୍ତିର ସମୁଦାୟ ଅନୁଦାନର ପ୍ରତିଶତ | 20.30 | 20.68 | 19.69 | 23.78 | 22.10 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା*

ଦ୍ୱାଦଶ ଯୋଜନା ଅବଧି (2012-17) ସମାପ୍ତ ହେବା ପରେ, 2017-18 ବର୍ଷ ପାଇଁ ବଜେଟ ଅଟକଳରେ ଯୋଜନା ଓ ଅଣ-ଯୋଜନାର ବ୍ୟବସ୍ଥାକୁ ବିଲୟ କରିବାକୁ ଭାରତ ସରକାର ନିର୍ଣ୍ଣୟ ନେଇଥିଲେ । ଯୋଜନା ଓ ଅଣ-ଯୋଜନାର ବୈଶିଷ୍ଟ୍ୟ ହଟାଇବା ଦ୍ୱାରା କେନ୍ଦ୍ର ଠାରୁ ସହାୟତା ଅନୁଦାନରେ କେବଳ (କ) ସ୍ଥାନୀୟ ସଂସ୍ଥାପାଇଁ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁଦାନ (ଖ) ବିପର୍ଯ୍ୟୟ ମୁକାବିଲା ଅନୁଦାନ ଏବଂ (ଗ) କେନ୍ଦ୍ରୀୟ କ୍ଷେତ୍ର ଏବଂ କେନ୍ଦ୍ରୀୟ ଯୋଜନା ଅନୁଦାନ ଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା । ରାଜସ୍ୱ ଆୟ ସହାୟତା ପାଇଁ ଅନୁଦାନରେ ଶତକଡ଼ା 2018-19 ରେ 19.69 ପ୍ରତିଶତରୁ 2019-20 ରେ 23.78 ପ୍ରତିଶତ ବୃଦ୍ଧି ପାଇଛି, ତଥାପି ଏହଂଆ 2020-21 ରେ 22.10 ପ୍ରତିଶତକୁ ହ୍ରାସ ପାଇଛି ।

## (ଗ) ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନ

ସମ୍ବିଧାନ ସଂଶୋଧନ ସଂଖ୍ୟା 73 ଅନୁଯାୟୀ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ସ୍ୱାବଲମ୍ବୀ କରିବାକୁ ଉଭୟେ କେନ୍ଦ୍ର ଓ ରାଜ୍ୟ ସେମାନଙ୍କୁ ପାଣ୍ଠି, ଅନୁଷ୍ଠାନ ଓ କର୍ମଚାରୀଙ୍କ ସାହାଯ୍ୟ ପ୍ରଦାନ କରିବା କଥା । ଟିକସ ହସ୍ତାନ୍ତର ପରେ, ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନ, କେନ୍ଦ୍ର ଦ୍ୱାରା ସ୍ଥାନୀୟ ସଂସ୍ଥାକୁ, ରାଜ୍ୟକୁ ବିପର୍ଯ୍ୟୟ ମୁକାବିଲା ଏବଂ ରାଜ୍ୟର କୌଣସି ରାଜସ୍ୱ ହାନି ପାଇଁ କ୍ଷତି ପୂରଣ ପାଇଁ ପାଣ୍ଠି ପ୍ରଦାନ କରିଥାନ୍ତି । ଏଫ୍ଏଫ୍ସି ସୁପାରିଶ ସହିତ ପ୍ରକୃତ ପ୍ରାପ୍ତିର ସବିଶେଷ ବିବରଣୀ ସାରଣୀ 2.11 ରେ ପ୍ରଦାନ କରାଯାଇଛି ।

**ସାରଣୀ 2.11ଏଫ୍ଏଫ୍ସିର ସୁପାରିଶ କ୍ରମେ ଭାରତ ସରକାରଙ୍କ ଦ୍ୱାରା ସହାୟକ ଅନୁଦାନ ପ୍ରଦାନ**

(ଟଙ୍କା କୋଟିରେ)

| ବିଭାଗ | କ୍ଷେତ୍ର | 2019-20 | | 2020-21 | | ବୃଦ୍ଧି (+) / ହ୍ରାସ (-)ପୂର୍ବ ବର୍ଷ ତୁଳନାରେ ପ୍ରକୃତ |
|---|---|---|---|---|---|---|
| | | ଏଫ୍ସିଆର | ପ୍ରକୃତ | ଏଫ୍ସିଆର | ଏଫ୍ସିଆର | |
| 1 | 2 | 3 | 4 | 5 | 6 | 7 (4-6) |
| **ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ** | | | | | | |
| ଗ୍ରାମୀଣ ସ୍ଥାନୀୟ ସଂସ୍ଥା | ମୌଳିକ ଅନୁଦାନ | 2389.54 | 2389.54 | 2,258.00 | 2,258.00 | (-)131.54 |
| | ଉଲ୍ଲେଖନୀୟ ଅନୁଦାନ | 292.05 | 196.40 | -- | -- | (-)196.40 |
| | ମୋଟ | **2,681.59** | **2585.94** | **2,258.00** | **2.258.00** | **(-)327.94** |
| **ଗୃହ ଓ ନଗର ଉନ୍ନୟନ ବିଭାଗ** | | | | | | |
| ସହରୀ ସ୍ଥାନୀୟ ସଂସ୍ଥା | ମୌଳିକ ଅନୁଦାନ | 425.39 | 425.39 | 1,087.00 | 1,087.00 | (+)661.61 |
| | ଉଲ୍ଲେଖନୀୟ ଅନୁଦାନ | 116.98 | -- | -- | -- | -- |
| | ମୋଟ | **542.37** | **425.39** | **1,087.00** | **1,087.00** | **(+)661.61** |
| **ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ** | | | | | | |
| ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍ଡିଆର୍ଏଫ୍) | | 818.00 | 552.00 | 1,604.00 | 1,604.00 | (+)1,052.00 |
| **ସମୁଦାୟ** | | **4041.96** | **3563.33** | **4,949.00** | **4,949.00** | **(+)1,385.67** |

*ଉତ୍ସ: ବିତ୍ତୀୟ ଖାତା ଏବଂ ବଜେଟ ଏବଂ ଅର୍ଥ ଆୟୋଗଙ୍କ ସୁପାରିଶ (ଏଫ୍ସିଆର୍)*

ଉପରୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଯେ କେନ୍ଦ୍ର ସରକାର 2020-21 ମଧ୍ୟରେ ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁସାରେ ଟଙ୍କା ପ୍ରଦାନ କରିଛନ୍ତି । ପ୍ରଞ୍ଚଦଶ ଅର୍ଥ ଆୟୋଗ ସୁପାରିଶ ଅନୁଯାୟୀ ସହରୀ ସ୍ଥାନୀୟ ସଂସ୍ଥା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପାଇଁ 2020-21 ରେ ଶତ ପ୍ରତିଶତ ଏବଂ 2019-20 ରେ 96 ପ୍ରତିଶତ ବୃଦ୍ଧି ହୋଇଛି, ଯାହାକି ଚତୁର୍ଦ୍ଦଶ ଅର୍ଥ ଆୟୋଗରେ ବହୁ ମାତ୍ରା ବୃଦ୍ଧି ଅଟେ ।

ରାଜ୍ୟ ସରକାର କହିଲେ (ଡିସେମ୍ବର 2021) ଯେ ବଜେଟ ଅଟକଳ ଆନୁମାନିକ ପ୍ରକୃତ ଅଟେ ଏବଂ ଏହାର ପୂରଣ ବହୁତ ଗୋଡ଼ିଏ କାରକ ଉପରେ ନିର୍ଭର କରେ ଯେପରି ସାମାଜିକ, ରାଜନୈତିକ ଏବଂ ଆର୍ଥିକ । କମ୍ ରାଜସ୍ୱ ପ୍ରାପ୍ତି 2020-21 ରେ ବଜେଟ ଆକଳନ ତୁଳନାରେ ପ୍ରାୟତଃ କମ୍ କେନ୍ଦ୍ରୀୟ ହସ୍ତାନ୍ତର ପାଇଁ । ଏହା ଏକ ସୁସ୍ଥ ସଙ୍କେତ ଯେ ରାଜ୍ୟର ନିଜସ୍ୱ ରାଜସ୍ୱ ବଢ଼ିଚାଲିଛି ଏବଂ 50 ପ୍ରତିଶତ ସମସ୍ତ ରାଜସ୍ୱ ପ୍ରାପ୍ତିକୁ ପ୍ରଦାନ କରୁଛି ।

କେନ୍ଦ୍ରୀୟ ହସ୍ତାନ୍ତର କେନ୍ଦ୍ରର ବଜେଟ ଅନୁମାନ ଅନୁସାରେ ହୋଇଥାଏ । କିନ୍ତୁ କମ୍ ହସ୍ତାନ୍ତର ରାଜ୍ୟର ବଜେଟ ଆକଳନ ତୁଳନାରେ ସରକାରକୁ ସମସ୍ୟାରେ ପକାଇଥାଏ । ଏହା ଉନ୍ନତିମୂଳକ କାର୍ଯ୍ୟ ଏବଂ ବଡ଼ ଖର୍ଚ୍ଚ ପାଇଁ ବିତ୍ତୀୟ ଗତିକୁ ପ୍ରଭାବିତ କରିଥାଏ ।

### 2.3.3 ଢାଞ୍ଚାଗତ ଅନୁଭାଗ ଅଧିନରେ ପ୍ରାପ୍ତି

ବିନିବେଶ, ଋଣ ଓ ଅଗ୍ରୀମର ଆଦାୟ, ଅନ୍ତରୀଣ ଉତ୍ସରୁ ଋଣ ପ୍ରାପ୍ତି (ବଜାର ଋଣ, ଆର୍ଥିକ ଅନୁଷ୍ଠାନ/ ବାଣିଜ୍ୟିକ ବ୍ୟାଙ୍କ ଠାରୁ କରଜ) ଏବଂ ଭାରତ ସରକାରଙ୍କ ଠାରୁ ଋଣ ଓ ଅଗ୍ରୀମ ଆଦି ବିବିଧ ଢାଞ୍ଚାଗତ ପ୍ରାପ୍ତିକୁ ନେଇ ଢାଞ୍ଚାଗତ ପ୍ରାପ୍ତି ଗଠିତ । ଢାଞ୍ଚାଗତ ପ୍ରାପ୍ତିର 2016-17 ଠାରୁ 2020-21 ମଧ୍ୟରେ ବିସ୍ତୃତ ତଥ୍ୟ ଏବଂ ସେମାନଙ୍କର ଉପାଦାନ ଗୁଡ଼ିକ ସାରଣୀ 2.12 ରେ ଦର୍ଶାଯାଇଛି:

**ସାରଣୀ 2.12: ଢାଞ୍ଚାଗତ ପ୍ରାପ୍ତିର ବୃଦ୍ଧି ଓ ଉପାଦାନର ଧାରା**

(ଟଙ୍କା କୋଟିରେ)

| ରାଜ୍ୟର ଆୟର ଉତ୍ସ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ଢାଞ୍ଚାଗତ ଆୟ (ସିଆର୍) | **11,312** | **13,119** | **10,308** | **14,966** | **21,002** |
| ବିବିଧ ଢାଞ୍ଚାଗତ ଆୟ | **0** | **0** | **0** | **0** | **0** |
| ଋଣ ଓ ଅଗ୍ରୀମ ଆଦାୟ | 89 | 257 | 305 | 287 | 684 |

| ରାଜ୍ୟର ଆୟର ଉତ୍ସ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| **ସାର୍ବଜନୀନ ଋଣ ପ୍ରାପ୍ତି** | 11,223 | 12,862 | 10,003 | 14,679 | 20,318 |
| ଅସୁଲ ସାର୍ବଜନୀନ ପ୍ରାପ୍ତି | **8,261** | **10,172** | **6,063** | **10,185** | **11,066** |
| ଆଭ୍ୟନ୍ତରୀଣ ଋଣ | 8,028 | 10,031 | 5,837 | 10,174 | 6,926 |
| ବୃଦ୍ଧି ହାର | 18.11 | 24.95 | -41.81 | 74.30 | -31.92 |
| ଭାରତ ସରକାରଙ୍କଠାରୁ ଋଣ ଓ ଅଗ୍ରୀମ | 233 | 141 | 226 | 11 | 4,140 |
| ବୃଦ୍ଧି ହାର | 109.91 | -39.48 | 60.28 | -95.13 | 37,536.36 |
| ଢାଞ୍ଚାଗତ ଋଣ ଆୟ ବୃଦ୍ଧି ହାର | 14.64 | 14.60 | -22.23 | 46.75 | 38.42 |
| ଢାଞ୍ଚାଗତ ଅଣ-ଋଣ ଆୟର ବୃଦ୍ଧିହାର | -60.96 | 188.76 | 18.68 | -5.90 | 138.33 |
| ଜିଏସ୍‌ଡିପିର ବୃଦ୍ଧିହାର | 19.79 | 10.47 | 14.05 | 7.66 | -2.24 |
| ଢାଞ୍ଚାଗତ ଆୟର ବୃଦ୍ଧିହାର (ପ୍ରତିଶତ) | 12.92 | 15.97 | -21.43 | 45.19 | 40.33 |

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା***

ବର୍ଷ 2020-21ରେ ରାଜ୍ୟର ସମୁଦାୟ ଆୟ (21,002କୋଟି ଟଙ୍କା) ର 18.35 ପ୍ରତିଶତ ଢାଞ୍ଚାଗତ ଆୟ (1,14,478କୋଟି ଟଙ୍କା) ଥିଲା । ରାଜ୍ୟ ସରକାର ଖୋଲା ବଜାରରୁ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନରୁ 15,191 କୋଟି ଟଙ୍କା କରଜ କରିଥିଲେ ଏବଂ ଭାରତ ସରକାରଙ୍କ ଠାରୁ 5,127 କୋଟି ଟଙ୍କା ଋଣ ନେଇଥିଲେ । ଉପରୋକ୍ତ ସାରଣୀ **2.12** ରୁ ଏହା ଜଣାଗଲା ଯେ ଢାଞ୍ଚାଗତ ଆୟ (96.74ପ୍ରତିଶତ) ର ମୁଖ୍ୟ ଉପାଦାନ ଥିଲା ସରକାରୀ ଋଣ ।

## 2.3.4 ସମ୍ବଳର ବ୍ୟବହାରରେ ରାଜ୍ୟର ଦକ୍ଷତା

ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନତିକୁ ଉତ୍ସାହିତ କରିବାକୁ, ସାମାଜିକ କାର୍ଯ୍ୟକ୍ରମ ଓ ସରକାରୀ ନିବେଶ ପାଇଁ ପାଣ୍ଠି ପ୍ରଦାନକୁ ଅବ୍ୟାହତ ରଖିବା ଦିଗରେ ସମ୍ବଳର ବ୍ୟବହାର ପାଇଁ ସରକାରଙ୍କୁ ଅନୁମତି ପ୍ରଦାନ କରାଯାଇଛି । ଭାରତ ସରକାରଙ୍କ ଠାରୁ ସହାୟକ ଅନୁଦାନ ପ୍ରାପ୍ତିରେ ଏବଂ କେନ୍ଦ୍ରୀୟ ଟିକସର ଅଂଶ ପ୍ରାପ୍ତିରେ ରାଜ୍ୟ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନଥିବାରୁ, ଏହାର ଅନୁଷ୍ଠାନଗୁଡ଼ିକୁ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଉଜ୍ଜିବୀତ ରଖିବାକୁ ରାଜ୍ୟ ସରକାରଙ୍କର ନିଜସ୍ୱ ସମ୍ବଳର (ଟିକସ ଓ ଅଣ-ଟିକସ) ଆବଶ୍ୟକତା ରହିଛି । ଟିକସ ଓ ଅଣ-ଟିକସ ଆୟ ସହିତ ସମ୍ଭାବନାର ବିବରଣୀ ସାରଣୀ 2.13ରେ ଦର୍ଶାଯାଇଛି ।

**ସାରଣୀ 2.13: ଟିକସ ଓ ଅଣ-ଟିକସ ଆୟ ସହିତ ସମ୍ଭାବ୍ୟ ଆୟ**

| | ବଜେଟ ଅଟକଳ | ପ୍ରକୃତ | ପ୍ରକୃତ ତଥ୍ୟର ଅମେଳର ପ୍ରତିଶତ ବଜେଟ ଅଟକଳ |
|---|---|---|---|
| ନିଜସ୍ୱ ଟିକସ ରାଜସ୍ୱ | 38,350 | 34,258 | -10.67 |
| ଅଣ-ଟିକସ ରାଜସ୍ୱ | 17,650 | 19,518 | +10.58 |

***ଉତ୍ସ: ବିତ୍ତୀୟ ଖାତା, ଓଡ଼ିଶା ସରକାରଙ୍କ ବଜେଟ***

ବର୍ଷ2020-21 ରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ପ୍ରାପ୍ତି ନିର୍ଦ୍ଧାରିତ ଆକଳନ ଠାରୁ 10.67 ପ୍ରତିଶତ କମ୍ ଥିଲା । ପ୍ରକାଶ ଥାଉକି, 2020-21 ମଧ୍ୟରେ ଖଣି ରସିଦ୍ ବୃଦ୍ଧିରେ ମୁଖ୍ୟ ଅବଦାନ ସହିତ ଏମ୍‌ଟିଏଫ୍‌ପିରେ କରାଯାଇଥିବା ମୂଲ୍ୟାଙ୍କନ ଅପେକ୍ଷା ରାଜ୍ୟର ଅଣ-ଟିକସ ରାଜସ୍ୱ 10.58 ପ୍ରତିଶତ ଅଧିକ ଥିଲା ।

## 2.4 ସମ୍ବଳର ବ୍ୟବହାର

ବିତ୍ତୀୟ ଉତ୍ତରଦାୟିତ୍ୱ ବିଧେୟକର ପରିସର ମଧ୍ୟରେ ବ୍ୟୟ କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯିବା ସଙ୍ଗେ ସଙ୍ଗେ ନିଶ୍ଚିତ କରେ ଯେ ରାଜ୍ୟର ପ୍ରଚଳିତ ବିତ୍ତୀୟ ସଂଶୋଧନ ଓ ଦୃଢ଼ କରିବା ପଦ୍ଧତିରେ ମୂଳ

ଢାଞ୍ଚା ଓ ସାମାଜିକ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ବ୍ୟୟ କରିପାରିବେ ନାହିଁ । ଏହି ଅନୁଚ୍ଛେଦ ତଥା ଉପ-ଅନୁଚ୍ଛେଦ ଗୁଡ଼ିକ ରାଜ୍ୟରେ ଖର୍ଚ୍ଚର ବଣ୍ଟନର ବିବରଣୀ ପ୍ରଦାନ କରିଛନ୍ତି ।

### 2.4.1 ବ୍ୟୟର ବୃଦ୍ଧି ଓ ଉପାଦାନ

ବର୍ଷ 2020-21ରେ ମୋଟ ବ୍ୟୟ ଥିଲା 1,14,857 କୋଟି ଟଙ୍କା ସାରଣୀ 2.14 ରେ 2016-17 ଠାରୁ 2020-21 ପର୍ଯ୍ୟନ୍ତ ସମୁଦାୟ ବ୍ୟୟର ଧାରା ଏବଂ ଉପାଦାନ ଦର୍ଶାଯାଇଛି ।

**ସାରଣୀ 2.14: ମୋଟ ବ୍ୟୟ ଏବଂ ଏହାର ଉପାଦାନ**

(ଟଙ୍କା କୋଟିରେ)

| ମାପକ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ମୋଟ ବ୍ୟୟ (ଟିଇ) | 83,766 | 94,821 | 1,10,008 | 1,20,673 | 1,14,857 |
| ରାଜସ୍ୱ ବ୍ୟୟ (ଆର୍‌ଇ) | 65,041 | 71,837 | 85,356 | 99,137 | 95,311 |
| ପୁଞ୍ଜିଗତ ବ୍ୟୟ (ସିଇ) | 18,471 | 21,109 | 23,482 | 20,277 | 17,949 |
| ଋଣ ଓ ଅଗ୍ରୀମ | 254 | 1,875 | 1,170 | 1,259 | 1,597 |
| ଜିଏସ୍‌ଡିପିର ପ୍ରତିଶତ ସ୍ୱରୂପ | | | | | |
| ଟିଇ/ ଜିଏସ୍‌ଡିପି | 21.28 | 21.81 | 22.19 | 22.61 | 22.54 |
| ଆର୍‌ଇ/ ଜିଏସ୍‌ଡିପି | 16.53 | 16.52 | 17.21 | 18.57 | 18.70 |
| ସିଇ/ ଜିଏସ୍‌ଡିପି | 4.69 | 4.86 | 4.74 | 3.80 | 3.52 |
| ଋଣ ଓ ଅଗ୍ରୀମ / ଜିଏସ୍‌ଡିପି | 0.06 | 0.43 | 0.24 | 0.24 | 0.31 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ଦୃଷ୍ଟିଗୋଚର ହୁଏ ଯେ, 2017-18 ଠାରୁ 2020-21 ମଧ୍ୟରେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ଢାଞ୍ଚାଗତ ବ୍ୟୟ କମି କମି ଯାଇଥିଲା । ତଥାପି, ଉକ୍ତ ସମୟରେ ଜିଏସ୍‌ଡିପିର ପ୍ରତିଶତ ହିସାବରେ ରାଜସ୍ୱ ଖର୍ଚ୍ଚ ବୃଦ୍ଧି ପାଇଥିଲା ।

ବିଭିନ୍ନ କ୍ଷେତ୍ରରେ ରାଜ୍ୟର ସାମୁହିକ ବ୍ୟୟର ଅଂଶର ସବିଶେଷ ତଥ୍ୟ ସାରଣୀ 2.15 ରେ ଦର୍ଶାଯାଇଛି ।

**ସାରଣୀ 2.15: ବିଭିନ୍ନ କ୍ଷେତ୍ରରେ ବ୍ୟୟର ଆପେକ୍ଷିକ ଅଂଶ**

(ଟଙ୍କା କୋଟିରେ)

| ସମ୍ୟକ ବିବରଣୀ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ସାଧାରଣ ସେବା | 17,089 | 22,126 | 25,483 | 30,106 | 29,839 |
| ସାମାଜିକ ସେବା | 30,603 | 33,758 | 40,972 | 48,781 | 44,424 |
| ଅର୍ଥନୈତିକ ସେବା | 34,972 | 37,595 | 42,081 | 40,244 | 39,169 |
| ଅନ୍ୟାନ୍ୟ (ସ୍ଥାନୀୟ ସଂସ୍ଥାକୁ ଅନୁଦାନ ଏବଂ ଋଣ ଓ ଅଗ୍ରୀମ | 1,102 | 1,343 | 1,472 | 1,542 | 1,425 |
| ମୋଟ ଖର୍ଚ୍ଚର ଭାଗ (ପ୍ରତିଶତରେ) | | | | | |
| ସାଧାରଣ ସେବା | 20.40 | 23.33 | 23.16 | 24.95 | 25.98 |
| ସାମାଜିକ ସେବା | 36.53 | 35.60 | 37.24 | 40.42 | 38.68 |
| ଅର୍ଥନୈତିକ ସେବା | 41.75 | 39.65 | 38.25 | 33.35 | 34.10 |
| ଅନ୍ୟାନ୍ୟ (ସ୍ଥାନୀୟ ସଂସ୍ଥାକୁ ଅନୁଦାନ ଏବଂ ଋଣ ଓ ଅଗ୍ରୀମ | 1.32 | 1.42 | 1.34 | 1.28 | 1.24 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

**ରେଖାଚିତ୍ର 2.8: ବିଭିନ୍ନ କ୍ଷେତ୍ରରେ ବ୍ୟୟର ଆପେକ୍ଷିକ ଭାଗ**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

**ରେଖାଚିତ୍ର 2.9: କାର୍ଯ୍ୟକଳାପ ହିସାବରେ ବ୍ୟୟର ଭାଗ**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀ ଏବଂ ରେଖାଚିତ୍ର ଆଧାରରେ ଏହା ପରିଲକ୍ଷିତ କରାଯାଇପାରେ ଯେ 2019-20 ର 82 ପ୍ରତିଶତ ତୁଳନାରେ 2020-21 ରେ ସମୁଦାୟ ରାଜସ୍ୱ ବ୍ୟୟ ପ୍ରାୟ 83 ପ୍ରତିଶତ ଥିଲା । ଅର୍ଥନୈତିକ ସେବା[6] (34.10 ପ୍ରତିଶତ), ସାଧାରଣ ସେବା (25.98 ପ୍ରତିଶତ) ଏବଂ ଅନ୍ୟାନ୍ୟ (1.24 ପ୍ରତିଶତ) ତୁଳନାରେ ସାମାଜିକ ସେବା ଖର୍ଚ୍ଚ (38.68 ପ୍ରତିଶତ) ସହିତ ପ୍ରାଧାନ୍ୟ ଦେଇଛି । ମୋଟ ରାଜସ୍ୱ ବ୍ୟୟ (99,137 କୋଟି ଟଙ୍କା) ମଧ୍ୟରେ

---

6 *ସରକାରଙ୍କର ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକଳାପ କ୍ଷେତ୍ର ଏବଂ ଏହା ଅଧିନସ୍ଥ (i) କୃଷି ଓ ଆନୁଷଙ୍ଗିକ ସେବା, (ii) ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, (iii) ଶକ୍ତି, (iv) ଶିଳ୍ପ ଓ ଖଣିଜ, (v) ପରିବହନ, (vi) ବିଜ୍ଞାନ କାରିଗରୀ ଓ ପରିବେଶ ଏବଂ (vii) ସାଧାରଣ ଅର୍ଥନୈତିକ ସେବା ।*

ସାମାଜିକ ସେବା[7]ବ୍ୟୟ43.90 ପ୍ରତିଶତ ସହିତ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଅନ୍ୟାନ୍ୟ ସେବା ତୁଳନାରେ ଯଥା- ସାଧାରଣ ସେବା (28.85 ପ୍ରତିଶତ), ଅର୍ଥନୈତିକ ସେବା (25.80ପ୍ରତିଶତ) ଏବଂ ସ୍ଥାନୀୟ ସଂସ୍ଥାଙ୍କୁ ଅନୁଦାନ (1.45ପ୍ରତିଶତ) । 2018-19 ରେ 21.35 ପ୍ରତିଶତ ଏବଂ 2019-20 ରେ 16.80 ପ୍ରତିଶତ ତୁଳନାରେ ପୁଞ୍ଜି ବ୍ୟୟ (17,949 କୋଟି ଟଙ୍କା) ମୋଟ ଖର୍ଚ୍ଚର 15.63 ପ୍ରତିଶତ ଅଟେ ।

ବର୍ଷ 2019-20 ଓ 2020-21 ରେ ରାଜସ୍ୱ ଓ ଢାଞ୍ଚାଗତ କ୍ଷେତ୍ର ଅଧୀନରେ ଉପାଦାନ ଭିତ୍ତିକ ପ୍ରଧାନ ବ୍ୟୟ ସାରଣୀ **2.16**ରେ ଦର୍ଶାଯାଇଛି ।

**ସାରଣୀ 2.16: ରାଜସ୍ୱ ଓ ଢାଞ୍ଚାଗତ ଅଧୀନରେ ପ୍ରଧାନ ବ୍ୟୟର ଉପାଦାନ**

(ଟଙ୍କା କୋଟିରେ)

| ରାଜସ୍ୱ | | | | ପୁଞ୍ଜିଗତ କ୍ଷେତ୍ର | | | |
|---|---|---|---|---|---|---|---|
| ଉପାଦାନ | କ୍ଷେତ୍ର | 2019-20 | 2020-21 | ଉପାଦାନ | କ୍ଷେତ୍ର | 2019-20 | 2020-21 |
| ଶିକ୍ଷା, କ୍ରୀଡ଼ା, କଳା ଓ ସ୍ଥାପତ୍ୟ | ସାମାଜିକ | 17,228 | 17,242 | ପରିବହନ | ଅର୍ଥନୈତିକ | 6,466 | 6,671 |
| ଗ୍ରାମ୍ୟ ଉନ୍ନୟନ | ଅର୍ଥନୈତିକ | 9,737 | 11,352 | ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | ଅର୍ଥନୈତିକ | 4,748 | 3,108 |
| କୃଷି ଓ ଆନୁସଙ୍ଗିକ କାର୍ଯ୍ୟକଳାପ | ଅର୍ଥନୈତିକ | 10,992 | 8,569 | ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ | ସାମାଜିକ | 3,592 | 2,796 |
| ସମାଜ ମଙ୍ଗଳ ଓ ପୁଷ୍ଟିସାଧନ | ସାମାଜିକ | 10,861 | 7,991 | ଶକ୍ତି | ଅର୍ଥନୈତିକ | 2,134 | 1,284 |
| ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ | ସାମାଜିକ | 6,844 | 4,844 | ଗ୍ରାମ୍ୟ ଉନ୍ନୟନ | ଅର୍ଥନୈତିକ | 348 | 231 |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ସାମାଜିକ | 5,681 | 7,244 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ସାମାଜିକ | 504 | 631 |
| ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ | ସାମାଜିକ | 2,458 | 2,113 | ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ | ସାମାଜିକ | 153 | 269 |
| ପରିବହନ | ଅର୍ଥନୈତିକ | 1,889 | 2,257 | ଶିକ୍ଷା, କ୍ରୀଡ଼ା, କଳା ଓ ସ୍ଥାପତ୍ୟ | ସାମାଜିକ | 759 | 581 |
| ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | ଅର୍ଥନୈତିକ | 1,305 | 1,685 | | | | |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ଅନୁମାନ କରାଯାଇପାରେ ଯେ:

- ରାଜସ୍ୱ ବ୍ୟୟ (95,311କୋଟି ଟଙ୍କା) ପୂର୍ବ ବର୍ଷ ଠାରୁ (99,137 କୋଟି ଟଙ୍କା) କମ୍ ଥିଲା ।ପୂର୍ବ ବର୍ଷଠାରୁ ଏହି କମ୍ ମୁଖ୍ୟତଃ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ (2,423କୋଟି ଟଙ୍କା), ସମାଜ କଲ୍ୟାଣ ଓ ପୁଷ୍ଟିସାଧନ (2,870କୋଟି ଟଙ୍କା), ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ (2,000କୋଟି ଟଙ୍କା) , ଅନୁସୂଚିତ ଜାତି, ଜନଜାତି, ଲଘୁ ସଂଖ୍ୟା ଓ ପଛୁଆ ବର୍ଗ ଉନ୍ନୟନ (345 କୋଟି ଟଙ୍କା)(3.86 ପ୍ରତିଶତ) ଯାହା ଆଂଶିକ ଭାବେ ବ୍ୟୟ ବୃଦ୍ଧି ଗ୍ରାମ୍ୟ ଉନ୍ନୟନ କ୍ଷେତ୍ରରେ (1,615 କୋଟି ଟଙ୍କା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (1,563କୋଟି ଟଙ୍କା),ପରିବହନ (368 କୋଟି ଟଙ୍କା) ଏବଂ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ (380 କୋଟି

[7] *ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମ ଏବଂ ଏହା ଅଧୀନସ୍ଥ (i) ଶିକ୍ଷା, ଖେଳ, କଳା ଓ ସ୍ଥାପତ୍ୟ, (ii) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, (iii) ଜଳ ଯୋଗାଣ, ପରିମଳ, ଗୃହ ଓ ସହରୀ ବିକାଶ, (iv ସୂଚନା ଏବଂ ପ୍ରସାରଣ, (v) ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ଶ୍ରେଣୀ କଲ୍ୟାଣ, (vi) ଶ୍ରମ ଓ ଶ୍ରମ ମଙ୍ଗଳ, (vii) ସମାଜ କଲ୍ୟାଣ ଓ ପୁଷ୍ଟିସାଧନ ଏବଂ (vii) ଅନ୍ୟାନ୍ୟ ।*

ଟଙ୍କା) ଆଦି କ୍ଷେତ୍ରରେ ଅଧିକ ବ୍ୟୟ କରାଯିବା ଦ୍ୱାରା ଆଂଶିକ ବ୍ୟବସ୍ଥିତ ହୋଇଥିଲା ।

- ପୂର୍ବ ବର୍ଷ ବ୍ୟୟ (17,949କୋଟି ଟଙ୍କା) ତୁଳନାରେ ପୁଞ୍ଜିଗତ ବ୍ୟୟ ଚଳିତ ବର୍ଷରେ (20,277କୋଟି ଟଙ୍କା)11.48 ପ୍ରତିଶତ କମ୍ ବ୍ୟୟ ହୋଇଥିଲା । ଏହା ମୁଖ୍ୟତଃ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ (1,640 କୋଟି ଟଙ୍କା), ଜଳ ଯୋଗାଣ, ପରିମଳ, ଗୃହ ଏବଂ ନଗର ଉନ୍ନୟନ (796 କୋଟି ଟଙ୍କା), ଶକ୍ତି (850 କୋଟି ଟଙ୍କା) ଏବଂ ଶିକ୍ଷା, କ୍ରୀଡ଼ା, କଳା ଓ ସ୍ଥାପତ୍ୟ କ୍ଷେତ୍ରରେ (178 କୋଟି ଟଙ୍କା) କମ୍ ବ୍ୟୟ ଯୋଗୁଁ ସମ୍ଭବ ହୋଇଥିଲା । ଏହି ହ୍ରାସକୁ, ପରିବହନ (205 କୋଟି ଟଙ୍କା) ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ (127 କୋଟି ଟଙ୍କା) କ୍ଷେତ୍ରରେ ବୃଦ୍ଧି କରାଯାଇ ଆଂଶିକ ବ୍ୟବସ୍ଥିତ କରାଯାଇଥିଲା । ବର୍ଷ 2020-21 ରେ ମୁଖ୍ୟ ଉପାଦାନର ମୋଟ ଖର୍ଚ୍ଚ ଉପରେ ଅଂଶ ରେଖାଚିତ୍ର 2.10 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.10: ବ୍ୟୟର ଉପାଦାନ**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବିତ୍ତୀୟ ଖାତା*

ଉପରୋକ୍ତ ରେଖାଚିତ୍ରରୁ ଏହା ଦେଖାଯାଇପାରେ ଯେ, ମୋଟ ଖର୍ଚ୍ଚର ପ୍ରମୁଖ ଅଂଶ ରାଜସ୍ୱ କ୍ଷେତ୍ରରେ ସାମାଜିକ ସେବା (33.07 ପ୍ରତିଶତ), ରାଜସ୍ୱ କ୍ଷେତ୍ରରେ ସାଧାରଣ ସେବା (23.43 ପ୍ରତିଶତ) ଏବଂ ରାଜସ୍ୱ କ୍ଷେତ୍ରରେ ଅର୍ଥନୈତିକ ସେବା (21.39 ପ୍ରତିଶତ) ଅଧିନରେ ରହିଛି ।

ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ ପୁଞ୍ଜିଗତ ବ୍ୟୟ ବର୍ଷ 2020-21 ରେ ମନ୍ଥର ହେବାର କାରଣ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଦ୍ୱାରା କୋଭିଡ-19 କୁ ପ୍ରସାର ରୋକିବା ପାଇଁ ବନ୍ଦ ଏବଂ ତାଲା ବନ୍ଦ ଲଗାଇବା ଦ୍ୱାରା ହୋଇଥିଲା । ଅନ୍ୟ ପକ୍ଷରେ ରାଜସ୍ୱ ଖର୍ଚ୍ଚ ବୃଦ୍ଧି ହେବାର କାରଣ ସମାଜର ଦୁର୍ବଳ ଶ୍ରେଣୀକୁ ସାମାଜିକ ଉପକାର ଏବଂ ଜୀବିକା ସମର୍ଥନରେ ଖର୍ଚ୍ଚ ହୋଇଥିଲା । କୋଭିଡ୍‌ର ନକରାତ୍ମକ ପ୍ରଭାବକୁ କମ୍ କରିବାରେ ମଧ୍ୟ ।

## 2.4.2 ରାଜସ୍ୱ ବ୍ୟୟ

ସେବା ଗୁଡ଼ିକର ପ୍ରଚଳିତ ଧାରାକୁ ବଜାୟ ରଖିବା ସହିତ ପୂର୍ବ ଦାୟିତ୍ୱର ପାଳନ କରିବା ଉଦ୍ଦେଶ୍ୟରେ ରାଜସ୍ୱ ବ୍ୟୟ କରାଯାଇଥାଏ । ଅର୍ଥାତ୍, ଏହା ଫଳରେ ରାଜ୍ୟର ଢାଞ୍ଚା ଓ ସେବା ପ୍ରଣାଳୀରେ କୌଣସି ଅତିରିକ୍ତ ସଂଯୋଗ ହୋଇନଥାଏ ।

ବର୍ଷ2020-21ରେ ରାଜସ୍ୱ ବ୍ୟୟ (95,311କୋଟି ଟଙ୍କା) ଜିଏସ୍‌ଡିପିର 18.70 ପ୍ରତିଶତ ରହିଥିଲା । ଏହି ବର୍ଷରେ ରାଜସ୍ୱ ବ୍ୟୟ 2019-20 (99,137କୋଟି ଟଙ୍କା) ଠାରୁ 3.86 ପ୍ରତିଶତ କମ୍ ଥିଲା, କିନ୍ତୁ, ଏହା ବଜେଟ ଅଟକଳ (1,14,971କୋଟି ଟଙ୍କା) ଠାରୁ 19,660କୋଟି ଟଙ୍କା (17.10 ପ୍ରତିଶତ) କମ୍ ଥିଲା ।

**ସାରଣୀ 2.17: ରାଜସ୍ୱ ବ୍ୟୟ-ମୌଳିକ ରୂପରେଖ**

(ଟଙ୍କା କୋଟିରେ)

| ରୂପରେଖ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ମୋଟ ବ୍ୟୟ (ଟିଇ) | 83,766 | 94,821 | 1,10,008 | 1,20,673 | 1,14,857 |
| ରାଜସ୍ୱ ବ୍ୟୟ (ଆରଇ) | 65,041 | 71,837 | 85,356 | 99,137 | 95,311 |
| ଆରଇ ର ବୃଦ୍ଧି ହାର (ପ୍ରତିଶତ) | 10.60 | 10.45 | 18.82 | 16.14 | -3.86 |
| ଟିଇ ଅନୁସାରେ ଆରଇ ର ପ୍ରତିଶତ | 77.65 | 75.76 | 77.59 | 82.15 | 82.98 |
| ଆର୍‌ଇ / ଜିଏସ୍‌ଡିପି (ପ୍ରତିଶତ) | 16.53 | 16.52 | 17.21 | 18.57 | 18.70 |
| ଆର୍‌ଆର୍‌ର ଆର୍‌ଇ ପ୍ରତିଶତ | 87.54 | 84.31 | 85.75 | 97.61 | 91.31 |
| **ରାଜସ୍ୱ ବ୍ୟୟର ଆପେକ୍ଷିକ ଲଘୁତା** | | | | | |
| ଜିଏସ୍‌ଡିପି(ଅନୁପାତ) | 0.90 | 0.95 | 1.79 | 2.08 | 1.30 |
| ରାଜସ୍ୱ ପ୍ରାପ୍ତି (ଅନୁପାତ) | 1.36 | 0.71 | 1.12 | 7.95 | -1.39 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ରାଜ୍ୟ ସରକାରଙ୍କ ରାଜସ୍ୱ ବ୍ୟୟ ଯଥା-ସାଧାରଣ ସେବା (28,271 କୋଟି ଟଙ୍କା), ସାମାଜିକ ସେବା (39,901 କୋଟି ଟଙ୍କା), ଅର୍ଥନୈତିକ ସେବା (25,809 କୋଟି ଟଙ୍କା) ଏବଂ ଅନୁଦାନ ଏବଂ ଯୋଗଦାନ (1,330 କୋଟି ଟଙ୍କା) ଅଟେ । ରାଜସ୍ୱ ବ୍ୟୟର କ୍ଷେତ୍ରବାର ଗଠନ ରେଖାଚିତ୍ର 2.11 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.11: ରାଜସ୍ୱ ବ୍ୟୟର ଗଠନ**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବିତ୍ତୀୟ ଖାତା*

### 2.4.2.1 ରାଜସ୍ୱ ବ୍ୟୟରେ ପ୍ରମୁଖ ପରିବର୍ତ୍ତନ

ପ୍ରଚଳିତ ବର୍ଷ ଏବଂ ପୂର୍ବ ବର୍ଷରେ ରାଜ୍ୟର ରାଜସ୍ୱ ବ୍ୟୟ ବିଭିନ୍ନ ଖାତା ଶୀର୍ଷକରେ ବ୍ୟାପକ ପରିବର୍ତ୍ତନର ସବିଶେଷବିବରଣୀ ସାରଣୀ**2.18**ରେ ଦର୍ଶାଯାଇଛି ।

**ସାରଣୀ 2.18: 2019-20ବର୍ଷ ତୁଳନାରେ 2020-21 ବର୍ଷରେ ରାଜସ୍ୱ ବ୍ୟୟରେ ପରିବର୍ତ୍ତନ**

(ଟଙ୍କା କୋଟିରେ)

| ଖାତାର ମୁଖ୍ୟ ଶୀର୍ଷକ | 2019-20 | 2020-21 | ବୃଦ୍ଧି(+) / ହ୍ରାସ (-) |
|---|---|---|---|
| 2071- ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା | 14,273 | 13,629 | -644 |
| 2245 - ପ୍ରାକୃତିକ ଦୁର୍ବିପାକ ପାଇଁ ସହାୟତା | 4,290 | 2,653 | -1,637 |
| 2401 – ଶସ୍ୟ ସମ୍ପଦ | 7,032 | 4,185 | -2,847 |
| 2235 – ସାମାଜିକ ସୁରକ୍ଷା ଓ ଜନମଙ୍ଗଳ | 6,565 | 4,171 | -2,394 |
| 2215 – ଜଳଯୋଗାଣ ଓ ପରିମଳ | 3,974 | 2,265 | -1,709 |
| 2210 –ଚିକିତ୍ସା ଓ ସର୍ବସାଧାରଣ ସ୍ୱାସ୍ଥ୍ୟ | 5,275 | 6,822 | 1,547 |
| 2505 – ଗ୍ରାମୀଣ ନିଯୁକ୍ତି | 4,596 | 6,033 | 1,437 |
| 2049- ସୁଧ ପ୍ରଦାନ | 6,063 | 6,644 | 581 |
| 2702- କ୍ଷୁଦ୍ର ଜଳସେଚନ | 281 | 846 | 565 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଅଡିଟ୍ ଲକ୍ଷ୍ୟ କରିଛି ଯେ 2020-21 ମଧ୍ୟରେ ରାଜ୍ୟର ରାଜସ୍ୱ ଖର୍ଚ୍ଚ 3,826 କୋଟି ଟଙ୍କା ହ୍ରାସ ପାଇଥିବା ବେଳେ ରାଜସ୍ୱ ପ୍ରାପ୍ତି ଗତ ବର୍ଷ ତୁଳନାରେ 2,819 କୋଟି ଟଙ୍କା ବୃଦ୍ଧି ପାଇଛି । ବର୍ଷ 2019-20 ରେ 43,517 କୋଟି ଟଙ୍କାରୁ 2020-21 ବର୍ଷରେ39,901 କୋଟି ଟଙ୍କା ସାମାଜିକ ସେବା (3616 କୋଟି ଟଙ୍କା) ଅଧିନରେ ବ୍ୟୟ ବହୁଳ ଭାବେ ହ୍ରାସ ପାଇଛି । ବର୍ଷ 2020-21 ରେ ପେନ୍‌ସନ୍ ସାମାଜିକ ସୁରକ୍ଷା ଯୋଜନା, ଶିଶୁ କଲ୍ୟାଣ ଓ ଅନ୍ୟାନ୍ୟ କଲ୍ୟାଣ ମୁଳକ ଯୋଜନାରେ କମ୍ ଖର୍ଚ୍ଚ ହେତୁ ଏମ୍-ଏଚ୍-2235-ସମାଜିକ ସୁରକ୍ଷା ଏବଂ କଲ୍ୟାଣ (-2,394 କୋଟି ଟଙ୍କା) ଏବଂ ସରେଜ୍ ଏବଂ ପରିମଳ ସେବା ଅଧିନରେ କମ୍ ଖର୍ଚ୍ଚ ହେତୁ ଏମ୍‌ଏଚ୍ 2215-ଜଳ ଯୋଗାଣ ଏବଂ ପରିମଳ (-1,709 କୋଟି ଟଙ୍କା) ଅଧିନରେ 2020-21 ବର୍ଷ ମଧ୍ୟରେ ବ୍ୟୟର ପ୍ରମୁଖ ହ୍ରାସ ଲକ୍ଷ୍ୟ କରାଯାଇଥିଲା । ରାଜସ୍ୱ ଖର୍ଚ୍ଚରେ ଅନ୍ୟାନ୍ୟ ପ୍ରମୁଖ ପରିବର୍ତ୍ତନ ହେଉଛି ଏମ୍‌ଏ-2401-ଫସଲ ଚାଷ (2847 କୋଟି ଟଙ୍କା) ଅଧିନରେ କୃଷକ କଲ୍ୟାଣ ଯୋଜନାରେ ଖର୍ଚ୍ଚ ହ୍ରାସ ହେତୁ ଜିବିକା ନିର୍ବାହ ଏବଂ ଆୟ ବୃଦ୍ଧି (କାଳିଆ ଯୋଜନା) ଏବଂ ଜଳ ନିଧି ଉପରେ ଖର୍ଚ୍ଚ ଇତ୍ୟାଦି । ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ 2019-20 ବର୍ଷ ମଧ୍ୟରେ ପ୍ରବଳ ସାଇକ୍ଲୋନିକ୍ ଝଡ଼ ଫନି ହେତୁ ପ୍ରାକୃତିକ ବିପର୍ଯ୍ୟୟରେ ଏମ୍‌ଏଚ୍-2245- ରିଲିଫ୍ ଅଧିନରେ ବହୁଳ (4,290.24 କୋଟି ଟଙ୍କା) ଖର୍ଚ୍ଚ ହୋଇଛି ।

ଏହି କାରଣ ଗୁଡ଼ିକ ହେତୁ, 2020-21 ବର୍ଷ ପାଇଁ ରାଜସ୍ୱ ବଳକା (9,076 କୋଟି ଟଙ୍କା) ପୂର୍ବ ବର୍ଷର ରାଜସ୍ୱ ବଳକାରୁ (273 ପ୍ରତିଶତ) ଯଥେଷ୍ଟ ବୃଦ୍ଧି ପାଇଛି (2,430 କୋଟି ଟଙ୍କା) ।

ସରକାର ଦର୍ଶାଇଲେ ଯେ (ଡିସେମ୍ବର 2021) ଯେ ଯଦିଓ ରାଜସ୍ୱ ଖର୍ଚ୍ଚ ସିଧାସଳଖ ସମ୍ପତ୍ତି ସୃଷ୍ଟି କରେ ନାହିଁ, ଏହା ଲୋକଙ୍କ ମଙ୍ଗଳ, ସମ୍ପତ୍ତି ରକ୍ଷଣାବେକ୍ଷଣ ଏବଂ ରାଜ୍ୟର ଋଣ ଦାୟିତ୍ୱକୁ ତୁଲେଇବାରେ ସାହାଯ୍ୟ କରେ । ସର୍ବମୋଟ ରାଜସ୍ୱ ବ୍ୟୟ 2020-21 ରେ କୋଭିଡ୍-19 ମହାମାରୀ ଏବଂ ପରେ ପରେ ତାଲାବନ୍ଦ ଯୋଗୁଁ ପ୍ରଭାବିତ ହୋଇଥିଲା । ପ୍ରକୃତ କଥା ହେଉଛି, ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାକୁ ସରକାର ଅଧିକ ପୁଞ୍ଜି ବ୍ୟୟ ପାଇଁ ଉଦ୍ୟମ କରିବା ଉଚିତ୍ ।

### 2.4.2.2 ପ୍ରତିବଦ୍ଧ ବ୍ୟୟ

ସୁଧ ପ୍ରଦାନ (6,644 କୋଟି ଟଙ୍କା), ବେତନ ଓ ମଜୁରୀ (21,003 କୋଟି ଟଙ୍କା), ଏବଂ ପେନ୍‌ସନ୍(13,629 କୋଟି ଟଙ୍କା) ସରକାରଙ୍କ ରାଜସ୍ୱର ପ୍ରତିବଦ୍ଧ ବ୍ୟୟର ଅନ୍ତର୍ଭୁକ୍ତ । ଏହା ପ୍ରଥମେ ସରକାରଙ୍କ ସମ୍ବଳରୁ ପ୍ରଥମେ ବ୍ୟୟ କରାଯାଇ ଥାଏ । ପ୍ରତିବଦ୍ଧ ବ୍ୟୟର ଉପର ମୁହାଁ ଧାରା, ଉନ୍ନୟନ ମୂଳକ କାର୍ଯ୍ୟକ୍ଷେତ୍ରରେ ସରକାରଙ୍କ ବ୍ୟୟକୁ ସଙ୍କୁଚିତ କରିଥାଏ । 2019-20 ବର୍ଷରେ (41,019 କୋଟି ଟଙ୍କା), (41.38 ପ୍ରତିଶତ),ପ୍ରତିବଦ୍ଧ ବ୍ୟୟ2020-21 ରେ 41,276 କୋଟି ଟଙ୍କା ଥିଲା ଏବଂ ରାଜସ୍ୱ ବ୍ୟୟର (95,311 କୋଟି ଟଙ୍କା) 41.38 ପ୍ରତିଶତ ଥିଲା । ସବିଶେଷ ବିବରଣୀ ସାରଣୀ **2.19** ରେ ଦର୍ଶାଯାଇଛି ।

**ସାରଣୀ 2.19: ପ୍ରତିବଦ୍ଧ ବ୍ୟୟର ଉପାଦାନ**

(ଟଙ୍କା କୋଟିରେ)

| ପ୍ରତିବଦ୍ଧ ବ୍ୟୟର ଉପାଦାନ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ବେତନ ଓ ମଜୁରୀ | 15,035 | 17,527 | 19,399 | 20,683 | 21,003 |
| ପେନ୍‌ସନ୍ ବ୍ୟୟ | 6,843 | 8,693 | 10,520 | 14,273 | 13,629 |
| ସୁଧ ପରିଶୋଧ | 4,035 | 4,988 | 5,800 | 6,063 | 6,644 |
| **ମୋଟ** | **25,913** | **31,208** | **35,719** | **41,019** | **41,276** |
| ରାଜସ୍ୱ ପ୍ରାପ୍ତିର ପ୍ରତିଶତ(ଆର୍‌ଆର୍) | | | | | |
| ବେତନ ଓ ମଜୁରୀ | 20.24 | 20.57 | 19.49 | 20.36 | 20.12 |
| ପେନ୍‌ସନ୍ ବ୍ୟୟ | 9.21 | 10.20 | 10.57 | 14.05 | 13.06 |
| ସୁଧ ପରିଶୋଧ | 5.43 | 5.85 | 5.83 | 5.97 | 6.36 |
| **ମୋଟ** | **34.88** | **36.62** | **35.89** | **40.38** | **39.54** |
| ରାଜସ୍ୱ ବ୍ୟୟର ପ୍ରତିଶତ(ଆର୍‌ଆର୍) | | | | | |
| ବେତନ ଓ ମଜୁରୀ | 23.12 | 24.40 | 22.73 | 20.86 | 22.04 |
| ପେନ୍‌ସନ୍ ବ୍ୟୟ | 10.52 | 12.10 | 12.32 | 14.40 | 14.30 |
| ସୁଧ ପରିଶୋଧ | 6.20 | 6.94 | 6.80 | 6.12 | 6.97 |
| **ମୋଟ** | **39.84** | **43.44** | **41.85** | **41.38** | **43.31** |

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତୀୟ ଖାତା***

ଉପରୋକ୍ତ ସାରଣୀ ଓ ରେଖାଚିତ୍ରରୁ ଏହା ଅନୁମାନ କରାଯାଇପାରେ ଯେ:

- ଗତ ପାଞ୍ଚ ବର୍ଷ ମଧ୍ୟରେ ତିନୋଟି ବିଷୟ ଯଥା-ବେତନ, ପେନ୍‌ସନ୍ ଓ ସୁଧ ପରିଶୋଧ ବ୍ୟୟରେ ରାଜ୍ୟ ସରକାରଙ୍କର ପ୍ରତିବଦ୍ଧ ବ୍ୟୟର 40 ରୁ 43 ପ୍ରତିଶତ ହେଉଥିଲା । ଏହି ବ୍ୟୟଗୁଡ଼ିକ ଅଣ-ଉନ୍ନୟନ ପ୍ରକୃତିର ହୋଇଥିବାରୁ, ଏହା ପରିଲକ୍ଷିତ କରାଯାଇପାରେ ଯେ ରାଜସ୍ୱ ବ୍ୟୟରୁ ମାତ୍ର ଉନ୍ନୟନମୂଳକ ବ୍ୟୟ ପାଇଁ ମାତ୍ର 57 ରୁ 60 ପ୍ରତିଶତ ଉପଲବ୍ଧ ହେଉଛି ।

- ପୂର୍ବ ବର୍ଷ ତୁଳନାରେ ପ୍ରତିବଦ୍ଧ ବ୍ୟୟ2020-21 ରେ 257 କୋଟି ଟଙ୍କା ବୃଦ୍ଧି ଘଟିଥିଲା (0.63 ପ୍ରତିଶତ) । ମାତ୍ର ରାଜ୍ୟର ରାଜସ୍ୱ ବ୍ୟୟର ପ୍ରତିଶତ ହିସାବରେ ଦେଖିଲେ ଏହା ଜଣାଯାଏ ଯେ 2020-21ରେ ଏହାର ଭାଗ ହ୍ରାସ ପାଇବାରେ ଲାଗିଛି ।

- ପ୍ରତିବଦ୍ଧ ବ୍ୟୟ ରାଜସ୍ୱ ବ୍ୟୟର ପ୍ରତିଶତ ହିସାବରେ 2017-18 ରୁ ହ୍ରାସ ପାଉଥିଲା, ମାତ୍ର 2020-21 ରେ ବୃଦ୍ଧି ପାଇଥିଲା ।

- ପୂର୍ବ ବର୍ଷ ତୁଳନାରେ 2020-21 ରେ ପେନ୍‌ସନ୍ ପ୍ରଦାନ ବାବଦକୁ ବ୍ୟୟ ବୃଦ୍ଧି ପାଇ 644 କୋଟି ଟଙ୍କା (4.51 ପ୍ରତିଶତ) ହୋଇଥିଲା । ବର୍ଷ 2019-20 ରେ ପେନ୍‌ସନ୍ ପ୍ରଦାନ ଅସ୍ୱାଭାବିକ ଭାବରେ ବର୍ଷ 2018-19 ତୁଳନାରେ 3753 କୋଟି ଟଙ୍କା ବୃଦ୍ଧି ପାଇ ଥାଇଆ କାରଣ ସପ୍ତମ କେନ୍ଦ୍ରୀୟ ବେତନ କମିଶନ ହାରରେ ପେନ୍‌ସନ୍ ଓ ବକେୟା ଦରମା ପ୍ରଦାନ କରାଯାଇଥିଲା ।

- ରାଜସ୍ୱ ବ୍ୟୟର ପ୍ରତିଶତ ସ୍ୱରୁପ ସୁଧ ପରିଶୋଧ(6,644 କୋଟି ଟଙ୍କା)2020-21 ରେ 6.97 ପ୍ରତିଶତ ହୋଇଥିଲା ଯାହାକି 2019-20 ରେ 6.12 ପ୍ରତିଶତ ଥିଲା । ପ୍ରକୃତ ପକ୍ଷେ ଦେଖିବାକୁ ଗଲେ, 2016-17 ରେ 4,035 କୋଟି ଟଙ୍କା ତୁଳନାରେ 2,609 କୋଟି ଟଙ୍କା ବୃଦ୍ଧି ପାଇଁ 2020-21 ରେ 6,644 କୋଟି ଟଙ୍କାରେ ପହଞ୍ଚିଥିଲା । ରାଜସ୍ୱ ପ୍ରାପ୍ତି(1,04,387 କୋଟି ଟଙ୍କା) ରୁ ସୁଧ ପରିଶୋଧ ମାତ୍ର 6.36 ପ୍ରତିଶତ ଥିଲା ଯାହାକି ଓଡ଼ିଶା ଏଫ୍‌ଆର୍‌ବିଏମ୍ (ସଂଶୋଧନ) ନିୟମ 2016 ରେ ଧାର୍ଯ୍ୟ କରାଯାଇଥିବା ବିତ୍ତୀୟ ଲକ୍ଷ୍ୟ ଠାରୁ 15 ପ୍ରତିଶତ ନିମ୍ନରେ ଥିଲା ।

ରାଜ୍ୟ ସରକାର ଦର୍ଶାଇଥିଲେ (ଡ଼ିସେମ୍ବର 2021) ଯେ ପ୍ରତିବଦ୍ଧ ବ୍ୟୟ ଏକ କଲ୍ୟାଣ ମୁଖୀ ରାଜ୍ୟର ବ୍ୟୟର ଏକ ଆବଶ୍ୟକ ଉପାଦାନ, କାରଣ ଏହା ଉତ୍ତମ ଜନସେବା ଓ ଅନ୍ୟାନ୍ୟ ଉନ୍ନୟନ ବ୍ୟୟରେ ଲାଗେ । ପ୍ରକୃତ ପକ୍ଷେ, ଦେଖିବାକୁ ଗଲେ ପ୍ରତିବଦ୍ଧ ବ୍ୟୟ ବିଗତ ବର୍ଷ ତୁଳନାରେ ହ୍ରାସ ପାଇଛି । ସୁଧ ପରିଶୋଧ ରାଜସ୍ୱ ଆୟର (ଆଇପି-ଆରଆର) ଭଗ୍ନାଂଶ ପ୍ରତିଶ୍ରୁତି ସୀମା ମଧ୍ୟରେ ରହିଛି, ରାଜ୍ୟ ଏହାର ଋଣ ପରିଶୋଧ କରିବା ନିଜସ୍ୱ ଆୟରୁ ବହନ କରିଛି ଯାହା ଗୋଟିଏ ସୁସ୍ଥ ରାଜ୍ୟ ଅର୍ଥ ବ୍ୟବସ୍ଥାର ଚିହ୍ନ ଅଟେ ।

### 2.4.2.3 ଜାତୀୟ ପେନ୍‌ସନ୍ ନୀତି

01 ଜାନୁଆରୀ 2005 ଏବଂ ଏହା ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ, ଏକ ପରିଭାଷିତ ଅଂଶଦାନ ପେନ୍‌ସନ୍ ଯୋଜନା, ଜାତୀୟ ପେନ୍‌ସନ୍ ଯୋଜନାର ଅନ୍ତର୍ଭୁକ୍ତ । ପ୍ରତି ମାସରେ ସମସ୍ତ କର୍ମଚାରୀ ସେମାନଙ୍କର ମୂଳ ବେତନ ଓ ମହଙ୍ଗା ଭତ୍ତାର 10 ପ୍ରତିଶତ ଅଂଶ ଦାନ କରିବାକୁ ବାଧ୍ୟ । ରାଜ୍ୟ ,ସରକାର ମଧ୍ୟ ସମାନ ପରିମାଣର ଅଂଶ ଦାନ କରିବେ । ରାଜ୍ୟ ସରକାର ଏହି ଅଂଶଦାନ ପରିମାଣ ସହିତ ସବିଶେଷ ତଥ୍ୟକୁ ଯଥାକ୍ରମେ ଜାତୀୟ ସୁରକ୍ଷା ଅମାନତ ଖାନା ଲିମିଟେଡ୍ (ଏନ୍‌ଏସ୍‌ଡିଏଲ୍) ଏବଂ ଜାତୀୟ ପେନ୍‌ସନ୍ ଯୋଜନା ଦ୍ୱାରା ନିଯୁକ୍ତି ପ୍ରାପ୍ତ ପାଣ୍ଠି ପରିଚାଳକଙ୍କୁ ହସ୍ତାନ୍ତର କରିବେ । ରାଜ୍ୟ ସରକାର 2006-07 ଠାରୁ କର୍ମଚାରୀମାନଙ୍କ ଠାରୁ ପେନ୍‌ସନ୍ ଅଂଶଦାନ ସଂଗ୍ରହ କରିଥିଲେ ମଧ୍ୟ 2010-11 ରେ ଏନ୍‌ଏସ୍‌ଡିଏଲ୍‌କୁ ମାତ୍ର 0.01 କୋଟି ଟଙ୍କା ହସ୍ତାନ୍ତର କରିଥିଲେ । ବଳକା 39.62 କୋଟି ଟଙ୍କା 31 ମାର୍ଚ୍ଚ 2011 ସୁଧା ଏନ୍‌ଏସ୍‌ଡିଏଲ୍‌କୁ ହସ୍ତାନ୍ତର ହେବାକୁ ଥିଲା । ସେହିପରି ଭାବରେ ପ୍ରତିବର୍ଷ ଏନ୍‌ଏସ୍‌ଡିଏଲ୍‌କୁ କମ୍ ରାଶି ହସ୍ତାନ୍ତର କରାଯାଇଥିଲା, ଶେଷ ଥର ପାଇଁ 2019-20 ରେ 24.18 କୋଟି ଟଙ୍କା କମ୍ ସ୍ଥାନାନ୍ତର ହୋଇଥିଲା । 31 ମାର୍ଚ୍ଚ 2021 ସୁଦ୍ଧା ଏନ୍‌ଏସ୍‌ଡିଏଲ୍‌କୁ 6.00 କୋଟି ଟଙ୍କା କମ୍ ହସ୍ତାନ୍ତର ହୋଇଥିଲା ଏବଂ ପ୍ରଚଳିତ ଅବଶେଷ ଦେୟ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ସ୍ଥଗିତ ରହୁଥିଲା । ପୁନଶ୍ଚ, ଏନ୍‌ଏସ୍‌ଡିଏଲ୍‌କୁ ହସ୍ତାନ୍ତର ହୋଇନଥିବା ରାଶି ଉପରେ ରାଜ୍ୟ ସରକାର ଏକ ସୁଧ ପରିଶୋଧ ପାଣ୍ଠି ଗଠନ କରିଥିଲେ, କର୍ମଚାରୀ ପାଇଁ ଉଦ୍ଦିଷ୍ଟ ପାଣ୍ଠିର ଅନୁଚିତ୍ ବ୍ୟବହାର କରିଥିଲେ ଏବଂ କର୍ମଚାରୀମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ କ୍ଷେତ୍ରରେ ଅନିଶ୍ଚିତତା ସୃଷ୍ଟି ହୋଇଥିଲା ଏବଂ ଭବିଷ୍ୟତରେ ସରକାରଙ୍କର ଆର୍ଥିକ ଦେୟକୁ ପ୍ରଭାବିତ କରିଥିଲା ।

ଏହା ପରିଲକ୍ଷିତ ହେଲା ଯେ 2020-21 ରେ ଏନ୍‌ପିଏସ୍ ଅଧୀନରେ ରାଜ୍ୟ ସରକାର ତାଙ୍କ କର୍ମଚାରୀମାନଙ୍କଠାରୁ 719.84 କୋଟି ଟଙ୍କା ସଂଗ୍ରହ କରିଥିଲେ । ରାଜ୍ୟ ସରକାର ତାଙ୍କର ଅଂଶଦାନ ସ୍ୱରୂପ 737.65 କୋଟି ଟଙ୍କା ମିଶାଇ, ଏନ୍‌ପିଏସ୍‌କୁ 1,457.49 କୋଟି ଟଙ୍କା ହସ୍ତାନ୍ତର କରିଥିଲେ । ଏହା ଫଳରେ, ରାଜ୍ୟ ସରକାର 17.81 କୋଟି ଟଙ୍କା ଏହି ଆର୍ଥିକ ବର୍ଷରେ ଅଧିକ ଯୋଗଦାନ କରିଥିଲେ ।

ରାଜ୍ୟ ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ କମ୍ ରାଶି ହସ୍ତାନ୍ତର କରିବାର ପ୍ରକ୍ରିୟା ବନ୍ଦ କରାଯାଇଛି ଏବଂ ବିଗତ ବର୍ଷ ଗୁଡ଼ିକର ଦେୟ ପ୍ରଦାନ କରାଯାଇ ନୀତିର ଅନୁପାଳନ କରାଯାଇଛି, ଯାହାହେଉ 6.00 କୋଟି ଟଙ୍କା କମ୍ ରାଶି ହସ୍ତାନ୍ତର ଏନ୍‌ଏସ୍‌ଡିଏଲ୍‌କୁ ଘଟିଥିଲା କାରଣ, ରାଜ୍ୟ ସରକାର ତାଙ୍କର ଅଂଶଦାନରେ ବିଳମ୍ବ କରି ଥିଲେ ଯାହା କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଦାବୀ ଭୋଗଦାନ କରିବାରେ ସେ ବର୍ଷ ମଧ୍ୟରେ ହୋଇଥିଲା, ଯାହାହେଉ, ଏହିପରି ଭାବରେ ପୂର୍ବ ଆର୍ଥିକ ବର୍ଷ ମାନଙ୍କରେ କମ୍ ରାଶି ହସ୍ତାନ୍ତର ପରବର୍ତ୍ତୀ ବର୍ଷରେ ଠିକ୍ କରାଯାଇଛି ।  ଅବଶ୍ୟ, ଆର୍ଥିକ ବର୍ଷ ବନ୍ଦ ହେବା ପରେ ପରବର୍ତ୍ତୀ ଅବଧିରେ ଏପରି ସ୍ୱଳ୍ପ ସ୍ଥାନାନ୍ତର ଭଲ କରାଯାଇଥାଏ ।

### 2.4.2.4 ସହାୟକ ମୂଲ୍ୟ/ ରିହାତି

ରାଜ୍ୟ ସରକାର ତାଙ୍କର 2007-08 ବର୍ଷ ପାଇଁ ମଧ୍ୟବର୍ତ୍ତୀକାଳୀନ ବିତ୍ତୀୟ ଯୋଜନା (ଏନ୍‌ଟିଏଫ୍‌ପି)ରେ ବାର୍ଷିକ ସାଧାରଣ ରିହାତିକୁ ତର୍କ ସମ୍ମତ ଏବଂ 10 ପ୍ରତିଶତ ହାରରେ ହ୍ରାସ କରିବାକୁ 2005-06 ଆରମ୍ଭରୁ ଲକ୍ଷ୍ୟ ରଖିଥିଲେ । ଏହା ବିପରୀତେ ରିହାତି ମୂଲ୍ୟରେ ବୃଦ୍ଧି ଘଟିଥିଲା ଏବଂ 2016-21 ମଧ୍ୟରେ ସାଧାରଣ ରିହାତି ମୂଲ୍ୟ 2,386 କୋଟି ଟଙ୍କାରୁ 4,288 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । 2016-17 ଠାରୁ 2020-21 ମଧ୍ୟରେ ରିହାତି ବିଭାଗ ଭିତ୍ତିରେ ସବିଶେଷ ତଥ୍ୟ ସାରଣୀ 2.20 ରେ ଦର୍ଶାଯାଇଛି:

**ରେଖାଚିତ୍ର 2.20: 2016-17ଠାରୁ 2020-21ମଧ୍ୟରେ ବିଭାଗ ଭିତ୍ତିରେ ରିହାତି**

(ଟଙ୍କା କୋଟିରେ)

| କ୍ର.ସଂ. | ବିଭାଗ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| 1 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | 970 | 886 | 981 | 1,088 | 2,085 |
| 2 | ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ | 363 | 754 | 468 | 312 | 224 |
| 3 | ସମନ୍ୱୟ | 726 | 697 | 1,185 | 1,344 | 1,269 |
| 4 | କୃଷି ଓ କୃଷକ ସଶକ୍ତିକରଣ | 203 | 203 | 207 | 307 | 301 |
| 5 | ଶିଳ୍ପ | 27 | 170 | 200 | 178 | 47 |
| 6 | ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ | 10 | 56 | 50 | 50 | 81 |
| 7 | ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ | 46 | 50 | 50 | 42 | 37 |
| 8 | ମହିଳା ଓ ଶିଶୁ ବିକାଶ | 1 | 1 | 1 | 1 | 183 |
| 9 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | - | - | - | 35 | 53 |
| 8 | ଅନ୍ୟାନ୍ୟ | 40 | 13 | 26 | 9 | 8 |
| ମୋଟ ରିହାତି | | **2,386** | **2,830** | **3,168** | **3,366** | **4,288** |
| ମୋଟ ରାଜସ୍ୱ ବ୍ୟୟ (ଆରଇ) | | **65,041** | **71,837** | **85,356** | **99,137** | **95,311** |
| ଆରଇ ର ରିହାତି ପ୍ରତିଶତ | | **3.67** | **3.94** | **3.71** | **3.39** | **4.50** |
| ରାଜସ୍ୱ ପ୍ରାପ୍ତି (ଆର୍‌ଆର୍) | | **74,299** | **85,204** | **99,546** | **1,01,568** | **1,04,387** |
| ଆର୍‌ଆର୍‌ର ରିହାତି ପ୍ରତିଶତ | | **3.21** | **3.32** | **3.18** | **3.31** | **4.11** |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ, ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗରେ ରିହାତି 2,085 କୋଟି ଟଙ୍କାକୁ 2020-21 ରେ ବୃଦ୍ଧି ଯାହା ମୋଟ ରିହାତି ପରିମାଣର 48.62 ପ୍ରତିଶତ, ପୂର୍ବ ବର୍ଷ ତୁଳନାରେ 997 କୋଟି ଟଙ୍କା (91.64 ପ୍ରତିଶତ) କେବଳ କୋଭିଡ୍-19 ସମୟରେ ରିହାତି ପଡ଼ି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବୃଦ୍ଧି ଯୋଗୁଁ ହୋଇଥିଲା । ମଶନ ଶକ୍ତି କାର୍ଯ୍ୟକ୍ରମ ମାଧମରେ ମହିଳା ଗୋଷ୍ଠୀମାନଙ୍କୁ ସୁଧ ରିହାତିରେ ଆର୍ଥିକ ସହଯୋଗ ବୃଦ୍ଧି ଯୋଗୁଁ ପ୍ରାୟତଃ ଏକ କୋଟି ଟଙ୍କା 2019-20 ରୁ 183 କୋଟି ଟଙ୍କା 2020-21 ମହିଳା ଓ ଶିଶୁ ବିକାଶ ବିଭାଗରେ ହୋଇଥିଲା ।

### 2.4.2.5 ସ୍ଥାନୀୟ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଆର୍ଥିକ ସହାୟତା

2020-21ରେ ରାଜ୍ୟ ସରକାର ସ୍ଥାନୀୟ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଅନୁଦାନ ଓ ଋଣ ଆକାରରେ ପ୍ରଦାନ କରିଥିବା27,269କୋଟି ଟଙ୍କାର ଆର୍ଥିକ ସହାୟତା ସାରଣୀ**2.21**ରେ ଦର୍ଶାଯାଇଛି ।

**ସାରଣୀ 2.21: ସ୍ଥାନୀୟ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଆର୍ଥିକ ସହାୟତା**

**(ଟଙ୍କା କୋଟିରେ)**

| | 2019-20 | 2020-21 |
|---|---|---|
| ଶିକ୍ଷାନୁଷ୍ଠାନ (ସହାୟତା ପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦି) | 6,707 | 6,633 |
| ମହାନଗର ନିଗମ ଓ ମହାନଗର ପାଳିକା | 1,886 | 2,662 |
| ଜିଲ୍ଲା ପରିଷଦ ଓ ଅନ୍ୟାନ୍ୟ ପଞ୍ଚାୟତିରାଜ ସଂସ୍ଥା | 4,415 | 2,509 |
| ଉନ୍ନୟନ ସଂସ୍ଥା | 2,154 | 1,483 |
| ଅନ୍ୟାନ୍ୟ ଅନୁଷ୍ଠାନ | 13,303 | 13,982 |
| ମୋଟ | **28,465** | **27,269** |
| ରାଜସ୍ୱ ଖର୍ଚ୍ଚରେ ସହାୟତାର ପ୍ରତିଶତ | 29 | 26 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା*

ଉପରୋକ୍ତ ସାରଣୀରୁ ଏହା ଦୃଷ୍ଟିଗୋଚର ହେଲା ଯେ, ସ୍ଥାନୀୟ ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିବା ଅନୁଦାନ, 2019-20ରେ28,465 କୋଟି ଟଙ୍କାରୁ 1,196 କୋଟି ଟଙ୍କା (4.20 ପ୍ରତିଶତ) ହ୍ରାସ ପାଇ 2020-21 ରେ 27,269 କୋଟି ଟଙ୍କା ହୋଇଥିଲା । ଏହି ହ୍ରାସ ମୁଖ୍ୟତଃ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (1,906 କୋଟି ଟଙ୍କା), ଶିକ୍ଷାନୁଷ୍ଠାନ (74 କୋଟି ଟଙ୍କା), ଉନ୍ନୟନ ସଂସ୍ଥା (671 କୋଟି ଟଙ୍କା) ଆଦିରୁ ସହାୟତା ହ୍ରାସ ଯୋଗୁଁ ହୋଇଥିଲା । ଏହି ହ୍ରାସ ଆଂଶିକ ଭାବେ ସହରୀ ସ୍ଥାନୀୟ ସଂସ୍ଥା (776 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ ଅନୁଷ୍ଠାନ (679 କୋଟି ଟଙ୍କା) ଆଦିରୁ ସହାୟତାରେ ବୃଦ୍ଧି ଯୋଗୁ ଭରଣା ହୋଇଥିଲା ।

### 2.4.3 ପୁଞ୍ଜିଗତ ବ୍ୟୟ(ସିଇ)

ପୁଞ୍ଜିଗତ ବ୍ୟୟ (କାପେକ୍ସ) ମୁଖ୍ୟତଃ ସ୍ଥାୟୀ ଭିତ୍ତିଭୂମି ଏପରିକି ରାସ୍ତା, ଭଵ ଇତ୍ୟାଦି ସୃଷ୍ଟି କରିବାରେ ବ୍ୟୟ ହୋଇଥାଏ । ଉଭୟେ କେନ୍ଦ୍ର ଓ ରାଜ୍ୟର ବଜେଟ ସହାୟତା ଏଭଂ ଅତିରିକ୍ତ ବଜେଟ ସମ୍ବଳ/ ବଜେଟ ବାହାରେ କାପେକ୍ସ ହୋଇଥାଏ । ।

ରାଜ୍ୟ ସରକାରଙ୍କର ପୁଞ୍ଜିଗତ ବ୍ୟୟ 2019-20 ବିତ୍ତୀୟ ବର୍ଷ  ଠାରୁ ହ୍ରାସ ହେବାରେ ଆରମ୍ଭ ହୋଇଛି । 2020-21 ରେ ତାଞ୍ଚାଗତ ବ୍ୟୟ 17,949 କୋଟି ଟଙ୍କା ଥିଲା ଯାହାକି ବଜେଟ ଅଟକଳ (26,263 କୋଟି ଟଙ୍କା)ର ପାଖାପାଖି 68.34 ପ୍ରତିଶତ ଥିଲା । ଏହା 2019-20 ର ମୋଟ ବ୍ୟୟର ଉଭୟେ ନିରଙ୍କୁଶ ପରିମାଣ ତଥା ପ୍ରତିଶତ ହିସାବରେ ହ୍ରାସ ପାଇଥିଲା । ମୋଟ ବ୍ୟୟ (1,14,857 କୋଟି ଟଙ୍କା) ଏବଂ ଜିଏସ୍‌ଡିପି (5,09,574 କୋଟି ଟଙ୍କା) ସମ୍ବନ୍ଧରେ

କାପେକ୍ସ 2020-21 ରେ ଯଥାକ୍ରମେ 15.63 ପ୍ରତିଶତ ଓ 3.52 ପ୍ରତିଶତ ହ୍ରାସ ପାଇଥିଲା ଯାହାକି 2019-20 ରେ ଏହି କ୍ରମରେ 16.80 ପ୍ରତିଶତ ଓ 3.89 ପ୍ରତିଶତ ଥିଲା । ଏହା ସମ୍ପତ୍ତି ସୃଷ୍ଟି କରୁଥିବାରୁ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାକୁ ଉଚ୍ଚ ଢାଞ୍ଚାଗତ ବ୍ୟୟ ଆବଶ୍ୟକ ବୋଲି ବିଚାର କରାଯାଏ । ମୋଟ ବ୍ୟୟ/ ଜିଏସ୍‌ଡିପିର ଅଂଶବିଶେଷ ସ୍ୱରୂପ ଢାଞ୍ଚାଗତ ବ୍ୟୟର ସବିଶେଷ ତଥ୍ୟ ରେଖାଚିତ୍ର 2.12 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.12: ଜିଏସ୍‌ଡିପି ଏବଂ ମୋଟ ବ୍ୟୟରେ ଢାଞ୍ଚାଗତ ବ୍ୟୟର ପ୍ରତିଶତ**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ର ସମାକ୍ଷିତ ବିତ୍ତୀୟ ଖାତା*

ରାଜ୍ୟ ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ, ସରକାରଙ୍କର ଅଧିକଢାଞ୍ଚାଗତ ସମ୍ପତ୍ତି ସୃଷ୍ଟି କରିବାକୁ ପୁଞ୍ଜିଗତ ବ୍ୟୟ ବୃଦ୍ଧି କରିବାକୁ ସଂକଳ୍ପ ବଦ୍ଧ । ସରକାରଙ୍କର 2020-21 ରେ ଢାଞ୍ଚାଗତ ବ୍ୟୟରେ ହ୍ରାସ ମୁଖ୍ୟତଃ କୋଭିଡ୍-19 ଯୋଗୁଁ ଢାଞ୍ଚାଗତ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଅଟେ ।

## ରାଜସ୍ୱ ବ୍ୟୟକୁ ପୁଞ୍ଜିଗତ ବ୍ୟୟ ଭାବରେ ଭୁଲ ବର୍ଗୀକରଣ

ବର୍ଷ 2020-21ରେ, ରାଜ୍ୟ ସରକାର ପୁଞ୍ଜିଗତ ବ୍ୟୟ ସ୍ୱରୂପ 17,948.98 କୋଟି ଟଙ୍କା ତାଲିକାଭୁକ୍ତ କରିଥିଲେ । ସମୀକ୍ଷା ଏହି ରାଶି ସମ୍ବନ୍ଧରେ ମହାଲେଖାକାର (ଲେଖା ଓ ହକ୍‌ଦାରୀ) କାର୍ଯ୍ୟାଳୟରେ ମଞ୍ଜୁରୀ ପତ୍ର ଓ ବ୍ୟୟ ପ୍ରମାଣ ପତ୍ର ଯାଞ୍ଚ୍ କରିଥିଲା ଏବଂ ଦେଖିଥିଲା ଯେ 17,948.98 କୋଟି ଟଙ୍କା ମଧ୍ୟରୁ 6,735.66 କୋଟି ଟଙ୍କା ସରକାରୀ ଡିଡିଓମାନଙ୍କର ବ୍ୟାଙ୍କ ଖାତାକୁ କିମ୍ବା ସରକାରୀ ସୃଷ୍ଟିସୀମା ବାହାରର ସଂସ୍ଥାଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଥିଲା । ସମୀକ୍ଷା 6,735.66 କୋଟି ଟଙ୍କାର ମଞ୍ଜୁର ପତ୍ର ଓ ବ୍ୟୟ ପ୍ରମାଣପତ୍ର ଯାଞ୍ଚ କରିଥିଲା ଏବଂ ଦେଖିଥିଲା ଯେ, 366.12 କୋଟି ଟଙ୍କା ରକ୍ଷଣାବେକ୍ଷଣ, ମରାମତି କର୍ମ ସମ୍ପାଦନ ଓ ପୁନରୁଦ୍ଧାର ଇତ୍ୟାଦିରେ ବ୍ୟୟ କରାଯାଇଥାଲା, ସରକାର ଲେଖାଆ ନିୟମ 1990 ର ନିୟମ 31(2)(ବି) ଅନୁସାରେ ରାଜସ୍ୱ ବ୍ୟୟ ସମସ୍ତ ରକ୍ଷଣାବେକ୍ଷଣ ଓ କର୍ମ ସମ୍ପାଦନ ସମ୍ବନ୍ଧୀୟ ବ୍ୟୟ ବହନ କରିବା କଥା । ସମୀକ୍ଷାରେ ଦେଖାଯାଇଥିଲା ଯେ, 681.25 କୋଟି ଟଙ୍କା ବେସରକାରୀ ସଂସ୍ଥାର ସମ୍ପତ୍ତି ସୃଷ୍ଟି ପାଇଁ ସ୍ଥାନାନ୍ତରିତ ହୋଇଥିଲା । ସରକାରୀ ଲେଖା ନିୟମ (ଜିଏଆଇ) 1990 ର ନିୟମ 30(1)ର ତଳେ ଥିବା ଟିପ୍ପଣୀ ଅନୁସାରେ 681.25 କୋଟି ଟଙ୍କାର ବ୍ୟୟ ରାଜସ୍ୱ ବ୍ୟୟରେ ବର୍ଗୀକରଣ ହେବା କଥା ଯାହା ପୁଞ୍ଜିଗତ ବ୍ୟୟରେ ବର୍ଗୀକରଣ ହୋଇଥିଲା । ଏହିପରି ଭାବରେ ସେଠାରେ 1,047.37 କୋଟି ଟଙ୍କାର ଭୁଲ ବର୍ଗୀକରଣ ହୋଇଥିଲା ଯାହାଫଳରେ ରାଜସ୍ୱ ବଳକା ସେହି ପରିମାଣରେ ଅଧିକ ଦର୍ଶାଯାଇଥିଲା । ସମୀକ୍ଷା ପରେ ଢାଞ୍ଚାଗତ ବ୍ୟୟ 2020-21 ପାଇଁ 16,902 କୋଟି ଟଙ୍କା (ରେଖାଚିତ୍ର 2.13) ଥିଲା ।

**ରେଖାଚିତ୍ର 2.13: ସମୀକ୍ଷା ପରେ କ୍ୟାପେକ୍ସରେ ପରିବର୍ତ୍ତନ**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ର ସମୀକ୍ଷିତ ବିତ୍ତୀୟ ଖାତା*

ରାଜ୍ୟ ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ, ବିତ୍ତୀୟ ବ୍ୟୟକୁ ଭୁଲବର୍ଗୀକରଣ ଢାଞ୍ଚାଗତ ବ୍ୟୟ ଭାବରେ ଦେଖାଇବା ବିଷୟ ବିଚାରକୁ ନେଇ 2021-22 ର ବର୍ଗୀକ ବଜେଟ ତିଆରି କରାଯାଇଛି । ତଥାପି ସମ୍ପର୍କୀତ ବିଭାଗ ଗୁଡ଼ିକ ଯଥା-ବାଣିଜ୍ୟ ଓ ପରିବହନ, ଗ୍ରାମୀଣ ବିକାଶ, ଗୃହ ଓ ସହରୀ ଉନ୍ନୟନ, ପର୍ଯ୍ୟଟନ, ଯୋଜନା ଓ ସମିଶ୍ରଣ ଇତ୍ୟାଦିଙ୍କୁ ସମୀକ୍ଷାରେ ଦର୍ଶାଯାଇଥିବା ବ୍ୟୟଗୁଡ଼ିକର ସଠିକ୍ ବର୍ଗୀକରଣରେ ଅନୁପାଳନ ପୁନଃଷ୍ଟ କରି ସୁଚନା ଦେବେ ।

### 2.4.3.1 ଢାଞ୍ଚାଗତ ବ୍ୟୟରେ ମୁଖ୍ୟ ପରିବର୍ତ୍ତନ

ପୂର୍ବ ବର୍ଷ ତୁଳନାରେ ଢାଞ୍ଚାଗତ ବ୍ୟୟରେ 2020-21ରେ 2,328 କୋଟି ଟଙ୍କାର ହ୍ରାସ ଘଟିଥିଲା ଯାହାକି ସାରଣୀ **2.22** ରେ ଦର୍ଶାଯାଇଛି ।

**ସାରଣୀ 2.22: 2019-20ତୁଳନାରେ 2020-21ରେ ବିଭିନ୍ନ ମୁଖ୍ୟ ଶୀର୍ଷକ ଅଧିନରେ ଢାଞ୍ଚାଗତ ବ୍ୟୟରେ ପରିବର୍ତ୍ତନ**

(ଟଙ୍କା କୋଟିରେ)

| ହିସାବର ମୁଖ୍ୟ ଶୀର୍ଷକ | 2019-20 | 2020-21 | ବୃଦ୍ଧି(+) / ହ୍ରାସ (-) |
|---|---|---|---|
| 5475- ସାଧାରଣ ଆର୍ଥିକ ସେବାରେ ପୁଞ୍ଜି ବ୍ୟୟ | 10 | 637 | (+)627 |
| 5075- ଅନ୍ୟାନ୍ୟ ଗମନାଗମନ ସେବାରେ ପୁଞ୍ଜି ବ୍ୟୟ | 197 | 382 | (+)185 |
| 4217- ସହର ବିକାଶରେ ପୁଞ୍ଜି ବ୍ୟୟ | 122 | 276 | (+)154 |
| 5054- ରାସ୍ତା ଓ ସେତୁ ନିର୍ମାଣରେ ପୁଞ୍ଜି ବ୍ୟୟ | 6123 | 6252 | (+)129 |
| 5452- ପର୍ଯ୍ୟଟନରେ ପୁଞ୍ଜି ବ୍ୟୟ | 113 | 240 | (+)127 |
| 4210- ଡାକ୍ତରୀ ଓ ଜନସ୍ୱାସ୍ଥ୍ୟରେ ପୁଞ୍ଜି ବ୍ୟୟ | 504 | 631 | (+)127 |
| 4225- ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ପାଇଁ ପୁଞ୍ଜି ବ୍ୟୟ | 153 | 269 | (+)115 |
| 4702- କ୍ଷୁଦ୍ର ଜଳ ସେଚନରେ ପୁଞ୍ଜି ବ୍ୟୟ | 1655 | 815 | (-)840 |

| ହିସାବର ମୁଖ୍ୟ ଶୀର୍ଷକ | 2019-20 | 2020-21 | ବୃଦ୍ଧି(+) / ହ୍ରାସ (-) |
|---|---|---|---|
| 4700- ବୃହତ୍ ଜଳ ସେଚନରେ ପୁଞ୍ଜି ବ୍ୟୟ | 1505 | 949 | (-)556 |
| 4515- ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମରେ ପୁଞ୍ଜି ବ୍ୟୟ | 348 | 17 | (-)331 |
| 4202- ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତିରେ ପୁଞ୍ଜି ବ୍ୟୟ | 758 | 581 | (-)177 |
| 4701- ମଧ୍ୟମ ଜଳ ସେଚନରେ ପୁଞ୍ଜି ବ୍ୟୟ | 608 | 431 | (-)177 |
| 5055- ସଡ଼କ ପରିବହନରେ ପୁଞ୍ଜି ବ୍ୟୟ | 123 | 10 | (-)113 |
| 4216- ଗୃହ ନିର୍ମାଣରେ ପୁଞ୍ଜି ବ୍ୟୟ | 344 | 239 | (-)105 |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷର ବିତ୍ତୀୟ ଖାତା*

ଗତ ବର୍ଷ ଅପେକ୍ଷା 2020-21 ରେ ଢାଞ୍ଚାଗତ ବ୍ୟୟରେ ହ୍ରାସ ମୁଖ୍ୟତଃ (i) ରାଜ୍ୟ ଯୋଜନା ଅଧିନରେ କ୍ଷୁଦ୍ର ଜଳସେଚନରେ ଢାଞ୍ଚାଗତ ବ୍ୟୟ ପାର୍ବତିଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ 840 କୋଟି ଟଙ୍କା ହ୍ରାସ (ii) ବୃହତ ଜଳସେଚନରେ ଢାଞ୍ଚାଗତ ବ୍ୟୟରେ 556 କୋଟି ଟଙ୍କା କମ୍ ବ୍ୟୟ, ଆନନ୍ଦ ବ୍ୟାରେଜ୍ ବାଣିଜ୍ୟିକ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ଏବଂ ନିମ୍ନ ସୁକତେଲ୍ ଜଳସେଚନ ପ୍ରକଳ୍ପର ଆଦାୟ ପାଇଁ କାଟ ଏବଂ (iii) ଗ୍ରାମୀଣ ଉନ୍ନୟନ କାର୍ଯ୍ୟକ୍ରମରେ 331 କୋଟି ଟଙ୍କାର ଢାଞ୍ଚାଗତ ବ୍ୟୟରେ କମ୍ ବ୍ୟୟ ଆମ ଗାଁ ଆମ ବିକାଶ ଯୋଜନାରେ ହେବା ଯୋଗୁଁ ହୋଇଥିଲା ।

### 2.4.3.2 ସରକାରୀ କମ୍ପାନୀ, ନିଗମ ଓ ଅନ୍ୟାନ୍ୟ ନିକାୟରେ ପୁଞ୍ଜିଗତ ବ୍ୟୟର ମାନ

ସରକାରୀ କ୍ଷେତ୍ରରେ କମ୍ପାନୀ, ନିଗମ ଓ ଅନ୍ୟାନ୍ୟ ନିକାୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁଞ୍ଜି ଲଗାଣ ଦ୍ୱାରା ସଂଚାରଣ ଅଂଶଧନଗୁଡ଼ିକ ପୁଞ୍ଜିଗତ ବ୍ୟୟ ରୂପେ ବର୍ଗୀକୃତ । ସରକାରୀ ସଂସ୍ଥାଙ୍କ ଦ୍ୱାରା ସଂଗ୍ରହ ଓ ସ୍ଥାୟୀ ସମ୍ପତ୍ତି ଏପରିକି ଭୂମି, ଭବନ, କାରଖାନା ଓ ଯନ୍ତ୍ରପାତି, ଯନ୍ତ୍ରାଂଶ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିରେ ବ୍ୟବହାର ପାଇଁ ଏହି ଅଂଶଧନ ସଂଚାରଣର ଆବଶ୍ୟକତା ରହିଥାଏ । ସରକାରଙ୍କ ଦ୍ୱାରା ବିନିଯୋଗ ରୂପରେ ଏହି ପୁଞ୍ଜିଗତ ବ୍ୟୟ ଫଳରେ ଭବିଷ୍ୟତରେ ଲାଭାଂଶ ଓ ପୁଞ୍ଜି ସଂଗ୍ରହ ରୂପରେ ଆୟ ବୃଦ୍ଧିରେ ସହାୟକ ହେବା ଆଶା କରାଯାଏ । କ୍ଷତିରେ ଚାଲୁଥିବା ଏବଂ ଯାହାର ସମୁଦାୟ ମୂଲ୍ୟ ସଂପୂର୍ଣ୍ଣ ଭାବରେ କ୍ଷୟ ହୋଇସାରିଛି, ଏପରି କମ୍ପାନୀ ଏବଂ ନିଗମରେ ପୁଞ୍ଜିବ୍ୟୟକୁ ଉତ୍ସାହିତ ନକରିବା କଥା । ତେଣୁ, ସରକାରୀ ସଂସ୍ଥାରେ ବିନିଯୋଗ ହୋଇଥିବା ପୁଞ୍ଜି ଅଂଶଧନର ପ୍ରତ୍ୟାବର୍ତ୍ତନ ପୁଞ୍ଜିଗତ ବ୍ୟୟର ଗୁଣବତ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ।

ସରକାରୀ କମ୍ପାନୀ ଗୁଡ଼ିକ (5,705.34 କୋଟି ଟଙ୍କା), ସମବାୟ ସମିତି (907.74 କୋଟି ଟଙ୍କା), ବିଧିବଦ୍ଧ ନିଗମ (673.06 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ[8] (2.15କୋଟି ଟଙ୍କା). ଆଦିରେ 31 ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟ ସରକାରଙ୍କର ବିନିଯୋଗ 7,288.29 କୋଟି ଟଙ୍କା ଥିଲା । 2016-21 ମଧ୍ୟରେ ସବିଶେଷ ବିନିଯୋଗ ସାରଣୀ 2.23 ରେ ଦର୍ଶାଗଲା ।

**ସାରଣୀ 2.23: ବିନିଯୋଗରୁ ଫେରସ୍ତ**

| କ୍ର.ସଂ | ସବିଶେଷ ତଥ୍ୟ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| 1 | ବର୍ଷ ଶେଷ ସୁଦ୍ଧା ପୁଞ୍ଜି ବିନିଯୋଗ (ଟଙ୍କା କୋଟିରେ) | 4,423.02 | 4,974.21 | 5,353.76 | 5,698.65 | 7,288.29 |

8 ଯୌଥ କାରବାର କମ୍ପାନୀ ଓ ଭାଗିଦାରୀ ଏବଂ ଗ୍ରାମ୍ୟ ବ୍ୟାଙ୍କ

| କ୍ର.ସ ° | ସବିଶେଷ ତଥ୍ୟ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| 2 | ଲାଭାଂଶ ଆକାରରେ ଫେରସ୍ତ(ଟଙ୍କା କୋଟିରେ) | 566.04 | 66.22 | 543.94 | 321.38 | 1,062.81 |
| 3 | ଫେରସ୍ତର ହାର(ଆରଓଆର୍)(ପ୍ରତିଶତ) | 12.80 | 1.33 | 10.16 | 5.64 | 14.58 |
| 4 | ସରକାରୀ ଉଧାର ଉପରେ ସୁଧର ହାରାହାରି ଦର(ପ୍ରତିଶତ) | 7.62 | 7.58 | 7.74 | 7.09 | 7.04 |
| 5 | ଫେରସ୍ତ ହାର ଓ ସୁଧ ହାର ମଧ୍ୟରେ ଅନ୍ତର (3-4) | 5.18 | (-) 6.25 | 2.42 | (-)1.45 | 7.54 |
| **6** | **ସରକାରୀ ଉଧାର ସୁଧ ଓ ଲାଭାଂଶ ପ୍ରତ୍ୟାବର୍ତ୍ତନ ମଧ୍ୟରେ ଅନ୍ତର** (ଟଙ୍କା କୋଟିରେ)# | **229.11** | **(-) 310.89** | **129.56** | **(-)82.63** | **549.71** |

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା***

*# ବର୍ଷ ଶେଷ ସୁଦ୍ଧା ପୁଞ୍ଜିଲଗାଣି x ସୁଧହାର ଓ ଫେରସ୍ତର ଅନ୍ତର*

ଉପରୋକ୍ତ ସାରଣୀରୁ ଜଣାଯାଏ ଯେ ସମୁଦାୟ ବିନିଯୋଗ ପୁଞ୍ଜି 7,288.29 କୋଟି ଟଙ୍କାରୁ 2020-21 ରେ ମାତ୍ର 1,062.81 କୋଟି ଟଙ୍କା ଲାଭାଂଶ ଆକାରରେ ପ୍ରାପ୍ତ ହୋଇଥିଲା, ଯାହାକି ସରକାରୀ ଉଧାର ଉପର ସୁୈଧର ହାରାହାରି ଦର ଠାରୁ ଖୁବ୍ ଅଧିକ ଥିଲା ।

- ଏହା ଦେଖାଗଲା ଯେ 147 ଟି ସଂସ୍ଥା ମଧ୍ୟରୁ ମାତ୍ର ଛଅଟି ସଂସ୍ଥା ଲାଭାଂଶ ପ୍ରଦାନ କରିଥିଲେ । ଏଥି ମଧ୍ୟରେ ଗୋଟିଏ ସମବାୟ ସମିତି[9]ଓ ପାଞ୍ଚଟି ସରକାରୀ କମ୍ପାନୀ[10] (ଯାହା ମଧ୍ୟରେ ଏକ ଶକ୍ତି ବିଭାଗ କମ୍ପାନୀ ଥିଲା) ।

- ବିନିଯୋଗ ହୋଇଥିବା ସମୁଦାୟ 7,288.29 କୋଟି ଟଙ୍କା ମଧ୍ୟରୁ, 3,809.30 କୋଟି ଟଙ୍କା(52 ପ୍ରତିଶତ) ଚାରିଟି[11]ଶକ୍ତି ବିଭାଗ କମ୍ପାନୀରେ ବିନିଯୋଗ ହୋଇଥିଲା । ଏଥି ମଧ୍ୟରୁ ମାତ୍ର ଗୋଟିଏ[12]କମ୍ପାନୀ 30.00 କୋଟି ଟଙ୍କାର ଲାଭାଂଶ (2.75 ପ୍ରତିଶତ) ପ୍ରଦାନ କରିଥିଲା ।

- ବିନିଯୋଗରୁ ଫେରସ୍ତ ମୁଖ୍ୟତଃ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଉପରେ ନିର୍ଭର କରେ । ଓଏମ୍‌ସି 2020-21 ବର୍ଷରେ 1,000 କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଥିଲା ଯାହାକି 2019-20 ବର୍ଷ ଠାରୁ 300 ପ୍ରତିଶତ (250.00 କୋଟି ଟଙ୍କା) ଅଧିକ ଥିଲା । ଫଳତଃ, ବିନିଯୋଗରୁ ଲାଭାଂଶ ଫେରସ୍ତ 2019-20 ର 321 କୋଟି ଟଙ୍କାରୁ ବୃଦ୍ଧି ପାଇ 2020-21 ବର୍ଷରେ 1,063 କୋଟି ଟଙ୍କା ହୋଇଥିଲା । ଓଏମ୍‌ସି ସର୍ବୋଚ୍ଚ ଲାଭାଂଶ ପ୍ରଦାନକାରୀ ସଂସ୍ଥା ଥିଲା ଯାହା 2016-17:500 କୋଟି ଟଙ୍କା, 2018-19:500କୋଟି ଟଙ୍କା, 2019-20 ରେ 250କୋଟି ଟଙ୍କା, ଏବଂ2020-21 ରେ:1,000 କୋଟି ଟଙ୍କା ଥିଲା ।

- ସମୁଦାୟ 147 ସଂସ୍ଥା ମଧ୍ୟରୁ 72 ଟି ସଂସ୍ଥା କାର୍ଯ୍ୟଶକ୍ତିହୀନ ଥିଲେ । ବଳକା 75 ଟି ସଂସ୍ଥା ମଧ୍ୟରୁ 69 ଟି ସଂସ୍ଥା 2020-21 ବର୍ଷରେ କୌଣସି ଲାଭାଂଶ ପ୍ରଦାନ କରିନଥିଲେ ।

---

9 *ସମବାୟ ସମିତି: ସେବା ସମବାୟ 4.16 କୋଟି ଟଙ୍କା*

10 *ସରକାରୀ କମ୍ପାନୀ: ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍(ଓସିସି):20.16 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପୁଲିସ୍ ଗୃହ ଓ କଲ୍ୟାଣ ନିଗମ: 6.12 କୋଟି ଟଙ୍କା, ଓଡ଼ିଶା ଖଣି ନିଗମ ଲିମିଟେଡ୍(ଓଏମ୍‌ସି): 1,000.00 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପାନୀୟ ନିଗମି ଲିମିଟେଡ୍: 7.58 କୋଟି ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚ୍‌ପିସି): 30.00 କୋଟି ଟଙ୍କା*

11 *ଓପିଜିସି:1,130.46 କୋଟି ଟଙ୍କା, ଓପିଟିସିଏଲ୍: 1571 କୋଟି ଟଙ୍କା, ଗ୍ରୀଡ୍‌କୋ: 573.44 କୋଟି ଟଙ୍କା ଏବଂ ଓଏଚ୍‌ପିସି: 534.37 କୋଟି ଟଙ୍କା.*

12 *ଓଏଚ୍‌ପିସି:30.00 କୋଟି ଟଙ୍କା*

ରାଜ୍ୟ ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ, ସାର୍ବଜନୀନ କ୍ଷେତ୍ରର ସଂସ୍ଥା ଆର୍ଥିକ କାର୍ଯ୍ୟକ୍ରମରେ ସମାଲୋଚନାତ୍ମକ ମହତ୍ୱପୂର୍ଣ୍ଣ ଭୂମିକାରେ କାର୍ଯ୍ୟ କରନ୍ତି । ସରକାରଙ୍କର ପ୍ରମୁଖ ବିନିଯୋଗ ଶକ୍ତି ସରକାରୀ କ୍ଷେତ୍ରରେ ଶକ୍ତି କ୍ଷେତ୍ରରେ ହୋଇଥିଲା, ସେମାନଙ୍କ ମଧ୍ୟରେ ଅଧିକାଂଶ କ୍ଷତି ସହୁଥିଲେ ଏବଂ ଫଳରେ ଲାଭାଂଶ ପ୍ରଦାନ କରିନଥିଲେ, ଖଣି କ୍ଷେତ୍ରରେ, ଓଏମ୍‌ସି ସର୍ବାଧିକ ଲାଭ ଉତ୍ପାଦକ ସାର୍ବଜନୀନ ସଂସ୍ଥା ରାଜ୍ୟରେ ଅଟେ ।

### 2.4.4 ବ୍ୟୟ ଅଗ୍ରାଧୀକାର

ଜନମଙ୍ଗଳ ସ୍ତରକୁ ବୃଦ୍ଧି କରିବାକୁ ହେଲେ ରାଜ୍ୟକୁ ଏହାର ପାଣ୍ଠିକୁ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୁଖ୍ୟ ସାମାଜିକ ସେବାରେ ବ୍ୟୟ କରିବାର ଆବଶ୍ୟକତା ରହିଛି । ଯଦି ବଣ୍ଟନ ରାଶି ସମ୍ବନ୍ଧିତ ଜାତୀୟ ହାର ଠାରୁ ନିମ୍ନରେ ଥାଏ ତେବେ ନିମ୍ନ ବିତ୍ତୀୟ ଅଗ୍ରାଧୀକାର (ସମୁଦାୟ ବ୍ୟୟରେ ଗୋଟିଏ ପ୍ରକାରର ବ୍ୟୟର ହାର) ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସଂଲଗ୍ନ ହୋଇଥାଏ । ସମୁଦାୟ ବ୍ୟୟରେ ଏହି ଉପାଦାନ ଗୁଡ଼ିକର ବର୍ଦ୍ଧିତ ହାରରୁ ଖର୍ଚ୍ଚର ଗୁଣବତ୍ତାକୁ ଉନ୍ନତତର ବୋଲି ବିଚାର କରାଯାଇଥାଏ ।

ବର୍ଷ2020-21ରେ ଉନ୍ନୟନମୂଳକ ବ୍ୟୟ[13], ସାମାଜିକ ସେବା ବ୍ୟୟ, ଅର୍ଥନୈତିକ ସେବା ବ୍ୟୟ ଏବଂ ପୁଞ୍ଜିଗତ ବ୍ୟୟ ଆଦିରେ ରାଜ୍ୟ ସରକାରଙ୍କର ବିତ୍ତୀୟ ଅଗ୍ରାଧୀକାର ମୁକାବିଲାରେ ସାଧାରଣ ବର୍ଗର ରାଜ୍ୟଗୁଡ଼ିକର[14] ହାରାହାରି ବ୍ୟୟର ବିଶ୍ଳେଷଣ ରେଖାଚିତ୍ର 2.14 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.14: ଅଗ୍ରାଧୀକାର ଭିତ୍ତିରେ ସରକାର ବ୍ୟୟର ପ୍ରତିଶତ.**




***ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ଖାତା***

ଉପରୋକ୍ତ ରେଖାଚିତ୍ରରୁ ଏହା ଅନୁମାନ କରାଯାଇପାରେ ଯେ ଓଡ଼ିଶାରେ ଜିଏସ୍‌ଡିପି ସମ୍ବନ୍ଧିତ ମୋଟ ବ୍ୟୟ ସାଧାରଣ ବର୍ଗ ରାଜ୍ୟଗୁଡ଼ିକ ତୁଳନାରେ ଉନ୍ନତତର ଥିଲା । ଉନ୍ନୟନମୂଳକ ବ୍ୟୟ, ସାମାଜିକ ସେବା ବ୍ୟୟ, ଅର୍ଥନୈତିକ ସେବା

---

13 *ଉନ୍ନୟନମୂଳକ ରାଜସ୍ୱ ବ୍ୟୟ, ଉନ୍ନୟନମୂଳକ ଢାଞ୍ଚାଗତ ବ୍ୟୟ ଏବଂ ଋଣ ଓ ଅଗ୍ରୀମ ପ୍ରଦାନ, ଉନ୍ନୟନମୂଳକ ବ୍ୟୟର ଅନ୍ତର୍ଭୁକ୍ତ*

14 *ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଗୋଆ, ଗୁଜୁରାଟ, ହରିୟାନା, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ*

ବ୍ୟୟ, ପୁଞ୍ଜିଗତ ବ୍ୟୟ ଏବଂ ଶିକ୍ଷା ବ୍ୟୟରେ ଗୁରୁତ୍ୱ ଦେଇଥିବା ଓଡ଼ିଶା ସାଧାରଣ ବର୍ଗ ରାଜ୍ୟଗୁଡ଼ିକ ମୁକାବିଲାରେ ଅନୁକୂଳ ସ୍ଥିତିରେ ରହିଥିଲା । ମାତ୍ର, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟୟରେ ରାଜ୍ୟ, ସାଧାରଣ ବର୍ଗ ରାଜ୍ୟଗୁଡ଼ିକ ତୁଳନାରେ ପଛୁଆ ରହିଥିଲା ।

### 2.4.5 ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିରେ ବ୍ୟୟ

କାରବାର ଗୁଡ଼ିକୁ ବିତ୍ତୀୟ ଖାତାରେ ମାତ୍ର ସାମାନ୍ୟ ଶୀର୍ଷକ ସ୍ତର ଯାଏ ବର୍ଣ୍ଣନା କରାଯାଇଛି । ଉଦ୍ଦେଶ୍ୟ ଶୀର୍ଷ ଭିତ୍ତିକ ବ୍ୟୟ, ବ୍ୟୟର ଉଦ୍ଦେଶ୍ୟ ବଷୟରେ ସୂଚନା ଦେଇଥାଏ । ଓଡ଼ିଶାର ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିକ ବ୍ୟୟ ରେଖାଚିତ୍ର 2.15 ରେ ପ୍ରଦର୍ଶିତ କରାଗଲା ।

**ରେଖାଚିତ୍ର 2.15: ଉଦ୍ଦେଶ୍ୟ ଶୀର୍ଷକ ଭିତ୍ତିକ ବ୍ୟୟ**




*ଉତ୍ସ: ଓଡ଼ିଶାସରକାରଙ୍କ 2020-21 ବିତ୍ତୀୟ ଖାତା*

ଟିପ୍ପଣୀ- ଏକ ପ୍ରତିଶତରୁ କମ୍ ଅଂଶ ଥିବା ଉଦ୍ଦେଶ୍ୟ ଶୀର୍ଷକକୁ ଅନ୍ୟାନ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି

ଉପରୋକ୍ତ ରେଖାଚିତ୍ରରୁ ଏହା ଦେଖାଗଲା ଯେ ସମୁଦାୟ ବ୍ୟୟର 23 ପ୍ରତିଶତ ସବିଶେଷ ଶୀର୍ଷକ ଅନୁଦାନ ଆକାରରେ ସ୍ଥାନୀୟ ସଂସ୍ଥାକୁ ପ୍ରଦାନ କରାଯାଇଥିଲା । ଯାହାଫଳରେ ଦରମା 18 ପ୍ରତିଶତ, ପେନ୍‌ସନ୍ 12 ପ୍ରତିଶତ ଓ ସୁଧ ଦେୟ 6 ପ୍ରତିଶତ ଥିଲା ।

## 2.5 ସରକାରୀ ହିସାବ ପ୍ରାପ୍ତି

କାରବାରର ପ୍ରାପ୍ତି ଓ ବିତରଣ ଯଥା ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି, ସଂରକ୍ଷିତ ପାଣ୍ଠି, ଜମା, ଅନିଶ୍ଚିତତା, ପଠାଇବା ଆଦି ଯାହାକି ଏକତ୍ରୀକୃତ ପାଣ୍ଠିର ଅଂଶ ବିଶେଷ ନୁହନ୍ତି, ସେଗୁଡ଼ିକୁ ସମ୍ବିଧାନର ଅନୁଚ୍ଛେଦ 266(2) ଅଧିନରେ ସ୍ଥାପିତ ସରକାରୀ ଖାତାରେ ରଖାଯାଇଥାଏ । ଏଗୁଡ଼ିକ ରାଜ୍ୟ ବିଧାନସଭା ଦ୍ୱାରା ଭୋଟଯୁକ୍ତ ନୁହନ୍ତି । ସରକାର ଏହାର ବ୍ୟାଙ୍କର ଅଥବା ଟ୍ରଷ୍ଟି ରୂପେ କାର୍ଯ୍ୟ କରିଥାନ୍ତି । ବର୍ଷ ମଧ୍ୟରେ ବିତରଣ ପରେ ବଳକା ପାଣ୍ଠି ନିଜ ବ୍ୟୟ ପାଇଁ ସରକାରଙ୍କ ପାଖରେ ଉପଲବ୍ଧ ଥାଏ ।

### 2.5.1 ସରକାରୀ ହିସାବ ପାଣ୍ଠିର ନିଟ୍ ବଳକା

ସରକାରୀ ହିସାବ ପାଣ୍ଠିର ପ୍ରାପ୍ତି ଓ ବିତରଣ ଗଠନର ସବିଶେଷ ତଥ୍ୟ ସାରଣୀ 2.24 ରେ ଦର୍ଶାଯାଇଛି:

**ସାରଣୀ 2.24: 31 ମାର୍ଚ୍ଚ 2021ସୁଦ୍ଧା ସରକାରୀ ହିସାବରେ ଉପାଦାନ ଭିତ୍ତିକ ନିଟ୍ ବଳକା**

(ଟଙ୍କା କୋଟିରେ)

| କ୍ଷେତ୍ର | ଉପ କ୍ଷେତ୍ର | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| ଆଇ.ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 1,857 | 1,558 | 1,748 | 915 | 612 |
| ଜେ. ସଂରକ୍ଷିତ ପାଣ୍ଠି | କ. ସୁଧ ବାହକ ସଂରକ୍ଷିତ ପାଣ୍ଠି | 1142 | -88 | -916 | 6,201 | 178 |
| | ଖ. ସୁଧ ବିହୀନ ସଂରକ୍ଷିତ ପାଣ୍ଠି | 3 | 2 | 7,828 | 1,053 | -1,207 |
| କେ.ଜମା ଏବଂ ଅଗ୍ରୀମ | କ. ସୁଧ ବାହକ ଜମା | 7 | -14 | -3 | 7 | -19 |
| | ଖ. ସୁଧ ବିହୀନ ଜମା | 600 | 13,912 | 4,206 | 3,422 | -13,013 |
| | ଗ. ଅଗ୍ରୀମ | 0 | 0 | 0 | 1 | -5 |
| ଏଲ୍. ଅନିଶ୍ଚୟତା ଓ ବିବିଧ | କ. ଅନିଶ୍ଚୟତା | -9 | 105 | -54 | -80 | 26 |
| | ଖ. ଅନ୍ୟାନ୍ୟ ଖାତା | -1 | 0 | 0 | 0 | 0 |
| | ଗ. ସରକାରଙ୍କ ପାଖରେ ଥିବା ବିଦେଶ ଖାତା | 0 | 0 | 0 | 0 | 0 |
| | ଘ. ବିବିଧ | 0 | -27 | 0 | 0 | 2,500 |
| ଏମ୍. ପ୍ରେରଣ | କ. ମନି ଅର୍ଡର ଓ ଅନ୍ୟାନ୍ୟ ପ୍ରେରଣ | -53 | -7 | 10 | -21 | 24 |
| | ଖ. ଆନ୍ତଃ ସରକାରୀ ସମନ୍ୱୟ ଖାତା | 0 | -5 | 4 | 0 | -6 |
| **ମୋଟ** | | **3,547** | **15,435** | **12,821** | **11,497** | **-10,910** |

*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ଆର୍ଥିକ ଖାତା*

*ଟିପ୍ପଣୀ: + ଉଧାର ବଳକାକୁ ସୂଚୀତ କରେ ଏବଂ – ଜମା ବଳକାକୁ ସୂଚିତ କରେ*

ଉପରୋକ୍ତ ସାରଣୀରୁ ଏହା ଦୃଷ୍ଟିଗୋଚର ହୁଏ ଯେ 2020-21 ବର୍ଷରେ ରାଜ୍ୟର ସମୁଦାୟ ରାଜସ୍ୱ ଓ ପୁଞ୍ଜିଗତ ପ୍ରାପ୍ତି (1,25,389କୋଟି ଟଙ୍କା) ରେ ନିଟ୍ ସରକାରୀ ଖାତାରେ ପ୍ରାପ୍ତି (-10,910କୋଟି ଟଙ୍କା) 8.70 ପ୍ରତିଶତ ବିଯୁକ୍ତାତ୍ମକ ଭିତରକୁ ପ୍ରବାହ (ଅଧିକ ବହିର୍ଗମନ ଭିତରକୁ ପ୍ରବାହ ଅପେକ୍ଷା) ହୋଇଥିଲା, ଓଏମ୍‌ବିଏଡିସ୍ ପାଣ୍ଠି (5,955 କୋଟି ଟଙ୍କା) ନିବେଶ, ଓଏମ୍‌ବିଏଡିସ୍ ପାଣ୍ଠି (2,154 କୋଟି ଟଙ୍କା) ବ୍ୟୟ ଏବଂ ସୁଧ ବିହୀନ ଜମା ଅଧିନରେ ବ୍ୟକ୍ତିଗତ ଜମା ଖାତାରୁ ଅନ୍ୟାନ୍ୟ ବ୍ୟୟ ଓ ସଂରକ୍ଷିତ ସୁଧ ବିହୀନ ପାଣ୍ଠିର ପରିପକ୍ୱ ଋଣ ଫେରସ୍ତ (2500 କୋଟି ଟଙ୍କା) ଏକତ୍ରୀତ ଋଣ ପରିଶୋଧନ ପାଣ୍ଠି ବ୍ୟୟ କରାଯାଇଥିଲା ।

ସରକାର ସୁଧବାହକ ସଂରକ୍ଷିତ ପାଣ୍ଠି ଓ ଜମାର ପ୍ରାପ୍ତି/ସମାଧାନ କରିବା ପାଇଁ ଦାୟୀ, ବର୍ଷ 2020-21 ରେ ପରିଭାଷିତ ଅଂଶଦାନ ପେନ୍‌ସନ୍ ଯୋଜନାର ସୁଧ (1.22 କୋଟି ଟଙ୍କା), ସରକାରୀ କମ୍ପାନୀଗୁଡ଼ିକର ଜମା (1.36 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ ବିବିଧ ଜମା (0.02 କୋଟି ଟଙ୍କା), ମୋଟ ଉପରେ 2.60 କୋଟି ଟଙ୍କା ପୈଠ ହୋଇନଥିଲା, ଯାହାଫଳରେ ଏହା ସରକାରୀ ହିସାବକୁ ନ ଯିବାରୁ ରାଜସ୍ୱ ଓ ବିତ୍ତୀୟ ସ୍ତରରେ ସୁହାଇଲା ଭଳି ପ୍ରଭାବ ପକାଇଥିଲା ।

**ରେଖାଚିତ୍ର 2.16: ସରକାରୀ ଖାତା ବଳକାର ଗଠନରେ ବାର୍ଷିକ ପରିବର୍ତ୍ତନ**
**(ଟଙ୍କା କୋଟିରେ)**




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ଆର୍ଥିକ ଖାତ*

## 2.5.2 ସଂରକ୍ଷିତ ପାଣ୍ଠି

ରାଜ୍ୟ ସରକାରଙ୍କ ପବ୍ଲିକ୍ ଆକାଉଣ୍ଟ ଅଧିନରେ ନିର୍ଦ୍ଦିଷ୍ଟ ଓ ସଜ୍ଞାକୃତ ଉଦ୍ଦେଶ୍ୟ ପାଇଁ ସଂରକ୍ଷିତ ପାଣ୍ଠି ସୃଷ୍ଟି କରାଯାଇଥାଏ । ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଏକତ୍ରୀକୃତ ପାଣ୍ଠିରୁ ଅଂଶଦାନ ଅଥବା ଅନୁଦାନ ନେଇ ଏହି ପାଣ୍ଠିକୁ ପ୍ରସ୍ତୁତ କରାଯାଇଥାଏ । ଏହି ପାଣ୍ଠିରେ 31 ମାର୍ଚ୍ଚ 2021 ସୁଦ୍ଧା ଏକୀକୃତ ହୋଇଥିବା 20,333 କୋଟି ଟଙ୍କାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା 18,238 କୋଟି ଟଙ୍କା ସରକାରୀ ଭଣ୍ଡାରରେ ନିବେଶ କରାଯାଇଥିଲା, ମୋଟ ନିଟ୍ ବଳକା 2,095 କୋଟି ଟଙ୍କା 31 ମାର୍ଚ୍ଚ 2021 ସୁଦ୍ଧା ପଡ଼ିରହିଥିଲା ।

ବର୍ଷ 2020-21 ରେ ସଂରକ୍ଷିତ ପାଣ୍ଠି ଅଧିନରେ ହୋଇଥିବା ଅଧିକାଂଶ ନେଣଦେଣର ବିସ୍ତୃତ ତଥ୍ୟ ନିମ୍ନରେ ପ୍ରଦାନ କରାଯାଇଛି:

**କ) ଏକତ୍ରୀକୃତ ଋଣ ପରିଶୋଧନ ପାଣ୍ଠି (ସିଏସ୍‌ଏଫ୍):** ଦ୍ୱାଦଶ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ଓଡ଼ିଶା ସରକାର ବକେୟା ଦେୟତାର ଋଣ ପରିଶୋଧ ପାଇଁ ଏକତ୍ରୀକୃତ ଋଣ ପରିଶୋଧନ ପାଣ୍ଠି ପ୍ରତିଷ୍ଠା କରିଥିଲେ । ଉକ୍ତ ପାଣ୍ଠିକୁ ପରିଚାଳନା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାବଳୀ ଅନୁଯାୟୀ, ପୂର୍ବ ଆର୍ଥିକ ବର୍ଷର ବକେୟା ଦେୟତାର ଅତକମରେ 0.5 ପ୍ରତିଶତ ବାର୍ଷିକ ଅଂଶଦାନ ଚଳିତ ବର୍ଷରେ ସିଏସ୍‌ଏଫ୍‌କୁ ପ୍ରଦାନ କରାଯିବା କଥା । ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ପରାମର୍ଶ କରି ରାଜ୍ୟ ସରକାର ନଭେମ୍ବର 2018 ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ସରକାରଙ୍କର ଏକୀକୃତ ପରିଶୋଧନ ପାଣ୍ଠିର ଗଠନ ଓ ପରିଚାଳନାରେ ସଂଶୋଧନ କରିଥିଲେ ଏବଂ ଏହା ସନିବିଷ୍ଟ କରିଥିଲେ ଯେ ପୂର୍ବ ବର୍ଷ ଶେଷ ସୁଦ୍ଧା ପାଣ୍ଠିରେ ବଳକା ରାଶି ଯଦି ରାଜ୍ୟ ସରକାରଙ୍କର ସମୁଦାୟ ଦାୟର 5 ପ୍ରତିଶତରୁ ଉଚ୍ଚ ସ୍ତରରେ ରହିଥାଏ, ତେବେ ପାଣ୍ଠିକୁ ଅଂଶଦାନ ନ କରିବାକୁ ସରକାର ସ୍ୱତନ୍ତ୍ର ।

31 ମାର୍ଚ୍ଚ 2021 ସୁଦ୍ଧା ଏକୀକୃତ ପରିଶୋଧନ ପାଣ୍ଠିରେ 11,693.75 କୋଟି ଟଙ୍କା ଥିଲା, ଯାହାକି ପୂର୍ବ ବର୍ଷ ଶେଷରେ (1,26,084 କୋଟି ଟଙ୍କା) ରାଜ୍ୟ ସରକାରଙ୍କର ସମୁଦାୟ ଦାୟର 9.27 ପ୍ରତିଶତ ଥିଲା (ନିର୍ଦ୍ଦିଷ୍ଟ ସ୍ତର 5ପ୍ରତିଶତରୁ ଅଧିକ) । ଏହି ପ୍ରକାରେ, ରାଜ୍ୟ ସରକାର 2020-21 ରେ ଏକୀକୃତ ପରିଶୋଧନ ପାଣ୍ଠିକୁ କୌଣସି ଅଂଶଦାନ କରିନଥିଲେ । ମାତ୍ର, ନିବେଶରୁ ଲବ୍ଧ ସୁଧ ରାଶି 1,190.20 କୋଟି ଟଙ୍କାକୁ ପାଣ୍ଠିରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ 2,500 କୋଟି ଟଙ୍କା ଓଡ଼ିଶା ସରକାରଙ୍କ ଦ୍ୱାରା ପରିପକ୍ୱ ପାଣ୍ଠିରୁ ବିମୋଚନ କରାଗଲା । ସମୁଦାୟ ପାଣ୍ଠି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଭାରତ ସରକାରଙ୍କ ପ୍ରତ୍ୟାଭୂତିରେ ନିବେଶ କରାଯାଇଥିଲା ।

**ଖ) ପ୍ରତ୍ୟାଭୂତି ବିମୋଚନ ପାଣ୍ଠି(ଜିଆର୍‌ଏଫ୍):** ସରକାରଙ୍କ ଦ୍ୱାରା ନିଶ୍ଚିତ ଋଣ ପରିଶୋଧରେ ଖିଲାପ ହେଉଥିବାରୁ ପରିଶୋଧ ଦାୟିତ୍ୱ ତୁଲାଇବାକୁ 2002-03 ବର୍ଷରେ ଜିଆର୍‌ଏଫ୍‌ର ସ୍ଥାପନା ହୋଇଥିଲା । ସେହି ବର୍ଷରେ ବର୍ଦ୍ଧିତ ପ୍ରତ୍ୟାଭୂତି ପ୍ରଦାନ ଫଳରେ ପ୍ରତ୍ୟାଭୂତି ଦିଆଯାଇଥିବା ବକେୟା ଏବଂ ଆଶା କରାଯାଉଥିବା ରାଶିର ଅତିକମ୍‌ରେ ଏକ ପଞ୍ଚମାଂଶ ଅଂଶଦାନ କରିବାକୁ ରାଜ୍ୟ ସରକାରଙ୍କର ଆବଶ୍ୟକତା ଥିଲା । ବର୍ଷ 2020-21 ରେ ଋଣ ପରିଶୋଧ ପାଇଁ କୌଣସି ଆହ୍ୱାନ ହୋଇନଥିଲା ଏବଂ ସେଥିପାଇଁ ଓଡ଼ିଶା ସରକାର ଉକ୍ତ ପାଣ୍ଠିକୁ କୌଣସି ଅଂଶ ଦାନ କରିନଥିଲେ । 2020-21 ବର୍ଷରେ ନିବେଶରୁ ଲବ୍ଧ ସୁଧ ରାଶି 111.24 କୋଟି ଟଙ୍କାକୁ ପାଣ୍ଠିରେ ଅନ୍ତର୍ଭୁକ୍ତ କରାଯାଇଥିଲା । 31 ମାର୍ଚ୍ଚ 2021 ସୁଦ୍ଧା ପାଣ୍ଠିରେ ଅବଶେଷ 1,522.83 କୋଟି ଟଙ୍କାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଭାରତ ସରକାରଙ୍କ ପ୍ରତିଭୂତିରେ ନିବେଶ କରାଯାଇଥିଲା ।

**ଗ) ରାଜ୍ୟ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ପାଣ୍ଠି(କାମ୍ପା):1** ଅପ୍ରେଲ 2020 ସୁଦ୍ଧା କାମ୍ପା ପାଣ୍ଠିରେ ପ୍ରାରମ୍ଭିକ ଅବଶେଷ (5,656.53 କୋଟି ଟଙ୍କା) ରହିଥିଲା । ଜାତୀୟ କ୍ଷତିପୂରଣ ବନୀକରଣ ପାଣ୍ଠି (ଏନ୍‌ସିଏଏଫ୍) ରୁ 2020-21 ମଧ୍ୟରେ ରାଜ୍ୟ ସରକାର କୌଣସି ପାଣ୍ଠି ପାଇନଥିଲେ । ତଥାପି, ଏହି ପାଣ୍ଠିର ନିବେଶରୁ ସୁଧ ବାବଦକୁ 152.95 କୋଟି ଟଙ୍କା ମିଳିଥିଲା । ଏହି ବର୍ଷ ମଧ୍ୟରେ ଉକ୍ତ ପାଣ୍ଠିରୁ 673.27 କୋଟି ଟଙ୍କା ବ୍ୟୟ ହୋଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟ କାମ୍ପା ପାଣ୍ଠିରେ 5,136.21 କୋଟି ଟଙ୍କା ବଳକା ରହିଥିଲା । ଯେଉଁଥିରୁ ରାଜ୍ୟ ସରକାର2,895 କୋଟି ଟଙ୍କା ଋଣ ଆକାରରେ ନେଇଥିଲେ ଓ ଆର୍‌ବିଆଇ ଟ୍ରେଜେରୀ ବିଲରେ 2566.10 କୋଟି ଟଙ୍କା ନିବେଶ ହୋଇଥିଲା । ଏହାଫଳରେ 324.89 କୋଟି ଟଙ୍କା ନିବେଶ ନ ହୋଇ ପଡ଼ି ରହିଥିଲା । ନିୟମିତ ଭାବରେ ନିବେଶ ନ ହେବାରୁ କାମ୍ପା ପାଣ୍ଠିରୁ ମାସିକ ଅବଶେଷ ସୁଧ ବାବଦକୁ ରାଜ୍ୟ ସରକାର 32.19 କୋଟି ଟଙ୍କା (364 ଦିନର ଟ୍ରେଜେରୀ ବି୍ ସୁଧ ହିସାବରେ ବହନ କରିବାକୁ ପଡ଼ିଥିଲା) । ଏହାଫଳରେ 32.19 କୋଟି ଟଙ୍କାର ପ୍ରଭାବ ରାଜସ୍ୱ ବଳକାରେ ଅଧିକ ଦର୍ଶାଇଥିଲେ ଏବଂ ବିତ୍ତୀୟ ନିଅଣ୍ଟକୁ କମ୍ ଦର୍ଶାଯାଇଥିଲା ।

**ଘ) ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍):** ବର୍ଷ 2020-21 ରେ, ଏସ୍‌ଡିଆର୍‌ଏଫ୍ କୁ କେନ୍ଦ୍ର ସରକାର 1,604 କୋଟି ଟଙ୍କା ଏବଂ ରାଜ୍ୟ ସରକାର 535.00 କୋଟି ଟଙ୍କାର ଅଂଶ ଦାନ କରିଥିଲେ । ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରେ 500 କୋଟି ଟଙ୍କାର ଅନୁଦାନ ଥିଲା । ଏସ୍‌ଡିଆର୍‌ଏଫ୍‌ରେ ସମୁଦାୟ ରାଶି 3635.02 କୋଟି ଟଙ୍କା (ପ୍ରାରମ୍ଭିକ ଜମା 991.84 କୋଟି ଟଙ୍କା ଏବଂ ସୁଧ ଉପାର୍ଜନ 4.18 କୋଟି ଟଙ୍କାକୁ ମିଶାଇ) ଥିଲା । ଏହି ପାଣ୍ଠି ମଧ୍ୟରୁ ରାଜ୍ୟ ସରକାର ବର୍ଷ ମଧ୍ୟରେ 1945 କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯାହାକି 31 ମାର୍ଚ୍ଚ 2020 ରେ ଥିବା 991.84 କୋଟି ଟଙ୍କା ତୁଳନାରେ 31 ମାର୍ଚ୍ଚ 2021 ସୁଦ୍ଧା 1690.02 କୋଟି ଟଙ୍କା ଥିଲା । 31 ମାର୍ଚ୍ଚ 2021 ସୁଦ୍ଧା ସମୁଦାୟ 1,690.02 କୋଟି ଟଙ୍କା ନିବେଶ ହୋଇପାରି ନଥିଲା । ନିୟମିତ ଭାବରେ ନିବେଶ ନହେବା ଯୋଗୁ, ଏସ୍‌ଡିଆର୍‌ଏଫ୍‌ର ମାସିକ ବଳକା ରାଶିର ସୁଧ ବାବଦକୁ ରାଜ୍ୟ ସରକାର 58.48 କୋଟି ଟଙ୍କା (364 ଦିନର ଟ୍ରେଜେରୀ ବିଲ୍ ସୁଧ ହିସାବରେ) ବହନ କରିଥିଲେ, ଯାହାକି ବଳକା ରାଜସ୍ୱରେ ଅଧିକ ଦର୍ଶାଯିବା ଓ ବିତ୍ତୀୟ ନିଅଣ୍ଟ ଉପରେ କମ୍ ଦର୍ଶାଇବାରେ 58.48 କୋଟି ଟଙ୍କାର ପ୍ରଭାବ ପଡ଼ିଥିଲା ।

### 2.5.3 ଋଣ ଓ ଅଗ୍ରୀମର ଅବସ୍ଥା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ / ପଇଠ ସୁଧ

ସମବାୟ ସମିତି, ନିଗମ ଓ କମ୍ପାନୀରେ ନିବେଶ ବ୍ୟତୀତ ବିଶ୍ୱ ବିଦ୍ୟାଳୟ, ସ୍ଥାନୀୟ ସଂସ୍ଥା ଓ ନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ନିଗମ ଆଦି ସରକାରୀ କ୍ଷେତ୍ର ପ୍ରତିଷ୍ଠାନ ଗୁଡ଼ିକୁ ରାଜ୍ୟ ସରକାର ଋଣ ଓ ଅଗ୍ରୀମ ମଧ୍ୟ ପ୍ରଦାନ କରିଥାନ୍ତି । 2016-21 ବର୍ଷ ମଧ୍ୟରେ ବାକିଥିବା ଋଣ ଏବଂ ଅଗ୍ରୀମର ସବିଶେଷ ତଥ୍ୟ ସାରଣୀ 2.25 ରେ ଦର୍ଶାଯାଇଛି:

ସାରଣୀ 2.25: ଋଣ ଓ ଅଗ୍ରୀମର ଅବସ୍ଥିତି

| ଋଣ/ ସୁଧପ୍ରାପ୍ତି/ ଉଧାରର ପରିମାଣ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| **ବଳକା ଜମା(ଟଙ୍କା କୋଟିରେ)** | **4,557** | **4,708** | **6,326** | **7,191** | **8,163** |
| ବର୍ଷ ମଧ୍ୟରେ ଅଗ୍ରୀମ ପରିମାଣ (ଟଙ୍କା କୋଟିରେ) | 254 | 1,875 | 1,170 | 1,259 | 1,597 |
| ବର୍ଷ ମଧ୍ୟରେ ଆଦାୟର ପରିମାଣ (ଟଙ୍କା କୋଟିରେ) | 89 | 257 | 305 | 287 | 684 |
| **ଶେଷ ଜମା (ଟଙ୍କା କୋଟିରେ)** | **4,708*** | **6,326** | **7,191** | **8,163** | **9,076** |
| ନିଟ୍ ମିଶ୍ରଣ (ଟଙ୍କା କୋଟିରେ) | (+)151 | (+)1,618 | (+) 865 | (+) 972 | (+)913 |
| ସୁଧ ପ୍ରାପ୍ତି (ଟଙ୍କା କୋଟିରେ) | 36 | 41 | 35 | 64 | 316 |
| ବାକିଥିବା ଋଣ ଓ ଅଗ୍ରୀମରେ ସୁଧ ପ୍ରାପ୍ତିର ପ୍ରତିଶତ(ପ୍ରତିଶତ) | 0.76 | 0.65 | 0.49 | 0.78 | 3.48 |
| ସୁଧ ପ୍ରଦାନ (ଟଙ୍କା କୋଟିରେ) | 4,035 | 4,988 | 5,800 | 6,063 | 6,644 |
| ବାକିଥିବା ଦେୟ/ ଋଣ (ଟଙ୍କା କୋଟିରେ) | 71,623 | 97,164 | 1,08,258 | 1,26,084 | 1,22,774 |
| ରାଜ୍ୟ ସରକାରଙ୍କର ସମୁଦାୟ ବାକିଥିବା ଦେୟର ସୁଧ ପ୍ରତିଶତ ହିସାବରେ (ପ୍ରତିଶତ) | 5.63 | 5.13 | 5.36 | 4.81 | 5.41 |
| ସୁଧ ପ୍ରାପ୍ତି ଓ ସୁଧ ପ୍ରଦାନ ମଧ୍ୟରେ ଅନ୍ତର(ପ୍ରତିଶତରେ) | (-) 4.87 | (-) 4.48 | (-) 4.87 | (-) 4.03 | (-)1.93 |

*4722-4708ଋଣକୁ ପୁଞ୍ଜି ବଜାରରେ ନିବେଶ କରିବା ଯୋଗୁ 14 କୋଟି ଟଙ୍କାର ଅନ୍ତର ।

***ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧିତ ବର୍ଷର ବିତ୍ତୀୟ ଖାତା***

ଉପରୋକ୍ତ ସାରଣୀରୁ ଏହା ନିର୍ଦ୍ଧାରଣ କରାଯାଇପାରେ ଯେ:

- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଓ ଅଗ୍ରୀମ, 2016-17 ରେ 254 କୋଟି ଟଙ୍କାରୁ ପାଖାପାଖି ଛଅ ଗୁଣ ବୃଦ୍ଧି ପାଇ 2020-21 ରେ 1,597 କୋଟି ଟଙ୍କା ହୋଇଥିଲା । ବକେୟା ଋଣ ଓ ଅଗ୍ରୀମ 2016-17 ରେ ଥିବା 4,708 କୋଟି ଟଙ୍କାରୁ ବୃଦ୍ଧି ପାଇ 2020-21 ରେ 9,076 କୋଟି ଟଙ୍କା ହୋଇଥିଲା । 2020-21 ବର୍ଷରେ ଦିଆଯାଇଥିବା ଋଣ ଓ ଅଗ୍ରୀମର ମୁଖ୍ୟ ଭାଗ, ଭାରତୀୟ ତୈଳ ନିଗମ ଲିମିଟେଡ୍ (700 କୋଟି ଟଙ୍କା), ଓଡ଼ିଶା ଶକ୍ତି ବିତରଣ ନିଗମ ଲିମିଟେଡ୍(536.73 କୋଟି ଟଙ୍କା), ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଙ୍ଗ୍ ଫେଡେରେସନ (125 କୋଟି ଟଙ୍କା), ଓଡ଼ିଶା ରାଜ୍ୟ ବିହନ ନିଗମ (60 କୋଟି ଟଙ୍କା) ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ (10 କୋଟି ଟଙ୍କା) କୁ ପ୍ରଦାନ କରାଯାଇଥିଲା । ବିକାଶ ଲାଭ କରିବା ପାଇଁ ସକ୍ଷମ ପାଣ୍ଠି (ଭିଜିଏଫ୍[15]) ସ୍ୱରୂପ ପାରାଦ୍ୱୀପ ବିଶୋଧନାଗାର ପ୍ରକଳ୍ପ ପାଇଁ ବିତ୍ତୀୟ ପ୍ରୋତ୍ସାହନ ସ୍ୱରୂପ 15 ବର୍ଷର ଅବଧି ପାଇଁ ସୁଧ ମୁକ୍ତ ଋଣ ଦେବାକୁ ଭାରତୀୟ ତୈଳ ନିଗମ ଲିମିଟେଡ୍ ସହିତ ଓଡ଼ିଶା ସରକାର ଏକ ଚୁକ୍ତିନାମା କରିଥିଲେ । ଏହାର ଅଂଶ ସ୍ୱରୂପ, ରାଜ୍ୟ ସରକାର 1400 କୋଟି ଟଙ୍କା 2017-18 ରେ ଏବଂ 700 କୋଟି ଟଙ୍କା ଲେଖାଏଁ 2018-19,2019-20ଓ 2020-21ରେ ପ୍ରଦାନ କରିଥିଲେ ।
- ବର୍ଷ ମଧ୍ୟରେ ଦିଆଯାଇଥିବା ଅଗ୍ରୀମ (1,597 କୋଟି ଟଙ୍କା) ର ପ୍ରଚଳିତ ଋଣର ଅସୁଲି (684 କୋଟି ଟଙ୍କା) 42.83 ପ୍ରତିଶତ ଥିଲା ଏବଂ ଏହା ପୂର୍ବ ବର୍ଷ (287 କୋଟି ଟଙ୍କା) ତୁଳନାରେ କମ୍ ଅସୁଲି ଥିଲା । ମାତ୍ର, ଅସୁଲି

[15] *ଭିଆବିଲିଟି ଅର୍ଥ ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଯଥାର୍ଥ କିନ୍ତୁ ଆର୍ଥିକ ଦୃଷ୍ଟିରୁ ଯଥାର୍ଥ ନୁହେଁ, ପ୍ରକଳ୍ପ ଗୁଡ଼ିକୁ ସମର୍ଥନ କରିବା ପାଇଁ ଏକ ଅନୁଦାନ*

ପାଇଁ ବଜେଟ ଅଟକଳ (250 କୋଟି ଟଙ୍କା) ଠାରୁ 2020-21 ବର୍ଷରେ ବାସ୍ତବ ଅସୁଲି (684 କୋଟି ଟଙ୍କା) 173.60 ପ୍ରତିଶତ ଅଧିକ ଥିଲା । ଓଡ଼ିଶା ଶକ୍ତି ବିତରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ଦିଆଯାଇଥିବା 400 କୋଟି ଟଙ୍କର ବଣ୍ଡକୁ ସରକାରଙ୍କ ଇକ୍ୱିଟି ନିବେସରେ ରୂପାନ୍ତରଣ ଯୋଗୁଁ 2020-21 ବର୍ଷରେ ଋମ ଓ ଅଗ୍ରୀମର ଅସୁଲିରେ ବୃଦ୍ଧି ପାଇଥିଲା ।

- ବର୍ଷ 2016-17 ରେ ସୁଧ ପ୍ରାପ୍ତି 36 କୋଟି ଟଙ୍କାରୁ ହ୍ରାସ ପାଇ 2020-21 ବର୍ଷରେ 316 କୋଟି ଟଙ୍କା ହୋଇଥିଲା । ସମୁଦାୟ ବକେୟା ଋଣ ଏବଂ ଅଗ୍ରୀମ ରୁ ପ୍ରାପ୍ତ ସୁଧର ପ୍ରତିଶତ 2016-17 ବର୍ଷରେ 0.76 ପ୍ରତିଶତରୁ ବୃଦ୍ଧି ପାଇ 2020-21 ବର୍ଷରେ 3.48 ପ୍ରତିଶତ ହୋଇଥିଲା । ସରକାର ଓପିଟିସିଏଲ୍‌ରେ ଇକ୍ୱିଟି ନିବେଶ ଓ ଦିଆଯାଇଥିବା ବଣ୍ଡର 247 କୋଟି ଟଙ୍କା ସୁଧର ରୂପାନ୍ତର ଯୋଗୁଁ ସୁଧ ପ୍ରାପ୍ତି 2019-20 ବର୍ଷରେ (64 କୋଟି ଟଙ୍କା) ଠାରୁ 2020-21 ରେ 316 କୋଟି ଟଙ୍କା) 393.75 ପ୍ରତିଶତକୁ ବୃଦ୍ଧି ପାଇଥିଲା । 2020-21 ବର୍ଷରେ ସମୁଦାୟ ବକେୟା ଦେୟ (1,22,774 କୋଟି ଟଙ୍କା) ବାବଦକୁ ସୁଧ ପରିଶୋଧ (6,644 କୋଟି ଟଙ୍କା) ଥିଲା, ଯାହାକି ବକେୟା ଋଣର 5.41 ପ୍ରତିଶତ ସୁଧ ପ୍ରାପ୍ତି ହୋଇଥିଲା । ଫଳସ୍ୱରୂପ ବର୍ଷ ମଧ୍ୟରେ ସରକାରଙ୍କ କରଜର ସୁଧ ନକରାତ୍ମକ (-1.93 ପ୍ରତିଶତ) ଥିଲା ଅର୍ଥାତ୍ ଋମ ପ୍ରଦାନ ଠାରୁ ସରକାରଙ୍କର କରଜ ଅଧିକ ଥିଲା ।

ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ କରଜ ଜନ ହିତରେ ପୁଞ୍ଜି ନିବେଶ ପାଇଁ ଓ ଓଡିଶା ଫିସକାଲ୍ ଦାୟିତ୍ୱ ବଳୟ ମଧ୍ୟରେ ହୋଇଥିଲା । କରଜ ପାଇଁ ସୁଧ ପ୍ରଦାନ ପ୍ରତିବଦ୍ଧ ବ୍ୟୟର ଏକ ଅଂଶ ବିଶେଷ, ଅଟେ ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଋଣ ଓ ଅଗ୍ରୀମରୁ ପାଇଥିବା ସୁଧ ଠାରୁ ବି ଅଧିକ ଅଟେ । ରାଜ୍ୟ ସରକାରଙ୍କ ରାଜସ୍ୱ କାର୍ଯ୍ୟଦକ୍ଷତା ଉପରେ ଏହାର ନକରାତ୍ମକ ପ୍ରଭାବ ରହିବ ନାହିଁ ଏବଂ ସରକାର କରଜ ଓ ଋଣ ଓ ଅଗ୍ରୀମ ଉପରେ ହେଉଥିବା ସୁଧ ହାରର ତୁଳନା ଯୁକ୍ତିଯୁକ୍ତ ନୁହେଁ ।

ଏହାରଅସ୍ତିତ୍ୱକୁ ପ୍ରାଧାନ୍ୟ ଦେବା ଓ ନକରାତ୍ମକ ବିସ୍ତାରର କାରଣକୁ ନିର୍ଦ୍ଦିଷ୍ଟ କରାଯିବା ଉଚିତ୍ ଯାହାକି ଦର୍ଶାଉଛି ଯେ ରାଜ୍ୟ ସରକାର ଦେଉଥିବା ଋଣ ଓ ଅଗ୍ରୀମ ସବ୍‌ସିଡିର ଅଂଶ ବିଶେଷ ଅଟେ । ତେଣୁ ଋଣୀ ସଂସ୍ଥାଗୁଡ଼ିକ ବଜାର ଦର ସୁଧ ଠାରୁ କମ୍ ଦରରେ ପାଣ୍ଠି ସଂଗ୍ରହ କରିପାରିବେ । ଏହି ପରିପ୍ରେକ୍ଷୀରେ ଅଡିଟ୍ ମତରେ ରାଜ୍ୟ ସରକାର ଏକ ବିତ୍ତୀୟ ବିଙ୍କ ପ୍ରକ୍ରିୟା ଗ୍ରହଣ କରିବା ଉଚିତ୍, ଯହିଁରେ ପୃଥକ ସଂସ୍ଥାଗୁଡ଼ିକୁ ଦିଆଯାଉଥିବା ଋଣ ଓ ଅଗ୍ରୀମ ଉପରେ ତତ୍ପରତା ରହିବ ।

## 2.6 ଋଣ ପରିଚାଳନା

ଋଣ ପରିଚାଳନା ହେଉଛି ଆବଶ୍ୟକ ପରିମାଣର ପାଣ୍ଠି ସଂଗ୍ରହ, ଏହାର ବିଶଦ ଓ ମୂଳ ଲକ୍ଷ୍ୟ ହାସଲ କରିବା ତଥା ସରକାରଙ୍କ ଋଣ ପରିଚାଳନା ପାଇଁ ଋଣନୀତି ପ୍ରତିଷ୍ଠା ଓ କାର୍ଯ୍ୟକାରୀ କରିବାର ଏକ ପ୍ରକ୍ରିୟା ଅଟେ । ଏହାଦ୍ୱାରା ସର୍ବୋତ୍ତମ ଋଣ ପରିଚାଳନାର ଲକ୍ଷ୍ୟକୁ ହାସଲ କରାଯାଏ ଯାହାକୁ ସରକାରଙ୍କ ଦ୍ୱାରା ଅଧିନିୟମ ବା ଅନ୍ୟ କୌଣସି ବାର୍ଷିକ ବଜେଟ୍ ଘୋଷଣାରେ ସ୍ଥିର କରାଯାଇଥାଏ । 31 ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟ ସରକାରଙ୍କ ବକେୟା ଋଣ (ଆଭ୍ୟନ୍ତରୀଣ ଋଣ, ଭାରତ ସରକାରଙ୍କ ଋଣ ଓ ଅଗ୍ରୀମ ଏବଂ ସରକାରୀ ଦେୟ) 1,22,774 କୋଟି ଟଙ୍କା ଥିଲା, ଯାହାକୁ ପୂର୍ବ ବର୍ଷ ଠାରୁ 2.62 ପ୍ରତିଶତ କମ୍ ଥିଲା । 1,22,774 କୋଟି ଟଙ୍କାର ବକେୟା ଋଣରୁ, 16,492 କୋଟି ଟଙ୍କାର ସୁଧ ଦେୟ ନଥିଲା (16,201 କୋଟି ଟଙ୍କାର ସୁଧ ରହିତ ଜମା ଓ 291 କୋଟି ଟଙ୍କାର ସୁଧ ନଥିବା ସଂରକ୍ଷିତ ପାଣ୍ଠି), ଯେଉଁଥିରୁ ଓଡ଼ିଶା ସରକାରଙ୍କ ପାଖରେ ନଗଦ ଆକାରରେ 14,398 କୋଟି ଟଙ୍କା ରୋକଡ଼ ଅବଶେଷ ଥିଲା ।

ଏହି ବର୍ଷ ମଧ୍ୟରେ, ଆଭ୍ୟନ୍ତରୀଣ ଋଣ 6,926 କୋଟି ଟଙ୍କା ବୃଦ୍ଧି ପାଇଥିଲା ଓ କେନ୍ଦ୍ର ସରକାରଙ୍କ ଋଣ 4,139 କୋଟି ଟଙ୍କା ବୃଦ୍ଧି ପାଇଥିଲା । ତଥାପି 3,310 କୋଟି ଟଙ୍କାର ବକେୟା ଦେୟ ହ୍ରାସ ପାଇଥିଲା ଯେହେତୁ ଓଡ଼ିଶା ସରକାର ସରକାରୀ ହିସାବରୁ 8,850 କୋଟି ଟଙ୍କା (ଓଏମ୍‌ବିଏଡିସି ରୁ 5,955 କୋଟି ଟଙ୍କା ଓ କାମ୍ପା ରୁ 2,895 କୋଟ ଟଙ୍କା) ଋଣ କରିଥିଲେ ଯାହାର ବକେୟା ଦେୟ ଉପରେ କୌଣସି ପ୍ରଭାବ ନଥିଲା । ସାଧାରଣ ହିସାବ ଦେୟରେ ଋଣ ହ୍ରାସ ପାଇଥିଲା ଓ ଆଭ୍ୟନ୍ତରୀଣ ଋଣ ସେହି ଅନୁସାରେ ବୃଦ୍ଧି ପାଇଥିଲା । ରାଜ୍ୟ ସରକାର ଏକତ୍ରୀକୃତ ଋଣ ପରିଶୋଧନ ପାଣ୍ଠିରୁ 2500 କୋଟି ଟଙ୍କାର ଋଣ ପରିଶୋଧ କରିଥିଲେ । 31 ମାର୍ଚ୍ଚ 2021 ସୁଦ୍ଧା ଦେୟ ଓ ଆସ୍ତିର ସଂକ୍ଷିପ୍ତ ବିବରଣ ପୂର୍ବ ବର୍ଷର ଅନୁରୂପ ଅର୍ଥସ୍ଥାନ ସହ ତୁଳନା କରାଯାଇ ପରିଶିଷ୍ଟ 2.3 ରେ ଦର୍ଶାଯାଇଅଛି । ରାଜ୍ୟର ବକେୟା ଋଣର ଧାରା ବିଶ୍ଳେଷଣ ରେଖାଚିତ୍ର 2.17 ରେ ଦର୍ଶାଯାଇଅଛି ।

**ରେଖାଚିତ୍ର 2.17: ବକେୟା ଋଣ ଓ ଜିଏସ୍‌ଡିପି**




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

## 2.6.1 ଋଣ ପାର୍ଶ୍ୱଚିତ୍ର ବକେୟା ଦେୟ/ ଋଣର ଉପାଦାନ

ବକେୟା ଦେୟର ଉପାଦାନଗୁଡ଼ିକ ରୋଖାଚିତ୍ର 2.18 ରେ ଦର୍ଶାଯାଇଛି ।

**ରେଖାଚିତ୍ର 2.18: ରାଜ୍ୟ ସରକାରଙ୍କ ବକେୟା ଦେୟର ଉପାଦାନ**

| ବକେୟା ଦେୟ (1,22,774କୋଟି ଟଙ୍କା) | | |
|---|---|---|
| ଆର୍ଥିକ ଅନୁଷ୍ଠାନ, ବଜାର ଇତ୍ୟାଦି ଠାରୁ ଆଭ୍ୟନ୍ତରୀଣ ଋଣ **(67,521**କୋଟି ଟଙ୍କା**)** | ଭାରତ ସରକାରଙ୍କ ଠାରୁ ଋଣ ଓ ଅଗ୍ରୀମ **(11,982**କୋଟି ଟଙ୍କା**)** | ସରକାରୀ ଦେୟ ଯେଉଁଥିରେ ସରକାର ଏକ ବ୍ୟାଙ୍କର ପରି କାର୍ଯ୍ୟ କରିଥାଏ **(43,270**କୋଟି ଟଙ୍କା**)** |
| ବଜାର ଋଣ **(35,031**କୋଟି ଟଙ୍କା**)** | ଯୋଜନା ପରିକଳ୍ପନା ପାଇଁ ଋଣ(11,970କୋଟି ଟଙ୍କା) | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି (24,949କୋଟି ଟଙ୍କା) |
| ଆର୍ଥିକ ଅନୁଷ୍ଠାନରୁ ଋଣ **(15.943**କୋଟି ଟଙ୍କା**)** | ଅଣ ଯୋଜନା ଋଣ (12କୋଟି ଟଙ୍କା) | ସୁଧ ଧାରିତ ସଂରକ୍ଷିତ ପାଣ୍ଠି (1,805କୋଟି ଟଙ୍କା) |
| ଏନ୍‌ଏସ୍‌ଏସ୍‌ଏଫ୍ କୁ ଦିଆଯାଇଥିବା ସ୍ୱତନ୍ତ୍ର ଅମାନତ **(7,408**କୋଟି ଟଙ୍କା**)** | | ସୁଧ ବିହୀନ ସଂରକ୍ଷିତ ପାଣ୍ଠି (291କୋଟି ଟଙ୍କା) |
| ଅନ୍ୟାନ୍ୟ ଋଣ **(9,139**କୋଟି ଟଙ୍କା**)** | | ସୁଧ ଧାରିତ ଜମା (24କୋଟି ଟଙ୍କା) |
| | | ସୁଧ ବିହୀନ ଜମା (16,201କୋଟି ଟଙ୍କା) |

* ଓଏମ୍‌ବିଏଡିସି ଓ କାମ୍ପା ପାଣ୍ଠିର ଋଣକୁ ମିଶାଇ

*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ହିସାବ*

ଏହି ବର୍ଷରେ, ବଜାର ଋଣ 2019-20 ମଧ୍ୟରେ 34,531 କୋଟି ଟଙ୍କାରୁ 500 କୋଟି ଟଙ୍କା ଓ 2020-21 ମଧ୍ୟରେ 35,031 କୋଟି ଟଙ୍କା ବୃଦ୍ଧି ପାଇଥିଲା । ସେହିପରି ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ ଆଣିଥିବା ଋଣ 2019-20 ରେ 14,589 କୋଟି ଟଙ୍କାରୁ 1,483 କୋଟି ଟଙ୍କା ବୃଦ୍ଧି ପାଇ 2020-21 ରେ 15,943 କୋଟି ଟଙ୍କା ହୋଇଥିଲା ।

ଭବିଷ୍ୟତରେ ଋଣର ପରିକଳ୍ପନାରେ ରାଜ୍ୟର ସାମର୍ଥ୍ୟକୁ ସରକାରୀ ଋଣ ସ୍ଥିରତାକୁ ବୁଝାଇଥାଏ । ସାରଣୀ 2.26 ରେ ବିଗତ ପାଞ୍ଚ ବର୍ଷ 2016-21 ମଧ୍ୟରେ ରାଜ୍ୟର ସରକାରୀ ଋଣ ସ୍ଥିରତାର ବିଶ୍ଳେଷଣ କରାଯାଇଛି ।

**ସାରଣୀ 2.26: ଋଣ ସ୍ଥିରତା 2016-21 ମଧ୍ୟରେ ସୂଚକଗୁଡ଼ିକ**

| ଋଣ ସ୍ଥିରତାର ସୂଚକ* | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ବକେୟା ଋଣ (ଟଙ୍କା କୋଟିରେ) | ***71,623*** | ***97,164*** | ***1,08,258*** | ***1,26,084*** | ***1,22,774*** |
| ସରକାରୀ ଋଣ ଆଭ୍ୟନ୍ତରୀଣ ଋଣ | 34,553 | 44,584 | 50,421 | 60,595 | 67,521 |
| ଭାରତ ସରକାରଙ୍କ ଠାରୁ ସରକାରୀ ଋଣ | 7,465 | 7,606 | 7,832 | 7,843 | 11,982 |
| ସରକାରୀ ଦେୟ | 29,605 | 44,974 | 50,005 | 57,646 | 43,270 |
| ବକେୟା ଋଣ ଅଭିବୃଦ୍ଧି ହାର (ପ୍ରତିଶତରେ) | 19.87 | 35.66 | 11.42 | 16.47 | (-)2.63 |
| ଜିଏସ୍‌ଡିପି (ବର୍ତ୍ତମାନର ମୂଲ୍ୟ) (ଟଙ୍କା କୋଟିରେ) | 3,92,804 | 4,40,879 | 4,87,805 | 5,21,275 | 5,09,574 |
| ଜିଏସ୍‌ଡିପିର ବୃଦ୍ଧି ହାର | 19.56 | 12.24 | 10.64 | 6.86 | (-)2.24 |
| ଋଣ / ଜିଏସ୍‌ଡିପି ଅନୁପାତ(ପ୍ରତିଶତରେ) | 18.23 | 22.04 | 22.19 | 24.19 | 24.09# |
| ମୋଟ ଋଣ ପ୍ରାପ୍ତି (ଟଙ୍କା କୋଟିରେ) | 33,782 | 61,698 | 48,103 | 60,314 | 60,649 |
| ମୋଟ ରମ ପରିଶୋଧ (ଟଙ୍କା କୋଟିରେ) | 21,912 | 36,157 | 37,009 | 42,487 | 63,960 |
| ନିଟ୍ ଉପଲବ୍ଧ ଋଣ(ସୁଧ ପରିଶୋଧ ପରେ) | 7,835 | 20,553 | 5,294 | 11,764 | (-)3,311 |
| ଋଣ ପରିଶୋଧ/ ଋଣ ପ୍ରାପ୍ତି (ପ୍ରତିଶତରେ) | 64.86 | 58.60 | 76.94 | 70.44 | 105.46 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

**ଆଭ୍ୟନ୍ତରୀଣ ଋଣ, ଭାରତ ସରକାରଙ୍କ ଠାରୁ ଋଣ ଏବଂ ସରକାରୀ ହିସାବ ଦେୟ*

*# ଜିଏସ୍‌ଟି କ୍ଷତିପୂରଣ ବାବଦକୁ **3,822** କୋଟି ଟଙ୍କା ଯେହେତୁ ବ୍ୟାକ୍-ଟୁ-ବ୍ୟାକ୍ ଋଣ ସଂପୃକ୍ତ ଯେତେବେଳେ ହିସାବିତ ଋଣ ଜିଏସ୍‌ଡିପି ଅନୁପାତ । ଏହି ପରିମାଣକୁ ବାଦ୍ ଦେବା ପରେ ଜିଏସ୍‌ଡିପିର ଅନୁପାତ **23.45** ହେବ ।*

ପ୍ରଭାବଶାଳୀ ବକେୟା, ସାମଗ୍ରିକ ଋଣ 1,18,951.59 କୋଟି ଟଙ୍କା ବିଭାଗୀୟ ବ୍ୟୟ ହେବ, ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ଋଣ ପ୍ରାପ୍ତି ଅନୁଯାୟୀ ଋଣ ଫେରସ୍ତ ପାଇଁ ରାଜ୍ୟକୁ ଦିଆଯାଇଥିବା 3,822 କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ ରାଜ୍ୟର ଋଣ ପରି ଧରାଯିବ ନାହିଁ । ଯେକୌଣସି ଆଦର୍ଶ ପାଇଁ, ଅର୍ଥ ଆୟୋଗ ଦ୍ୱାରା ଧାର୍ଯ୍ୟ କରାଯାଇପାରେ ।

ମୋଟ ବକେୟା ଋଣ 1,22,774 କୋଟି ଟଙ୍କା, ଆଭ୍ୟନ୍ତରୀଣ ଋଣ ମୁଖ୍ୟ ଅଂଶ (55 ପ୍ରତିଶତ) ସରକାରୀ ହିସାବର ନିର୍ଭରୋକ୍ତି ଦେୟକୁ ଅନୁସରଣ କରି (35 ପ୍ରତିଶତ) ଏବଂ ଭାରତ ସରକାରଙ୍କ ଠାରୁ ଋଣ (10 ପ୍ରତିଶତ) ଯାହାକି **ରେଖାଚିତ୍ର 2.19** ରେ ଦର୍ଶାଯାଇଛି । ଉପାଦାନ ଅନୁଯାୟୀ ଋଣ **ରେଖାଚିତ୍ର 2.20** ରେ ଦର୍ଶାଯାଇଛି ।

### ରେଖାଚିତ୍ର 2.19: 2020-21ବର୍ଷ ଶେଷ ସୁଦ୍ଧା ଖଣ୍ଡିତ ବକେୟା ଋଣ




*ଉତ୍ସ: ଓଡ଼ିଶା ସରକାର, ବିତ୍ତୀୟ ହିସାବ 2020-21*

### ରେଖାଚିତ୍ର 2.20: ଉପାଦାନ ଅନୁଯାୟୀ ଋଣ




| | ୨୦୧୬-୧୭ | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ | ୨୦୨୦-୨୧ |
|---|---|---|---|---|---|
| ବଜାର ଋଣ | ୬,୯୭୫ | ୮,୪୩୮ | ୪,୫୦୦ | ୬,୫୦୦ | ୫୦୦ |
| ଭାରତ ସରକାରଙ୍କଠାରୁ ଋଣ | ୨୩୩ | ୧୪୧ | ୨୨୬ | ୧୧ | ୪,୧୩୯ |
| ଜାତୀୟ କ୍ଷୁଦ୍ର ସଞ୍ଚୟ ପାଣ୍ଠିକୁ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ | -୮୦୮ | -୮୨୦ | -୮୪୯ | -୮୮୩ | -୮୮୩ |
| .ଆର୍ଥିକ ସଂସ୍ଥାରୁ ଋଣ | ୧,୮୭୧ | ୨,୪୧୩ | ୨,୧୮୬ | ୪,୫୫୭ | ୭,୩୧୦ |
| କ୍ଷୁଦ୍ର ସଞ୍ଚୟ ପ୍ରଭିଡେଣ୍ଟ ପାଣ୍ଠି ଇତ୍ୟାଦି | ୧,୮୫୭ | ୧,୫୫୮ | ୧,୭୪୮ | ୯୧୫ | ୬୧୧ |
| ସଂରକ୍ଷିତ ପାଣ୍ଠି | ୧,୧୪୫ | -୮୬ | ୬,୯୧୨ | ୭,୨୫୩ | -୧,୦୨୯ |
| ଜମା ଓ ଅଗ୍ରୀମ | ୬୦୭ | ୧୩,୮୯୭ | ୪,୨୦୨ | ୩,୪୨୯ | -୧୩,୦୩୭ |
| ସସ୍ପେନ୍ସ ଓ ଅତିରିକ୍ତ | -୧୦ | ୭୮ | -୫୪ | -୮୦ | ୨,୫୨୬ |
| ପ୍ରତ୍ୟାର୍ପଣ | -୫୩ | -୧୨ | ୧୩ | -୨୧ | ୧୮ |
| .ଆକସ୍ମିକ ପାଣ୍ଠି | ୧୨୩ | ୦ | -୧,୪୪୦ | ୧,୪୪୦ | -୧୭୧ |
| ବୃଦ୍ଧି (-)/ହ୍ରାସ (+) ରୋକଡ଼ ଅବଶେଷରେ | -୨,୫୫୨ | -୧୬,୨୪୭ | -୭,୨୮୭ | -୪,୩୦୩ | ୯,୮୦୨ |
| ଗ୍ରସ ବିତ୍ତୀୟ ନିଅଣ୍ଟ | ୯,୩୭୮ | ୯,୩୬୦ | ୧୦,୧୫୭ | ୧୮,୮୧୯ | ୯,୭୮୬ |

*ଉତ୍ସ: ଓଡ଼ିଶା ସରକାର ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

ରେଖାଚିତ୍ର **2.20**ରୁ ଦେଖାଗଲା ଯେ ବଳକା ଋଣର ହ୍ରାସ ମୁଖ୍ୟତଃ 13,037 କୋଟି ଟଙ୍କାର ଅଗ୍ରୀମ ଓ ଜମାର ହ୍ରାସ ସଂରକ୍ଷିତ ପାଣ୍ଠିର 1029 କୋଟି ଟଙ୍କା ଯାହାକି ବିତ୍ତୀୟ ଅନୁଷ୍ଠାନ ଗୁଡ଼ିକର 7310 କୋଟିଟଙ୍କାର ଋଣ ବୃଦ୍ଧିର ଭରଣା ପାଇଁ ହୋଇଥିଲା । ଏତଦ୍ ବ୍ୟତୀତ ଭାରତ ସରକାରଙ୍କ ଠାରୁ 4139 କୋଟି ଟଙ୍କାରୁ ଋଣ ସ୍ୱଳ୍ପ ସଂଚୟ ଓ ଭବିଷ୍ୟନିଧି ପାଣ୍ଠିରୁ 611 କୋଟି ଟଙ୍କା ଓ ବଜାର ଋଣ 500 କୋଟି ଟଙ୍କା ଯୋଗୁଁ ହୋଇଥିଲା ।

ବର୍ଷ 2016-17 ରୁ 2020-21 ମଧ୍ୟରେ ପୁନଃ ପ୍ରଦାନ ଆଭ୍ୟନ୍ତରୀଣ ଋଣର ରେଖାଚିତ୍ର 2.21 ରେ ଦର୍ଶାଗଲା ।

**ରେଖାଚିତ୍ର 2.21: ନିଆଯାଇଥିବା ଋଣ ପ୍ରଦାନ**




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

ଉପରୋକ୍ତ ରେଖାଚିତ୍ରରୁ ଦେଖାଗଲା ଯେ ଆଭ୍ୟନ୍ତରୀଣ ଋଣ 2018-19 ରୁ କ୍ରମାଗତ ଭାବରେ ବୃଦ୍ଧି ପାଉଛି ଯେତେବେଳେ ଆଭ୍ୟନ୍ତରୀଣ ଋଣର ପୁନଃପ୍ରଦାନ 2017-18 ଠାରୁ ବୃଦ୍ଧି ହେଉଛି ।

### 2.6.1.1 ବିତ୍ତୀୟ ନିଅଣ୍ଟର ଗଠନ ଓ ଆର୍ଥିକ ସହାୟତା

ରାଜସ୍ୱ ଏବଂ ଅଣଋଣ ପ୍ରାପ୍ତିଠାରୁ ଅଧିକ ହେଉଥିବା ରାଜସ୍ୱ ଏବଂ ପୁଞ୍ଜିଗତ ବ୍ୟୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟ ଆବଶ୍ୟକ କରୁଥିବା ଅର୍ଥକୁ ବିତ୍ତୀୟ ନିଅଣ୍ଟ କୁହାଯାଏ । ବିତ୍ତୀୟ ନିଅଣ୍ଟର ରଚନା ଓ ଆର୍ଥିକ ଢାଞ୍ଚା ସାରଣୀ 2.27 ରେ ଦର୍ଶାଗଲା ।

**ସାରଣୀ 2.27: ବିତ୍ତୀୟ ନିଅଣ୍ଟର ଉପାଦାନ ଓ ଏହାର ଅର୍ଥ ଯୋଗାଣ ପ୍ରଣାଳୀ**

(ଟଙ୍କା କୋଟିରେ)

| ସବିଶେଷ ବିବରଣୀ | | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| | | ନିଟ୍ | ନିଟ୍ | ନିଟ୍ | ନିଟ୍ | ନିଟ୍ |
| **କ.** | **ବିତ୍ତୀୟ ନିଅଣ୍ଟର ରଚନା(1 to 3)** | **(-)9,378** | **(-)9,360** | **(-) 10,157** | **(-) 18,819@** | **(-)9,786** |
| 1 | ରାଜସ୍ୱ ବଳକା | 9,258 | 13,367 | 14,190 | 2,430 | 9,076 |
| 2 | ପୁଞ୍ଜି ଖର୍ଚ୍ଚ | (-)18,471 | (-)21,109 | (-) 23,482 | (-)20,277 | (-)17,949 |
| 3 | ନିଟ୍ ଋଣ ଓ ଅଗ୍ରୀମ | (-)165 | (-)1,618 | (-) 865 | (-)971 | (-)913 |
| **ଖ** | **ଇିତ୍ତୀୟ ନିଅଣ୍ଟର ଆର୍ଥିକ ଢାଞ୍ଚା** | | | | | |

| ସବିଶେଷ ବିବରଣୀ | | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| | | ନିଟ୍ | ନିଟ୍ | ନିଟ୍ | ନିଟ୍ | ନିଟ୍ |
| 1 | **ନିଟ୍ ଧାର** | **8,261** | **10,172** | **6,063** | **10,185** | **11,066** |
| a | ବଜାର ଧାର | 6,965 | 8,438 | 4,500 | 6,500 | 500 |
| b | ଏନ୍‌ଏସ୍‌ଏସ୍‌ଏଫ୍ କୁ ଦିଆଯାଇଥିବା ସତନ୍ତ୍ର ସିକ୍ୟୁରିଟି | -808 | -820 | -849 | -883 | -883 |
| c | ଆର୍ଥିକ ଅନୁଷ୍ଠାନରୁ ଋଣ | 1,871 | 2,413 | 2,186 | 4,557 | 7,310 |
| d | ଭାରତ ସରକାରଙ୍କଠାରୁ ଋଣ | 233 | 141 | 226 | 11 | 4,139 |
| 2 | **ନିଟ୍ ସରକାରୀ ହିସାବ** | **3,546** | **15,435** | **12,821** | **11,496** | **(-)10,911** |
| a | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 1,857 | 1,558 | 1,748 | 914 | 611 |
| b | ସଂରକ୍ଷିତ ପାଣ୍ଠି | 1,145 | (-)86 | 6,912 | 7,254 | (-)1,029 |
| c | ଜମା ଓ ଅଗ୍ରୀମ | 607 | 13,897 | 4,202 | 3430 | (-)13,037 |
| d | ସସ୍‌ପେନ୍ସ ଓ ବିବିଧ | (-)10 | 78 | (-) 54 | -80 | 2,526 |
| e | ଟଙ୍କା ପ୍ରେରଣ | (-) 53 | (-) 12 | 13 | -22 | 18 |
| 3 | **ଆକସ୍ମିକ ପାଣ୍ଠି** | **123** | **--** | **(-) 1,440** | **1,440** | **(-)171** |
| 4 | **ମୋଟ (1 to 3)** | **11,930** | **25,607** | **17,444** | **23,121** | **(-)16** |
| 5 | **(-) ବୃଦ୍ଧି / (+) ରୋକଡ଼ ଅବଶେଷରେ ହ୍ରାସ** | (-) 2,552 | (-)16,427 | (-) 7287 | (-) 4,303 | 9,802 |
| 6 | **ସର୍ବୋପରି ନଳକା/ ନିଅଣ୍ଟ (4+5)** | **9,378** | **9,360** | **10,157** | **18,819@** | **9,786** |

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ***

# ଅନ୍ୟାନ୍ୟ ଅନୁଷ୍ଠାନରୁ ଉଧାର ଓ ବଜାର ଉଧାର ସହିତ
*ବର୍ଷ ମଧ୍ୟରେ ନିଟ୍ ବଣ୍ଟନ/ ବାହ୍ୟ ଖର୍ଚ୍ଚର ସମସ୍ତ ସଂଖ୍ୟା
@ ପୂର୍ଣ୍ଣାଙ୍କ ହେତୁ ଏକ କୋଟିର ତଫାତ୍

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ବିତ୍ତୀୟ ନିଅଣ୍ଟ ଜମା ଓ ଅଂଶୀଦାର ନିଟ୍ ପ୍ରବାହ ସଂରକ୍ଷିତ ପାଣ୍ଠି ଓ ଆକସ୍ମିକ ପାଣ୍ଠି ଗୁଡ଼ିକ ମୁଖ୍ୟତଃ ରୋକଡ଼ ଅବଶେଷର ବିନିଯୋଗ, ଭାରତ ସରକାରଙ୍କ ଠାରୁ ଋଣ ଓ ଆର୍ଥିକ ଅନୁଷ୍ଠାନରୁ ଋଣରୁ ଆର୍ଥିକ ସହାୟତା ପାଇଥିଲା ।

### *2.6.2 ଋଣ ପାର୍ଶ୍ୱଚିତ୍ର, ପୂର୍ଣ୍ଣ ବିକାଶ ଓ ପରିଶୋଧ*

ଋଣ ପରିଶୋଧ ଓ ଋଣ ପ୍ରଦାନ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଋଣ ପରିପକ୍ୱତା ଓ ପରିଶୋଧ ପାର୍ଶ୍ୱଚିତ୍ର କୁହାଯାଏ । ସାରଣୀ 2.28 ଓ ରେଖାଚିତ୍ର 2.22 ରେ ରାଜ୍ୟ ଋଣ ପରିଶୋଧର ଋଣ ପରିପକ୍ୱତା ଦର୍ଶାଯାଇଛି ।

**ସାରଣୀ 2.28: ରାଜ୍ୟ ଋଣ ପରଶୋଧର ଋଣ ପରିପକ୍ୱତା**

| ପରିଶୋଧର ଅବଧି(ବର୍ଷରେ) | ପରିମାଣ (ଟଙ୍କା କୋଟିରେ) | ପ୍ରତିଶତ (ସରକାରୀ ଋଣ ଅନୁସାରେ) |
|---|---|---|
| 0-1 | 19,427 | 24.44 |
| 1-3 | 20,761 | 26.11 |
| 3-5 | 11,764 | 14.80 |
| 5-7 | 6,415 | 8.07 |

| ପରିଶୋଧର ଅବଧି(ବର୍ଷରେ) | ପରିମାଣ (ଟଙ୍କା କୋଟିରେ) | ପ୍ରତିଶତ (ସରକାରୀ ଋଣ ଅନୁସାରେ) |
|---|---|---|
| 7-10 | 5,046 | 6.35 |
| 10 ଉର୍ଦ୍ଧ୍ୱରେ | 11,795 | 14.84 |
| **ଅପରିପକ୍ୱ ଋଣ*** | 4,295 | 5.40 |
| **ମୋଟ** | **79,503** | **100.00** |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ହିସାବ*

**ଜିଏସ୍‌ଟି କ୍ଷତିପୂରଣ କମିବା ହେତୁ*

**ରେଖାଚିତ୍ର 2.22: ଋଣ ପରିପକ୍ୱତା ପାର୍ଶ୍ୱଚିତ୍ର**




*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ହିସାବ*

ରେଖାଚିତ୍ର **2.22**ଏବଂ ସାରଣୀ **2.28**ରୁ ଦେଖାଗଲା ଯେ ଏକ ବର୍ଷ ମଧ୍ୟରେ ବକେୟା ସରକାରୀ ଋଣରୁ 19,427 କୋଟି ଟଙ୍କା (24.44 ପ୍ରତିଶତ) ପରିପକ୍ୱ ହେବ । 19,427 କୋଟି ଟଙ୍କାରୁ ସରକାରୀ ହିସାବରୁ 8,850 କୋଟି ଟଙ୍କା ଋଣ ହୋଇଗଲା ଯାହାକି ବାର୍ଷିକ ଭିତ୍ତିରେ ପରିପକ୍ୱ ଓ ନବୀକରଣ ହୋଇଥିଲା । ପୁନଶ୍ଚ, ଆସନ୍ତା ପାଞ୍ଚ ବର୍ଷରେ ବକେୟା ସରକାରୀ ଋଣରୁ 51,952 କୋଟି ଟଙ୍କା (65.35 ପ୍ରତିଶତ) ପରିପକ୍ୱ ହେବାକୁ ଯାଉଅଛି ଯାହାକି ରାଜ୍ୟର ଆର୍ଥିକ ଅବସ୍ଥାର ଅତିରିକ୍ତ ଭାର ହେବ । ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ 51,592 କୋଟି ଟଙ୍କା ପରିଶୋଧ ଯୋଗୁଁ ଉତ୍ପନ୍ନ ଭବିଷ୍ୟ ବିତ୍ତୀୟ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏହାର ରାଜସ୍ୱ ବଳକାକୁ ଅଧିକ କରିବା ଜରୁରୀ ଯାହାଫଳରେ ଋଣ ଠାରୁ ରାଜସ୍ୱ ବଳକା ଅଧିକ ହୋଇପାରିବ ।

### *2.6.3 କରଜ ପାଣ୍ଠିର ଉପଲବ୍ଧତା*

ସୁଧ ବାବଦ ଦେୟ (6,644 କୋଟି ଟଙ୍କା) ଏବଂ କରଜ ପରିଶୋଧ (63,960 କୋଟି ଟଙ୍କା) ପରେ କରଜ ପାଣ୍ଠିର (60,649 କୋଟି ଟଙ୍କା)ବାସ୍ତବିକ ରାଶି ((-9,955 କୋଟି ଟଙ୍କା) ନକରାତ୍ମକ (16.41 ପ୍ରତିଶତ) ଥିଲା । କରଜ ପାଣ୍ଠିର ଉପଲବ୍ଧ ରାଶି 9,076 କୋଟି ଟଙ୍କା ପାଇବା ସତ୍ତ୍ୱେ ପୁଞ୍ଜି ଶୀର୍ଷକ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ କମ୍ ଖର୍ଚ୍ଚ ହୋଇଥିଲା । ଏହି ବର୍ଷରେ ଓଡ଼ିଶା ସରକାର ସରକାରୀ ଖାତାରୁ 8,850 କୋଟି ଟଙ୍କା( ଓଏମ୍‌ବିଏଡିସି ରୁ 5,955 କୋଟି ଟଙ୍କା ଓ କାମ୍ପା ପାଣ୍ଠିରୁ 2,895 କୋଟି ଟଙ୍କା) ଋଣ କରିଥିଲେ ଯାହାଫଳରେ ସରକାରୀ ଦେୟରୁ 8,850 କୋଟି ଟଙ୍କା ହ୍ରାସ ହୋଇ ଥିଲା ଏବଂ ସୁଧ ପରିଶୋଧ ପରେ ଉଧାର ପାଣ୍ଠିର ନିଟ୍ ଉପଲବ୍ଧତା ନକରାତ୍ମକ

ହୋଇଥିଲା ।

## 2.7 ସରକାରୀ ଋଣ ପୋଷଣୀୟତାର ବିଶ୍ଳେଷଣ

ଏକ ସମୟରେ ରାଜ୍ୟ ଏହାର ଋଣ ଜିଏସ୍‌ଡିପି ଅନୁପାତକୁ ରକ୍ଷଣ କରିପାରିବାର ଦକ୍ଷତାକୁ ଋଣ ପୋଷଣୀୟତା କୁହାଯାଏ । ଏହା ମଧ୍ୟ ଋଣ ପ୍ରଦାନ କରିବାର ଦକ୍ଷତାକୁ ସନ୍ନିବେଶ କରେ । ବର୍ତ୍ତମାନ ସମୟରେ ଋଣ ସମ୍ବନ୍ଧୀୟ ଆର୍ଥିକ ଅନୁଗ୍ରହରେ କାର୍ଯ୍ୟ କାରିତାକୁ ଗ୍ରହଣ କରିବାକୁ ଋଣ ପୋଷଣୀୟତା ବିଶ୍ଳେଷଣ କୁହାଯାଇଥାଏ ଏବଂ ଏହା ଅର୍ଥନୀତିର ଆର୍ଥିକ ସ୍ଥିତିର ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେଇଥାଏ । ଡିଏମ୍‌ଏର ଆଧାରଶୀଳା ଋଣ ଜିଏସ୍‌ଡିପି ଅନୁପାତ ଅଟେ । ଋଣ ଉଚ୍ଚ ସ୍ତର ଓ ଅଧିକ ଦିନ ସୁଧ ବ୍ୟୟ ଯୋଗୁଁ ଋଣ ଜିଏସ୍‌ଡିପି ଅନୁଷ୍ଠାନ ବୃଦ୍ଧି ପାଇଥାଏ ଓ ଏହା ଦ୍ୱାରା ଋଣ ଓ ଅଭାବର ପରିଲକ୍ଷିତ ହୋଇଥାଏ । ଏକ ସ୍ଥାୟୀ ଆର୍ଥିକ ନୀତି ହେଉଛି ଏହା ଯେଉଁଥିରେ ଋଣ ଜିଏସ୍‌ଡିପି ଅନୁପାତ ସ୍ଥିର ରହିଥାଏ । ରାଜ୍ୟର ଋଣ ପୋଷଣୀୟତା ଋଣ ପୋଷଣୀୟତା ସାଂକେତିକ ମାଧ୍ୟମରେ ବିଶ୍ଳେଷଣ କରାଯାଇଥାଏ ।

### 2.7.1 ଋଣ ସ୍ଥିରତା ଓ ଋଣ ପୋଷଣୀୟତା ସଂକେତକ

ଆର୍ଥିକ ପରିବର୍ତ୍ତନୀୟ ଧାରା ଯାହା ଋଣ ସ୍ଥିରତାର ଉନ୍ନତିକୁ ଦର୍ଶାଉଛି ନିମ୍ନ ସାରଣୀ **2.29** ରେ ଦର୍ଶାଯାଇଛି ।

**ସାରଣୀ 2.29: ଋଣ ପୋଷଣୀୟତା ସଂକେତର ଧାରା**

| ସରକାରୀ ଋମ ପୋଷଣୀୟତା ସଂକେତକ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| **ବକେୟା ସରକାରୀ ଋଣ[16]** | 42,018 | 52,190 | 58,253 | 68,438 | 79,503 |
| ବକେୟା ଋଣର ଅଭିବୃଦ୍ଧି ହାର | 24.47 | 24.21 | 11.62 | 17.48 | 16.17 |
| ଜିଏସ୍‌ଡିପି | 3,92,804 | 4,40,879 | 4,87,805 | 5,21,275 | 5,09,574 |
| ଜିଏସ୍‌ଡିପି ଅଭିବୃଦ୍ଧିର ହାର | 19.79 | 10.47 | 14.05 | 7.66 | -2.24 |
| ସରକାରୀ ଋଣ/ଜିଏସ୍‌ଡିପି | 10.68 | 12.00 | 11.75 | 12.82 | 15.60 |
| ଋଣ ପରିଶୋଧର ଋଣ | | | | | |
| ସରକାରୀ ଋଣ ପାଇଁ ସୁଧ | 2,663 | 3,318 | 3,986 | 4,226 | 4,748 |
| ବକେୟା ସରକାରୀ ଋଣ[17] *(ପ୍ରତିଶତ)* | 7.03 | 7.04 | 7.22 | 6.67 | 6.42 |
| ହାରାହାରି ସୁଧ ହାର (ପ୍ରତିଶତରେ) | 5.43 | 5.85 | 5.83 | 5.97 | 6.36 |
| ରାଜସ୍ୱ ପ୍ରାପ୍ତି ପାଇଁ ସୁଧ ପ୍ରଦାନର ପ୍ରତିଶତ | 26.39 | 20.91 | 39.39 | 30.62 | 45.54 |
| ରାଜ୍ୟର ନିଟ୍ ଋଣ ଉପଲବ୍ଧ[18] | 5,598 | 6,854 | 2,077 | 5,959 | 6,318 |
| ଋଣ ପ୍ରାପ୍ତିର ନିଟ୍ ଋଣ ଉପଲବ୍ଧ ପ୍ରତିଶତରେ | 49.88 | 53.29 | 20.76 | 40.60 | 31.10 |
| ଋଣ ବିସ୍ତାର* | 12.76 | 3.43 | 6.83 | 0.99 | -8.66 |
| ପରିମାଣ ବିସ୍ତାର[19] | 5362 | 1789 | 3980 | 677 | -795 |
| ପ୍ରାଥମିକ ନିଅଣ୍ଟ | -5,343 | -4,372 | -4,357 | -12,756 | -3,142 |
| ଋଣ ସ୍ଥିରତା(ପରିମାଣ ବିସ୍ତାର+ ପ୍ରାଥମିକ ନିଅଣ୍ଟ | 19 | -2,583 | -377 | -12,078 | -3,937 |

***ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷଗୁଡ଼ିକର ବିତ୍ତୀୟ ହିସାବ***

**** ଜିଏସ୍‌ଡିପିର ଅଭିବୃଦ୍ଧି ହାର ବକେୟା ସରକାର ଋଣର ହାରାହାରି ସୁଧ ହାର.***

ଅର୍ଥନୀତିର ଅଭିବୃଦ୍ଧି ହାର ସୁଧ ହାର କିମ୍ବା ସରକାରୀ ଧାର ଠାରୁ ଅଧିକ ହେଲେ, ଏହା ସ୍ଥିରତାର ଅବସ୍ଥାକୁ ଦର୍ଶାଇଥାଏ । ପ୍ରାଥମିକ ଅବଶେଷ ଶୂନ୍ୟ କିମ୍ବା ସକରାତ୍ମକ ଅଥବା ସାମାନ୍ୟ ନକରାତ୍ମକ ହେଲେ ଋଣ-ଜିଏସ୍‌ଡିପି

[16] *ବକେୟା ଅବଶେଷ 6003 -ଶୀର୍ଷକ-ଆଭ୍ୟନ୍ତରୀଣ, ଋଣ ଏବଂ 6004- କେନ୍ଦ୍ରୀୟ ସରକାରଙ୍କ ଠାରୁ ଋଣ ଓ ଅଗ୍ରୀମର ସମୁଦାୟକୁ ବକେୟା ସରକାରୀ ଋଣ କୁହାଯାଏ*

[17] *ହାରାହାରି ସୁଧ ହାର-ସୁଧ ପ୍ରଦାନ/ ସରକାରୀ ଋଣର ପ୍ରାରମ୍ଭିକ ଜମା+ ସରକାରୀ ଋଣର ଅବଶେଷ ଜମା/2*

[18] *ସରକାରୀ ଋଣ ପରିଶୋଧ ଓ ସରକାରୀ ଋଣରେ ସୁଧ ପ୍ରଦାନ ଠାରୁ ସରକାରୀ ଋଣ ପ୍ରାପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ନିଟ୍ ଋଣ ଉପଲବ୍ଧକୁ ହିସାବ କହାଯାଇଥାଏ*

[19] *ପରିମାଣ ବିସ୍ତାର = ବକେୟା ସରକାରୀ ଋଣ X ସୁଧ ବିସ୍ତାର/100*

ଅନୁପାତ ସ୍ଥିର ହୋଇଥାଏ । ବିସ୍ତାର ହାର (ଜିଏସ୍‌ଡିପି ଅଭିବୃଦ୍ଧି-ସୁଧ ହାର) ଏବଂ ପରିମାଣ ବିସ୍ତାର (ଋଣ x ବିସ୍ତାର ହାର) ଋଣ ପୋଷଣୀୟତା ଅବସ୍ଥା ଦର୍ଶାଏ ଯେ ଯଦି ପରିମାଣ ବିସ୍ତାର ପ୍ରାଥମିକ ନିଅଣ୍ଟ ମିଶି ଶୂନ୍ୟ ହୁଏ, ଋଣ ଜିଏସ୍‌ଡିପି ଅନୁପାତ ସ୍ଥିର ହୁଏ କିମ୍ବା ପରିଶେଷରେ ସ୍ଥିର ହୋଇଥାଏ । ଅନ୍ୟ ପକ୍ଷରେ, ଯଦି ପ୍ରାଥମିକ ନିଅଣ୍ଟ ପରିମାଣ ବିସ୍ତାର ସହ ମିଶି ନକରାତ୍ମକ ହୁଏ, ଋଣ ଜିଏସ୍‌ଡିପି ଅନୁପାତ ବୃଦ୍ଧି ପାଇଥାଏ ଏବଂ ଯଦିଓ ଏହା ସକରାତ୍ମକ ହୁଏ, ଋଣ-ଜିଏସ୍‌ଡିପି ଅନୁପାତ ଆପାତତଃ କମିଥାଏ ।

ନିମ୍ନରେ ଦର୍ଶାଯାଇଥିବା ସାରଣୀ 2.29 ରୁ ଦେଖାଗଲା ଯେ ବିଗତ ପାଞ୍ଚ ବର୍ଷରେ କେବଳ 2020-21 ବର୍ଷକୁ ବାଦ୍ ଦେଇ ଅନ୍ୟ ଚାରି ବର୍ଷରେ ଅର୍ଥନୀତିର ଅଭିବୃଦ୍ଧି ହାର (ଜିଏସ୍‌ଡିପିର ଅଭିବୃଦ୍ଧି ହାର) ସୁଧ ହାର ବା ସରକାର ଧାର ଠାରୁ ଅଧିକ ଥିଲା । ତଥାପି ପ୍ରାଥମିକ ଅବଶେଷ (ପ୍ରାଥମିକ ନିଅଣ୍ଟ) ନକରାତ୍ମକ ଥିଲା ଯାହାଫଳରେ ଋଣ ସ୍ଥିରତା ଅବସ୍ଥାର ପୂର୍ଣ୍ଣତା ଆସିପାରି ନଥିଲା ।

ପୂର୍ବ ବର୍ଷ ଯାହା କି ଏକ ମହାମାରୀର ସମୟ ଥିଲା, ତୁଳନାରେ ପ୍ରାଥମିକ ନିଅଣ୍ଟ ପରିମାଣ ବିସ୍ତାର ଓ ପ୍ରାଥମିକ ନିଅଣ୍ଟର ମିଶ୍ରଣର ପ୍ରଦର୍ଶନ ଭଲ ଥିଲା, ଯାହା କି ଏକ ଉତ୍ତମ ସୂଚକ ଅଟେ । ତଥାପି 2018-19 ଠାରୁ ସରକାର ଋଣ ଓ ଜିଏସ୍‌ଡିପିର ଅନୁପାତ ବୃଦ୍ଧି ପାଇଚାଲିଛି ଏବଂ 2020-21 ରେ ଏହା ସର୍ବୋଚ୍ଚ ଥିଲା, ଯାହାକି ଚିନ୍ତାର ବିଷୟ ଥିଲା ।

ରେଖାଚିତ୍ର 2.23: ଋଣ ପୋଷଣୀୟତା ସଂକେତକର ଧାରା




*ଉତ୍ସ: ଓଡିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

## 2.7.2କରଜ ପାଣ୍ଠିର ଉପଯୋଗ

ପୁଞ୍ଜି, ସୃଷ୍ଟି ଓ ଉନ୍ନତିମୂଳକ କାର୍ଯ୍ୟ ପାଇଁ କରଜ ପାଣ୍ଠି ବ୍ୟବହୃତ ହେବା ଉଚିତ୍ । ବକେୟା ଋଣ ପାଇଁ ସୁଧ ପ୍ରଦାନ ଓ ସାମ୍ପ୍ରତିକ ବ୍ୟୟ ପାଇଁ କରଜ ପାଣ୍ଠିର ବ୍ୟବହାର ଗ୍ରହଣୀୟ ନୁହେଁ ।

ସାରଣୀ 2.30: କରଜ ପାଣ୍ଠିର ଉପଯୋଗ

| ଋଣ ପୋଷଣୀୟତାର ସଂକେତକ | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ମୋଟ କରଜ (ଟଙ୍କା କୋଟିରେ) | 33,782 | 61,698 | 48,103 | 60,314 | 60,649 |
| ପୂର୍ବ କରଜ ପରିଶୋଧ (ଟଙ୍କା କୋଟିରେ) | 21,912 | 36,157 | 37,009 | 42,487 | 63,960 |
| ପୂର୍ବ କରଜ ପରିଶୋଧ (ମୂଳ ଜମା ଟଙ୍କା କୋଟିରେ) | 64.86 | 58.60 | 76.94 | 70.44 | 105.46 |
| ପୂର୍ବ କରଜ ପରିଶୋଧ (ମୂଳ ଜମା (ପ୍ରତିଶତରେ) | 0.49 | 2.62 | 1.80 | 1.61 | -- |
| ନିଟ୍ ଋଣ ଓ ଅଗ୍ରୀମ (ପ୍ରତିଶତ) | 27.27 | 12.55 | 19.32 | 27.95 | -- |
| ନିଟ୍ ପୁଞ୍ଜିଗତ ଖର୍ଚ୍ଚ (ପ୍ରତିଶତରେ) | -- | -- | -- | -- | -- |
| ନିଟ୍ ଉପଲବ୍ଧ କରଜରୁ ରାଜସ୍ୱ ଖର୍ଚ୍ଚ (ପ୍ରତିଶତ) | 7.38 | 26.23 | 1.95 | -- | (-)5.46 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ଖାତା*

ରେଖାଚିତ୍ର 2.24: କରଜ ପାଣ୍ଠିର ଉପଯୋଗର ଧାରା




*ଉତ୍ସ: ଓଡ଼ିଶା ସରକାରଙ୍କ ସମ୍ବନ୍ଧୀୟ ବର୍ଷର ଆର୍ଥିକ ହିସାବ*

ସାରଣୀ **2.30**ଏବଂ **ରେଖାଚିତ୍ର 2.24**ରୁ ଏହା ସ୍ପଷ୍ଟ ଯେ ସମୁଦାୟ କରଜ ପାଣ୍ଠି ଓ ରୋକଡ଼ ଅବଶେଷରେ ମାତ୍ର 5.46 ପ୍ରତିଶତ ପୂର୍ବ କରଜ ପରିଶୋଧ ପାଇଁ ଉପଯୋଗ ହୋଇଥିଲା ।

## 2.7.3ନିର୍ଭରୋକ୍ତିର ସ୍ଥିତି-ଆକସ୍ମିକ ଦେୟ

ନିର୍ଭରୋକ୍ତି ପ୍ରଦାନ କରାଯାଇଥିବା ଧାରକଙ୍କ ଦ୍ୱାରା ଖିଲାପ ମାମଲାରେ ନିର୍ଭରୋକ୍ତ ଗୁଡ଼ିକ ରାଜ୍ୟ ଏକୀକୃତ ପାଣ୍ଠିର ଆକସ୍ମିକ ଦେୟ । ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ (12 ନଭେମ୍ବର 2002) ଯେ ପ୍ରତିବର୍ଷ 1 ଅପ୍ରେଲ ସୁଦ୍ଧା ସମୁଦାୟ ବକେୟା ନିର୍ଭରୋକ୍ତି, ବିତ୍ତୀୟ ପୂର୍ବବର୍ତ୍ତୀ ବର୍ଷରେ ରାଜ୍ୟରେ ରାଜସ୍ୱ ପ୍ରାପ୍ତିର (ଅନୁଦାନ ବ୍ୟତୀତ) ଶତ ପ୍ରତିଶତରୁ ଅଧିକ ହେବ ନାହିଁ । 2016-17 ରୁ 2020-21 ବର୍ଷ ଗୁଡ଼ିକର ବକେୟା ନିର୍ଭରୋକ୍ତିର ଧାରା ସାରଣୀ **2.31** ରେ ଦର୍ଶାଯାଇଛି । 2020-21 ବର୍ଷ ଶେଷରେ ଆକସ୍ମିକ ଦେୟ 17,086 କୋଟି ଟଙ୍କାର ଅନୁଦାନ ବ୍ୟତୀତ ସମୁଦାୟ ରାଜସ୍ୱ ପ୍ରାପ୍ତି79,948କୋଟି ଟଙ୍କାର 8.86 ପ୍ରତିଶତ ଥିଲା ଏବଂ ସଂକଳ୍ପ ପତ୍ରରେ ନିର୍ଦ୍ଧାରିତ ସୀମା (100 ପ୍ରତିଶତ) ମଧ୍ୟରେ ଥିଲା ।

**ସାରଣୀ 2.31: ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଭରୋକ୍ତି**

(ଟଙ୍କା କୋଟିରେ)

| ନିର୍ଭରୋକ୍ତି | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|
| ସୁଧ ସହିତ ବକେୟା ନିର୍ଭରୋକ୍ତିର ନିର୍ଦ୍ଧାରିତ ସୀମା(ମାନଦଣ୍ଡ) | 44,080 | 54,812 | 59,217 | 67,584 | 79,948 |
| ବର୍ଷ ଆରମ୍ଭରେ ଥିବା ବକେୟା ନିର୍ଭରୋକ୍ତି | 1,290 | 2,256 | 1,711 | 4,170 | 3,532 |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ହିସାବ*

ସରକାର ନିର୍ଭରୋକ୍ତିକୁ ଶତ ପ୍ରତିଶତ କ୍ଷତି ଭୟ ବର୍ଗରେ ବିବେଚନା କରିଥିଲେ ଯଥା-ଖିଲାପି କ୍ଷତି ଭୟକୁ ରାଜ୍ୟ ସରକାର ବହନ କରିବାର ଥିଲା । 2020-21 ବର୍ଷ ମଧ୍ୟରେ ସରକାର ଗ୍ରୀଡ୍ କର୍ପୋରେସନ ଅଫ୍ ଓଡ଼ିଶାକୁ 3,553.05 କୋଟି ଟଙ୍କାର ନିର୍ଭରୋକ୍ତି ଦେଇଥିଲେ । ଅନ୍ୟ ପକ୍ଷରେ, ଏହି ବର୍ଷରେ କୌଣସି ନିର୍ଭରୋକ୍ତି ପ୍ରତ୍ୟାହାର କିମ୍ବା ଆବାହକ କରିନଥିଲେ । ସମୁଦାୟ ଋଣ ବାବଦରୁ ସରକାର 98.57 ପ୍ରତିଶତ (6985.30 କୋଟି ଟଙ୍କା)

ଗ୍ରୀଡ୍‌କର୍ପୋରେସନ ଅଫ୍ ଓଡ଼ିଶାଙ୍କ ଅଂଶ ଥିଲା ।

ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିର୍ଭରୋକ୍ତି ପରିପ୍ରେକ୍ଷୀରେ, ସଂସ୍ଥାଗୁଡ଼ିକ କେତେକ କ୍ଷେତ୍ରରେ 0.01 ପ୍ରତିଶତରୁ ଏକ ପ୍ରତିଶତ ହାରରେ କମିଶନ ପଇଠ କରିବାର ଆବଶ୍ୟକତା ଥିଲା । ବିତ୍ତୀୟ ହିସାବ ଅନୁଯାୟୀ 2020-21 ବର୍ଷ ମଧ୍ୟରେ ରାଜ୍ୟ 32.67 କୋଟି ଟଙ୍କାର ନିର୍ଭରୋକ୍ତି କମିଶନ ପାଇଥିଲା । 31 ମାର୍ଚ୍ଚ 2021 ସୁଦ୍ଧା 400.64 କୋଟି ଟଙ୍କାର ସଂକଳିତ ନିର୍ଭରୋକ୍ତି କମିଶନ ପାଇବାକୁ ଥିବା ସ୍ଥଳେ, 340.24 କୋଟି ଟଙ୍କା ପାଇଥିଲେ, ବଳକା ନିର୍ଭରୋକ୍ତି କମିଶନ 59.41 କୋଟି ଟଙ୍କା ପାଇବାକୁ ରହିଥିଲା । ଏହାର ସବିଶେଷ ବିବରଣୀ ସାରଣୀ 2.32 ରେ ଦର୍ଶାଯାଇଅଛି ।

**ସାରଣୀ 2.32: ସରକାରଙ୍କ ଦ୍ୱାରା ପ୍ରାପ୍ତ/ ପ୍ରାପ୍ତ ହେବାକୁ ଥିବା ନିର୍ଭରୋକ୍ତି କମିଶନ**

(ଟଙ୍କା କୋଟିରେ)

| କ୍ଷେତ୍ରର ନାମ | ସଂସ୍ଥାର ନାମ | ପ୍ରାପ୍ତ ହେବାକୁ ଥିବା କମିଶନ | ପ୍ରାପ୍ତ ହୋଇଥିବା କମିଶନ | ପ୍ରାପ୍ତି ହେବାକୁ ଥିବା କମିଶନ |
|---|---|---|---|---|
| ଶକ୍ତି | 4 | 329.99 | 300.54 | 28.46 |
| ସମବାୟ | 42 | 4.45 | 2.24 | 2.21 |
| ରାଜ୍ୟ ଅର୍ଥ ନିଗମ | 7 | 8.55 | 2.89 | 5.66 |
| ଗୃହ ଓ ନଗର ଉନ୍ନୟନ | 86 | 41.16 | 28.48 | 12.68 |
| ସଡ଼କ ଓ ପରିବହନ | 2 | 1.84 | 1.84 | 0.00 |
| ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ର | 15 | 13.39 | 4.25 | 9.14 |
| ଅନ୍ୟାନ୍ୟ | 4 | 1.26 | 0.00 | 1.26 |
| ମୋଟ | **160** | **400.64** | **340.24** | **59.41** |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ହିସାବ*

## 2.7.4 ବଳକା ଅର୍ଥ ରାଶି

ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ ରାଜ୍ୟ ସରକାର ବ୍ୟାଙ୍କରେ ଦୈନିକ ସର୍ବନିମ୍ନ ନଗଦ ଅବଶେଷ ରଖିବା ଆବଶ୍ୟକ ।

ରାଜ୍ୟ ସରକାର ସେମାନଙ୍କର ବଳକା ନଗଦ ଅବଶେଷ ସ୍ୱଳ୍ପ ମିଆଦି ଓ ଦୀର୍ଘ ମିଆଦି କେନ୍ଦ୍ର ସରକାରଙ୍କ ସିକ୍ୟୁରିଟି ଓ ଟ୍ରେଜେରୀ ବିଲରେ ବିନିଯୋଗ କରନ୍ତି । ଏହି ସମସ୍ତ ବିନିଯୋଗରୁ ଉତ୍ପନ୍ନ ଲାଭ 0049-ସୁଧ ପ୍ରାପ୍ତି ଶୀର୍ଷକରେ ଜମା ହୋଇଥାଏ । ରୋକଡ଼ ଅବଶେଷ ଏକତ୍ରିତ ସିଙ୍କିଙ୍ଗ୍ ପାଣ୍ଠି ଓ ନିଶ୍ଚିତ ମୋଚନ ପାଣ୍ଠିର ବିନିଯୋଗ କରାଯାଇଥାଏ । ଅଧିକ ନଗଦ ଅବଶେଷ ଥିବା ସତ୍ତ୍ୱେ ରାଜ୍ୟ ସରକାର ବଜାର ଋଣର ସରଣ ନେବା ଉଚିତ୍ ନଥିଲା ।

ମାର୍ଚ୍ଚ 2021 ସୁଦ୍ଧା ବଳକା ଅର୍ଥରାଶି 32,636.04 କୋଟି ଟଙ୍କା ଥିଲା । 2020-21 ରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶ ଏବଂ ବଳକା ଅର୍ଥ ରାଶିର ଚିଠା ସାରଣୀ **2.33** ରେ ପ୍ରଦତ୍ତ ହୋଇଛି ।

**ସାରଣୀ 2.33: ବଳକା ଅର୍ଥ ଓ ବଳକା ଅର୍ଥର ନିବେଶ**

(ଟଙ୍କା କୋଟିରେ)

| | 31/3/2020ସୁଦ୍ଧା ଅନ୍ତିମ ଅବଶେଷ | 31/3/2021ସୁଦ୍ଧା ଅନ୍ତିମ ଅବଶେଷ |
|---|---|---|
| **(କ) ସାଧାରଣ ନଗଦ୍ ଅବଶେଷ -** | | |
| ଟ୍ରେଜେରୀ ଥିବା ନଗଦ | -- | -- |
| ରିଜର୍ଭ ବ୍ୟାଙ୍କରେ ଜମା | 242.18 | 27.48 |
| ଅନ୍ୟାନ୍ୟ ବ୍ୟାଙ୍କରେ ଜମା | -- | -- |
| ପ୍ରେରିତ ଟଙ୍କା – ସ୍ଥାନୀୟ | -- | -- |
| ରୋକଡ଼ ଅବଶେଷ ନିବେଶ ହିସାବରେ | 24,865.00 | 14,351.36 |
| ମୋଟ (କ) | **25,107.18** | **14,378.84** |
| **(ଖ) ଅନ୍ୟାନ୍ୟ ରୋକଡ଼ ଅବଶେଷ ଓ ନିବେଶ** | | |

| | 31/3/2020ସୁଦ୍ଧା ଅନ୍ତିମ ଅବଶେଷ | 31/3/2021ସୁଦ୍ଧା ଅନ୍ତିମ ଅବଶେଷ |
|---|---|---|
| ବିଭାଗୀୟ ଅଧିକାରୀ ମାନଙ୍କ ପାଖରେ ଥିବା ଜମା ରାଶି ଯଥା- ପୂର୍ତ୍ତ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲାପାଳ | 19.86 | 19.24 |
| ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥିବା ସ୍ଥାୟୀ ଅଗ୍ରୀମ ଆକସ୍ମିକ ଖର୍ଚ୍ଚ ପାଇଁ ଅଗ୍ରୀମ ରାଶି | 0.33 | 0.33 |
| ଚିହ୍ନିତ ପାଣ୍ଠିରେ ବିନିଯୋଗ/ (ଏକତ୍ରୀକୃତ ଋଣ ଶୋଧନ ପାଣ୍ଠି ନିଧି-13,003.54 କୋଟି ଟଙ୍କା, ନିଶ୍ଚିତ ମୋଚନ ପାଣ୍ଠି-1,411.58 କୋଟି ଟଙ୍କା ଏବଂ ରାଜ୍ୟ କ୍ଷତି ପୂରକ ବୃକ୍ଷରୋପଣ ପାଣ୍ଠି 2,895.00 କୋଟି ଟଙ୍କା 31 ମାର୍ଚ୍ଚ 2020ସୁଦ୍ଧା) | 17,310.13 | 18,237.63 |
| **ମୋଟ (ଖ)** | **17,330.32** | **18,257.20** |
| **ସମୁଦାୟ (କ)+ (ଖ)** | **42,437.50** | **32,636.04** |
| **ସୁଧ ଆଦାୟ** | **1,422.96** | **945.88** |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ଆର୍ଥିକ ହିସାବ*

- 2020-21ବର୍ଷ ଓଡ଼ିଶା ସରକାର 8443-106-3521-91357- ସରକାରୀ ଋଣ ଓ 8443-106-3521-91358- ଟ୍ରେଜେରୀ ଶୀର୍ଷକରେ ଓଏମ୍‌ବିଏଡିସି ପାଇଁ ଏକ ପୃଥକ ଖାତା ଖୋଲିଥିଲେ ଏବଂ ଯଥାକ୍ରମେ 5,955.00 କୋଟି ଟଙ୍କା ଓ 9,124.41 କୋଟି ଟଙ୍କା ନିବେଶ କରିଥିଲେ ଯାହାକି ନଗଦ ଅବଶେଷ ନିବେଶ ଖାତାର ଅଂଶ ବିଶେଷ ନଥିଲା । ଏହା ଫଳରେ 2019-20 ବର୍ଷରେ 42,437.50 କୋଟି ଟଙ୍କାରୁ ନଗଦ ଅବଶେଷ 9801.46 କୋଟି ଟଙ୍କା ଓ 2020-21 ରେ 32,636.04 କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

- 2020-21 ରେ ଋଣ ପରିଶୋଧ ପାଇଁ ସମଷ୍ଟିଭୁକ୍ତ ପାଣ୍ଠିରେ ସୁଧ ବାବଦକୁ 1190.21 କୋଟି ଟଙ୍କା ନିଶ୍ଚିତ ପୁନରୁଦ୍ଧାର ପାଣ୍ଠିର ନିବେଶ ଅର୍ଥରୁ 111.24 କୋଟି ଟଙ୍କା ଏବଂ ରାଜ୍ୟ କାମ୍ପା ବୃକ୍ଷରୋପଣ ପାଣ୍ଠି ନିବେଶ ଅର୍ଥ 152.95 କୋଟି ଟଙ୍କାର ସୁଧ ସମ୍ପୃକ୍ତ ପାଣ୍ଠିରେ ଜମା ହୋଇଥିଲା ।

- ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍( ଟିବି)ଭାରତ ସରକାରଙ୍କ ଷ୍ଟକରେ ରାଜ୍ୟ ସରକାର 14,351.36କୋଟି ଟଙ୍କାର ନଗଦ ଅର୍ଥ ରାଶି ନିବେଶ କରିଥିଲେ । ଏହି ନିବେଶ ଉପରେ ସରକାର ବର୍ଷକ ମଧ୍ୟରେ 945.88କୋଟି ଟଙ୍କାର ସୁଧ ଉପାର୍ଜନ କରିଥିଲେ ।

- ତ୍ରୟୋଦଶ ଅର୍ଥ କମିଶନ ସୁପାରିଶ କରିଥିଲେ ଯେ ରାଜ୍ୟ ସରକାରମାନେ ଋଣ କରିବା ପୂର୍ବରୁ ସେମାନଙ୍କ ପାଖରେ ଥିବା ପ୍ରଚୁର ଅର୍ଥ ରାଶିକୁ ବିନିଯୋଗ କରିବାକୁ ପ୍ରଚେଷ୍ଟା କରିବେ । 31 ମାର୍ଚ୍ଚ 2021 ସୁଦ୍ଧା ଓଡ଼ିଶା ସରକାରଙ୍କର 14,378.84 କୋଟି ଟଙ୍କାର ସାଧାରଣ ବଳକା ଅର୍ଥ ରାଶି ରହିଥିଲା । ରାଜ୍ୟ ସରକାର ଏହି ବର୍ଷରେ ବଳକା ଅର୍ଥ ରାଶିରୁ 8,850 କୋଟି ଟଙ୍କା (5,955 କୋଟି ଟଙ୍କା ଓଏମ୍‌ବିଏଡିସି ଠାରୁ ଓ 2,895 କୋଟି ଟଙ୍କା କାମ୍ପା ପାଣ୍ଠିରୁ) ଋଣ କରିଥିଲେ । ଅର୍ଥ କମିଶନଙ୍କ ସୁପାରିଶକୁ ବେଖାତିର କରି ରାଜ୍ୟ ସରକାର 7.55 ରୁ 8.79 ପ୍ରତିଶତରେ ହାରରେ 6,341.08କୋଟି ଟଙ୍କା ଖୋଲା ବଜାର ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନଗୁଡ଼ିକରୁ କରଜ କରିଥିଲେ ।

ବିଗତ ପାଞ୍ଚ ବର୍ଷର ରାଜ୍ୟ ସରକାରଙ୍କର ନଗଦ ଅବଶେଷ -ନିବେଶ ଖାତାରେ ରହିଥିବା ଅବଶେଷର ଚିଠା ସାରଣୀ **2.34** ରେ ଦର୍ଶାଯାଇଛି ।

**ସାରଣୀ 2.34: ରୋକଡ଼ ଅବଶଷ ନିବେଶ ଖାତା (ମୁଖ୍ୟ ଶୀର୍ଷ 8673)**

(ଟଙ୍କା କୋଟିରେ)

| ବର୍ଷ | ପ୍ରାରମ୍ଭିକ ଜମା | ଅନ୍ତିମ ଜମା ରାଶି | ବୃଦ୍ଧି (+) / ହ୍ରାସ(-) | ସୁଧ ଆଦାୟ |
|---|---|---|---|---|
| 2015-16 | 3,870.55 | 5,836.24 | (+) 1,965.69 | 365.34 |
| 2016-17 | 5,836.24 | 8,738.10 | (+) 2,901.86 | 391.09 |

| ବର୍ଷ | ପ୍ରାରମ୍ଭିକ ଜମା | ଅନ୍ତିମ ଜମା ରାଶି | ବୃଦ୍ଧି (+) / ହ୍ରାସ(-) | ସୁଧ ଆଦାୟ |
|---|---|---|---|---|
| 2017-18 | 8,738.10 | 24,747.97 | (+) 16,009.87 | 559.32 |
| 2018-19 | 24,747.97 | 23,135.59 | (-) 1,612.38 | 1,427.13 |
| 2019-20 | 23,135.59 | 24,865.00 | (+) 1,729.41 | 1,422.96 |
| 2020-21 | 24,865.00 | 14,351.36 | (-) 10,513.64 | 945.88 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

ସରକାର ଦର୍ଶାଇଲେ (ଡିସେମ୍ବର 2021) ଯେ ବଳକା ନଗଦ ଅର୍ଥ ରାଶି ନକରାତ୍ମକ ରହିଥିଲା । ତଦନୁସାରେ ଏକ ନୂତନ ପ୍ରକ୍ରିୟା ଆରମ୍ଭ ହୋଇଛି ଯାହାକି ମହାଲେଖାକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କରାଯାଇଛି । ଏହି ପ୍ରକ୍ରିୟାରେ ରାଜ୍ୟ ସରକାର ଉତ୍ସର୍ଗୀକୃତ ପାଣ୍ଠି (ଓଏମ୍‌ବିଏଡିସି ଓ କାମ୍ପା ଇତ୍ୟାଦି ପରି) ର ବଳକ ନଗଦ ଜମା ରାଶିରୁ 364 ଦିନ ନିଲାମିତ ଟ୍ରେଜେରୀରେ ହ୍ରାସରେ ଋଣ ଉପଲବ୍ଧ କରିପାରିବେ । ଏଣୁ ରାଜ୍ୟ ସରକାର ଖୋଲା ବଜାର ଉପରେ ନିର୍ଭର କରିବେ ନାହିଁ । ତଥାପି, ଏହି ପାଣ୍ଠିରେ ବଳକା ନିବେଶିତ ଜମା ରାଶି ଉତ୍ସର୍ଗୀକୃତ ପାଣ୍ଠିରୁ କରିଥିବା ଋଣ 60 ପ୍ରତିଶତ ମଧ୍ୟରେ ରହିବ । ତେଣୁ, ଅଳ୍ପନ ଟ୍ରେଜେରୀ ବିଲରେ ନିବେଶ ପାଇଁ ଅର୍ଥ ରାଶି ଉପଲବ୍ଧ ରହିବ ।

ଯେତେବେଳେ ସରକାର ଓଏମ୍‌ବିଏଡିସି ଓ କାମ୍ପା ପାଣ୍ଠିରୁ ବଜାର ଦର ଠାରୁ କମ୍ ହାରରେ କରଜ କରିବାକୁ ପଦକ୍ଷେପ ନେଇଛନ୍ତି । ଅଡିଟ ମତରେ 14,351 କୋଟି ଟଙ୍କା (ନିର୍ଦ୍ଦିଷ୍ଟ ପାଣ୍ଠି ଓ ଓଏମ୍‌ବିଏଡିସି ପାଣ୍ଠିକୁ ଛାଡ଼ି) ର ମୁକ୍ତ ବଳକା ରାଶିର ଗୁରୁତ୍ୱପୂର୍ଣ୍ଣ ପରିମାଣ ରହିଥିଲା ଯାହାକି ନୂତନ କରଜ କରିବା ପୂର୍ବରୁ ଉପଯୋଗ କରାଯାଇ ପାରିଥାନ୍ତା ।

**ରେଖାଚିତ୍ର**2.25 ରେ 2016-17 ରୁ 2020-21 ବର୍ଷର ନଗଦ ଅବଶେଷ ନିବେଶ ଖାତାର ବର୍ଷଓ୍ୱାରୀ ବଜାର ଋଣ ଉଠାଣ ଓ ଉପଲବ୍ଧ ଅର୍ଥ ଅବଶେଷ ଦର୍ଶାଯାଇଛି ଏବଂ **ରେଖାଚିତ୍ର 2.26** ରେ ଉପଲବ୍ଧ ମାସ ଅନୁଯାୟୀ ନଗଦ ଅବଶେଷ ଓ ନିବେଶିତ ଅର୍ଥ ରାଶି ଦର୍ଶାଯାଇଛି ।

**ରେଖାଚିତ୍ର 2.25: ବଜାର ଋଣ ଓ ବଳକା ଅର୍ଥ ରାଶି ନିବେଶ ଖାତା(ମୁଖ୍ୟ ଶୀର୍ଷ8673)**




*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ*

ରେଖାଚିତ୍ର **2.26:** ବର୍ଷ ମଧ୍ୟରେ ମାସୱାରୀ ବଳକା ଅର୍ଥ ରାଶିର ଚଳନ ଓ ନିଟ୍ ବଳକା ଅର୍ଥ ରାଶି ନିବେଶ




*ଉତ୍ସ: ଓଡ଼ିଶା ସରକାରଙ୍କ ମାସିକ ବୈଧାନିକ ଖାତା*

ଉପରୋକ୍ତ ରେଖାଚିତ୍ରରୁ ଦେଖାଗଲା ଯେ ଅଗଷ୍ଟ 2020 ରୁ ବଳକା ଅର୍ଥ ରାଶି କମ୍ ହେବାକୁ ଲାଗିଥାଲା । ସରକାର ବର୍ଷ ସାରା ସରକାର ବହୁତ (14,000 କୋଟି ଟଙ୍କାରୁ ଅଧିକ) ସାଧାରଣ ବଳକା ଅର୍ଥ ରାଶି ଅନୁରକ୍ଷଣ କରିଥିଲେ । ନିଟ୍ ବଳକା ଅର୍ଥ ରାଶି ନିବେଶ ବଳକା ଅର୍ଥ ସହିତ ଗତିଶୀଳ ଥିବାରୁ, ସମସ୍ତ ପାଣ୍ଠି ବଳକା ଅର୍ଥ ରାଶି ନିବେଶ ଖାତାରେ ନିବେଶ କରାଯାଇଥିଲା ।

## 2.8 ସୁପାରିଶ

1. ଅନୁଦାନରୁ ହେଉଥିବା ଖର୍ଚ୍ଚକୁ ରାଜ୍ୟ ସରକାର ସମୀକ୍ଷା କରିବା ଅପରିହାର୍ଯ୍ୟ ଅଟେ । ଏହି ସମ୍ବନ୍ଧରେ ବଜେଟ ଓ ବ୍ୟୟ ବରାଦ ପାଣ୍ଠି ଉପଯୁକ୍ତ ପଦକ୍ଷେପ ବ୍ୟବସ୍ଥିତ କରିବା ଦରକାର । ଏହାଛଡ଼ା ବିତ୍ତୀୟ ମାନ ଦଣ୍ଡ ଯେପରିକି ରାଜସ୍ୱ ବଳକା/ ନିଅଣ୍ଟ ଏବଂ ବିତ୍ତୀୟ ନିଅଣ୍ଟ ଅର୍ଥନୀତିର ପ୍ରକୃତ ଅଭଶଅତାକୁ ସୁନିଶ୍ଚିତ କରିପାରିବ ।

2. ବଜେଟ ପ୍ରସ୍ତୁତ ପ୍ରକ୍ରିୟାକୁ ସରକାର ସମୀକ୍ଷା କରିବା ଉଚିତ୍, ଯାହାଫଳରେ ବଜେଟ ଆକଳନ ଓ ବାସ୍ତବ ବଜେଟ ମଧ୍ୟରେ ଥିବା ବ୍ୟବଧାନକୁ ଯୋଡ଼ା ଯାଇପାରିବ ।

# ଅଧ୍ୟାୟ-III

# ବଜେଟାରୀ ପରିଚାଳନା

ଅଧ୍ୟାୟ

III

# ବଜେଟାରୀ ପରିଚାଳନା

## 3.1 ବଜେଟ ପଦ୍ଧତି

ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସାଧାରଣତଃ ପ୍ରତିବର୍ଷ ଅଗଷ୍ଟ ମାସରେ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଅଟକଳକୁ ଗଠନ କରିବା ପାଇଁ ବଜେଟ୍ ପରିପତ୍ରଜରିଆରେ ବଜେଟ୍ ପଦ୍ଧତି ଜାରି କରିବା ପାଇଁ ବିଭାଗମାନଙ୍କୁ ଦିଗ୍‌ଦର୍ଶନ ଦେବା ଠାରୁ ଆରମ୍ଭ ହୋଇଥାଏ । ବିଭାଗୀୟ ନିୟନ୍ତ୍ରଣ ଅଧିକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଟକଳକୁ ଆଧାର କରି ସାଧାରଣତଃ ରାଜ୍ୟର ବଜେଟ୍ ପ୍ରସ୍ତୁତ କରାଯାଇଥାଏ ଏବଂ ଏହି ବିଭାଗୀୟ ଅଟକଳଗୁଡ଼ିକ ଅଧିକାଂଶ ବିଭାଗୀୟ ଜିଲ୍ଲା ଅଧିକାରୀମାନଙ୍କ ଦ୍ୱାରା ପ୍ରଦତ୍ତ ଅଟକଳ ଉପରେ ଆଧାର କରି ପ୍ରସ୍ତୁତ କରାଯାଇଥାଏ । ରାଜ୍ୟର ବଜେଟ୍ ପ୍ରସ୍ତୁତି ପଦ୍ଧତି ରେଖାଚିତ୍ର **3.1** ରେ ଦର୍ଶାଯାଇଅଛି:




ସମ୍ବିଧାନର ଧାରା 202 ଅନୁଯାୟୀ ଆର୍ଥିକ ବର୍ଷ ଆରମ୍ଭ ପୂର୍ବରୁ ବାର୍ଷିକ ଆର୍ଥିକ ବିବରଣୀ ଯାହାକୁ ସାଧାରଣ ବଜେଟ୍ ମଧ୍ୟ କୁହାଯାଏ ତାହା ବିଧାନ ସଭାରେ ଅନୁମୋଦିତ ହୋଇଥାଏ । ଯେତେବେଳେ ପ୍ରାରମ୍ଭିକ ବଣ୍ଟନରେ ଅଭାବ କିମ୍ବା ନୂତନ ଜିନିଷ କ୍ରୟରେ ଖର୍ଚ୍ଚ ହେବାକୁ ହେଲେ ସରକାର ଅନୁପୂରକ ଦାବୀ (ବଜେଟ୍ ନିୟମର ଅନୁଚ୍ଛେଦ 166) ବିଧାନ ସଭାରେ ଉପସ୍ଥାପନ କରନ୍ତି । ପୁନଶ୍ଚ ପୁନଃ-ବିନିଯୋଗ ସଂକ୍ରିୟା ଏକ ପ୍ରକ୍ରିୟା ଅଟେ ଯାହାକି ଏକ

ଉପଶୀର୍ଷକର ହୋଇଥିବା ସଞ୍ଚୟକୁ(ସାଧାରଣତଃ ଏକ ପରିକଳ୍ପନା) ଅନ୍ୟକୁ ସ୍ଥାନାନ୍ତରଣ କରିବାରେ ସରକାରଙ୍କୁ ସାହାଯ୍ୟ କରେ, ଯଦି ଏହା ସମାନ ଅନୁଦାନ[20] ଏବଂ ସମାନ ଅନୁଭାଗ[21] ଅଧିନରେ ହୋଇଥାଏ । ତଥ୍ୟ ସହିତ ସମଗ୍ର ବଜେଟ ପ୍ରସ୍ତୁତିକରଣ ଏବଂ କାର୍ଯ୍ୟାନ୍ୱୟନର ସମସ୍ତ ପ୍ରକ୍ରିୟାକୁ ବିନିଯୋଗ ହିସାବ ଧାରଣ କରେ ଯାହା **ରେଖାଚିତ୍ର 3.2** ରେ ଦର୍ଶାଯାଇଛି ।

**ରେଖାଚିତ୍ର 3.2: ବଜେଟ୍ କାର୍ଯ୍ୟାନ୍ୱୟନର ପ୍ରବାହ ରେଖାଚିତ୍ର**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିନିଯୋଗ ହିସାବ*

## 3.1.1 2020-21ମଧ୍ୟରେ ସମୁଦାୟ ବ୍ୟବସ୍ଥା, ବିନିଯୋଗ ଏବଂ ସଞ୍ଚୟର ସାରାଂଶ

ବାର୍ଷିକ ଆର୍ଥିକ ବିବରଣୀ ଅଥବା ବଜେଟରେ ଏକତ୍ରୀକୃତ ପାଣ୍ଠିରେ ହୋଇଥିବା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚର ଭାର ଅଲଗା ଅଲଗା ଭାବରେ ଦର୍ଶାଯିବା ଉଚିତ୍ । ଏହା ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ ଠାରୁ ରାଜସ୍ୱ ହିସାବର ପ୍ରଭେଦ ଦର୍ଶାଇଥାଏ । 2020-21 ମଧ୍ୟରେ ହୋଇଥିବା ସମୁଦାୟ ବଜେଟ୍ ବ୍ୟବସ୍ଥା, ବିତରଣ ଏବଂ ସଞ୍ଚୟ/ ବଳକା ସହିତ ଅନୁମୋଦିତ/ ନିର୍ଦ୍ଦେଶିତ ଖର୍ଚ୍ଚର ଏକ ସାରାଂଶ ନିମ୍ନରେ ପ୍ରଦାନ କରାଯାଇଅଛି:

**ସାରଣୀ :3.1 ବଜେଟ ବ୍ୟବସ୍ଥା ତୁଳନାରେ ଖର୍ଚ୍ଚର ସାମଗ୍ରୀକ ସ୍ଥିତି**

(ଟଙ୍କା କୋଟିରେ)

| ମୋଟ ବଜେଟ(ଓ+ଏସ୍) ବ୍ୟବସ୍ଥା | | ମୋଟ | ବିତରଣ | | ମୋଟ | ସଞ୍ଚୟ | | ମୋଟ |
|---|---|---|---|---|---|---|---|---|
| ଅନୁମୋଦିତ | ଭାରିତ | | ଅନୁମୋଦିତ | ଭାରିତ | | ଅନୁମୋଦିତ | ଭାରିତ | |
| 1,50,755.02 | 16,908.25 | 1,67,633.27 | 1,08,063.73 | 16,045.41 | 1,24,109.14 | 42,691.29 | 862.84 | 43,554.13 |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିନିଯୋଗ ହିସାବ*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ, 2020-21ରେ ବଜେଟ ପାଣ୍ଠି ଗୁଡ଼ିକର ବିନିଯୋଗ (ସାମଗ୍ରୀକ) 74.04 ପ୍ରତିଶତ ଥିଲା । ଏହା 2019-20 ର ବଜେଟ ପାଣ୍ଠି ଗୁଡ଼ିକର ବିନିଯୋଗରୁ 10.04 ପ୍ରତିଶତ କମ୍ ଥିଲା ।

[20] *ବିଧାନ ସଭା ଦ୍ୱାରା ପାରିତ ଅର୍ଥ ଅନୁଦାନ ପାଇଁ ଦାବୀ ସମ୍ପର୍କିତ ଅନୁଦାନ*

[21] *ପୁଞ୍ଜି, ରାଜସ୍ୱ ଅଥବା ଋଣ*

### 3.1.2 ନିର୍ଦ୍ଧେଶିତ ଏବଂ ଅନୁମୋଦିତ ବିତରଣ

2020-21ରେ ସମୁଦାୟ ନିର୍ଦ୍ଧେଶିତ ଏବଂ ଅନୁମୋଦିତ ବିତରଣର ବିଭକ୍ତିକରଣ ସହିତ ବିଗତ ପାଞ୍ଚ ବର୍ଷର (2016-21) ଧାରା ବିଶ୍ଳେଷଣ ସାରଣୀ3.2ରେ ପ୍ରଦାନ କରାଯାଇଅଛି ।

**ସାରଣୀ: 3.2 2016-21ମଧ୍ୟରେ ସମୁଦାୟ ବିତରଣର ନିର୍ଦ୍ଧେଶିତ ଓ ଅନୁମୋଦିତ ଖର୍ଚ୍ଚର ଭାଗ ଖର୍ଚ୍ଚ ଦାବୀ ଆକାରରେ ଅନୁମୋଦିତ ବିତରଣ**

(ଟଙ୍କା କୋଟିରେ)

| ବର୍ଷ | ବିତରଣ | | | ସଞ୍ଚୟ/ ବଳକା | | |
|---|---|---|---|---|---|---|
| | ଅନୁମୋଦିତ | ଖର୍ଚ୍ଚ ଦାବୀ | ମୋଟ | ଅନୁମୋଦିତ | ଖର୍ଚ୍ଚ ଦାବୀ | ମୋଟ |
| 2016-17 | 80,704.34 | 7,109.33 | 87,813.67 | 15,916.53 (19.72) | 700.79 (9.86) | 16,617.32 |
| 2017-18 | 89,635.62 | 9,186.48 | 98,822.1 | 20,405.17 (22.76) | 801.31 (8.72) | 21,206.48 |
| 2018-19 | 1,06,767.30 | 9,850.56 | 1,16,617.86 | 18,577.34 (17.40) | 318.40 (3.23) | 18,895.74 |
| 2019-20 | 1,20,176.20 | 10,676.63 | 1,30,852.83 | 24,046.16 (20.01) | 731.55 (6.85) | 24,777.71 (18.94) |
| 2020-21 | 1,08,063.73 | 16,045.41 | 1,24,109.14 | 42,691.29 (39.51) | 862.84 (5.38) | 43,554.13 (35.09) |

*ଉତ୍ସ: ସଂପୃକ୍ତ ବର୍ଷ ମାନଙ୍କରେ ବିନିଯୋଗ ହିସାବ । ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ବିତରଣକୁ ବହନ କରୁଥିବାର ପ୍ରତିଶତକୁ ସୂଚାଏ*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2016-21ମଧ୍ୟରେ ଅନୁମୋଦିତ ଖର୍ଚ୍ଚ ଅଧିନରେ ସଂଚୟ 17.40 ପ୍ରତିଶତରୁ 39.51 ପ୍ରତିଶତ ମଧ୍ୟରେ ଏବଂ ନିର୍ଦ୍ଧେଶିତ ଅଧିନରେ ସଞ୍ଚୟ3.23 ପ୍ରତିଶତରୁ 9.86 ପ୍ରତିଶତ ମଧ୍ୟରେ ରହିଥିଲା । 2020-21 ବର୍ଷ ମଧ୍ୟରେ 43,554.13 କୋଟି ଟଙ୍କାର ସାମଗ୍ରିକ ସଂଚୟ, ଅନୁପୂରକ ବଜେଟର 11,700 କୋଟି ଟଙ୍କା ତିନିଗୁଣା ଅଧିକ ଥିଲା ଯାହାକି ବଜେଟ୍ ବ୍ୟବସ୍ଥିକରଣ ପଦ୍ଧତି ଉପରେ ପ୍ରଶ୍ନବାଚୀ ଉଠାଇଛି ।

2020-21 ମଧ୍ୟରେ କୋଭିଡ୍-19 ର ପ୍ରାଦୁର୍ଭାବ ଯୋଗୁଁ ବହୁଳ ପରିମାଣରେ ଆବଣ୍ଟନ ପାଣ୍ଠିର ସଂଚୟ ସରକାରୀ କାର୍ଯ୍ୟକଳାପର ବ୍ୟାଘାତର କାରଣ ଅଟେ ।

## 3.2 ବିନିଯୋଗ ହିସାବ

ବିନିଯୋଗ ହିସାବ ସରକାରଙ୍କର ପ୍ରତ୍ୟେକ ଆର୍ଥିକ ବର୍ଷର ଖର୍ଚ୍ଚର ହିସାବ ଅଟେ । ଏହା ଭାରତୀୟ ସମ୍ବିଧାନର ଧାରା 204 ଏବଂ 205ଅନୁଯାୟୀ ବିନିଯୋଗ ଆଇନ୍ ଅଧିନରେ ଅନୁସୂଚୀ ସଂଲଗ୍ନରେ ପାରିତ ହୋଇଥାଏ । ବିନିଯୋଗ ହିସାବଗୁଡ଼ିକ ମୋଟ ଆଧାରରେ ତିଆରି ହୋଇଥାଏ । ଏହା ପାଣ୍ଠି ବିନିଯୋଗ, ଆର୍ଥିକ ପରିଚାଳନା ଏବଂ ବଜେଟାରୀ ବ୍ୟବସ୍ଥାର ପରିଚାଳନାରେ ସାହାଯ୍ୟ କରିଥାଏ । ତେଣୁ, ଏହା ଆର୍ଥିକ ହିସାବର ପରିପୂରକ ଅଟେ ।

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ବିନିଯୋଗ ହିସାବର ସମୀକ୍ଷାରେ ପ୍ରକୃତରେ ବିନିଯୋଗ ଆଇନ୍ ଅଧିନରେ ଦିଆଯାଇଥିବା ଭିନ୍ନଭିନ୍ନ ଅନୁଦାନ ମାଧ୍ୟମରେ ପ୍ରକୃତରେ ଖର୍ଚ୍ଚ ପ୍ରାଧୀକରଣ ହୋଇଛି କି ନାହିଁ ଏବଂ ସମ୍ବିଧାନ ବ୍ୟବସ୍ଥା ଅନୁସାରେ ନିର୍ଦ୍ଧେଶିତ ଖର୍ଚ୍ଚ ପାରିତ ହୋଇଛି କି ନାହିଁ ତାହା ଦେଖାଯାଏ । ଏହା ମଧ୍ୟ ଆଇନ୍ ଅନୁଯାୟୀ ଖର୍ଚ୍ଚର ହିସାବ ସୁନିଶ୍ଚିତ କରିବା, ସମ୍ବନ୍ଧୀୟ ନିୟମ, ବିନିୟମ ଏବଂ ଅନୁଦେଶକୁ ନିଶ୍ଚିତ କରିଥାଏ ।

## 3.3 ବଜେଟାରୀ ଏବଂ ହିସାବ ପଦ୍ଧତିର ସଚ୍ଚୋଟତା ଉପରେ ମନ୍ତବ୍ୟ

### 3.3.1 ପୁଞ୍ଜିଗତ ଖର୍ଚ୍ଚକୁ ରାଜସ୍ୱ ଖର୍ଚ୍ଚ ଏବଂ ଭାରିତ ଖର୍ଚ୍ଚକୁ ଅନୁମୋଦିତ ଖର୍ଚ୍ଚ ଏବଂ ଏହା ବିପରିତେ ବିଭାଗୀକରଣ

ଓଡ଼ିଶା ଆର୍ଥିକ ନିୟମରେ ପ୍ରାଥମିକ ଏକକ ବିନିଯୋଗର ବିଭାଗୀକରଣ କରାଯାଇଅଛି । ସେଥିରେ ପୁଞ୍ଜିଗତ ସମ୍ପତ୍ତିଅଧିଗ୍ରହଣ ଏବଂ ଅନ୍ୟାନ୍ୟ ପୁଞ୍ଜିଗତ ଖର୍ଚ୍ଚପାଇଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଶୀର୍ଷକ ଉପଲବ୍ଧ ଅଟେ । ଏହି ଉଦ୍ଦେଶ୍ୟ ଶୀର୍ଷକ ଗୁଡ଼ିକ ପୁଞ୍ଜିଗତ ଖର୍ଚ୍ଚକୁ ବହନ କରେଏବଂ ଏହା ପୁଞ୍ଜିଗତ ମୁଖ୍ୟ ଶୀର୍ଷ ଅନୁରୂପ କରାଯାଇଅଛି । କିନ୍ତୁ, ରାଜସ୍ୱ ସ୍ୱଭାବର ଉଦ୍ଦେଶ୍ୟ ଶୀର୍ଷକ ପୁଞ୍ଜିଗତ ମୁଖ୍ୟ ଶୀର୍ଷକ ଗୁଡ଼ିକ ଅଧିନରେ ଭୁଲ ଭାବରେ ପରିଚାଳିତ କରିବାର ଉଦାହରଣ ରହିଅଛି।

ଖର୍ଚ୍ଚ ଏବଂ ପ୍ରାପ୍ତିର ବିଶ୍ରେଣୀକରଣ ଆର୍ଥିକ ବିବରଣୀର ସଚ୍ଚୋଟତା ଉପରେ ବଡ଼ ପ୍ରଭାବ ପକାଇଥାଏ । 2020-21 ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା 1,047.37 କୋଟି ଟଙ୍କା ପୁଞ୍ଜିଗତ ବ୍ୟୟ ଭାବରେ ଶ୍ରେଣୀକରଣ କରାଯାଇଥିଲା । ପ୍ରତିଷ୍ଠିତ ହିସାବ ନିୟମାବଳୀ ଏବଂ ମାନଦଣ୍ଡ ଅନୁଯାୟୀ ଏହା ରାଜସ୍ୱ ଖର୍ଚ୍ଚ ପରିମାଣର ଶ୍ରେଣୀକରଣ ହେବା ଦରକାର **(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.4.3)**।

### 3.3.2 ଅନୁପୂରକ ଅନୁଦାନ

ସମ୍ବିଧାନର ଧାରା205ଅନୁଯାୟୀ ଏକ ଅନୁପୂରକ ଅଥବା ଅତିରିକ୍ତ ଅନୁଦାନ ଅଥବା ବିନିଯୋଗ ବ୍ୟବସ୍ଥା ଉପରେ ସେହି ବର୍ଷ ପାଇଁ ବିନିଯୋଗ ଅଧିନିୟମ ଦ୍ୱାରା ବର୍ଷ ପାଇଁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ଚଳିତ ଆର୍ଥିକ ବର୍ଷ ଶେଷ ହେବା ପରେ ନୁହେଁ କାରଣ ନିମ୍ନ ଆବଶ୍ୟକତାକୁ ପୂରଣ କରିବା ଆବଶ୍ୟକ -

i. ଚଳିତ ଆର୍ଥିକ ବର୍ଷ ମଧ୍ୟରେ ନୂତନ ଯୋଜନା ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ।

ii. ବ୍ୟବସ୍ଥାର ପର୍ଯ୍ୟାପ୍ତତା ନଥିବା ।

iii. ସଦ୍ୟ ଖର୍ଚ୍ଚ କିନ୍ତୁ ନୂତନ ଯୋଜନାର ଖର୍ଚ୍ଚ ପାଇଁ ନୁହେଁ ।

iv. ବ୍ୟବସ୍ଥାର ବିଲୋପ ।

ଯେତେବେଳେ ସେହି ଅତିରିକ୍ତ ଖର୍ଚ୍ଚ ଅନିବାର୍ଯ୍ୟ ହେବାର ଦେଖାଯିବ ଏବଂ ପୁନଃ ବିନିଯୋଗ ଦ୍ୱାରା ଅନୁଦାନ ସଂଚୟର ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ନଥିବ ସେତେବେଳେ ସଂପୃକ୍ତ ବିଭାଗର ସଚିବ ଅର୍ଥ ବିଭାଗକୁ ଅନୁପୂରକ ଅଥବା ଅତିରିକ୍ତ ଅନୁଦାନ ଅଥବା ବିନିଯୋଗ ପାଇଁ ପ୍ରସ୍ତାବ ଦେବେ । ଏହିସବୁ ଅନୁପୂରକ ଆବଣ୍ଟନ ବିନିଯୋଗର ସମୀକ୍ଷା ବିଶ୍ଳେଷଣ ନିମ୍ନରେ ପ୍ରଦାନ କରାଯାଇଅଛି:

#### 3.3.2.1 ଅନାବଶ୍ୟକ ଅଥବା ଅତ୍ୟଧିକ ଅନୁପୂରକ ଅନୁଦାନ

ସମୀକ୍ଷା ବିଶ୍ଳେଷଣ ଦର୍ଶାଉଅଛି ଯେ, 5,503.29କୋଟି ଟଙ୍କାରଅନୁପୂରକ ଅନୁଦାନ[22](ଏକ କୋଟି ଟଙ୍କା ଏବଂ ତଦୁର୍ଦ୍ଧ୍ୱ)ଯାହା ସମୁଦାୟ ଅନୁପୂରକ ଅନୁଦାନର47.04ପ୍ରତିଶତ,25ଟି ଅନୁଦାନ ***(ପରିଶିଷ୍ଟ3.1)*** ସମ୍ପର୍କୀତ 31ଟି ମାମଲାରେ ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା । କାରଣ ମୂଳ ବ୍ୟବସ୍ଥାରେ ପହଞ୍ଚିବାରେ ଧାର୍ଯ୍ୟ ସୀମା ରହି ନଥିଲା । ଏହା ଭୁଲ୍ ବଜେଟ୍ ଆକଳନକୁ ସୂଚାଉଥିଲା ।

22 *ଅନୁପୂରକ ଅନୁଦାନ ଅର୍ଥ ଅନୁପୂରକ ବିବରଣୀ ଉପରେ ସମ୍ବିଧାନର ଧାରା 205 ଅଧିନରେ ଆର୍ଥିକ ବର୍ଷ ମଧ୍ୟରେ ଖର୍ଚ୍ଚର ଉପସ୍ଥାପନାକୁ ବିଧାନ ସଭା ଦ୍ୱାରା ଅନୁମୋଦିତ କରିବା*

### 3.3.2.2 ଅତ୍ୟଧିକ ଅନୁପୂରକ ଅନୁଦାନ

ଅନୁପୂରକ ବ୍ୟବସ୍ଥା (ଏକ କୋଟି ଟଙ୍କା ଏବଂ ତଦୁର୍ଦ୍ଧ୍ୱ) ସର୍ବମୋଟ6,446.54କୋଟି ଟଙ୍କା10ଟି ଅନୁଦାନର11ଟିମାମଲାରେ2,207.13 କୋଟି ଟଙ୍କା ଅଧିକ ପ୍ରମାଣିତ ହୋଇଥିଲା**(*ପରିଶିଷ୍ଟ3.2*)**।

### 3.3.3 ଅନାବଶ୍ୟକ ଅଥବା ଅତ୍ୟଧିକ ପୁନଃ-ବିନିଯୋଗ

ପୁନଃ ବିନିଯୋଗର ଅର୍ଥ ସମାନ ଅନୁଦାନ ଏବଂ ସମାନ ଅନୁଭାଗ ଅଧିନ ଏକ ଯୋଜନା/ ୟୁନିଟରୁ ଅନ୍ୟକୁ ବଳକାର ସ୍ଥାନାନ୍ତରଣ (ପୁଞ୍ଜି, ରାଜସ୍ୱ ଅଥବା ଋଣ)2020-21 ମଧ୍ୟରେ 11,629.60 କୋଟି ଟଙ୍କା (566ଟି ମାମଲା) ପାଇଁ ପୁନଃ ବିନିଯୋଗ ଆଦେଶ ଜାରି କରାଯାଇଥିଲା ।

ପୁନଃ ବିନିଯୋଗ ଆଦେଶର ସମୀକ୍ଷା ବିଶ୍ଳେଷଣ ଦର୍ଶାଉଅଛି ଯେ ଆଠ ଟି ମାମଲାରେ ପାଣ୍ଠିର ପୁନଃବିନିଯୋଗ ଅଧିକ ବୋଲି ପ୍ରମାଣ କରୁଅଛି ଯେହେତୁ ଟଙ୍କା, ସମ୍ପୂର୍ଣ୍ଣ ଭାବରେ ଖର୍ଚ୍ଚ ହୋଇପାରିନାହିଁ । ଫଳସ୍ୱରୂପ 105.82 କୋଟି ଟଙ୍କା କମ୍ ଖର୍ଚ୍ଚ ହୋଇଛି ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ3.3***ରେ ଦର୍ଶାଉଅଛି।

ଅର୍ଥ ବିଭାଗ ଜଣାଇଥିଲେ (4 ଫେବୃଆରୀ 2021) ଯେ, ପୁନଃ ବିନିଯୋଗର ଧାର୍ଯ୍ୟ ସୀମା 24 ଫେବୃଆରୀ 2021 ଅଟେ । ଏହା ସତ୍ତ୍ୱେ 10 ଟି ମାମଲାରେ 3,433.21 କୋଟି ଟଙ୍କାର ପୁନଃ ବିନିଯୋଗ ଆଦେଶ (ପ୍ରତ୍ୟେକ ମାମଲାରେ ଏକ କୋଟି କିମ୍ବା ତଦୁର୍ଦ୍ଧ୍ୱ) ପାଞ୍ଚୋଟି ବିଭାଗ ଦ୍ୱାରା 31 ମାର୍ଚ୍ଚ 2021 ରେ ଜାରି କରାଯାଇଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 3.4*** ରେ ଦର୍ଶାଯାଇଅଛି ।

ଖର୍ଚ୍ଚ ନିୟନ୍ତ୍ରଣ ସଂକ୍ରିୟା ପର୍ଯ୍ୟାପ୍ତ ନଥିଲା ଏବଂ ସେହି ପୁନଃ ବିନିଯୋଗ ପ୍ରକୃତ ଅଟକଳକୁ ଆଧାର କରି ପ୍ରସ୍ତୁତ ହୋଇନଥିଲା ବୋଲି ଏହା ସୂଚିତ କରୁଅଛି ।

ରାଜ୍ୟ ସରକାର ଦର୍ଶାଇଲେ (ଡିସେମ୍ବର2021) ଯେ ୟୁନିଟ୍ ଅଧିନରେ ଖର୍ଚ୍ଚ କରିବାକୁ ହେଲେ ଅତିରିକ୍ତ ପାଣ୍ଠିର ଆବଶ୍ୟକତାକୁ ପାଣ୍ଠିର ପୁନଃ ବିନିଯୋଗ ମାଧ୍ୟମରେ ବର୍ଦ୍ଧିତ ବ୍ୟବସ୍ଥାକୁ ପଡ଼ିବ । ପୁନଃବିନିଯୋଗ ଦ୍ୱାରା ପୂରଣ କରିବାକୁ ପଡ଼ିବ । ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ନିୟନ୍ତ୍ରଣ ଅଧିକାରୀମାନଙ୍କୁ ଅନୁଦାନ ପାଇଁ ଅର୍ଥ ବିଭାଗ ଦ୍ୱାରା ଥରକୁ ଥର ଅନୁଦେଶ ଜାରି କରିବାକୁ ପଡ଼ିବ । କେତେକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଗୁଡ଼ିକରେ ଭାରତ ସରକାରଙ୍କ ଦ୍ୱାରା ବର୍ଷର ଶେଷ ଭାଗରେ ପାଣ୍ଠି ପ୍ରସ୍ତୁତ କରାଯାଇଥିଲା ଏବଂ ଆହୁରି ମଧ୍ୟ ବଜେଟାରୀ ଆବଣ୍ଟନ ଏବଂ ବିଭିନ୍ନ ଯୋଜନାରେ ପାଣ୍ଠି ପ୍ରଦାନ କରିବାର ଉପାଦାନଗୁଡ଼ିକ ମଧ୍ୟରେ ଅସାମଞ୍ଜସ୍ୟତା ଦେଖା ଦେଇଥିଲା । ପାଣ୍ଠିର ପୁନଃ ବିନିଯୋଗ ଆର୍ଥିକ ବର୍ଷର ଶେଷରେ ନ ହୋଇ ଯୋଜନା ମାର୍ଗଦର୍ଶିକା ଅନୁଯାୟୀ ପାଣ୍ଠି ପ୍ରଦାନ ହେବା ଦରକାର ।

### 3.3.4 ସଞ୍ଚୟ/ ପ୍ରତ୍ୟାର୍ପଣ

ସାମଗ୍ରୀକ ସଞ୍ଚୟ ବାବଦରେ 43,554.13 କୋଟି ଟଙ୍କା ମଧ୍ୟରୁ 32,556.37 କୋଟି ଟଙ୍କା (74.75 ପ୍ରତିଶତ) ବର୍ଷର ଶେଷ ଦିନ ଯଥା 31 ମାର୍ଚ୍ଚ 2021 ରେ ପ୍ରତ୍ୟାର୍ପଣ କରାଯାଇଥିଲା । ବଳକା ସଂଚୟ 10,997.76 କୋଟି ଟଙ୍କା (25.25 ପ୍ରତିଶତ) 2020-21 ମଧ୍ୟରେ ପ୍ରତ୍ୟାର୍ପଣ କରାଯାଇ ନଥିଲା । ଏହାର ସବିଶେଷ ବିବରଣୀ ରେଖାଚିତ୍ର **3.3** ରେ ଦର୍ଶାଯାଇଅଛି:

**ରେଖାଚିତ୍ର 3.3: 2020-21ଆର୍ଥିକ ବର୍ଷ ଶେଷ ପୂର୍ବରୁ ସଂଚୟ ଏବଂ ପ୍ରତ୍ୟାର୍ପଣ**

*(ଟଙ୍କା କୋଟିରେ)*




*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2020-21*

ଏଥି ମଧ୍ୟରୁ ସାମଗ୍ରୀକ ସଂଚୟ 35,821.91 କୋଟି ଟଙ୍କା (82.25 ପ୍ରତିଶତ) 24 ଟି ଅନୁଦାନ ଏବଂ ଦୁଇଟି ବିନିଯୋଗ ସମ୍ବନ୍ଧୀୟ ପ୍ରତ୍ୟେକରେ 100 କୋଟି ଟଙ୍କାରୁ ଅଧିକ ସଂଚୟ ସହିତ ଏବଂ ସମୁଦାୟ ବ୍ୟବସ୍ଥାର20 ପ୍ରତିଶତ ***(ପରିଶିଷ୍ଟ 3.5)*** ଥିଲା । ପ୍ରକୃତରେ ସଂଚୟ କରିଥିବା ମୁଖ୍ୟ ବିଭାଗ ଗୁଡ଼ିକ ହେଲା -ଅର୍ଥ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଜଳ ସମ୍ପଦ ଏବଂ ବିପର୍ଯ୍ୟୟ ପରିଚାଳନା । 2020-21 ବର୍ଷ ମଧ୍ୟରେ ଏହି ବିଭାଗଗୁଡ଼ିକରେ ବହୁଳ ସଂଚୟ କୋଭିଡ୍-19 ଯୋଗୁଁ ସରକାରୀ କାର୍ଯ୍ୟକଳାପର ବ୍ୟାଘାତ ଯୋଗୁଁ ହୋଇଥିଲା ବୋଲି ସୂଚିତ କରୁଅଛି ।

ପ୍ରତ୍ୟେକ ଗ୍ରୁପର ସମୁଦାୟ ସଂଚୟ ସହିତ ଅନୁଦାନ ଅର୍ଥର ବିତରଣ/ ବିନିଯୋଗ ସଂଚୟରେ ପ୍ରତିଶତ ଦ୍ୱାର ବିଭାଗୀକରଣର ସବିଶେଷ ବିବରଣୀ **ରେଖାଚିତ୍ର** 3.4 ରେ ଦର୍ଶାଯାଇଅଛି ।

**ରେଖାଚିତ୍ର 3.4: 2020-21 ମଧ୍ୟରେ ସଂଚୟ ଅନୁଦାନ ବିତରଣର ସଂଖ୍ୟା/ ପାଣ୍ଠି ଉପଯୋଗର ପ୍ରତିଶତ ଦ୍ୱାରା ବିନିଯୋଗର ବିଭାଗୀକରଣ**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିନିଯୋଗ ହିସାବ*

ଉପରୋକ୍ତ ରେଖାଚିତ୍ର 3.4 ରୁ ଏହା ଜଣାଗଲା ଯେ 46 ଟି ରାଜ୍ୟ ବଜେଟ ସମ୍ବନ୍ଧୀୟ ଅନୁଦାନ ମଧ୍ୟରୁ (43 ଟି ଅନୁଦାନ ଏବଂ ତିନୋଟି ବିନିଯୋଗ) ଯେଉଁଥିରେ କି କେବଳ ତିନୋଟି ଅନୁଦାନ ଦୁଇଟି ବିନିଯୋଗରେ 90 ପ୍ରତିଶତରୁ ଅଧିକ ପାଣ୍ଠିର ଉପଯୋଗ ହୋଇଅଛି । ମୁଖ୍ୟ ବିଭାଗ ଗୁଡ଼ିକ ଯଥା-ବିଜ୍ଞାନ ଏବଂ ବୈଷୟିକ (99.24 ପ୍ରତିଶତ), ସରକାରୀ ଉଦ୍ୟୋଗ (95.11 ପ୍ରତିଶତ), ସମବାୟ(93.53 ପ୍ରତିଶତ), ରାଜ୍ୟ ସରକାରଙ୍କ ଅନ୍ତରୀଣ ଋଣ (ସମସ୍ତ ଭାରିତ)( 100 ପ୍ରତିଶତ) ଏବଂ ସୁଧ ପ୍ରଦାନ (93.53 ପ୍ରତିଶତ)।

ରାଜ୍ୟ ବିଧାନ ସଭା (53.10 ପ୍ରତିଶତ), ଅବକାରୀ (56.56 ପ୍ରତିଶତ), ଜଳ ସମ୍ପଦ (57.27 ପ୍ରତିଶତ), କୃଷି ଏବଂ କୃଷକ ସଶକ୍ତିକରଣ (61.25 ପ୍ରତିଶତ), ପରିବହନ(63.60 ପ୍ରତିଶତ)ଏବଂ ଶ୍ରମିକ ଏବଂ କର୍ମଚାରୀ ରାଜ୍ୟ ବୀମା (62.55 ପ୍ରତିଶତ) ଆଦି ବିଭାଗଗୁଡ଼ିକ ଯେଉଁଥିରେ କି ପାଣ୍ଠି ଉପଯୋଗ 70 ପ୍ରତିଶତ ଠାରୁ କମ୍ ଥିଲା ।

ରାଜ୍ୟ ସରକାର ଜଣାଇଥିଲେ (ଡିସେମ୍ବର 2021) ଯେ ସଂଚୟର ପ୍ରତ୍ୟାର୍ପଣ ହେବ ଯେତେବେଳେ କି ଯୋଜନା କାର୍ଯ୍ୟକାରୀ ବିଭାଗଗୁଡ଼ିକ ଏବଂ ପ୍ରାଧିକାରୀମାନେ ନିଶ୍ଚିତ ହେବେ ଯେ ବଳକା ଆର୍ଥିକ ବର୍ଷରେ ପୁନଃ ଖର୍ଚ୍ଚ କରିପାରିବେ ନାହିଁ । ପୁନଶ୍ଚ, ଭାରତ ସରକାର କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ ଆର୍ଥିକ ବର୍ଷର ଶେଷ ମାସ ଏବଂ ଶେଷ ଦିନ ପାଣ୍ଠି ପ୍ରଦାନ କରିଥାନ୍ତି । ଏହା ଆର୍ଥିକ ବର୍ଷର ଶେଷ ଦିନରେ ସଂଚୟର ପ୍ରତ୍ୟାର୍ପଣର ଆବଶ୍ୟକୀୟ କାରଣ ଅଟେ ।

କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧିନରେ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରୀୟ ସହାୟତା ପ୍ରାପ୍ତି ନହେବା ବହୁଳ ସଂଚୟର ପ୍ରତ୍ୟାର୍ପଣର କାରଣ ଅଟେ । ନିୟନ୍ତ୍ରଣ ସଂକ୍ରିୟାର ଏକ ଅଂଶ ବିଶେଷ ଭାବେ ମୁଖ୍ୟ ଶାସନ ସଚିବ ଦ୍ୱାରା ସମସ୍ତ ସଚିବ ମାନଙ୍କ ସହିତ ମାସିକ ଆଧାରରେ ସମୀକ୍ଷା ସଭା କରାଯାଇଅଛି । ଅର୍ଥ ବିଭାଗ ଦ୍ୱାରା ପ୍ରଚଳିତ ଅଗ୍ରାଧୀକାରୀ ଅଟକଳ ବ୍ୟୟକୁ ତ୍ୱରାନ୍ୱିତ କରିବା (ଅଥବା କାଟଛାଣ୍ଟ କରିବା) ପାଇଁ ଆବଶ୍ୟକୀୟ ଅନୁଦେଶ ମଧ ଥରକୁ ଥର ଜାରି କରାଯାଇଅଛି ।

### 3.3.4.1 ବଜେଟ ପାଣ୍ଠିର ଉପଯୋଗର ଧାରା

2016-17ଠାରୁ2020-21ପାଞ୍ଚ ବର୍ଷ ମଧରେ ବଜେଟର ଉପଯୋଗର ଧାରା ନିମ୍ନ **ରେଖାଚିତ୍ର 3.5**ରେ ପ୍ରଦାନ କରାଯାଇଅଛି

**ରେଖା ଚିତ୍ର 3.5: 2016-17ଠାରୁ 2020-21ମଧରେ ବଜେଟ ଉପଯୋଗ**




*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2020-21*

ଆବଣ୍ଟନ ପାଣ୍ଠିରେ ବହୁଳ ପରିମାଣର ସଂଚୟ ଉଭୟ କୋଭିଡ୍-19 ପ୍ରାଦୁର୍ଭାବର ବିଦାରଣ ସହିତ ସମ୍ଭାବ୍ୟ ଅଭିଳଷିତ ଉଦ୍ଦେଶ୍ୟ ପାଇଁ ଉପଯୋଗର କ୍ଷମତା ମହାମାରୀ ସମୟରେ ପର୍ଯ୍ୟାପ୍ତ ନଥିବା ସୂଚିତ କରୁଥିଲା ।

### 3.3.5 ମାତ୍ରାଧିକ ପ୍ରତ୍ୟାର୍ପଣ

11 ଟି ଅନୁଦାନ ଅନ୍ତର୍ଗତ 12 ଟି ମାମଲାରେ (ପ୍ରତି କ୍ଷେତ୍ରରେ 50 କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ) 1,834.34 କୋଟି ଟଙ୍କାର ମୋଟ ଅନୁଦାନର ଶତ ପ୍ରତିଶତ ଅର୍ଥ ଫେରସ୍ତ ହୋଇଥିଲା । ଏଗୁଡ଼ିକ ବିଭିନ୍ନ ପରିକଳ୍ପନା/ କାର୍ଯ୍ୟକ୍ରମ/ ପ୍ରକଳ୍ପ

ତଥା କ୍ରିୟାକଳାପ ସମ୍ପର୍କିତ ଥିଲା ***(ପରିଶିଷ୍ଟ3.6)*** । ଭାରତ ସରକାରଙ୍କ ଠାରୁ କେନ୍ଦ୍ରୀୟ ଅଂଶ ପ୍ରାପ୍ତ ନ ହେବା, ପାଣ୍ଠି ଉଠାଣ ପାଇଁ ଭାରତ ସରକାରଙ୍କ ଠାରୁ ଅନୁମତି ପ୍ରାପ୍ତ ନହେବା, କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ମଧ୍ୟରେ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ଦାୟିତ୍ୱର ସ୍ଥାନାନ୍ତରଣ, କୋଭିଡ୍-19 ଯୋଗୁଁ ନୂତନ ପରିଯୋଜନା ହାତକୁ ନ ନେବା, କୋଭିଡ୍-19 ଯୋଗୁଁ ପରିଯୋଜନାର କାର୍ଯ୍ୟକାରୀ ନକରିବା, ଟେଣ୍ଡର ପଦ୍ଧତି ସମ୍ପୂର୍ଣ୍ଣ ନହେବା ଏବଂ କୋଭିଡ୍-19 ବ୍ୟତୀତ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯଥା-ମରୁଡ଼ି ଇତ୍ୟାଦି ବଜେଟ୍ ବ୍ୟବସ୍ଥାର ପ୍ରତ୍ୟାର୍ପଣ ।

ରାଜ୍ୟ ସରକାର ଜଣାଇଥିଲେ (ଡିସେମ୍ବର 2021) ଯେ ଆର୍ଥିକ ବର୍ଷର ଶେଷ ଭାଗରେ ଆଖିଦୃଶିଆ ପରିମାଣର କେନ୍ଦ୍ରୀୟ ସହାୟତା ବାବଦରେ ପ୍ରାପ୍ତି ହୋଇଥିଲା । ତେଣୁ, କେନ୍ଦ୍ରୀୟ ସହାୟତାର ଅନିଶ୍ଚିତତା ଯୋଗୁଁ ଫେବୃଆରୀ ମାସ ଶେଷ ସୁଦ୍ଧା ଅନେକ ମାମଲାର ପ୍ରତ୍ୟାର୍ପଣ ପଦ୍ଧତି ସମ୍ପୂର୍ଣ୍ଣ କରିବା ସମ୍ଭବ ହୋଇନଥିଲା । ଯାହାହେଉ ଖର୍ଚ୍ଚର ମିଳାମିଶା କମ୍ ଅଥବା ଅଧିକ ସ୍ଥିର କରିବା ପାଇଁ ନିୟନ୍ତ୍ରଣ ଅଧିକାରୀମାନେ ଆଇଏଫ୍ଏମ୍ଏସ୍‌ର ସୁବିଧାକୁ ବ୍ୟବହାର କରି ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ପ୍ରତ୍ୟାଶିତ ସଂଚୟ ଫେରସ୍ତ ପାଇଁ ବ୍ୟବସ୍ଥା କରିବା ପାଇଁ ସୁନିଶ୍ଚିତ କରିବେ ।

### 3.3.5.1 ବଳକା ସଂଚୟ ଠାରୁ ଅଧିକ ପ୍ରତ୍ୟାର୍ପଣ

ତିନୋଟି ମାମଲାରେ(ତିନୋଟି ଅନୁଦାନ) ପ୍ରତ୍ୟାର୍ପଣ ପରିମାଣ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି କିମ୍ବା ତଦୁର୍ଦ୍ଧ୍ୱ) ସଞ୍ଚୟ ଠାରୁ ଅଧିକ ହୋଇଥିଲା । ଏହି ସବୁ ବିଭାଗ ଗୁଡ଼ିକରେ ବଜେଟାରୀ ନିୟନ୍ତ୍ରଣ ଠିକ୍ ଭାବରେ ହୋଇ ନଥିଲା ବୋଲି ସୂଚିତ କରୁଅଛି । 4,674.53 କୋଟି ଟଙ୍କା ସଂଚୟ ହୋଇଥିବା ବେଳେ 5,053.61 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା । ଫଳସ୍ୱରୂପ ଅଧିକ 379.08 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା ଯାହାର ସବିଶେଷ ବିବରଣୀ ସାରଣୀ**3.3**ରେ ଦର୍ଶାଗଲା ।

**ସାରଣୀ 3.3: ସଂଚୟ ଠାରୁ ଅଧିକ ରାଶିର ପ୍ରତ୍ୟାର୍ପଣ**

(ଟଙ୍କା କୋଟିରେ)

| କ୍ର.ସଂ. | ଅନୁଦାନ ସଂଖ୍ୟା | ମୂଳ | ଅନୁପୂରକ | ମୋଟ ବ୍ୟବସ୍ଥା | ସଂଚୟ(-)/ବଳକା (+) | ପ୍ରତ୍ୟାର୍ପଣ ରାଶି | ଅଧିକ ପ୍ରତ୍ୟାର୍ପଣ |
|---|---|---|---|---|---|---|---|
| ରାଜସ୍ୱ (ଭାରିତ) | | | | | | | |
| 1 | 12(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) | 6,727.12 | 1,668.77 | 8,395.89 | 1,148.52 | 1,190.23 | 41.71 |
| 2 | 17(ପିଆର୍ଆଣ୍ଡଡିଡବ୍ଲୁଡି) | 14,828.25 | 2,027.7 | 16,855.95 | 3,149.59 | 3,481.24 | 331.65 |
| 3 | 22(ଜଙ୍ଗଲ ଓ ପରିବେଶ) | 1,954.4 | 21.55 | 1,975.95 | 376.42 | 382.14 | 5.72 |
| | ମୋଟ | **23,509.77** | **3,718.02** | **27,227.79** | **4,674.53** | **5,053.61** | **379.08** |

*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2020-21*

ରାଜ୍ୟ ସରକାର ଜଣାଇଥିଲେ (ଡିସେମ୍ବର2021) ଯେ,ଏହିପରି ଅଧିକ ପ୍ରତ୍ୟାର୍ପଣ ମାମଲା ସମୟାନୁଯାୟୀ ଖର୍ଚ୍ଚର ମିଳାମିଶା ମାଧ୍ୟମରେ ସମ୍ବୋଧିତ କରାଯାଇ ପାରିବ । ଅଭିଳଷିତ ନିର୍ଭୁଲ ପ୍ରତ୍ୟାର୍ପଣ ବିବରଣୀ ବାହାର କରିବା, ମିଳାମିଶା ପରିଚାଳନା ପଦ୍ଧତିର ଆଧାର ଏବଂ ପ୍ରତ୍ୟାର୍ପଣ ବିବରଣୀ ବାହାର କରିବା ପାଇଁ ବର୍ତ୍ତମାନ ରାଜ୍ୟ ସରକାରଙ୍କର ବଜେଟ ପ୍ରୟୋଗର ବିକାଶ କରାଯାଇଅଛି । ପ୍ରକୃତ କଥା, ତଥାପି ରହିଆସିଅଛି ଯେ ପୁନ ସମନ୍ୱୟ ତଥା ଆତ୍ମସମର୍ପଣ ବିବୃତ୍ତିର ସିଷ୍ଟମ ଆଧାରିତ ମନିଟରିଂ ପରେ ମଧ ଏହି ସମସ୍ୟା ସମାଧାନ ହୋଇ ନାହିଁ ଏବଂ ତେଣୁ ସରକାର ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ଯାଞ୍ଚ କରିବା ଉଚିତ୍ ।

### 3.3.5.2 ପ୍ରତ୍ୟାର୍ପଣ ହୋଇନଥିବ/ ଆଂଶିକ ପ୍ରତ୍ୟାର୍ପଣ ହୋଇଥିବା ସମ୍ଭାବିତ ସଞ୍ଚୟ

ଓଡ଼ିଶା ବଜେଟ ମାନୁଆଲ ନିୟମ 146 ଅନୁଯାୟୀ ଖର୍ଚ୍ଚ କରୁଥିବା ବିଭାଗଗୁଡ଼ିକ ସମ୍ଭାବିତ ସଂଚୟ କ୍ଷେତ୍ର ମାନଙ୍କରେ ଅନୁଦାନ/ ବିନିଯୋଗ ରାଶି କିମ୍ବା ତାର ଅଂଶ ବିଶେଷକୁ ଅର୍ଥ ବିଭାଗକୁ ଫେରସ୍ତ କରିବା ଉଚିତ୍ । ଅର୍ଥ ବିଭାଗ ଆଦେଶ

ଅନୁଯାୟୀ ବ୍ୟୟ ହୋଇ ନଥିବା ରାଶି 26-02-2021 ସୁଦ୍ଧା କିମ୍ବା ତା ପୂର୍ବରୁ ଫେରସ୍ତ ହେବା ଉଚିତ୍ । ଅନୁଦାନ ଗୁଡ଼ିକର ସଂଚୟ ଓ ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ସେଗୁଡ଼ିକର ପ୍ରତ୍ୟାର୍ପଣର ସମୀକ୍ଷା ନିମ୍ନପ୍ରକାରେ ଦର୍ଶାଗଲା ।

- ସର୍ବମୋଟ ସଂଚୟ 43,554.13କୋଟି ଟଙ୍କା ମଧ୍ୟରୁ କେବଳ 32,556.37କୋଟି ଟଙ୍କା ପ୍ରତ୍ୟାର୍ପଣ ହୋଇଥିଲା । ସମସ୍ତ ପ୍ରତ୍ୟାର୍ପଣ କେବଳ31 ମାର୍ଚ୍ଚ 2021 ରେ ହୋଇଥିଲା ।
- କେତେକ କ୍ଷେତ୍ରରେ କେବଳ ଆଂଶିକ ପ୍ରତ୍ୟାର୍ପଣର ଦୃଷ୍ଟାନ୍ତ ରହିଅଛି, ଯାହାର ସବିଶେଷ ବିବରଣୀ **ପରିଶିଷ୍ଟ 3.7** ରେ ଦର୍ଶାଯାଇଅଛି । ଆଗୁଆ ଭାବରେ ସଂଚୟର ପ୍ରତ୍ୟାର୍ପଣ କରିନଥିବା ମୁଖ୍ୟ ବିଭାଗ ଗୁଡ଼ିକ ହେଲା ଜଳ ସମ୍ପଦ (3,213.11 କୋଟି ଟଙ୍କା) ଏବଂ ଅର୍ଥ (1,884.84କୋଟି ଟଙ୍କା) ।

ମାର୍ଚ୍ଚ 2015 ସୁଦ୍ଧା ସମାପ୍ତ ହୋଇଥିବା ବର୍ଷର ରାଜ୍ୟ ଆର୍ଥିକ ଲେଖା ପରୀକ୍ଷା ପ୍ରତିବେଦନ ଅନୁଚ୍ଛେଦ 2.3.10 ର ଜବାବରେ ସରକାର ଦର୍ଶାଇଲେ ଯେ (ନଭେମ୍ବର 2015) ସମ୍ଭାବିତ ସଂଚୟର ପ୍ରତ୍ୟାର୍ପଣକୁ ସମ୍ମନ୍ୱିତ ଆର୍ଥିକ ପ୍ରବନ୍ଧନ ବ୍ୟବସ୍ଥା (ଆଇଏଫ୍ଏମ୍ଏସ୍) ସ୍ଥିରୀକୃତ ବ୍ୟୟ ସାମଞ୍ଜସ୍ୟ ମଡ୍ୟୁଲ୍ ମାଧ୍ୟମରେ ସୁନିଶ୍ଚିତ କରାଯିବା କଥା । ମାତ୍ର ଆଇଏଫ୍ଏମ୍ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ମଧ୍ୟ ଏହି ଅନିୟମିତତା ଚାଲୁରହିଛି । ଯାହାହେଉ ଏହି ବିଷୟଗୁଡ଼ିକ 2020-21 ପର୍ଯ୍ୟନ୍ତ ଚାଲୁ ରହିଅଛି ।

### 3.3.6 ଅଧିକ ବ୍ୟୟ ଏବଂ ଏହାର ନିୟମିତିକରଣ

ଭାରତୀୟ ସମ୍ବିଧାନ ଅନୁଚ୍ଛେଦ 205 ଅନୁଯାୟୀ ଅନୁମୋଦିତ ଅନୁଦାନ/ ବିନିଯୋଗ ରାଶି ଠାରୁ ହୋଇଥିବା ଅଧିକ ଖର୍ଚ୍ଚକୁ ରାଜ୍ୟ ବିଧାନ ସଭା ଦ୍ୱାରା ନିୟମିତ କରାଇବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ସରକାରୀ ହିସାବ କମିଟି(ପିଏସି) ଦ୍ୱାରା ବିନିଯୋଗ ହିସାବର ଆଲୋଚନା ପରେ ଅଧିକ ଖର୍ଚ୍ଚ ନିୟମିତ କରାଯିବାର ଥିଲା । ଏହି ଉପଲକ୍ଷେ ସଂପୃକ୍ତ ବିଭାଗ ଅର୍ଥ ବିଭାଗ ଜରିଆରେ ଅଧିକ ଖର୍ଚ୍ଚ ପାଇଁ ବ୍ୟାଖ୍ୟାତ୍ମକ ଟିପ୍ପଣୀ ସରକାରୀ ହିସାବ କମିଟି ନିକଟରେ ଉପସ୍ଥାପନା କରିବା ଆବଶ୍ୟକ ।

#### 3.3.6.1ଚଳିତ ଆର୍ଥିକ ବର୍ଷ ସମ୍ପର୍କୀତ ଅଧିକ ବ୍ୟୟ

ଭାରତୀୟ ସମ୍ବିଧାନ ଅନୁଚ୍ଛେଦ 204(3) ଅନୁଯାୟୀ ବିନିଯୋଗ ଆଇନ୍ ପାରିତ ନ ହେବା ଯାଏ, ରାଜ୍ୟର ଏକତ୍ରୀକୃତ ପାଣ୍ଠିରୁ ଟଙ୍କା ଉଠାଣ ହୋଇପାରିବ ନାହିଁ ।

ଏହା ଅବଲୋକନା କରାଗଲା ଯେ, 2020-21 ବର୍ଷ ପାଇଁ 9.63 କୋଟି ଟଙ୍କା ଅନୁଦାନ ସଂଖ୍ୟା 7 ନିର୍ମାଣ (ରାଜସ୍ୱ (ଅନୁମୋଦିତ) ଅଧିନରେ ଅଧିକ ଖର୍ଚ୍ଚ ହୋଇଥିଲା ।2009.46 କୋଟି ଟଙ୍କା ବ୍ୟବସ୍ଥା ହୋଇଥିବା ବାବଦରେ 2020-21 ବର୍ଷ ମଧ୍ୟରେ ବିଭାଗ 2019.09 କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଫଳସ୍ୱରୁପ ଉପରୋକ୍ତ ସାମ୍ବିଧାନିକ ବ୍ୟବସ୍ଥାର ଅନୁପାଳନ ହୋଇନଥିଲା ।

#### 3.3.6.2ପୂର୍ବ ଆର୍ଥିକ ବର୍ଷର ଅଧିକ ବ୍ୟୟର ନିୟମିତିକରଣ

ରାଜ୍ୟ ସରକାର 2013-14 ଠାରୁ 2018-19 ମଧ୍ୟରେ ଅନୁଦାନ ଠାରୁ ଅଧିକ ଖର୍ଚ୍ଚ କରିଥିବା 253.02 କୋଟି ଟଙ୍କା ମାର୍ଚ୍ଚ 2021 ସୁଦ୍ଧା ନିୟମିତ କରାଇବାରେ ବିଫଳ ହୋଇଥିଲେ ଯାହା ନିମ୍ନ ସାରଣୀ 3.4 ରେ ପ୍ରଦାନ କରାଯାଇଅଛି ।

**ସାରଣୀ 3.4: ପୂର୍ବ ବର୍ଷ ମାନଙ୍କର ଅଧିକ ବ୍ୟୟ**

(ଟଙ୍କା କୋଟିରେ)

| ବର୍ଷ | ଅନୁଦାନ ସଂଖ୍ୟା/ ବିନିଯୋଗ | ଅନୁଦାନ / ବିନିଯୋଗର ସବିଶେଷ ବିବରଣୀ | ବିନିଯୋଗ ହିସାବରେ ଟିପ୍ପଣୀ ଦିଆଯାଇଥିବା ଦରକାରୀ ଅଧିକ ରାଶିର ନିୟମିତକରି | ନିୟମିତକରରେ ଅବସ୍ଥା |
|---|---|---|---|---|
| 2013-14 | 22 | ଜଙ୍ଗଲ ଓ ପରିବେଶ | 0.29 | ଏପର୍ଯ୍ୟନ୍ତ ନିୟମିତିକରଣ ହୋଇନାହିଁ |
| | 26 | ଅବକାରୀ | 0.27 | -do- |
| | 31 | ହସ୍ତତନ୍ତ, ବୟମ ଏବଂ ହସ୍ତକଳା | 18.00 | -do- |
| 2015-16 | 22 | ଜଙ୍ଗଲ ଓ ପରିବେଶ | 0.25 | -do- |
| | 26 | ଅବକାରୀ | 0.01 | -do- |
| 2016-17 | 6003 | ଅନ୍ତରୀଣ ଋଣ | 56.63 | -do- |
| | 13 | ଗୃହ ଏବଂ ନଗର ଉନ୍ନୟନ | 3.63 | -do- |
| 2017-18 | 8 | ଓଡ଼ିଶା ବିଧାନ ସଭାର ଖର୍ଚ୍ଚ | 0.52 | -do- |
| 2018-19 | 7 | ନିର୍ମାଣ | 169.77 | -do- |
| | 13 | ଓଡ଼ିଶା ବିଧାନ ସଭାର ଖର୍ଚ୍ଚ | 3.65 | -do- |
| **ମୋଟ** | | | **253.02** | |

*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2020-21*

ବର୍ଦ୍ଧିତ ସମୟ ପାଇଁ ଅନିୟମିତ ହୋଇଥିବା ଅଧିକ ଖର୍ଚ୍ଚ କାର୍ଯ୍ୟନିର୍ବାହୀ କଳ ଉପରେ ବିଧାନ ସଭା ନିୟନ୍ତ୍ରଣ କ୍ଷୀଣ ହୋଇଥିଲା ବୋଲି ସୂଚାଉଛି ।

ରାଜ୍ୟ ସରକାର ଜଣାଇଥିଲେ (ଡିସେମ୍ବର2021) ଯେ ଚଳିତ ବର୍ଷ ସହିତ ପୂର୍ବ ବର୍ଷ ମାନଙ୍କ ମଧ୍ୟରେ ହୋଇଥିବା ଅଧିକ ବ୍ୟୟର ନିୟମିତ କରଣ ପାଇଁ ପଦକ୍ଷେପ ନିଆଯାଉଅଛି ।

## 3.3.7 ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି କରିବା ପାଇଁ ସହାୟକ ଅନୁଦାନ

ସହାୟକ ଅନୁଦାନ ପ୍ରଦାନର ସ୍ୱଭାବ ହେଉଛି ସହାୟତା, ଦାନ କିମ୍ବା ଏକ ସରକାରଙ୍କ ଦ୍ୱାରା ଅନ୍ୟ ଏକ ସରକାରଙ୍କୁ ଅଂଶଦାନ କରିବା, ସଂସ୍ଥା, ଅନୁଷ୍ଠାନ କିମ୍ବା ବ୍ୟକ୍ତିଗତ ସହାୟକ । ଅନୁଦାନ ଏକ ସଂସ୍ଥାକୁ ସାହାଯ୍ୟ କରିବା ସହିତ ସମ୍ପତ୍ତି ନିର୍ମାଣ କରିବାକୁ ନିର୍ଦ୍ଦିଷ୍ଟ ଉଦ୍ୟୋଗ ପାଇଁ ପ୍ରଦାନ କରାଯାଏ । ଅନୁଦାତାଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନକୁ ଅନୁଦାନଗ୍ରାହୀ ଖର୍ଚ୍ଚ କରିବା ସମୟରେ ରାଜସ୍ୱ ଖର୍ଚ୍ଚ ହିସାବରେ ପ୍ରଦର୍ଶିତ କରିବା କଥା, ଯଦି ଏହା ଅନ୍ୟ ଅର୍ଥରେ ପ୍ରୟୋଗ କରାଯାଏ । ଏହାର ବ୍ୟତିକ୍ରମ ହୋଇପାରେ ସେହି ମାମଲା ଗୁଡ଼ିକରେ ଯେଉଁଥିରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କର ଉପଦେଶ କ୍ରମେ ରାଷ୍ଟ୍ରପତି ଏହାକୁ ସତନ୍ତ୍ର ଭାବେ ପ୍ରାଧିକୃତ କରିଥାନ୍ତି ।

ଆର୍ଥିକ ହିସାବ 2020-21 ର **ପରିଶିଷ୍ଟ-III**ଅନୁଯାୟୀ,2020-21 ମଧ୍ୟରେ ସହାୟକ ଅନୁଦାନ ଆକାରରେ 27,269.36କୋଟି ଟଙ୍କା ମୋଟ ପ୍ରଦାନ ହୋଇଥିବା ପାଣ୍ଠି ମଧ୍ୟରୁ 8,567.39କୋଟି ଟଙ୍କା (31ପ୍ରତିଶତ) ପୁଞ୍ଜିଗତ ସମ୍ପତ୍ତି ସୃଷ୍ଟି ନିମନ୍ତେ ପାଣ୍ଠିର ଆବଣ୍ଟନ କରାଯାଇଥିଲା ।

## 3.4 ବଜେଟାରୀ ଏବଂ ହିସାବ ପଦ୍ଧତି ପ୍ରଭାବ ଉପରେ ମନ୍ତବ୍ୟ

କର ପରିଚାଳନାଅନ୍ୟାନ୍ୟ ପ୍ରାପ୍ତିରେ ପ୍ରଶାସନର ଦକ୍ଷତା ଏବଂ ସରକାରୀ ଖର୍ଚ୍ଚ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଲକ୍ଷ୍ୟ ହାସଲର ଭାରସାମ୍ୟକୁ ଧାରଣ କରେ । ଅବାସ୍ତବ ପ୍ରସ୍ତାବ,ବଜେଟାରୀ ଆବଣ୍ଟନ, ତ୍ରୁଟିପୂର୍ଣ୍ଣ ଖର୍ଚ୍ଚ,ପରିଚାଳନା ସଂକ୍ରିୟା, ତ୍ରୁଟିପୂର୍ଣ୍ଣ ପରିକଳ୍ପନାର ପରିଚାଳନା ଦକ୍ଷତା/ ତ୍ରୁଟିପୂର୍ଣ୍ଣ ଅନ୍ତରୀଣ ନିୟନ୍ତ୍ରଣ ବିଭିନ୍ନ ଉନ୍ନୟନମୂଳକ ଉପ-ଅନୁକୂଳତମ ଆବଣ୍ଟନର ଆବଶ୍ୟକତା ଥାଏ । କେତେକ ବିଭାଗରେ ବହୁଳ ସଂଚୟ ହୋଇଥିବା ବେଳେ ଅନ୍ୟ କେତେକ ବିଭାଗ ଗୁଡ଼ିକ ପାଣ୍ଠି ବ୍ୟୟ କରିବାରୁ ବଞ୍ଚିତ ହୋଇଥିଲେ ।

### 3.4.1 ବଜେଟରେ ମୁଖ୍ୟ ନୀତି ଘୋଷଣା ଏବଂ ତାଙ୍କର ପରିଚାଳନାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକୃତ ପାଣ୍ଠି ପ୍ରଦାନ

2020-21ମଧ୍ୟରେ ବିଭିନ୍ନ ପଲିସିର ସୂତ୍ରପାତ/ ଯୋଜନା (ଏକ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ ) ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା ଏବଂ ଏହା ଦେଖାଗଲା ଯେ ଏଗୁଡ଼ିକ ଆଂଶିକ ନିର୍ବାହ ହୋଇଛି ଅଥବା ବିଲ୍‌କୁଲ ନିର୍ବାହ ହୋଇନାହିଁ। କେତେକ ଯୋଜନାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି:

**ସାରଣୀ:3.5 2020-21 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆଂଶିକ ନିର୍ବାହ କିମ୍ବା ବିଲ୍‌କୁଲ୍ ନିର୍ବାହ ହୋଇନଥିବା ଯୋଜନା**

| କ୍ର.ସଂ. | ପରିକଳ୍ପନାର ନାମ | ଅନୁଦାନ ସଂଖ୍ୟା ଏବଂ ବିଭାଗ | ବଜେଟ ବ୍ୟବସ୍ଥା, 2020-21 (ଟଙ୍କା ଲକ୍ଷରେ) | ବ୍ୟୟ (ଟଙ୍କା ଲକ୍ଷରେ) |
|---|---|---|---|---|
| 1 | ଓଡ଼ିଶା-ଇ-ଡାକ୍ତରଖାନା ପରିଚାଳନା ସୂଚନା | 12–ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 508.47 | 0 |
| 2 | ରାଜ୍ୟରେ ରକ୍ତଭଣ୍ଡାରରେ ଏନ୍‌ଏଟିପିସିଆର୍‌ରେ ସୁବିଧା | -do- | 2,162.85 | 0 |
| 3 | ସିକିଲ ସେଲ ଏବଂ ଥାଲାସେମିଆ | -do- | 300.00 | 0 |
| 4 | ସ୍ୱାସ୍ଥ୍ୟ ପେଶାଦାର/ ଅନୁଷ୍ଠାନମାନଙ୍କୁ ପୁରସ୍କାର ପ୍ରଦାନ | -do- | 200.00 | 0 |
| 5 | ଦକ୍ଷତା ପ୍ରୟୋଗଶାଳା | -do- | 314.37 | 0 |
| 6 | 27 ଟି ସହରାଞ୍ଚଳ ସ୍ଥାନୀୟ ନିକାୟ (ୟୁଏଲ୍‌ବି) ଏବଂ 49 ଟି ଜଳ ଅଭାବ ପାଇଁ ପଞ୍ଚାୟତ ସମିତି ଛାତ ଉପର ବର୍ଷାଜଳ ଅମଳ ଏବଂ ଭୂ-ତଳ ଜଳ ପୁନରୁଦ୍ଧାର | 20- ଜଳ ସମ୍ପଦ ବିଭାଗ | 3,500.00 | 0 |
| | | **ମୋଟ** | 6,985.69 | **0** |

*ଉତ୍ସ: 2020-21 ର ଆର୍ଥିକ ହିସାବ (ପରିଶିଷ୍ଟ-II) ଏବଂ ବଜେଟ ଜେଟ୍ ଅଭିଭାଷଣ ଏବଂ ଓଡ଼ିଶା ବଜେଟ୍*

ପୁନଶ୍ଚ, ସମୀକ୍ଷାରେ ଲକ୍ଷ୍ୟ କରାଯାଇଥିଲା ଯେ 2020-21 ରେ 21ଟି ଉପପରିକଳ୍ପନର ଅନୁମୋଦିତ। 2,063.69କୋଟି ଟଙ୍କା ସମ୍ବନ୍ଧୀୟ/ସଂଶୋଧନ ବାହ୍ୟ ଖର୍ଚ୍ଚ **(ପରିଶିଷ୍ଟ3.8)**ସମ୍ପୂର୍ଣ୍ଣ ଭାବରେ ଉପଯୋଗ ହୋଇନଥିଲା।

ଏଥିପାଇଁ ପ୍ରକଳ୍ପ ଅଭିଳଷିତ ସୁବିଧାରୁ ହିତାଧିକାରୀମାନେ କେବଳ ବଞ୍ଚିତ ହୋଇ ନଥିଲେ ପରନ୍ତୁ ଅନ୍ୟ ବିଭାଗ ଗୁଡ଼ିକ ଯେଉଁଠାରେ ଏହି ପାଣ୍ଠିର ଉପଯୋଗ ହୋଇପାରିଥାନ୍ତା ସେମାନେ ମଧ ଏହି ସୁବିଧାରୁ ବଞ୍ଚିତ ହୋଇଥିଲେ।

## 3.5 ରୋକଡ଼ ପରିଚାଳନା ପଦ୍ଧତି

ନଗଦ ପରିଚାଳନା ପଦ୍ଧତିରେ ସମୟାନୁଯାୟୀ ବଜେଟରୁ ଅନୁଦାନ ଖର୍ଚ୍ଚ କରିବା ପାଇଁ ଓଡ଼ିଶା ସରକାର 2020-21 ବର୍ଷ ମଧ୍ୟରେ ଓଡ଼ିଶା ବିଭାଗୀୟ ଦାୟିତ୍ୱ ଓ ବଜେଟ୍ ପରିଚାଳନା ଅଧିନିୟମର2016 ଧାରା ୪ ର ଉପଧାରା-1 (କ) ଅନୁସାରେ 20 ଟି ବିଭାଗରେ ନଗଦ ପରିଚାଳନା ପଦ୍ଧତି କାର୍ଯ୍ୟାନ୍ୱିତ କରିଥିଲେ।

ନଗଦ ପରିଚାଳନା ପଦ୍ଧତିରେ ଖର୍ଚ୍ଚର ନିୟମାବଳୀ 2020-21 ଅନୁସାରେ ଖର୍ଚ୍ଚର ସ୍ରୋତ ସମାନ ଭାବରେ ହେବା ଉଚିତ୍। ଅର୍ଥ ବିଭାଗର ଅନୁଦେଶ 23ମାର୍ଚ୍ଚ2020 ଅନୁଯାୟୀ ବଜେଟ ପ୍ରାବଧାନରେ ଖର୍ଚ୍ଚର ସ୍ତର ତୃତୀୟ ତ୍ରୈମାସିକ ସୁଦ୍ଧା ଅଟକଳ ବ୍ୟବସ୍ଥାର 60 ପ୍ରତିଶତରୁ କମ୍ ହେବା ଉଚିତ୍ ନୁହେଁ ଏବଂ ମାର୍ଚ୍ଚ ମାସରେ 15 ପ୍ରତିଶତରୁ ଅଧିକ ହେବା ଉଚିତ୍ ନୁହେଁ।

2020-21 ବର୍ଷ ମଧ୍ୟରେ ନଗଦ ପରିଚାଳନା ପଦ୍ଧତି 20 ଟି ବିଭାଗରେ କାର୍ଯ୍ୟାନ୍ୱୟନ ହୋଇଥିଲା। ଏହି 20 ଟି ବିଭାଗ ମଧ୍ୟରୁ ତିନୋଟି ବିଭାଗଅଟକଳ ବ୍ୟବସ୍ଥାର60 ପ୍ରତିଶତରୁ ଅଧିକ ଅର୍ଥ ତୃତୀୟ ତ୍ରୈମାସିକ ଶେଷ ସୁଦ୍ଧା ଖର୍ଚ୍ଚ କରିଥିଲେ। ଶିକ୍ଷ ବିଭାଗ ଅଟକଳ ବ୍ୟବସ୍ଥାର 9.80 ପ୍ରତିଶତ ତୃତୀୟ ତ୍ରୈମାସିକ ଶେଷ ସୁଦ୍ଧା ଉପଯୋଗ କରିଥିଲେ।

ସେହିପରି ଭାବରେ ମାର୍ଚ୍ଚ 2021 ରେ 12 ଟି ବିଭାଗ ମୂଳ ବଜେଟ ବ୍ୟବସ୍ଥାର 15 ପ୍ରତିଶତରୁ ଅଧିକ ଖର୍ଚ୍ଚ କରିଥିଲେ । (ଅଧିକ ପରିସର ମାତ୍ରା 16.37 ରୁ 53.96 ପ୍ରତିଶତ ପର୍ଯ୍ୟନ୍ତ) ଯାହା ନିମ୍ନ ସାରଣୀରେ ସୂଚିତ କରାଯାଇଅଛି ।

**ସାରଣୀ 3.6:ନଗଦ ପରିଚାଳନା ପଦ୍ଧତିର ବିଶ୍ଳେଷଣ**

(ଟଙ୍କା କୋଟିରେ)

| କ୍ର.ସଂ. | ବିଭାଗର ନାମ | ମୂଳ ବଜେଟ୍ ବ୍ୟବସ୍ଥା | ଡିସେମ୍ବର 2020 ଡିସେମ୍ବର | | ମାର୍ଚ୍ଚ2021 (ପୂର୍ବ) | |
|---|---|---|---|---|---|---|
| | | | ପ୍ରଥମ ତ୍ରୈମାସିକ ଖର୍ଚ୍ଚ | ଖର୍ଚ୍ଚର ପ୍ରତିଶତ | ମାସିକ ଖର୍ଚ୍ଚ | ଖର୍ଚ୍ଚର ପ୍ରତିଶତ |
| **ନିମ୍ନଲିଖିତ ବିଭାଗ ଗୁଡ଼ିକ ମାର୍ଗଦର୍ଶିକା ଅନୁସରଣ କରିଥିଲେ** | | | | | | |
| 1 | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | 1897 | 1,144.18 | 60.32 | 7.86 | 0.41 |
| 2 | ବିଦ୍ୟାଳୟ ଓ ଗଣଶିକ୍ଷା | 17458 | 10,963.39 | 62.80 | 2367.55 | 13.56 |
| 3 | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | 1211 | 780.73 | 64.47 | 66.29 | 5.47 |
| **ନିମ୍ନଲିଖିତ ବିଭାଗ ଗୁଡ଼ିକ ମାର୍ଗଦର୍ଶିକା ଅନୁସରଣ କରିନଥିଲେ** | | | | | | |
| 4 | ସାମାଜିକ ସୁରକ୍ଷା ଓ ଭିନକ୍ଷମ ସଶକ୍ତିକରଣ | 3,024 | 1,378.11 | 45.57 | 81.12 | 2.68 |
| 5 | ନିର୍ମାଣ | 6431 | 3,150.97 | 49.00 | 1487.85 | 23.14 |
| 6 | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ବିକାଶ ଓ ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ | 3808 | 890.03 | 23.37 | 1351.84 | 35.50 |
| 7 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 7700 | 4,793.15 | 62.25 | 1617.00 | 21.00 |
| 8 | ଗୃହ ଏବଂ ନଗର ଉନ୍ନୟନ ବିଭାଗ | 6185 | 1,850.99 | 29.93 | 2051.72 | 33.17 |
| 9 | ଶିଳ୍ପ | 575 | 56.36 | 9.80 | 47.96 | 8.34 |
| 10 | ଜଳ ସମ୍ପଦ | 9380 | 2,711.45 | 28.91 | 1535.31 | 16.37 |
| 11 | ଜଙ୍ଗଲ ଓ ପରିବେଶ | 1960 | 966.21 | 49.31 | 339.72 | 17.34 |
| 12 | ଗ୍ରାମ୍ୟ ଉନ୍ନୟନ | 5549 | 1,821.55 | 32.82 | 1305.23 | 23.52 |
| 13 | ହସ୍ତତନ୍ତ, ବୟନ ଏବଂ ହସ୍ତକଳା | 200 | 67.28 | 33.70 | 52.16 | 26.13 |
| 14 | ଉଚ୍ଚ ଶିକ୍ଷା | 2407 | 1,236.69 | 51.39 | 719.26 | 29.89 |
| 15 | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 825 | 280.22 | 33.97 | 318.87 | 38.65 |
| 16 | ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 250 | 114.17 | 45.67 | 33.51 | 13.40 |
| 17 | ପଞ୍ଚାୟତିରାଜ ଏବଂ ପାନୀୟ ଜଳ | 18106 | 10,519.88 | 58.10 | 2278.13 | 12.58 |
| 18 | କୃଷି ଏବଂ କୃଷକ ସଶକ୍ତିକରଣ | 6759 | 1,224.22 | 18.11 | 1319.25 | 19.52 |
| 19 | ଶକ୍ତି | 1861 | 732.18 | 39.35 | 1004.00 | 53.96 |
| 20 | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି | 4075 | 2,146.22 | 52.67 | 597.20 | 14.66 |

***ଉତ୍ସ: ଡିସେମ୍ବର 2020 ଏବଂ ମାର୍ଚ୍ଚ 2021 (ପ୍ରାଥମିକ)ର ମାସିକ ବିନିଯୋଗ ରିପୋର୍ଟ***

ଉପରୋକ୍ତ ସାରଣୀରୁ ଏହା ଅନୁମେୟ ଯେ 20 ଟି ବିଭାଗ ମଧ୍ୟରୁ କେବଳ ତିନୋଟି ବିଭାଗ (କ୍ରମିକ୍ ସଂଖ୍ୟା 1 ରୁ 3) ବଜେଟ୍ ଅନୁଦାନକୁ ନଗଦ ପରିଚାଳନା ପଦ୍ଧତି ଅନୁଯାୟୀ ସମୟାନୁସାରେ ଖର୍ଚ୍ଚ କରିବାର ମାର୍ଗଦର୍ଶିକାକୁ ଅନୁସରଣ କରିଥିଲେ ।

ପ୍ରତିକୂଳ ଆର୍ଥିକ ନିୟନ୍ତ୍ରଣ ସତ୍ତ୍ୱେ ଆର୍ଥିକ ବର୍ଷର ଶେଷ ଭାଗରେ ସରକାରଙ୍କ ଦ୍ୱାରା ପ୍ରଚୁର ପରିମାଣର ଖର୍ଚ୍ଚ, ନଗଦ ପରିଚାଳନା ପଦ୍ଧତିର ବିଫଳ ଏବଂ ବ୍ୟୟରେ ଉପଯୁକ୍ତ ନିୟନ୍ତ୍ରଣ ନଥିବାର ସୂଚିତ କରୁଅଛି ।

ରାଜ୍ୟ ସରକାର ଜଣାଇଥିଲେ (ଡିସେମ୍ବର2021) ଯେ 2020-21 ଆର୍ଥିକ ବର୍ଷ ମଧ୍ୟରେ ଜାରି ରହିଥିବା ମହାମାରୀ ଅବସ୍ଥା ଏବଂ ଖର୍ଚ୍ଚର ସୁବ୍ୟବସ୍ଥାକରଣର ଦୃଷ୍ଟିରେ ରଖି ଅର୍ଥ ବିଭାଗର ପତ୍ର ସଂଖ୍ୟା 15275/ଏଫ୍ ର15.05.2020 ଅନୁଚ୍ଛେଦ-6 ର ରୋକଡ଼ ପରିଚାଳନା ପଦ୍ଧତିକୁ ସ୍ଥଗିତ ରଖିଥିଲେ । ପୁନଃ ସମସ୍ତ ପ୍ରଶାସନିକ ବିଭାଗ ସହିତ ରୋକଡ଼ ପରିଚାଳନା ପଦ୍ଧତି ଅଧିନରେ ଥିବା20 ଟି ବିଭାଗ ଏକା ସମୟରେ 15.00 କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରଶାସନିକ ଖର୍ଚ୍ଚ ଅନୁମୋଦନ ପାଇଁ ଏବଂ 30 କୋଟି ଟଙ୍କାର କାର୍ଯ୍ୟକ୍ରମ ଖର୍ଚ୍ଚ ଅଧୀନରେ (ରାଜ୍ୟରୁ ସ୍ଥାନାନ୍ତରଣ) ସଶକ୍ତିକରଣ କରାଯାଇଥିଲା ।

### 3.5.1 ବ୍ୟୟର ବହୁଳତା

ଓଡ଼ିଶା ବଜେଟ୍ ମାନୁଆଲ ନିୟମ 147 ଅନୁସାରେ ଆର୍ଥିକ ବର୍ଷର ଶେଷ ମାସରେ ଖର୍ଚ୍ଚର ବହୁଳତା ଆର୍ଥିକ ନିୟମର ଅବମାନନା ଅଟେ ଯାହାକୁ ପରିହାର କରିବା ଉଚିତ୍ । ଏହାକୁ ବ୍ୟତୀକ୍ରମ କରି 18ଟି ବିଭାଗ ଓ ଗୋଟିଏ ବିନିଯୋଗ ବିଭାଗର 33 ଟି ଯୋଜନାରେ (ଉପଖଣ୍ଡ) ମାର୍ଚ୍ଚ 2021 ସୁଦ୍ଧା ସମସ୍ତ ବ୍ୟୟର (ଏକ କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ମାମଲାରେ) 100 ପ୍ରତିଶତ ବ୍ୟୟ ହୋଇଥିଲା । ***ପରିଶିଷ୍ଟ3.9*** ରେ ବିଶଦ ବିବରଣୀ ଦର୍ଶାଯାଇଛି ।

ମାର୍ଚ୍ଚ ମାସରେ ଅଧିକ ପ୍ରତିଶତର ବ୍ୟୟ ବର୍ଷ ମଧ୍ୟରେ ଏକ ରୂପ ଭାବରେ ବ୍ୟୟ ଯାହାକି ବଜେଟ୍ ନିୟନ୍ତ୍ରଣର ପ୍ରାଥମିକ ଆବଶ୍ୟକତା ବଜାୟ ରଖିନଥିଲେ, ତାହା ସୂଚାଉଛି । ଏହି ସବୁ ବିଭାଗଗୁଡ଼ିକରେ ରୋକଡ଼ ପରିଚାଳନା ପଦ୍ଧତି ପରିଚାଳନାରେ ଅଭାବ ରହିଥିବାର ଏହା ମଧ୍ୟ ସୂଚିତ କରୁଅଛି । ଉଦାହରଣ ସ୍ୱରୂପ ଜଳ ସମ୍ପଦ ବିଭାଗର ମାସିକ ବ୍ୟୟର ହିସାବ ଯାହାକି ନିମ୍ନରେ ପ୍ରଦାନ କରାଯାଇଅଛି:

**ରେଖାଚିତ୍ର 3.6: 2020-21ବର୍ଷ ମଧ୍ୟରେ ଜଳ ସମ୍ପଦ ବିଭାଗର ମାସଓ୍ୱାରୀ ଖର୍ଚ୍ଚ**




*ଉତ୍ସ:ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ ଦସ୍ତାବିଜ*

ଉପରୋକ୍ତ ରେଖାଚିତ୍ରରୁ ଏହା ଦେଖାଗଲା ଯେ,ଆର୍ଥିକ ନିୟନ୍ତ୍ରଣର ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ମୋଟ ଖର୍ଚ୍ଚର (5,384.69କୋଟି ଟଙ୍କା) ଏକ ବାସ୍ତବ ପରିମାଣର ବ୍ୟୟ (29.24ପ୍ରତିଶତ) ମାର୍ଚ୍ଚ, 2021 ମଧ୍ୟରେ ବିଭାଗ ଦ୍ୱାରା ଖର୍ଚ୍ଚ କରାଯାଇଥିଲା ଯାହାକି ବ୍ୟୟ ପରିଚାଳନା ନିୟନ୍ତ୍ରଣ ଉପରେ ପର୍ଯ୍ୟାପ୍ତ ନଥିଲା ବୋଲି ସୂଚିତ କରୁଅଛି । ଜୁନ୍ 2020 ମଧ୍ୟରେ ଖର୍ଚ୍ଚ ନକରାତ୍ମକ ଥିଲା କାରଣ ଖର୍ଚ୍ଚ ଠାରୁ ପାଣ୍ଠିର ଅଧିକ ଫେରସ୍ତ ଯୋଗୁଁ ।

## 3.6 ବଛାଯାଇଥିବା ଅନୁଦାନର ସମୀକ୍ଷା

ଦୁଇଟି ବିଭାଗ (i) ଅନୁଦାନ ସଂଖ୍ୟା12–ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏବଂ(ii) ଅନୁଦାନ ସଂଖ୍ୟା-20-ଜଳ ସମ୍ପଦ ବିଭାଗର ବିସ୍ତୃତ ଯାଞ୍ଚର ସମୀକ୍ଷା କରାଯାଇଥିଲା । ସମୀକ୍ଷାର ଫଳାଫଳ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି ।

### 3.6.1 ଅନୁଦାନ ସଂଖ୍ୟା-12-ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ

ଏହି ବିଭାଗର ମୁଖ୍ୟ ଲକ୍ଷ୍ୟ ଗୁଡ଼ିକ ହେଲା ରାଜ୍ୟ ଜନସାଧାରଣମାନଙ୍କୁ ପର୍ଯ୍ୟାପ୍ତ ଗୁଣାତ୍ମକ, ନିବାରକ ଏଭଁ ସୃଜନାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା । ଏହା ମଧ ରାଜ୍ୟର ଜନସାଧାରଣମାନଙ୍କୁ ସୁଲଭ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା କେବଳ ଏଲୋପ୍ୟାଥିକ୍ ଔଷଧ ମାଧ୍ୟମରେ ନୁହେଁ ଆହୁରି ମଧ ହୋମିଓପ୍ୟାଥିକ୍ ଏବଂ ଆୟୁର୍ବେଦିକ ପଦ୍ଧତି ଦ୍ୱାରା ଯୋଗାଇଥାଏ । ଏହି ବିଭାଗର ନୀତି, କାର୍ଯ୍ୟକ୍ରମ ଏବଂ ପରିକଳ୍ପନାଗୁଡ଼ିକୁ ନିର୍ଦ୍ଦେଶାଳୟଗୁଡ଼ିକ ଦ୍ୱାରା ଏବଂ ସଂପୃକ୍ତ ଜିଲ୍ଲାମାନଙ୍କର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଇତ୍ୟାଦି ମାଧ୍ୟମରେ କାର୍ଯ୍ୟକାରୀ କରନ୍ତି । ପାଞ୍ଚଟି ମୁଖ୍ୟ ଶୀର୍ଷକ ଯଥା-2210-ଡାକ୍ତରଖାନା ଏବଂ ଜନ ସ୍ୱାସ୍ଥ୍ୟ, ଜନକାର୍ଯ୍ୟ,2211-ପରିବାର କଲ୍ୟାଣ, 2251-ସଚିବାଳୟ ଓ ସାମାଜିକ ସେବା, 4210-ଡାକ୍ତରଖାନା ଏବଂ ଜନସ୍ୱାସ୍ଥ୍ୟ ଉପରେ ପୁଞ୍ଜିଗତ ଖର୍ଚ୍ଚ ଏବଂ 4216-ଗୃହ ନିର୍ମାଣ ଉପରେ ପୁଞ୍ଜିଗତ ବାହ୍ୟ ଖର୍ଚ୍ଚର କଲ୍ୟାଣ ଆଦି ଏହି ଅନୁଦାନ ଅଧିନରେ ପରିଚାଳିତ ହୁଅନ୍ତି ।

#### 3.6.1.1 ବଜେଟ୍ ବ୍ୟବସ୍ଥା ଏବଂ ବ୍ୟୟ

ଶେଷ ତିନି ବର୍ଷ ଯଥା 2018-21 ମଧ୍ୟରେ ଏହି ଅନୁଦାନ ଅଧିନରେ ବଜେଟ୍ ବ୍ୟବସ୍ଥାର ସାମଗ୍ରୀକ ଅବସ୍ଥା, ପ୍ରକୃତ ବ୍ୟୟ ଏବଂ ସଂଚୟ/ ଅଧିକର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି ।

**ସାରଣୀ 3.7: ବଜେଟ୍ ବ୍ୟବସ୍ଥା ଓ ବ୍ୟୟ**

(ଟଙ୍କା କୋଟିରେ)

| | ସବିଶେଷ ବିବରଣୀ | 2018-19 | 2019-20 | 2020-21 |
|---|---|---|---|---|
| | ମୋଟ ବଜେଟ ବ୍ୟବସ୍ଥା (ରାଜସ୍ୱ+ ପୁଞ୍ଜି) | 6582.56 | 7296.07 | 9468.61 |
| | ବ୍ୟୟ | 5800.46 | 6378.67 | 7923.25 |
| | ସଂଚୟ | 782.1 | 917.4 | 1545.36 |
| | ସଂଚୟ (%) | 11.88 | 12.57 | 16.32 |
| ରାଜସ୍ୱ (ଅନୁମୋଦିତ ଏବଂ ଭାରିତ) | ମୂଳ ବେଜେଟ(ଓ) | 5,191.96 | 5,832.85 | 6,729.84 |
| | ଅନୁପୂରକ ବଜେଟ୍(ଏସ୍) | 390.60 | 491.22 | 1,668.77 |
| | ମୋଟ ବଜେଟ୍ ବ୍ୟବସ୍ଥା(ଓ+ଏସ୍) | 5,582.56 | 6,324.07 | 8,398.61 |
| | ବ୍ୟୟ | 5,126.02 | 5,836.67 | 7,247.92 |
| | ସଂଚୟ | 456.54 | 487.4 | 1,150.69 |
| | ପ୍ରତ୍ୟର୍ପଣ | 452.72 | 486.43 | 1,192.39 |
| | ସମୁଦାୟ ବ୍ୟବସ୍ଥାର ସଂଚୟ ପ୍ରତିଶତ | 8.18 | 7.71 | 13.7 |
| ପୁଞ୍ଜି (ଅନୁମୋଦିତ ଏବଂ ଭାରିତ) | ମୂଳ ବେଜେଟ(ଓ) | 990.00 | 972 | 970 |
| | ଅନୁପୂରକ ବଜେଟ୍(ଏସ୍) | 10.00 | 0 | 100 |
| | ମୋଟ ବଜେଟ୍ ବ୍ୟବସ୍ଥା(ଓ+ଏସ୍) | 1,000.00 | 972 | 1070 |
| | ବ୍ୟୟ | 674.44 | 542 | 675.33 |
| | ସଂଚୟ | 325.56 | 430 | 394.67 |
| | ପ୍ରତ୍ୟର୍ପଣ | 325.56 | 430 | 394.67 |
| | ସମୁଦାୟ ବ୍ୟବସ୍ଥାର ସଂଚୟ ପ୍ରତିଶତ | 32.56 | 44.24 | 36.89 |

*ଉତ୍ସ:ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2018-19 ଠାରୁ 2020-21*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2018-21 ମଧ୍ୟରେ ରାଜସ୍ୱ ଅନୁଭାଗ ଅଧିନରେ ମୋଟ ବଜେଟ୍ ବ୍ୟବସ୍ଥାର ସଂଚୟର ପ୍ରତିଶତ 11.88ଠାରୁ16.32 ପ୍ରତିଶତ ମଧ୍ୟରେ ଥିଲା । ଅବିଚଳିତ ଭାବରେ ଲାଗି ରହିଥିବା ବହୁଳ ସଂଚୟ ପ୍ରକୃତ ଦରକାର ଠାରୁ ଭୁଲ ଆକଳନ ଏବଂ ବିଭାଗର ବଜେଟ୍ ପ୍ରସ୍ତୁତିରେ ଏକ ଗୁରୁତର ସମୀକ୍ଷାର ଦରକାର ଥିବାର ସୂଚାଉଛିଅଛି । କେନ୍ଦ୍ରୀୟ ସହାୟତା ପ୍ରାପ୍ତ ନ ହେବା ଏବଂ କାର୍ଯ୍ୟକାରୀ ସଂସ୍ଥାମାନେ କାର୍ଯ୍ୟକରିବାରେ ଅସୁବିଧାକୁ ବିଭାଗ କାରଣ ଭାବେ ଦର୍ଶାଇଥିଲେ ।

### 3.6.1.2 ସଂଚୟର ପ୍ରତ୍ୟାର୍ପଣ

ଆଶା କରାଯାଇଥିବା ସଂଚୟର ପ୍ରତ୍ୟାର୍ପଣ ମୁଖ୍ୟ ଶୀର୍ଷକ ଅଧୀନରେ 4210-03-105-ଏଲୋପାଥି-3037-ସ୍ୱାସ୍ଥ୍ୟ ଏବଂ ଡାକ୍ତରୀ ଶିକ୍ଷାରେ ମାନବ ସମ୍ବଳ(62.77 କୋଟି ଟଙ୍କା) 4210-03-789-(ଅନୁସୂଚିତ ଜାତି ପାଇଁ ସ୍ୱତନ୍ତ୍ର ଉପାଦାନ ଯୋଜନା)-3037-ସ୍ୱାସ୍ଥ୍ୟ ଏବଂ ଡାକ୍ତରୀ ଶିକ୍ଷାରେ ମାନବ ସମ୍ବଳ (66.67 କୋଟି ଟଙ୍କା) ଏବଂ 4210-03-796-(ଆଦିବାସୀ ଅଞ୍ଚଳ ଉପଯୋଜନା)-3037-ସ୍ୱାସ୍ଥ୍ୟ ଏବଂ ଡାକ୍ତରୀ ଶିକ୍ଷାରେ ମାନବ ସମ୍ବଳ (113.33 କୋଟି ଟଙ୍କା) ହୋଇଥିଲା । ବିଭାଗ ଜଣାଇଥିଲେ ଯେ, ପ୍ରକୃତ ଦରକାର ଅନୁଯାୟୀ ପାଣ୍ଠି ଉପଯୋଗ ହୋଇଥିଲା ଏବଂ ବଳକା ପାଣ୍ଠିକୁ ଫେରସ୍ତ କରାଯାଇଥିଲା । ବଜେଟ୍ ପ୍ରସ୍ତୁତ କରିବା ବେଳେ ପ୍ରକୃତ ଦରକାର ଠାରୁ କମ୍ ବଜେଟ ଆକଳନ କରିବା ବାବଦରେ କୌଣସି ନିର୍ଦ୍ଦିଷ୍ଟ କାରଣ ଅଡିଟ୍‌କୁ ଜଣାଇ ନଥିଲେ (ଡିସେମ୍ବର 2021) ।

### 3.6.1.3 ଅନାବଶ୍ୟକ ଅନୁପୂରକ ଅନୁଦାନ

**ସାରଣୀ3.7**ରୁ ଜଣାଗଲା ଯେ 2020-21 ମଧ୍ୟରେ ପୁଞ୍ଜି ଅନୁଭାଗ ଅଧିନ ସମସ୍ତ ଅନୁପୂରକ ବ୍ୟବସ୍ଥା ଅନାବଶ୍ୟକ ଥିଲା କାରଣ ପ୍ରକୃତ ବ୍ୟୟ ମୂଳ ବ୍ୟବସ୍ଥା ଠାରୁ କମ୍ ଥିଲା ।

### 3.6.1.4 କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

ନମୂନା ଆଧାରରେ ଅଡିଟ୍ ପରୀକ୍ଷା କରାଯାଇଥିବା ନିମ୍ନଲିଖିତ ଯୋଜନାର ଆର୍ଥିକ ଲକ୍ଷ୍ୟ ଏବଂ ଲକ୍ଷ୍ୟ ହାସଲର ସବିଶେଷ ତଥ୍ୟ ନିମ୍ନରେ ଦିଆଗଲା :

**ସାରଣୀ 3.8: ଆର୍ଥିକ ଏବଂ ଭୌତିକ ଲକ୍ଷ୍ୟ ବାବଦରେ ହାସଲ**

| କ୍ର.ସଂ. | ପରିକଳ୍ପନାର ନାମ | ଆର୍ଥିକ ଲକ୍ଷ୍ୟ (ଟଙ୍କା କୋଟିରେ) | | | ବିଭାଗ ଦ୍ୱାରା ଜଣାଯାଇଥିବା ସ୍ୱଳ୍ପତାର କାରଣ |
|---|---|---|---|---|---|
| | | ଆବଣ୍ଟନ ପାଣ୍ଠି | ଉପଯୋଗ ପାଣ୍ଠି | ବଳକା ଅବିନିଯୋଗ ପାଣ୍ଠି | |
| I | **ପରିଯୋଜନାର ନାମ-ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେଓ୍ୱାଇ)** | | | | |
| | 2210-01-001-3384-ବିଏସ୍‌କେଓ୍ୱାଇ | 360.31 | 241.97 | 67 | କେତେକ ଉଠାଣ ଏବଂ ବିତରଣ ଅଧିକାରୀମାନେ ସମୟାନୁସାରେ ଆର୍ଥିକ ଔପଚାରିକତାକୁ ପାଳନ କରି ଔଷଧ କ୍ରୟ କରିବାରେ ବିଫଳ ହେବା ଯୋଗୁଁ ବଳକା ପାଣ୍ଠି ଫେରସ୍ତ କରାଯାଇଥିଲା । ପୁନଃ କୋଭିଡ୍-19 ସମ୍ବନ୍ଧୀୟ ବିଭିନ୍ନ ଚିଜ ଗୁଡ଼ିକର ଦାମର ହ୍ରାସ ଯୋଗୁଁ ପ୍ରଚୁର ପରିମାଣର ସଂଗ୍ରହ କରିବା କମିଯାଇଥିଲା ଏବଂ ବଳକା ପାଣ୍ଠି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ଦ୍ୱାରା ଉପଯୋଗ ହୋଇପାରି ନଥିଲା । ଅତ୍ୟଧିକ ଖର୍ଚ୍ଚର କୌଣସି କାରଣ ଦର୍ଶାଯାଇ ନଥିଲା । |
| | 2210-01-796-3384- ବିଏସ୍‌କେଓ୍ୱାଇ | 203.31 | 144.85 | 71 | |
| | 2210-05-105-3384- ବିଏସ୍‌କେଓ୍ୱାଇ | 57.79 | 103.24 excess+ 45.45 | 179 | |
| | ମୋଟ ଉପଯୋଗର ପ୍ରତିଶତ-**(73 %)** | **621.41** | **490.06** | | |

| କ୍ର.ସଂ. | ପରିକଳ୍ପନାର ନାମ | ଆର୍ଥିକ ଲକ୍ଷ୍ୟ (ଟଙ୍କା କୋଟିରେ) | | | ବିଭାଗ ଦ୍ୱାରା ଜଣାଯାଇଥିବା ସ୍ୱଳ୍ପତାର କାରଣ |
|---|---|---|---|---|---|
| | | ଆବଣ୍ଟନ ପାଣ୍ଠି | ଉପଯୋଗ ପାଣ୍ଠି | ବଳକା ଅବିନିଯୋଗ ପାଣ୍ଠି | |
| II | **ପରିଯୋଜନାର ନାମ-ମୁଖ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ (ଏମ୍ଏମ୍ଏସ୍ଏସ୍ଏମ୍)** | | | | |
| | 4210-01-ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା -001-3261 – ଏମ୍ଏମ୍ଏସ୍ଏସ୍ଏମ୍ | 75.59 | 62.07 | 82 | 1. କୋଭିଡ୍-19 ଯୋଗୁଁ ଅର୍ଥ ବିଭାଗ ଦ୍ୱାରା ସଂଯମ ଉପାୟ ରକ୍ଷା କରିବା ଯୋଗୁଁ<br>2. କୋଭିଡ୍-19 ଯୋଗୁଁ ନୂତନ ପ୍ରକଳ୍ପ ପାଇଁ ସମୟାନୁସାରେ ଟେଣ୍ଡର ଆମନ୍ତ୍ରଣ କରାଯାଇନଥିଲା<br>3. ଜମି ଅଧିଗ୍ରହଣରେ ଚୂଡ଼ାନ୍ତ ନହେବା<br>4. କୋଭିଡ୍-19 ସମ୍ବନ୍ଧୀୟ କଟକଣା ଯୋଗୁଁ ଚାଲୁ ରହିଥିବା କାର୍ଯ୍ୟରେ ଶିଥିଳତା. |
| | 4210-01 ସହରାଞ୍ଚଳ ସ୍ୱାସ୍ଥ୍ୟ ସେବା -800-3261 - ଏମ୍ଏମ୍ଏସ୍ଏସ୍ଏମ୍ | 50 | 7.08 | 14 | |
| | 4210-03(ଡାକ୍ତରୀ ଶିକ୍ଷା)-105- ଏଲୋପାଥି-3261 - ଏମ୍ଏମ୍ଏସ୍ଏସ୍ଏମ୍ | 229 | 172.74 | 75 | |
| | ମୋଟ | **354.59** | **241.89** | | |
| | 4216-01(ଆବାସିକ କୋଠାଘର)-106(ସାଧାରଣ ସମୁଦାୟ ବାସ ସୁବିଧା)-3261 – ଏମ୍ଏମ୍ଏସ୍ଏସ୍ଏମ୍ | 19.75 | 10.10 | 51 | |
| | 4216-01 ଆବାସିକ କୋଠାଘର -800-3261 – ଏମ୍ଏମ୍ଏସ୍ଏସ୍ଏମ୍ | 63 | 34.31 | 54 | |
| | **ମୋଟ ଉପଯୋଗର ପ୍ରତିଶତ -(65 %)** | **82.75** | **44.41** | | |
| III | ପରିଯୋଜନାର ନାମ- ସ୍ୱାସ୍ଥ୍ୟ ଏବଂ ଡାକ୍ତରୀ ଶିକ୍ଷାରେ ମାନବ ସମ୍ବଳ(ଏଚ୍ଆର୍ଏଚ୍ଏମ୍ଇ) | | | | |
| | 4210-03-105-3037 –ଏଚ୍ଆର୍ଏଚ୍ଏମ୍ଇ | 170 | 107.23 | 63 | କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ |
| | 4210-03-789-3037 –ଏଚ୍ଆର୍ଏଚ୍ଏମ୍ଇ | 100 | 33.33 | 33 | |
| | 4210-03-796-3037 –ଏଚ୍ଆର୍ଏଚ୍ଏମ୍ଇ | 130 | 16.67 | 13 | |
| | **ମୋଟ ଉପଯୋଗର ପ୍ରତିଶତ -(39 %)** | **400** | **157.23** | | |
| IV | ପରିଯୋଜନାର ନାମ- ଆୟୁଷର ଜାତୀୟ ମିଶନ ସହିତ ଔଷଧୀୟ ଚାରା ଗଛ ମିଶନ(ଏମ୍ଏମ୍ଏ) | | | | |
| | 2210-02-001-3039 –ଏମ୍ଏମ୍ଏ | 16.2 | 9.13 | 56 | ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉପାଦାନ ଗୁଡ଼ିକ ପାଇଁ ଅନୁମୋଦନ ଜଣାଇନଥିଲେ । ସେଥିପାଇଁ ବଜେଟରେ ବ୍ୟବସ୍ଥା କରାଯାଇଥିବା ପାଣ୍ଠି ଫେରସ୍ତ କରାଯାଇଥିଲା । |
| | 2210-02-789-3039 –ଏମ୍ଏମ୍ଏ | 14.19 | 5.82 | 41 | |
| | 2210-02-796-3039- ଏମ୍ଏମ୍ଏ | 15.16 | 2.08 | 14 | |
| | **ମୋଟ ଉପଯୋଗର ପ୍ରତିଶତ-(37 %)** | **45.55** | **17.03** | | |
| V | **2210-03-103-1092** ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କ୍ଷେତ୍ରଗଠନ-ପିଏଚସି | 668.61 | 628.83 | 94 | ଅବସର ଗ୍ରହଣ ସହିତ ଖାଲି ରହିଥିବା ପଦବୀଗୁଡ଼ିକ ପୂରଣ ନହେବା/ଓଆର/ଏସିପି ନିୟମ 2017 ଅଧିନରେ କେତେକ କର୍ମଚାରୀମାନଙ୍କର ଦରମାର ସ୍ଥିରୀକରଣ ନହେବା, ନୂତନ ଭାବରେ ସୃଷ୍ଟି ହୋଇଥିବା ଚୁକ୍ତିବିଭିକ ପଦବୀ ଗୁଡ଼ିକ ପୂରଣ ନହେବା ଏବଂ କେତେକ କର୍ମଚାରୀଙ୍କର ବକେୟା ଦାବୀ ଗୁଡ଼ିକର ଉଠାଣ ନ କରିବା ଏବଂ କେତେକ କର୍ମଚାରୀମାନେ ଟିଏ ଏଲ୍‌ଟିସି ବିଲ୍ ଉପସ୍ଥପନା ନକରିବା ଯୋଗୁଁ |
| VI | 2211-00-101-1227- ଗ୍ରାମୀଣ ପରିବାର କଲ୍ୟାଣ ଉପକେନ୍ଦ୍ର | 232.68 | 206.40 | 89 | |
| | | | | | |
| VII | 2210-03-110-1016 - ଅନ୍ୟାନ୍ୟ ଚିକିତ୍ସାଳୟ | 61.4 | 62.54- ଅଧିକ 1.14 | 102 | |
| VIII | 2210-04-101-0646-ଚିକିତ୍ସାଳୟ ଓ ଡାକ୍ତରଖାନା | 49.55 | 51.11 ଅଧିକ1.56 | 103 | |
| | 2210-04-102-0646 ଚିକିତ୍ସାଳୟ ଓ ଡାକ୍ତରଖାନା | 37.42 | 39.03 ଅଧିକ 1.61 | 104 | |
| | | 148.37 | 152.68 | | |
| | **ମୋଟ** | **2,553.96** | **1,938.53** | | |

*ଉତ୍ସ: ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ*

### 3.6.2 ଅନୁଦାନ ସଂଖ୍ୟା-20-ଜଳ ସମ୍ପଦ ବିଭାଗ

ଜଳ ସମ୍ପଦ ଉନ୍ନୟନ ଏବଂ ପରିଚାଳନା ସମ୍ବନ୍ଧୀୟ ସମସ୍ତ ବିଷୟ ପାଇଁ ଜଳସମ୍ପଦ ବିଭାଗ ଏକ ମୁଖ୍ୟ ବିଭାଗ ଅଟେ । ବିଭାଗର ନୀତି, କାର୍ଯ୍ୟକ୍ରମ ଏବଂ ପରିଯୋଜନାଗୁଡ଼ିକ ମୁଖ୍ୟ ଯନ୍ତ୍ରୀ, ନିର୍ଦ୍ଦେଶାଳୟ ନିର୍ବାହୀ ଯନ୍ତ୍ରୀମାନେ ଇତ୍ୟାଦିଙ୍କ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯାଇଥାଏ । 12 ଟି ମୁଖ୍ୟ ଶୀର୍ଷକ ଯଥା-2059-ସରକାରୀ ନିର୍ମାଣ, 2070-ଅନ୍ୟାନ୍ୟ ପ୍ରଶାସନିକ ସେବାଗୁଡ଼ିକ, 2700-ବୃହତ୍ ଜଳସେଚନ, 2701-ମଧ୍ୟମ ଜଳସେଚନ, 2702-କ୍ଷୁଦ୍ର ଜଳସେଚନ, 2705-ପ୍ରଭାବ କ୍ଷେତ୍ର ଉନ୍ନୟନ, 2711-ବନ୍ୟା ନିୟନ୍ତ୍ରଣ ଏବଂ ନିଷ୍କାସନ, 3054-ରାସ୍ତା ଏବଂ ପୋଲ ଗୁଡ଼ିକ, 4700-ବୃହତ୍ ଜଳସେଚନ ଉପରେ ପୁଞ୍ଜିଗତ ବାହ୍ୟ ଖର୍ଚ୍ଚ, 4701-ମଧ୍ୟମ ଜଳସେଚନ ଉପରେ ପୁଞ୍ଜିଗଦ ବାହ୍ୟ ଖର୍ଚ୍ଚ, 4702-କ୍ଷୁଦ୍ର ଜଳସେଚନ ଉପରେ ପୁଞ୍ଜିଗତ ବାହ୍ୟ ଖର୍ଚ୍ଚ ଏବଂ 4711-ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ ଉପରେ ପୁଞ୍ଜିଗତ ବ୍ୟୟ ଏହି ଅନୁଦାନ ଅଧିନରେ ପରିଚାଳିତ ହୁଅନ୍ତି ।

#### 3.6.2.1 ବଜେଟ୍ ଏବଂ ବ୍ୟୟ

2018-21ତିନି ବର୍ଷ ଅବଧି ମଧ୍ୟରେ ବଜେଟ୍ ବ୍ୟବସ୍ଥା, ପ୍ରକୃତ ବ୍ୟୟ ଏବଂ ସଂଚୟର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ସାରଣୀ 3.9: 2018-21 ବର୍ଷ ମଧ୍ୟରେ ବଜେଟ୍ ବ୍ୟବସ୍ଥା ତୁଳନାରେ ବ୍ୟୟ**

(ଟଙ୍କା କୋଟିରେ)

| | ସଂଚୟ | 2018-19 | 2019-20 | 2020-21 |
|---|---|---|---|---|
| | ମୋଟ ବଜେଟ ବ୍ୟବସ୍ଥା (ରାଜସ୍ୱ+ପୁଞ୍ଜି) | 10,549.03 | 9,774.56 | 9402.01 |
| | ବ୍ୟୟ | 7,495.25 | 6,127.88 | 5384.69 |
| | ସଂଚୟ | 3,053.78 | 3,646.68 | 4017.32 |
| | ସଂଚୟ (%) | 28.95 | 37.31 | 42.73 |
| ରାଜସ୍ୱ (ଅନୁମୋଦିତ ଏବଂ ଭାରିତ) | ମୂଳ ବଜେଟ(ଓ) | 1,953.55 | 2,332.59 | 2,999.67 |
| | ଅନୁପୂରକ ବଜେଟ (ଏସ୍) | 106.00 | 36.13 | 22.37 |
| | ମୋଟ ବଜେଟ ବ୍ୟବସ୍ଥା (ଓ+ଏସ୍) | 2,059.55 | 2,368.73 | 3,022.03 |
| | ବ୍ୟୟ | 1,776.21 | 1375.14 | 1766.00 |
| | ସଂଚୟ | 283.34 | 993.58 | 1,256.03 |
| | ପ୍ରତ୍ୟାର୍ପଣ | 270.33 | 775.92 | 418.68 |
| | ମୋଟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | 13.76 | 41.95 | 41.56 |
| ପୁଞ୍ଜିଗତ ବ୍ୟୟ (ଅନୁମୋଦିତ ଏବଂ ଭାରିତ) | ମୂଳ ବଜେଟ(ଓ) | 8,267.79 | 7,405.83 | 6,379.98 |
| | ଅନୁପୂରକ ବଜେଟ (ଏସ୍) | 221.69 | 0.00 | 0.00 |
| | ମୋଟ ବଜେଟ ବ୍ୟବସ୍ଥା (ଓ+ଏସ୍) | 8,489.48 | 7,405.83 | 6,379.98 |
| | ବ୍ୟୟ | 5,719.04 | 4,752.74 | 3,618.69 |
| | ସଂଚୟ | 2,770.44 | 2,653.09 | 2,761.29 |
| | ପ୍ରତ୍ୟାର୍ପଣ | 2,768.34 | 1,215.32 | 385.41 |
| | ମୋଟ ବ୍ୟବସ୍ଥା ତୁଳନାରେ ସଂଚୟର ପ୍ରତିଶତ | 32.63 | 35.82 | 43.28 |

*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2018-19 ଠାରୁ 2020-21, ଓଡ଼ିଶା ସରକାରଙ୍କ*

### 3.6.2.2 ସଂଚୟ

2018-21 ମଧ୍ୟରେ ମୋଟ ବ୍ୟବସ୍ଥାର ସଂଚୟର ପ୍ରତିଶତ ପରିସର 28.95 ପ୍ରତିଶତ ଏବଂ 42.73 ପ୍ରତିଶତ ମଧ୍ୟରେ ଥିଲା । 2018-21 ମଧ୍ୟରେ ଉଭୟ ରାଜସ୍ୱ ଏବଂ ପୁଞ୍ଜି ଅନୁଭାଗ ଅଧିନରେ ଲଗାତାର ସଂଚୟ ଲାଗି ରହିଥିଲ, ଯାହାକି ବଜେଟାରୀ ପର୍ଯ୍ୟାଲୋଚନା ଅଥବା ଉପଯୋଗ କ୍ଷମତାର ଅଭାବ ଅଥବା ଉଭୟର ଅଭାବ ରହିଥିବାର ସୂଚିତ କରୁଅଛି ।

### 3.6.2.3 ଅନାବଶ୍ୟକ ଅନୁପୂରକ ଅନୁଦାନ

ଉଭୟ ରାଜସ୍ୱ ଏବଂ ପୁଞ୍ଜି ଅନୁଭାଗ ଅଧିନରେ ବିଗତ ସମସ୍ତ ତିନି ବର୍ଷ ମଧ୍ୟରେ ସମଗ୍ର ଅନୁପୂରକ ବ୍ୟବସ୍ଥା ଅନାବଶ୍ୟକ ଥିଲା ବୋଲି ପ୍ରମାଣ କରୁଅଛି କାରଣ ସେହି ବର୍ଷଗୁଡ଼ିକ ମଧ୍ୟରେ ମୂଳ ବ୍ୟବସ୍ଥାର ପ୍ରକୃତ ବ୍ୟୟର ହାର ସୀମାରେ ପହଞ୍ଚିପାରି ନଥିଲା ।

### 3.6.2.4 କାର୍ଯ୍ୟକ୍ରମ ପରିଚାଳନା

ନମୁନା ଆଧାରରେ ଅଡିଟ୍18ଟି ପରିଯୋଜନାର ପରୀକ୍ଷଣ କରିଥିଲେ ଏବଂ ନିମ୍ନରେ କାର୍ଯ୍ୟାନ୍ୱୟନର ଅବସ୍ଥା ବିଷୟରେ ପ୍ରଦାନ କରାଯାଇଅଛି ।

ଆର୍ଥିକ ଏବଂ ପ୍ରକୃତ ଲକ୍ଷ୍ୟ ହାସଲର ନମୁନା ଯାଞ୍ଚ ଯୋଜନା ଗୁଡ଼ିକ ସାରଣୀ **3.11** ରେ ପ୍ରଦାନ କରାଯାଇଅଛି ।

**ସାରଣୀ 3.10: 2020-21 ମଧ୍ୟରେ ବ୍ୟୟ ହୋଇନଥିବା ପରିଯୋଜନା**

(ଟଙ୍କା କୋଟିରେ)

| କ୍ର.ସଂ. | ଯୋଜନାର ନାମ | ପାଣ୍ଠି ଆବଣ୍ଟନ (ଟଙ୍କା କୋଟିରେ) | ବିଭାଗ ଦ୍ୱାରା ଦର୍ଶାଯାଇଥିବା ଉପଯୋଗ ହୋଇନଥିବା ପାଣ୍ଠିର କାରଣ |
|---|---|---|---|
| 1. | 2702-02-800-0129ଛାତ ଉପର ବର୍ଷା ଜଳ ଅମଳ ଏବଂ ସହରାଞ୍ଚଳରେ ଭୂତଳ ଜଳର ପୁନରୁଦ୍ଧାର | 32.75 | ସରକାରଙ୍କ ଦ୍ୱାରା ପରିଚାଳନା ଅନୁମୋଦନ ନହେବା ଯୋଗୁଁ |
| 2. | 2702-03-102-2606- ଜଳ ଅଭାବ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ | 16.9 | ପରିଯୋଜନାର ଅନୁମୋଦନ ନହେବା ଯୋଗୁଁ |
| 3. | 2702-03-789-2606- ଜଳ ଅଭାବ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ | 35 | |
| 4. | 2702-03-796-2606- ଜଳ ଅଭାବ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ | 46 | |
| 5. | 2702-03-102-3267- ପିଏମ୍‌କେଏସ୍‌ୱାଇ-ଏଚ୍‌କେପି | 166.05 | ସରକାରଙ୍କ ଦ୍ୱାରା କେନ୍ଦ୍ର ପାଣ୍ଠି ମୁକ୍ତ ନହେବା ଯୋଗୁଁ |
| 6. | 2702-03-789-3267-ପିଏମ୍‌କେଏସ୍‌ୱାଇ-ଏଚ୍‌କେପି | 47 | |
| 7. | 2702-03-796-3267- ପିଏମ୍‌କେଏସ୍‌ୱାଇ-ଏଚ୍‌କେପି | 58 | |
| 8. | 2705-00-001-0594- କ୍ଷେତ୍ର ପ୍ରଣାଳୀ ନିର୍ମାଣ ପାଇଁ ସେଚ ଅଞ୍ଚଳ ଉନ୍ନୟନ ପ୍ରାଧିକାରୀଙ୍କ ସହାୟକ ଅନୁଦାନ | 68.86 | କେନ୍ଦ୍ରୀୟ ସହାୟକ ପାଣ୍ଠି ପ୍ରାପ୍ତ ନ ହେବା ଯୋଗୁଁ |
| 9. | 2705-00-789-0594- କ୍ଷେତ୍ର ପ୍ରଣାଳୀ ନିର୍ମାଣ ପାଇଁ ସେଚ ଅଞ୍ଚଳ ଉନ୍ନୟନ ପ୍ରାଧିକାରୀଙ୍କ ସହାୟକ ଅନୁଦାନ | 45.83 | |
| 10. | 2705-00-796-0594- କ୍ଷେତ୍ର ପ୍ରଣାଳୀ ନିର୍ମାଣ ପାଇଁ ସେଚ ଅଞ୍ଚଳ ଉନ୍ନୟନ ପ୍ରାଧିକାରୀଙ୍କ ସହାୟକ ଅନୁଦାନ | 70.31 | |
| 11. | 4701-67-796-2410- ହିରାକୁଦ ବନ୍ଧ ଏବଂ ସହଯୋଗୀ ଆରଆଣ୍ଡଆର କାର୍ଯ୍ୟକଳାପ, ସଂରଚନାତ୍ମକ ମଧକ୍ଷେପ ପାଇଁ ବନ୍ଧ ଥଇଥାନ ଏବଂ ପ୍ରକଳ୍ପ ଉନ୍ନତିକରମ(ଇଏପି) ପାଇଁ ଅତିରିକ୍ତ ଉଛୁଳା ରାସ୍ତା ନିର୍ମାଣ କରିବା | 20 | ହିରାକୁଦ ବନ୍ଧ ଏବଂ ସହଯୋଗୀ ଆରଆଣ୍ଡଆର କାର୍ଯ୍ୟକଳାପ, ସଂରଚନାତ୍ମକ ମଧକ୍ଷେପ ପାଇଁ ଅତିରିକ୍ତ ଉଛୁଳା ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା |

| କ୍ର.ସଂ. | ଯୋଜନାର ନାମ | ପାଣ୍ଠି ଆବଣ୍ଟନ (ଟଙ୍କା କୋଟିରେ) | ବିଭାଗ ଦ୍ୱାରା ଦର୍ଶାଯାଇଥିବା ଉପଯୋଗ ହୋଇନଥିବା ପାଣ୍ଠିର କାରଣ |
|---|---|---|---|
| 12. | 4701-80-800-3439-ଆନ୍ତଃଜଳ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣ | 771.15 | କାର୍ଯ୍ୟ ଚୂଡ଼ାନ୍ତରେ ବିଳମ୍ବ |
| 13. | 4701-80-789-3439-ଆନ୍ତଃଜଳ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣ | 100 | କାରଣ ପ୍ରଦାନ କରାଯାଇନଥିଲା |
| 14. | 4701-80-796-3439-ଆନ୍ତଃଜଳ ସଂରକ୍ଷଣ ଭିତ୍ତିଭୂମି ନିର୍ମାଣ | 200 | କାରଣ ପ୍ରଦାନ କରାଯାଇନଥିଲା |
| | ସମୁଦାୟ | **1,697.85** | |

*ଉତ୍ସ: ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ନଥିପତ୍ର*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2020-21 ମଧ୍ୟରେ 14 ଟି ପରିଯୋଜନା ଅଧିନରେ 1,697.85 କୋଟି ଟଙ୍କା ବିଭାଗ ମୁକ୍ତ କରିଥିବା ବେଳେ ଏହି ବାବଦରେ କୌଣସି ବ୍ୟୟ ହୋଇନଥିଲା । ସମସ୍ତ 1,697.85 କୋଟି ଟଙ୍କା ପ୍ରତ୍ୟାର୍ପଣ ହୋଇଥିବାର କାରଣ ପ୍ରତ୍ୟେକ ପରିଯୋଜନାର ବିପକ୍ଷରେ ଉଲ୍ଲେଖ କରାଯାଇଅଛି । ବିଭାଗ ଦ୍ୱାରା ଦର୍ଶାଯାଇଥିବା କାରଣ ଗ୍ରହଣୀୟ ନୁହେଁ କାରଣ ପରିଯୋଜନାର ଅନୁମୋଦନ ପୂର୍ବରୁ ଅଥବା କାର୍ଯ୍ୟ ପରିସର ଚୂଡ଼ାନ୍ତ ବଜେଟ୍ ପଦ୍ଧତି ପ୍ରତୀତ ହେବା ପୂର୍ବରୁ କାଟଛାଣ୍ଟ କରି ପ୍ରସ୍ତୁତ କରିଥିଲା । ବଜେଟ ପ୍ରାବଧାନ ଥିବା ସତ୍ତ୍ୱେ ଏହି ପରିଯୋଜନା ଗୁଡ଼ିକୁ ନ ନେବା ଦ୍ୱାରା ବିଭାଗର ଦୁର୍ବଳ ପରିଚାଳନା ସଂକ୍ରିୟାର ସୂଚିତ କରୁଅଛି ।

ପରିଯୋଜନା/ କାର୍ଯ୍ୟକ୍ରମ ଗୁଡ଼ିକରେ ଯେଉଁଠାରେ ପାଣ୍ଠିର ଆଂଶିକ ଉପଯୋଗ ହୋଇଅଛି ତାହା ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

➢ **4701-80-(789/796/800)-2951-ଜଳକ୍ଷେତ୍ର ଭିତ୍ତି ସଂରଚନା ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲୁଏସ୍ଆଇଡିପି)**

ନୂତନ ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ ଗୁଡ଼ିକର ଶେଷ ମାଇଲ୍ ପର୍ଯ୍ୟନ୍ତ ସଂଯୋଜକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ 2014-15 ମଧ୍ୟରେ ଏହି ପରିଯୋଜନା ଆରମ୍ଭ ହୋଇଥିଲା । ବର୍ଷ ମଧ୍ୟରେ 293.13 କୋଟି ଟଙ୍କା ଆବଣ୍ଟନ ପାଣ୍ଠି ମଧ୍ୟରୁ 13.20 କୋଟି ଟଙ୍କା (4.50 ପ୍ରତିଶତ) ଉପଯୋଗ ହୋଇଥିଲା । ଜାନୁଆରୀ 2021 ସୁଦ୍ଧା ମହେନ୍ଦ୍ରତନୟା ଆନିକଟ ପ୍ରକଳ୍ପ ଏବଂ ଓଏନ୍ ଜି ସଂପ୍ରସାରଣ ପ୍ରକଳ୍ପ ଏବଂ ଘଟକେଶ୍ୱରରେ ଜଳସେଚନର ସୁବିଧା ସୃଷ୍ଟି ହୋଇନଥିଲା । ବିଭାଗ ଜଣାଇଥିଲା ଯେ, ଜାଗାର ବିକାଶ, କାର୍ଯ୍ୟ ପରିସର ପରିବର୍ତ୍ତନ ଏବଂ ଟେଣ୍ଡର ପଦ୍ଧତିରେ ବିଳମ୍ବ ଯୋଗୁଁ ମହେନ୍ଦ୍ର ତନୟା ଆନିକଟ୍ ପ୍ରକଳ୍ପର ଆର୍ଥିକ ଏବଂ ଭୌତିକ ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଓଏନ୍‌ଜି ସଂପ୍ରସାରଣ ପ୍ରକଳ୍ପର ଆର୍ଥିକ ଏବଂ ଭୌତିକ ଲକ୍ଷ୍ୟ ହାସଲ ନ ହୋଇ ପାରିବାର କାରଣ ପ୍ରଦାନ କରାଯାଇ ନଥିଲା ।

➢ **4700-14-789-2160- ତ୍ୱରିତ ଜଳସେଚନ ହିତସାଧନ କାର୍ଯ୍ୟକ୍ରମ (ଏଆଇବିପି)**

2020-21 ମଧ୍ୟରେ ଏହି ହିସାବ ଶୀର୍ଷକ ଅଧିନରେ 24.10 କୋଟି ଟଙ୍କା ବଜେଟରେ ନିର୍ଦ୍ଦିଷ୍ଟ କରାଯାଇଥିଲା । ତାହା ମଧ୍ୟରୁ 4.84 କୋଟି ଟଙ୍କା (20 ପ୍ରତିଶତ) ଖର୍ଚ୍ଚ ହୋଇଥିଲା ସ୍ଥାନଚ୍ୟୁତ ଲୋକମାନଙ୍କ ପାଇଁ ପୁନଃ ଥଇଥାନ ଏବଂ ପୁର୍ନବସତି ପାଇଁ ସହାୟତା, କେନାଲ ଏବଂ ଶାଖାଗୁଡ଼ିକ, ବନ୍ଧ ଏବଂ କାନପୁର ଜଳସେଚନ ପ୍ରକଳ୍ପର ଅନୁଲଗ୍ନ କାର୍ଯ୍ୟ ପାଇଁ । ପ୍ରତ୍ୟାର୍ପଣ କରାଯାଇଥିବା ବଳକା ଟଙ୍କା ବାବଦରେ କୌଣସି କାରଣ ପ୍ରଦାନ କରାଯାଇ ନଥିଲା ।

ଫଳସ୍ୱରୂପ ପରିଯୋଜନାର ଉଦ୍ଦେଶ୍ୟ ସ୍ୱରୂପ ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ପରିଚାଳନାରେ ତ୍ୱରାନ୍ୱିତ କରିବା ଯାହାକି ରାଜ୍ୟ ସରକାରଙ୍କର ସମ୍ବଳ ଦକ୍ଷତା ବାହାରେ ଥିଲା ପ୍ରକଳ୍ପ ସତ୍ତ୍ୱର ସମାପ୍ତି ଯାହାକି ସମାପ୍ତିର ଅଗ୍ରଭାଗରେ ଥିଲା ତାହା ପୂରଣ ହୋଇପାରିଲା ନାହିଁ ।

➢ **4700-14-796/800-2160-ତ୍ୱରିତ ଜଳସେଚନ ହିତସାଧନ କାର୍ଯ୍ୟକ୍ରମ (ଏଆଇବିପି)**

ଏହି ହିସାବ ଶୀର୍ଷକ ଅଧିନରେ 165.94 କୋଟି ଟଙ୍କା ବଜେଟ୍ ହୋଇଥିଲା ତାହା ମଧ୍ୟରୁ 2020-21 ବର୍ଷ ମଧ୍ୟରେ 50 ପ୍ରତିଶତରୁ କମ୍ ଖର୍ଚ୍ଚ ହୋଇଥିଲା । କାନପୁର ଜଳସେଚନ ପ୍ରକଳ୍ପର କାର୍ଯ୍ୟର ଉପ୍ତାଦନ ଗୁଡ଼ିକ କେନାଲ ଏବଂ ଶାଖାଗୁଡ଼ିକ, ବନ୍ଧ ଏବଂ ଆନୁଷଙ୍ଗିକ ପଦାର୍ଥ କାର୍ଯ୍ୟ, ଶାଖା ପ୍ରବାହ, ଜଳ ନିଷ୍କାସନ ପଥ ଇତ୍ୟାଦି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟାନ୍ୱିତ ହୋଇନଥିଲା । ଆର୍ଥିକ ଏବଂ ଭୌତିକ ଲକ୍ଷ୍ୟ ହାସଲ ନ କରି ପାରିବାର କାରଣ ପ୍ରଦାନ କରାଯାଇ ନଥିଲା ।

➢ **4701-67-800-2410-ବନ୍ଧ ଥଇଥାନ ଏବଂ ପ୍ରକଳ୍ପ ଗୁଡ଼ିକର ଉନ୍ନତିକରଣ**

ଖରାପ ଅବସ୍ଥାରେ ଥିବା ବନ୍ଧର ଥଇଥାନ ଏବଂ ସୁରକ୍ଷା ଏବଂ ଚାଳିତ ବନ୍ଧର ସୁରକ୍ଷା ଏବଂ ଉନ୍ନତିକରଣ ପାଇଁ ବିଶ୍ୱ ବ୍ୟାଙ୍କ ସହାୟତା ମାଧ୍ୟମରେ ଜାତୀୟ ସ୍ତରରେ ଏହି ପ୍ରକଳ୍ପ ପରିଚାଳିତ କରାଯାଇଥିଲା । ଏହି ପରିଯୋଜନା ଶୀର୍ଷକ ଅଧିନରେ ଆବଣ୍ଟନ ହୋଇଥିବା 55.06 କୋଟି ଟଙ୍କା ମଧ୍ୟରୁ 2020-21 ମଧ୍ୟରେ 26.80 କୋଟି ଟଙ୍କା (49 ପ୍ରତିଶତ) ଖର୍ଚ୍ଚ ହୋଇଥିଲା । କାର୍ଯ୍ୟର ଉପାଦାନଗୁଡ଼ିକ ଯାହାକି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟାନ୍ୱିତ ହୋଇନଥିଲା ସେଗୁଡ଼ିକ ହେଲା ବନ୍ଧ ଏବଂ ଆନୁସଙ୍ଗିକ ଆର୍ଥିକ ଏବଂ ଭୌତିକ ଲକ୍ଷ୍ୟ ପୂରଣ ନ ହୋଇ ପାରିବାର ନିର୍ଦ୍ଦିଷ୍ଟ କାରଣ ପ୍ରଦାନ କରିନଥିଲେ ।

➢ **4711-03-(103,789,796)-2955- ଜଳନିକାସ ଉନ୍ନତିକରଣ କାର୍ଯ୍ୟକ୍ରମ(ଡିଆଇପି)**

ରାଜ୍ୟରେ ଜଳନିକାଶର ଅବରୋଧ ଏବଂ ଜଳ ଅବରୋଧ ସମସ୍ୟାର ସମାଧାନ ପାଇଁ ଜଳନିକାସ ଉ୍ନତିକରଣ କାର୍ଯ୍ୟକ୍ରମ ପରିଯୋଜନା ରାଜ୍ୟ ପାଣ୍ଠି ମାଧ୍ୟମରେ ନିର୍ବାହ କରାଯାଇଥିଲା । ଶୀର୍ଷକ ଅଧୀନରେ ବ୍ୟବସ୍ଥା ହୋଇଥିବା 239.13 କୋଟି ଟଙ୍କା ମଧ୍ୟରୁ 2020-21 ମଧ୍ୟରେ 191.37 କୋଟି ଟଙ୍କା (80 ପ୍ରତିଶତ)ଖର୍ଚ୍ଚ ହୋଇଥିଲା । କୋଭିଡ 19 ର ପ୍ରଭାବ ଯୋଗୁଁ ଲକ୍ଷ୍ୟ ହାସଲ ପୂରଣ ହୋଇପାରି ନଥିଲା ବୋଲି ବିଭାଗ ଆରୋପ କରିଥିଲା ।

## 3.7 ଆର୍ଥିକ ବର୍ଷର ଶେଷ ଭାଗରେ ପାଣ୍ଠି ପ୍ରଦାନ କରିବା

କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଠିକ୍ ସମୟରେ ପାଣ୍ଠି ମଞ୍ଜୁର କରିବା ଦ୍ୱାରା ଯୋଜନାର ସଫଳ ରୁପାୟନ ହୋଇପାରିବ ଏବଂ ବ୍ୟୟ କ୍ଷୀପ୍ରତାକୁ ଏଡ଼ାଇ ଦିଆଯାଇପାରିବ । ଅର୍ଥ ବିଭାଗର ନିର୍ଦ୍ଦେଶ (04 ଫେବୃଆରୀ 2021) ଅନୁସାରେ ଆର୍ଥିକ ବର୍ଷର ଶେଷ ମାସରେ ଖର୍ଚ୍ଚର ଭିଡ଼କୁ ରୋକିବା ପାଇଁ ମଞ୍ଜୁରୀ ଆଦେଶ ପ୍ରଦାନ କରିବାର ପ୍ରକ୍ରିୟା ପାଣ୍ଠି ଖିଲାସ କିମ୍ବା ପ୍ରତ୍ୟାର୍ପଣ ଅର୍ଥ 26 ଫେବୃଆରୀ 2021 ସୁଦ୍ଧା ଶେଷ ହେବା ଉଚିତ୍ ।

ମଞ୍ଜୁରୀ ଆଦେଶ ଗୁଡ଼ିକର ସମୀକ୍ଷା କରିବା ସମୟରେ ଏହା ଅବଗତ ହେଲା ଯେ 2020-21 ଆର୍ଥିକ ବର୍ଷରେ ସରକାର ମାର୍ଚ୍ଚ 2021 ର ଶେଷ ସପ୍ତାହରେ ଛଅଟି ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ 254.95 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହା (**ପରିଶିଷ୍ଟ-3.10**) ପ୍ରଦାନ କରାଗଲା । ଏଥି ମଧ୍ୟରୁ, 31 ମାର୍ଚ୍ଚ 2021 ରେ 132.91 କୋଟି ଟଙ୍କା ମୁକ୍ତି କରାଯାଇଥିଲା ।  ଆର୍ଥିକ ବର୍ଷରେ ଏହି ପାଣ୍ଠିର ସଦୁପଯୋଗ ହେବାର ସମ୍ଭାବନା ନଥିଲା ।

**ସାରଣୀ 3.11: ବିଭାଗ ଅନୁଯାୟୀ 31/03/2021ରେ ପାଣ୍ଠି ପ୍ରଦାନ**

(ଟଙ୍କା କୋଟିରେ)

| କ୍ର.ସଂ. | ବିଭାଗର ନାମ | ଉଦେଶ୍ୟ | ମଞ୍ଜୁରୀ ଆଦେଶ ସଂଖ୍ୟା | ତାରିଖ | ଖଲାସ ହୋଇଥିବା ଟଙ୍କା | ମୋଟ |
|---|---|---|---|---|---|---|
| 1 | ଜଳ ସମ୍ପଦ | ପୁନଃନିର୍ମାଣ ଓ ପୁନରୁଦ୍ଧାର ପାଇଁ | ଚିଠି ସଂଖ୍ୟା 11074 | 31 ମାର୍ଚ୍ଚ 2021 | 33.88 | 36.45 |
| | | ଏନ୍‌ଡିଆର୍‌ଏଫ୍ ଚୂଡ଼ାନ୍ତ ଆବଣ୍ଟନ | ଚିଠି ସଂଖ୍ୟା 11098 | 31 ମାର୍ଚ୍ଚ 2021 | 1.27 | |
| | | ଏନ୍‌ଡିଆର୍‌ଏଫ୍ ଚୂଡ଼ାନ୍ତ ଆବଣ୍ଟନ | ଚିଠି ସଂଖ୍ୟା 11086 | 31 ମାର୍ଚ୍ଚ 2021 | 1.30 | |
| 2 | କୃଷି ଓ କୃଷକ ସଶକ୍ତିକରଣ | ଆଦିବାସୀ ଅଞ୍ଚଳର ଶସ୍ୟର ଉନ୍ନତି ପାଇଁ | 202019782652 | 31 ମାର୍ଚ୍ଚ 2021 | 15.11 | 17.69 |
| | | ମାଟିର ସ୍ୱାସ୍ଥ୍ୟ ପରିଚାଳନା ପାଇଁ | 202019777377 | 31 ମାର୍ଚ୍ଚ 2021 | 2.58 | |
| 3 | ଗୃହ | ରହଣୀ ପାଇଁ | 202019777390 | 31 ମାର୍ଚ୍ଚ 2021 | 0.11 | 0.52 |
| | | ଟାୱାର ଖୁଣ୍ଟି ପାଇଁ | 202019773645 | 31 ମାର୍ଚ୍ଚ 2021 | 0.04 | |
| | | ଟାୱାର ଖୁଣ୍ଟି ପାଇଁ | 202019775481 | 31 ମାର୍ଚ୍ଚ 2021 | 0.03 | |
| | | ଟାୱାର ଖୁଣ୍ଟି ପାଇଁ | 202019776953 | 31 ମାର୍ଚ୍ଚ 2021 | 0.34 | |
| 4 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | ଏନ୍‌ଆର୍‌ଏଚ୍‌ଏମ୍ ପରିଯୋଜନା ଅଭିମୁଖେ | 202019777525 | 31 ମାର୍ଚ୍ଚ 2021 | 5.55 | 78.25 |
| | | ଏନ୍‌ଆର୍‌ଏଚ୍‌ଏମ୍ ପରିଯୋଜନା ଅଭିମୁଖେ | 202019777547 | 31 ମାର୍ଚ୍ଚ 2021 | 29.07 | |
| | | ଏନ୍‌ଆର୍‌ଏଚ୍‌ଏମ୍ ପରିଯୋଜନା ଅଭିମୁଖେ | 202019777504 | 31 ମାର୍ଚ୍ଚ 2021 | 4.87 | |
| | | ଏନ୍‌ଆର୍‌ଏଚ୍‌ଏମ୍ ପରିଯୋଜନା ଅଭିମୁଖେ | 202019772756 | 31 ମାର୍ଚ୍ଚ 2021 | 1.45 | |
| | | ଜରୁରୀ ଜବାବ ପାଇଁ | 202019773448 | 31 ମାର୍ଚ୍ଚ 2021 | 37.31 | |
| | | ମୋଟ | | | **132.91** | **132.91** |

*ଉତ୍ସ: ସଂପୃକ୍ତ ବିଭାଗମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ମଞ୍ଜୁରୀ ଆଦେଶ*

ଉପରୋକ୍ତ ସାରଣୀରୁ ଏହା ସୁସ୍ପଷ୍ଟ ହେଲା ଯେ ଆର୍ଥିକ ବର୍ଷର ଶେଷ ଦିବସରେ ପ୍ରଦତ୍ତ ଅର୍ଥର 58.87 ପ୍ରତିଶତ (78.25 କୋଟି ଟଙ୍କା) ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବାବଦରେ ଥିଲା । ଆର୍ଥିକ ବର୍ଷର ଶେଷ ଦିନରେ ଅର୍ଥ ପ୍ରଦାନ ସୂଚାଉଥିଲା ଯେ ମୁଖ୍ୟତଃ ବଜେଟ ବ୍ୟବସ୍ଥାରେ ଥିବା ରାଶିକୁ ସମ୍ପୂର୍ଣ୍ଣ ରୂପେ ଶେଷ ହେବା ପାଇଁ ପାଣ୍ଠି ପ୍ରଦାନ କରାଯାଇଥିଲା ।

## 3.8 ଆକସ୍ମିକ ପାଣ୍ଠିରୁ ଅଗ୍ରୀମ

ଓଡ଼ିଶା ଆକସ୍ମିକ ପାଣ୍ଠି ଧାରା 1967 ଅଧିନରେ ରାଜ୍ୟରେ ଆକସ୍ମିକ ପାଣ୍ଠି ପ୍ରତିଷ୍ଠା କରାଯାଇଥିଲା । ଆକସ୍ମିକ ପାଣ୍ଠିରୁ ଅଗ୍ରୀମ ଦିଆଯାଇପାରିବ ଯଦି ବ୍ୟୟଟି ଅଦୃଷ୍ଟପୂର୍ବ ଏବଂ ଜରୁରୀ ସ୍ୱରୂପ ହୋଇଥିବ ଏବଂ ଏହାର ମୁଲତବୀ ବିଧାନ ସଭା ଦ୍ୱାରା ପ୍ରାଧିକରଣ ହେବା ପର୍ଯ୍ୟନ୍ତ ବ୍ୟୟ ଅବାଞ୍ଛନୀୟ ହୋଇଥିବ । ଓଡ଼ିଶା ଆକସ୍ମିକ ପାଣ୍ଠିର କର୍ପସ୍ ପାଣ୍ଠି ହେଉଛି

400କୋଟି ଟଙ୍କା ।2020-21 ଶେଷ ସୁଦ୍ଧା ବିଭିନ୍ନ ଶୀର୍ଷକ ଅଧିନରେ 171.00 କୋଟି ଟଙ୍କା ଭରଣା ନହୋଇ ପଡ଼ି ରହିଛି ଯାହାର ସବିଶେଷ ବିବରଣୀ ନିମ୍ନ ସାରଣୀ 3.12 ରେ ପ୍ରଦାନ କରାଯାଇଅଛି ।

**ସାରଣୀ 3.12: 2020-21 ବର୍ଷ ମଧରେ ଶୀର୍ଷକୱାରୀ ଭରଣା ହୋଇପାରି ନଥିବା ଆକସ୍ମିକ ପାଣ୍ଠିରୁ ଅଗ୍ରୀମର ସବିଶେଷ ବିବରଣ**

**(କୋଟି ଟଙ୍କାରେ)**

| କ୍ର.ସଂ. | ମୁଖ୍ୟ ଶୀର୍ଷକ | ପରିମାଣ |
|---|---|---|
| 1 | 2202-ସାଧାରଣ ଶିକ୍ଷା | 4.74 |
| 2 | 4210- ଡାକ୍ତରୀ ଓ ଜନସ୍ୱାସ୍ଥ୍ୟ ଉପରେ ପୁଞ୍ଜିଗତ ବ୍ୟୟ | 1,66.26 |
| | **ମୋଟ** | 171.00 |

*ଉତ୍ସ: ଓଡ଼ିଶା ସରକାରଙ୍କ ବିନିଯୋଗ ହିସାବ 2020-21, ଓଡ଼ିଶା ସରକାରଙ୍କ*

.

31ମାର୍ଚ୍ଚ 2021, ସୁଦ୍ଧା ଆକସ୍ମିକ ପାଣ୍ଠିରେ 229କୋଟି ଟଙ୍କା ରହିଥିଲା । 2020-21 ର ଶେଷ ସୁଦ୍ଧା ଅଗ୍ରୀମ ଟଙ୍କା ଭରଣା ନହେବା ଯୋଗୁଁ 2020-21 ବର୍ଷ ପାଇଁ ରାଜସ୍ୱ ବଳକା ଅଧିକ ଏବଂ ରାଜସ୍ୱ ନିଅଣ୍ଟ କମ୍ ଦର୍ଶାଯାଇଥିଲା ।

ସରକାର ଜଣାଇଥିଲେ (ଡିସେମ୍ବର 2021) ଯେ, 2021-22 ଅନୁପୂରକ ବଜେଟରେ ଟଙ୍କାର ଭରଣା କରିବା ପାଇଁ ବ୍ୟବସ୍ଥା କରାଯାଇପାରିବ ।

## 3.9 ସୁପାରିଶ

1. ସଂଚୟ/ ଅଧିକ ବ୍ୟୟର କାଟଛାଣ୍ଟ ପାଇଁ ସରକାରଙ୍କର ବଜେଟ ଅବଧାରଣା ଏବଂ ଦକ୍ଷ ନିୟନ୍ତ୍ରଣ ସଂକ୍ରିୟା ଅଧିକ ବାସ୍ତବବାଦୀ ହେବା ଦରକାର ।
2. ରାଜ୍ୟର ଯୋଜନା/ ପ୍ରକଳ୍ପ ଗୁଡ଼ିକର ସାମଗ୍ରୀକ ଉନ୍ନୟନ ପାଇଁ ଉନ୍ନତତର କାର୍ଯ୍ୟନିର୍ବାହ, ତଦାରଖ ଏବଂ ଆର୍ଥିକ ପରିଚାଳନା ମାଧ୍ୟମରେ ପ୍ରତିଶ୍ରୁତିବଦ୍ଧ/ ଅଭିଳଷିତ ଲକ୍ଷ୍ୟ ହାସଲ କରିବା ଦିଗରେ ସରକାର ତାଙ୍କର ପ୍ରତିଶ୍ରୁତିବଦ୍ଧତାର ସଫଳ ରୂପାୟନ କରିବା ଆବଶ୍ୟକ ।
3. ବିଭାଗ ଗୁଡ଼ିକ ପ୍ରକୃତ ଆବଶ୍ୟକତାକୁ ଆଧାର କରି ଆବଣ୍ଟିତ ହୋଇଥିବା ସମ୍ବଳର ଉପଯୋଗ ପାଇଁ ବାସ୍ତବ ବଜେଟ୍ ସରକାର ବ୍ୟବସ୍ଥିତ କରିବା ଦରକାର ।

# ଅଧ୍ୟାୟ-IV

# ହିସାବର ଗୁଣବତ୍ତା ଏବଂ ଆର୍ଥିକ ବିବରଣୀ ପ୍ରଣାଳୀ

অধ্যায়

# IV

# ହିସାବର ଗୁଣବତ୍ତା ଏବଂ ଆର୍ଥିକ ରିପୋର୍ଟ ପ୍ରଣାଳୀ

ପ୍ରାସଙ୍ଗିକ ଏବଂ ନିର୍ଭରଯୋଗ୍ୟ ସୂଚନା ସହ ଏକ ସ୍ୱଚ୍ଛ ଆର୍ଥିକ ରିପୋର୍ଟ ପ୍ରଣାଳୀ ରାଜ୍ୟ ସରକାରଙ୍କ ଦ୍ୱାରା ଦକ୍ଷ ଓ ପ୍ରଭାବଶାଳୀ ଶାସନକୁ ଯଥେଷ୍ଟ ଭାବରେ ଯୋଗଦାନ କରେ । ଆର୍ଥିକ ନିୟମ, ପ୍ରଣାଳୀ ଏବଂ ନିର୍ଦ୍ଦେଶନାମାର ଅନୁପାଳନ ସଙ୍ଗେ ସଙ୍ଗେ ସେହି ଅନୁପାତ ସ୍ଥିତିର ସମୟାନୁଯାୟୀ ଏବଂ ଗୁଣାତ୍ମକ ରିପୋର୍ଟ ହେଉଛି ଏହିପରି ସୁଶାସନରର ଏକ ଗୁଣ । ଅନୁପାଳନ ଏବଂ ନିୟନ୍ତ୍ରଣ ଉପରେ ରିପୋର୍ଟଗୁଡ଼ିକ ଯଦି ପ୍ରଭାବଶାଳୀ ଏବଂ କାର୍ଯ୍ୟକ୍ଷମ ହୁଅନ୍ତି, ତେବେ ରଣନୀତିକ ଯୋଜନା ଏବଂ ନିଷ୍ପତ୍ତି ସହିତ ମୌଳିକ ତତ୍ତ୍ୱାବଧାନ ଦାୟିତ୍ୱ ସମାପନରେ ସରକାରଙ୍କୁ ସହଯୋଗ କରନ୍ତି ।

## 4.1 ରାଜ୍ୟର ଏକୀକୃତ ପାଣ୍ଠି କିମ୍ବା ଜନସାଧାରଣ ହିସାବ ବାହାରେ ପାଣ୍ଠି

ଧାରା 267 ର ନିୟମାବଳୀ ଅନୁସାରେ ଧାରା 266(1) ପ୍ରଦାନ କରେ ଯେ ଗୋଟିଏ ରାଜ୍ୟ ଦ୍ୱାରା ସଂଗୃହୀତ ହୋଇଥିବା ରାଜସ୍ୱ, ଟ୍ରେଜେରୀ ବିଲ୍ ମାଧ୍ୟମରେ ସେହି ରାଜ୍ୟ ଦ୍ୱାରା ଉଠାଯାଇଥିବା ଋଣ, ଋଣ କିମ୍ବା ୱେଜ୍ ଆଣ୍ଡ ମିନ୍ସ ଅଗ୍ରୀମ ଏବଂ ଋଣ ପରିଶୋଧରୁ ସେହି ରାଜ୍ୟ ଦ୍ୱାରା ସଂଗୃହୀତ ହୋଇଥିବା ଅର୍ଥ ଏବଂ ଏକୀକୃତ ପାଣ୍ଠି ରାଜ୍ୟ ଏକୀକୃତ ପାଣ୍ଠି ନାମରେ ଗଠନ କରିବା ଧାରା 266(2) ଅନୁସାରେ ଏକ ରାଜ୍ୟ ସରକାରଙ୍କ ଦ୍ୱାରା କିମ୍ବା ତରଫରୁ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ସାର୍ବଜନୀନ ଅର୍ଥ ରାଜ୍ୟର ଜନସାଧାରଣଙ୍କ ହିସାବରେ ଜମା ହେବା ଯେପରି ହୋଇପାରେ ଜମା ହେବ ।

ଅଡିଟ୍ ଦେଖିଲା ଯେ ଏକୀକୃତ ପାଣ୍ଠି କିମ୍ବା ସାର୍ବଜନୀନ ପାଣ୍ଠିରେ କ୍ରେଡିଟ୍ ହେବାକୁ ଥିବା ପାଣ୍ଠି ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା ଯାହା ନିମ୍ନରେ ଆଲୋଚିତ ହେଲା:

ବିଭିନ୍ନ ସଂସ୍ଥା ଦ୍ୱାରା ସଂଗୃହୀତ ହୋଇଥିବା ଲେବର ସେସ୍ ଓଡ଼ିଶା ଗୃହ ନିର୍ମାଣ ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ(ଓବି ଆଣ୍ଡ ଓସିଡବ୍ଲୁଡବ୍ଲୁବି)କୁ ଚେକ୍/ ଡ୍ରାଫ୍ଟ ମାଧ୍ୟମରେ ପଠାହୋଇଥିଲା କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଅଫିସ୍ ମାଧ୍ୟମରେ ବୋର୍ଡର ସେଥିନିମନ୍ତେ ଖୋଲାଯାଇଥିବା ସେଭିଙ୍ଗ୍ସ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ସାମ୍ବିଧାନିକ ବ୍ୟବସ୍ଥା ଏବଂ ଗୃହ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସିଡବ୍ଲୁ) ଆକ୍ଟ, 1996ଧାରା 3 ଓ ଉପଧାରା (2)ର ଉଲ୍ଲଂଘନ କରି, 2020-21 ରେ 406.49 କୋଟି ଟଙ୍କାର ସଂଗୃହୀତ ସେସ୍‌କୁ ସରକାରୀ ଆକାଉଣ୍ଟ ବାହାରେ ସ୍ଥିର ଓ ନମନୀୟ ଆକାଉଣ୍ଟ ଭାବରେ ସରକାରୀ ଟ୍ରେଜେରୀ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ରଖାଯାଇଥିଲା ।

ପୁନଶ୍ଚ, 2020-21 ରେ ଟ୍ରେଜେରୀ ମାଧ୍ୟମରେ ସଂଗୃହୀତ ହୋଇଥିବା 4.49 କୋଟି ଟଙ୍କାର ଲେବର ସେସ୍ ଶ୍ରମିକ କଲ୍ୟାଣ ବୋର୍ଡକୁ ସରକାରଙ୍କ ଦ୍ୱାରା ସ୍ଥାନାନ୍ତରିତ ହୋଇ ନଥିଲା । ଏହା ଦ୍ୱାରା ରାଜସ୍ୱ ସରପ୍ଲସ୍‌ର ଅତ୍ୟଧିକ ପରିମାଣ ଏବଂ ସମାନ ପରିମାଣର ଆର୍ଥିକ ଅଭାବର ଅବନତି ଘଟିଲା ।

## 4.2ରାଜ୍ୟ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତର

ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ସିଧାସଳଖ ରାଜ୍ୟ କାର୍ଯ୍ୟକାରୀ ସଂସ୍ଥା/ ଅଣ ସରକାରୀ ସଂଗଠନଗୁଡ଼ିକୁ ହସ୍ତାନ୍ତର କରନ୍ତି । ଯେହେତୁ ଏହି ପାଣ୍ଠି ରାଜ୍ୟ ବଜେଟ ମାଧ୍ୟମରେ ପରିଚାଳିତ ହୁଏ ନାହିଁ, ଏଗୁଡ଼ିକ ରାଜ୍ୟ ସରକାରଙ୍କ ହିସାବରେ ପ୍ରତିଫଳିତ ହୁଏ ନାହିଁ । ଏହି ସ୍ଥାନାନ୍ତରଣଗୁଡ଼ିକ 2020-21 ଆର୍ଥିକ ହିସାବ ଗୁଡ଼ିକର ଭାଗ-2 ର ପରିଶିଷ୍ଟ-VI ରେ ପ୍ରଦର୍ଶିତ ହୋଇଛି ।

### 4.2.1କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ସ୍ଥାନାନ୍ତରର ଧାରା

01 ଅପ୍ରେଲ 2014 ଠାରୁ ଭାରତ ସରକାର କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା/ ଅତିରିକ୍ତ କେନ୍ଦ୍ରୀୟ ସହାୟତା ସମ୍ବନ୍ଧୀୟ ସମସ୍ତ ସହାୟତା / ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ନ ଦେଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ତଥାପି 2020-21ମଧ୍ୟରେ ଭାରତ ସରକାର ରାଜ୍ୟ ସରକାରଙ୍କ ପରିବର୍ତ୍ତେ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ 15,415.34 କୋଟି ଟଙ୍କା ପ୍ରଦାନ କରିଥିଲେ । ଗତ ପାଞ୍ଚ ବର୍ଷ ମଧ୍ୟରେସିଧାସଳଖ କାର୍ଯ୍ୟକାରୀ ସଂସ୍ଥା ଏକ ପ୍ରମୁଖ ଯୋଜନା ଅଧୀନରେ ଏହିପରି ହସ୍ତାନ୍ତରର ଧାରା ଚାର୍ଟ 4.1 ରେ ଦିଆଯାଇଛି ।

**ରେଖାଚିତ୍ର 4.1: 2016-21ମଧ୍ୟରେ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତର(ଟଙ୍କା କୋଟିରେ)**




*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ଖାତା 2020-21- ପରିଶିଷ୍ଟ VI , ଓଡ଼ିଶା ସରକାର*

ଉପରୋକ୍ତ ରେଖାଚିତ୍ରରୁ ଦେଖାଯାଏ ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ପାଣ୍ଠି ହସ୍ତାନ୍ତର 13 ଗୁଣ ବୃଦ୍ଧି ପାଇ 2016-17 ର 1,110.26 କୋଟି ଟଙ୍କାରୁ 2020-21 ରେ 15,415.34 କୋଟି ଟଙ୍କା ହେଲା । ଯେଉଁ ମୁଖ୍ୟ ସଂସ୍ଥାଗୁଡ଼ିକ 2018-21 ମଧ୍ୟରେ ଭାରତ ସରକାରଙ୍କଠାରୁ ସିଧାସଳଖ ପାଣ୍ଠି ଗ୍ରହଣ କରିଛନ୍ତି ସେହି ପାଣ୍ଠିର ପରିମାଣ ସାରଣୀ **4.1** ରେ ଦର୍ଶାଯାଇଛି ।

**ସାରଣୀ 4.1: 2018-21ମଧ୍ୟରେ ପ୍ରମୁଖ କାର୍ଯ୍ୟକାରୀ ସଂସ୍ଥାଙ୍କ ଭାରତ ସରକାରଙ୍କ ଠାରୁ ସିଧାସଳଖ ପାଣ୍ଠି ଗ୍ରହଣ**

(ଟଙ୍କା କୋଟିରେ)

| ଭାରତ ସରକାରଙ୍କ ଯୋଜନାର ନାମ | କାର୍ଯ୍ୟକାରୀ ସଂସ୍ଥାର ନାମ | ହସ୍ତାନ୍ତର ବର୍ଷ | | |
|---|---|---|---|---|
| | | 2018-19 | 2019-20 | 2020-21 |
| ଖାଦ୍ୟ ସବ୍‌ସିଡି | ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡ୍ | 4,651.01 | 4,148.50 | 8,985.73 |
| ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) | ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି, ଭୁବନେଶ୍ୱର | 1,624.85 | 1,660.17 | 4,413.41 |
| ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି | କୃଷି ଓ କୃଷକ ସଶକ୍ତିକରଣ ନିର୍ଦ୍ଦେଶକ, ଓଡ଼ିଶା | 170.33 | 1,634.11 | 1,483.85 |
| ସଂସଦ ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା | ଜିଲ୍ଲାପାଳ | 135.00 | 137.50 | 55.00 |

*ଉତ୍ସ: ଓଡ଼ିଶା ସରକାରଙ୍କ ବିତ୍ତୀୟ ଖାତା 2020-21 – ପରିଶିଷ୍ଟ VI*

କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠିର ପ୍ରତ୍ୟକ୍ଷ ହସ୍ତାନ୍ତର ରାଜ୍ୟ ସରକାରଙ୍କର ଅନୁପଯୁକ୍ତ ପର୍ଯ୍ୟାଲୋଚନା ଏବଂ ପାଣ୍ଠିର ଭୁଲ୍ ବ୍ୟବହାର ହେବାର ଆଶଙ୍କା ଭରିରହିଛି ।

### 4.3 ବିନିଯୋଗ ପ୍ରମାଣ ପତ୍ର (ୟୁସି)ଦାଖଲରେ ବିଳମ୍ବ

ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍) ର ନିୟମ 173 ଅନୁସାରେ ଅନୁଦାନ ମଞ୍ଜୁର କରୁଥିବା ପ୍ରତ୍ୟେକ ଆଦେଶ ଏହାର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବରେ ନିର୍ଦ୍ଦିଷ୍ଟ କରିବ ଏବଂ ସମୟ ସୀମା ମଧ୍ୟରେ ଅନୁଦାନ ଖର୍ଚ୍ଚ ହେବ । ଅନୁଦାନ

ଆଣୁଥିବା ବିଭାଗୀୟ ଅଧିକାରୀମାନେ ମୁଖ୍ୟତଃ ମହାଲେଖାକାରଙ୍କୁ ପ୍ରମାଣପତ୍ରଦେବା ପାଇଁ ଦାୟୀ ରହିବେ, ଆବଶ୍ୟକ ସ୍ଥଳେ ବିନିଯୋଗ ପ୍ରମାଣପତ୍ରର ଦାଖଲ ହୋଇଥିବା ସର୍ତ୍ତଗୁଡ଼ିକର ପୂରଣ ଯେପରି ମହାଲେଖାକାର (ଲେଖା ଓ ହକ୍‌ଦାରୀ) (ଏଜି, ଏ ଆଣ୍ଡ ଇ) ଏଂବ ସଂପୃକ୍ତ ବିଭାଗର ମୁଖ୍ୟଙ୍କ ମଧ୍ୟରେ ପରବର୍ତ୍ତୀ ଆର୍ଥିକ ବର୍ଷର ଜୁନ୍ 30 ସୁଦ୍ଧା ସହମତି ଭିତ୍ତିରେ ହେବ।

ବିନିଯୋଗ ପତ୍ର ଗୁଡ଼ିକର ଦାଖଲ ନ କରିବାର ଅର୍ଥ ହେଉଛି ଯେ କର୍ତ୍ତୃପକ୍ଷ ବର୍ଷ ବର୍ଷ ଧରି କିପରି ପାଣ୍ଠି ବିନିଯୋଗ କରିଛନ୍ତି ସେ ବିଷୟରେ ବ୍ୟାଖ୍ୟା କରି ନାହାନ୍ତି । ଏହି ପାଣ୍ଠି ଯୋଗାଣର ଉଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ ହୋଇଛି ବୋଲି କୌଣସି ନିଶ୍ଚିତତା ନାହିଁ । ଯଦି ବିନିଯୋଗ ପତ୍ର ଅଧିକ ପୁଞ୍ଜି ଖର୍ଚ୍ଚ ପାଇଁ ଅଟକି ରହିଛି, ତେବେ ଏହା ଅଧିକ ଗୁରୁତ୍ୱ ବହନ କରେ । ଯେହେତୁ ବିନିଯୋଗ ପତ୍ର ଗୁଡ଼ିକର ଦାଖଲ ନ ହେବାରୁ ଏହାର ଅପବ୍ୟବହାର ହେବାର ଆଶଙ୍କା ରହିଛି । ଏହା ଜରୁରୀ ଯେ ରାଜ୍ୟ ସରକାର ଏହି ଦିଗ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍ ଏବଂ ଠିକ୍ ସମୟରେ ବିନିଯୋଗପତ୍ର ଦାଖଲ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରିବା ଉଚିତ୍ ।

2020-21 ବର୍ଷ ମଧ୍ୟରେ ସରକାର 27,269.36 କୋଟି ଟଙ୍କା (42,888 ଭାଉଚର) ଅନୁଦାନ ପ୍ରଦାନ କରିଥିଲେ । ଏହି ରାଶି ମଧ୍ୟରୁ, 30-06-2021 ସୁଦ୍ଧା, 20,607.85 କୋଟି ଟଙ୍କା (75.57 ପ୍ରତିଶତ) (5.095 ଭାଉଚର) ସମ୍ବନ୍ଧରେ ବିନିଯୋଗ ପତ୍ର ଦାଖଲ କରାଯାଇ ନାହିଁ । ତେଣୁ କୌଣସି ନିଶ୍ଚିତତା ନାହିଁ ଯେ, 20,607.85 କୋଟି ଟଙ୍କା ଖର୍ଚ୍ଚ ପ୍ରକୃତରେ ଯେଉଁ ଉଦ୍ଦେଶ୍ୟରେ ଅନୁମୋଦିତ ହୋଇଛି ସେଥିପାଇଁ ଖର୍ଚ୍ଚ ହୋଇଛି । ଆହୁରି ମଧ୍ୟ, 2003-04 ପର ଠାରୁ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ ପୁସ୍ତକରେ ମାର୍ଚ୍ଚ 2021 ସୁଦ୍ଧା (**ପରିଶିଷ୍ଟ4.1**)ରାଜ୍ୟର 36 ଟି ବିଭାଗ ସମ୍ବନ୍ଧରେ 43,412.67 କୋଟି ଟଙ୍କା ପାଇଁ ବିନିଯୋଗ ପତ୍ର ବାକି ରହିଥିଲା । ସାରଣୀ **4.2** ରେ ବାକିଥିବା ବିନିଯୋଗପତ୍ରର ବର୍ଷ ହିସାବରେ ସଂକ୍ଷିପ୍ତ ବିବରଣୀ ପ୍ରଦତ୍ତ କରାଗଲା:

**ସାରଣୀ 4.2: ବର୍ଷ ହିସାବରେ ବକେୟା ବିନିଯୋଗପତ୍ରର ଦାଖଲ**

**(ଟଙ୍କା କୋଟିରେ)**

| ବର୍ଷ | ପ୍ରାରମ୍ଭିକ ଜମା | | ଯୋଗ | | ମୋଟ | | ଭୁକ୍ତ | | ଅବଶେଷ ଜମା | |
|---|---|---|---|---|---|---|---|---|---|---|
| | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ବକେୟା ୟୁସିର ମୋଟ ୟୁସି ଉପରେ ସଂଖ୍ୟା ଓ ପ୍ରତିଶତ | ପରିମାଣ |
| 2018-19[23] ପର୍ଯ୍ୟନ୍ତ | 28,529 | 38,427.91 | 34,317 | 25,957.25 | 62,846 | 64,385.16 | 33,708 | 19,044.27 | 29,138 (46.36) | 45,340.89 |
| 2019-20 | 29,138 | 45,340.89 | 38,987 | 28,465.46 | 68,125 | 73,806.35 | 40,276 | 37,612.46 | 27,849 (40.88) | 36,193.89 |
| 2020-21 | 27,849 | 36,193.89 | 42,888 | 27,269.36 | 70,737 | 63,463.25 | 43,708 | 20,050.58 | 27,029 (38.21) | 43,412.67 |

*ଉତ୍ସ: ଓଡ଼ିଶା ସରକାରଙ୍କ **2020-21** ବର୍ଷର ବିତ୍ତୀୟ ଖାତା*

[23]2003-04: 274.57 କୋଟି ଟଙ୍କା (1388 ଟି), 2004-05: 229.30 କୋଟି ଟଙ୍କା (909 ଟି), 2005-06:117.01 କୋଟି ଟଙ୍କା (756 ଟି), 2006-07:126.92 କୋଟି ଟଙ୍କା (865 ଟି), 2007-08:297.09 କୋଟି ଟଙ୍କା(1592 nos.),2008-09: 343.70 କୋଟି ଟଙ୍କା(1884 ଟି), 2009-10: 398.77 କୋଟି ଟଙ୍କା(1264 ଟି), 2010-11: 419.65 କୋଟି ଟଙ୍କା(2614ଟି), 2011-12: 449.29 କୋଟି ଟଙ୍କା (2257 ଟି), 2012-13: 507.10 କୋଟି ଟଙ୍କା (1654 ଟି), 2013-14: 1653.35 କୋଟି ଟଙ୍କା(2294ଟି), 2014-15: 3171.24 କୋଟି ଟଙ୍କା (2314 ଟି), 2015-16:5498.32 କୋଟି ଟଙ୍କା (2459 ଟି), 2016-17:8550.44 କୋଟି ଟଙ୍କା(3361ଟି) ଏବଂ 2017-18:16391.16 କୋଟି ଟଙ୍କା (2918 ଟି).2003-04:

2019-20ତୁଳନାରେ 2020-21 ରେ ସମସ୍ତ ବକେୟା ବିନିଯୋଗ ପତ୍ରର ପରିମାଣ 7,218.78 କୋଟି[24] ଟଙ୍କା (19.97 ପ୍ରତିଶତ) ହ୍ରାସ ପାଇଥିଲା ।

ବିନିଯୋଗ ପ୍ରମାଣ ପତ୍ର ଦାଖଲ କରି ନଥିବା ପାଞ୍ଚୋଟି ମୁଖ୍ୟ ଖିଲାପକାରୀ ବିଭାଗ ହେଉଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ (17,546.69କୋଟି ଟଙ୍କା), ଗୃହ ଏବଂ ନଗର ଉନ୍ନୟନ (8,561.90କୋଟି ଟଙ୍କା), ଯୋଜନା ଓ ସମନ୍ୱୟ (3,333.99କୋଟି ଟଙ୍କା), ବିଦ୍ୟାଳୟ ଏବଂ ଗଣଶିକ୍ଷା (3,073.60କୋଟି ଟଙ୍କା) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (2,686.90କୋଟି ଟଙ୍କା) ।

10 ବର୍ଷରୁ ଅଧିକ ସମୟ ପାଇଁ ବକେୟା ଥିବା ବିନିଯୋଗ ପ୍ରମାଣ ପତ୍ରର ବିଭାଗ କ୍ରମେ ସ୍ଥିତି ପରିଶିଷ୍ଟ 4.2 ରେ ଦର୍ଶାଯାଇଛି । ସାମଗ୍ରିକ ଭାବେ17 ଟି ବିଭାଗ ବିରୁଦ୍ଧରେ 10 ବର୍ଷରୁ ଅଧିକ ସମୟ ଧରି ବିନିଯୋଗପତ୍ର ବାକି ରହିଛି । ଏଗୁଡ଼ିକ ମଧ୍ୟରୁ ମାର୍ଚ୍ଚ 2021 ସୁଦ୍ଧା  10 ଟି ପ୍ରମୁଖ ବିଭାଗ ନାମରେ ମୋଟ ରାଶି (1406.76କୋଟି ଟଙ୍କା) ର 99.46 ପ୍ରତିଶତ ବିନିଯୋଗ ପ୍ରମାଣ ପତ୍ର ବକେୟା 10 ବର୍ଷରୁ ଅଧିକ ସମୟ ଧରି ଅଛି ଯାହା ରେଖାଚିତ୍ର **4.2** ରେ ବିସ୍ତୃତ ଭାବେ ଦର୍ଶାଯାଇଛି:

**ରେଖାଚିତ୍ର 4.2: 10 ଟି ପ୍ରମୁଖ ବିଭାଗକୁ 2020-21ସୁଦ୍ଧା ପ୍ରଦତ୍ତ ଅନୁଦାନରୁ ବକୋୟ ଥିବା ବନିଯୋଗ ପତ୍ର**




*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ଖାତା*

ଅଧିକନ୍ତୁ, ଏହା ଦେଖାଗଲା ଯେ, ଜିଆଇଏର ଏକ ପ୍ରମୁଖ ଅଂଶ 2020-21 ବର୍ଷର ଶେଷ ତ୍ରୈମାସିକରେ 11,260.34 କୋଟି ଟଙ୍କା ନିର୍ଗମନ ହୋଇଥିଲା ସେଥି ମଧ୍ୟରୁ 6,405.03 କୋଟି ଟଙ୍କା ମାର୍ଚ୍ଚ 2021 ରେ ନିର୍ଗମନ ହୋଇଥିଲା ଯାହାକି ନିମ୍ନ ସାରଣୀ 4.3 ରେ ବିସ୍ତୃତ ଭାବେ ଦର୍ଶାଗଲା:

**ସାରଣୀ 4.3: 2020-212020-21ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଜିଆଇ ନିର୍ଗମନ**

| ମାସର ନାମ | ନିର୍ଗମନ ଜିଆଇଏର ପରିମାଣ (ଟଙ୍କା କୋଟିରେ) | ମୋଟ ନିର୍ଗମନ ଜିଆଇଏ କୁ ପ୍ରତିଶତ |
|---|---|---|
| ଜାନୁଆରୀ 2021 | 1,833.42 | 6.72 |
| ଫେବୃଆରୀ 2021 | 3,021.88 | 11.08 |
| ମାର୍ଚ୍ଚ 2021 | 6,405.04 | 23.49 |
| ମୋଟ | **11,260.34** | **41.29** |

*ଉତ୍ସ" ଓଡ଼ିଶା ସରକାର, ବିତ୍ତୀୟ ହିସାବ 2020-21*

[24] *43,412.67 – 36,193.89*

ଏହିପରି, ମାର୍ଚ୍ଚ ମାସରେ ଜାରି କରାଯାଇଥିବା ଜିଆଇଏଗୁଡ଼ିକ ପାଇଁ, ଅନୁଦାନର ଉପଯୋଗ ଏବଂ ୟୁସି ଦାଖଲ କରିବାକୁ ସଂପୃକ୍ତ ବିଭାଗ ଗୁଡ଼ିକ ପାଇଁ ଦୁଇମାସ ସମୟ ନାହିଁ । ତେଣୁ, ମାର୍ଚ୍ଚ ମାସରେ କିମ୍ବା ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ (ଓଜିଏଫ୍ଆର୍ର ନିୟମ 173 ଅନୁଯାୟୀ) ୟୁସିର ଜୁନ୍ 2021 ପର୍ଯ୍ୟନ୍ତ ଆଶା କରିବା ଅଯୁକ୍ତିକ ଅଟେ ।

ରାଜ୍ୟ ସରକାର ପ୍ରକାଶ କରିଥିଲେ (ଡିସେମ୍ବର 2021) ଯେ ବିନିଯୋଗ ପତ୍ର ଦାଖଲ କରିବା ଏକ ନିରନ୍ତର ପ୍ରକ୍ରିୟା । ଅର୍ଥ କେନ୍ଦ୍ର ଏବଂ ରାଜ୍ୟରୁ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଯାଇଥାଏ । ଅର୍ଥ ବିନିଯୋଗ ସମୟରେ ଆବଶ୍ୟକ ଔପଚାରିକତା ପାଳନ କରିବା ବେଳେ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ କିଛି ସମୟ ନିଅନ୍ତି ଏବଂ ତା'ପରେ ବିନିଯୋଗ ପତ୍ର ଦାଖଲ କରନ୍ତି ଯାହାକି ସେମାନଙ୍କୁ ପାଣ୍ଠି ପ୍ରଦାନର ପରବର୍ତ୍ତୀ କିସ୍ତି ପାଇବାକୁ ସକ୍ଷମ କରେ । ଏଣୁ, ଯେକୌଣସି ସମୟରେ, ବିନିଯୋଗ ପତ୍ର ଦାଖଲରେ କିଛି ବିଚାର କାଳ ରହିବ ।

ତଥାପି, ବିନିଯୋଗ ପତ୍ରର ଦାଖଲରେ ଉନ୍ନତିପାଇଁ ବିଭାଗଓ୍ୱାରୀ ବିନିଯୋଗ ପତ୍ରର ବିଳମ୍ବତାର ସମୀକ୍ଷା ଅର୍ଥ ସଚିବଙ୍କ ଦ୍ୱାରା କେନ୍ଦ୍ରୀୟ ଭାବରେ ନିୟମିତ କରାଯାଉଛି । ଅନୁଦାନ ମଞ୍ଜୁର ନିର୍ଦ୍ଦେଶଗୁଡ଼ିକ ଆଇଏଫ୍ଏମ୍ଏସ୍ ମାଧ୍ୟମରେ ଅନୁଦାନ ପ୍ରାପ୍ତିଓ୍ୱାରୀ ସବିଶେଷ ସୃଷ୍ଟି ହେଉଛି । ଆଇଏଫ୍ଏମ୍ଏସ୍ ୟୁସି ପ୍ରଦାନ ମଡ୍ୟୁଲକୁ ଉନ୍ନୀତ କରାଯାଇଛି, ଯାହାକୁ ବ୍ୟବହାର କରି ବିଭିନ୍ନ ଅନୁଦାନପ୍ରାପ୍ତ ସଂସ୍ଥାରୁ ସଂଗୃହୀତ ୟୁସିକୁ ଡ୍ରଇଁ ଅଧିକାରୀମାନେ ଦାଖଲ କରିପାରିବେ । ସରକାରଙ୍କ ପ୍ରତିକ୍ରିୟା ଗ୍ରହଣୀୟ ନୁହେଁ, ଯେହେତୁ 43,412.67 କୋଟି ଟଙ୍କାର 27,029 ବିନିଯୋଗ ପତ୍ର 2003 ମସିହାଠାରୁ ବକେୟା ରହିଅଛି ।

## 4.3.1 ଏକୀକୃତ ଆର୍ଥିକ ପରିଚାଳନା ପ୍ରଣାଳୀ (ଆଇଏଫ୍ଏମ୍ଏସ୍)-ୟୁସି ପରିମାଣ କାର୍ଯ୍ୟକାରୀ କରିବାରେ ବିଳମ୍ବ

ଓଜିଏଫ୍ଆର୍ ନିୟମ 171(4) ର ନିମ୍ନରେ ଥିବା ଟିପ୍ପଣୀ-2 ସୂଚାଏ ଯେ ମହାଲେଖାକାରଙ୍କୁ ବିନିଯୋଗ ପ୍ରମାଣ ପତ୍ର ଦାଖଲ ପାଇଁ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବା ଉଚିତ୍ ।

ୟୁସି ଦାଖଲ ଉପରେ ନିୟନ୍ତ୍ରଣ ରଖିବା ପାଇଁ, ଅର୍ଥ ବିଭାଗ 4 ଡିସେମ୍ବର 2013 ରେ ଟାଟା କନସଲଟାନସି ସର୍ଭିସେସ୍ (ଟିସିଏସ୍) (ପୂର୍ବ ମେସର୍ସ ସିଏମ୍ସି ଲିମିଟେଡ୍) ସହିତ ଅପ୍ରେଲ 2018 ସୁଦ୍ଧା ୟୁସି ମଡ୍ୟୁଲ ବିକାଶ ଏବଂ କାର୍ଯ୍ୟକାରୀ କରିବା ପାଇଁ ଏକ ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲା ।

ଯାହାହେଉ, ସମୀକ୍ଷା ଲକ୍ଷ୍ୟ କଲା ଯେ ଏକୀକୃତ ଆର୍ଥିକ ସଞ୍ଚାଳନ ପ୍ରଣାଳୀ (ଆଇଏଫ୍ଏମ୍ଏସ୍) ରେ ୟୁସି ମଡ୍ୟୁଲ୍ କାର୍ଯ୍ୟକ୍ଷମ ହୋଇନଥିଲା (ଡିସେମ୍ବର 2021) । ପଥଦର୍ଶୀ ଆଧାରରେ ୟୁସି ମଡ୍ୟୁଲ୍ ଉଚ୍ଚ ଶିକ୍ଷା ଓ ସହଯୋଗ ବିଭାଗରେ କରାଯାଇଛି ।

ୟୁସି ମଡ୍ୟୁଲର ଅନୁପସ୍ଥିତିରେ ରାଜ୍ୟର ପ୍ରଶାସନିକ ବିଭାଗ ଏବଂ ଅର୍ଥ ବିଭାଗର ସମସ୍ତ ସ୍ତରର ଅଧିକାରୀଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକର ବକେୟା ୟୁସି ଗୁଡ଼ିକର ପର୍ଯ୍ୟାଲୋଚନା କରିବାରେ ଆଇଏଫ୍ଏମ୍ଏସ୍ ସହାୟତା କରିବାରେ ଅସମର୍ଥ ।

## 4.4ବିସ୍ତୃତ ଆକସ୍ମିକ ବିଲ୍

ଓଡ଼ିଶା କୋଷାଗାର ସଂହିତା (ନିୟମ 261) ଅନୁଯାୟୀ ସଂକ୍ଷିପ୍ତ ଆକସ୍ମିକ (ଏସି) ବିଲ୍ ମାଧ୍ୟମରେ ନିଆଯାଉଥିବା ଅଗ୍ରୀମ ତିନି ମାସ ମଧ୍ୟରେ ବିଶଦ ଆକସ୍ମିକତା (ଡିସି) ବିଲରେ ତୁରନ୍ତ ବ୍ୟବସ୍ଥିତ କରାଯିବ । କାର୍ଯ୍ୟ ବ୍ୟୟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଖର୍ଚ୍ଚ ପାଇଁ ଏକ ମାସ ମଧ୍ୟରେ କଣ୍ଟିଜେଣ୍ଟ ଚାର୍ଜରେ ବ୍ୟବସ୍ଥିତ କରାଯିବ ।

31 ମାର୍ଚ୍ଚ 2021 ସୁଦ୍ଧା, ଓଡ଼ିଶା ସରକାରଙ୍କ 14 ଟି ବିଭାଗ 1,092ଟି ଏସି ବିଲ୍ ମାଧ୍ୟମରେ ପାଇଥିବା 81.77 କୋଟି ଟଙ୍କାର ଡିସି ବିଲ୍ ଦାଖଲ କରିନଥିଲେ (**ପରିଶିଷ୍ଟ**4.3) ।

ପ୍ରମୁଖ ଛଅଟି ବିଭାଗର ସ୍ଥିତି, ସମୁଦାୟ ବକେୟା ଡିସି ବିଲର 99.12 ପ୍ରତିଶତ ଥିଲା ତାହା ରେଖାଚିତ୍ର 4.3 ରେ ଦିଆଯାଇଛି ।

**ରେଖାଚିତ୍ର: 4.3ପ୍ରମୁଖ ବିଭାଗ ମାନଙ୍କ ସଂପର୍କରେ ବକେୟା ଡିସି ବିଲ୍**




*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ ନଥିପତ୍ର*

2020-21ପର୍ଯ୍ୟନ୍ତ ଡିସି ବିଲର ବର୍ଷୱାରୀ ବକେୟା ସାରଣୀ 4.4 ରେ ଦର୍ଶାଯାଇଛି ।

**ସାରଣୀ 4.4: ଏସି ବିଲ ତୁଳନାରେ ଡିସି ବିଲ୍ ଦାଖଲର ବାର୍ଷିକ ଅଗ୍ରଗତି**

(ଟଙ୍କା କୋଟିରେ)

| ବର୍ଷ | ଏସି ବିଲର ପ୍ରାରମ୍ଭିକ ଜମା | | ଯୋଗ | | ମୋଟ | | Clearance | | ଅବଶେଷ ଜମା | |
|---|---|---|---|---|---|---|---|---|---|---|
| | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | No.& percentage against total no. of UCs | ପରିମାଣ |
| Upto 2018-19 | 1,061 | 37.21 | 939 | 210.19 | 2,000 | 247.4 | 729 | 34.00 | 1,271 | 213.4 |
| 2019-20 | 1,271 | 213.4 | 735 | 23.95 | 2,006 | 237.35 | 567 | 67.67 | 1,439 | 169.68 |
| 2020-21 | 1439 | 169.68 | 385 | 14.00 | 1824 | 183.68 | 732 | 101.91 | 1,092 | 81.77 |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ଖାତା*

ଏହା ଦେଖାଗଲା ଯେ2020-21ମଧ୍ୟରେ 14 ଟି ବିଭାଗ ସରକାରୀ ତହବିଲରୁ 385 ଟି ଏସି ବିଲ୍ ମାଧ୍ୟମରେ 14 କୋଟି ଟଙ୍କାର ଅଗ୍ରୀମ ଉଠାଣ କରିଥିଲେ, ତନ୍ମଧ୍ୟରୁ, ମାର୍ଚ୍ଚ 2021 ରେ 160 ଟି ଏସି ବିଲର ପରିମାଣ 4.61 କୋଟି ଟଙ୍କା (32.97 ପ୍ରତିଶତ) ଉଠାଯାଇଥିଲା । ଯାହାହେଉ, ମାତ୍ର ଛଅଟି ବିଭାଗ ସମ୍ବନ୍ଧୀୟ 3.35 କୋଟି ଟଙ୍କା (23.93 ପ୍ରତିଶତ) କେବଳ ବ୍ୟବସ୍ଥିତ ହୋଇଥିଲା । ଏହିପରି ମାର୍ଚ୍ଚ 2021 ସୁଦ୍ଧା ଆଠଟି ବିଭାଗ ସମ୍ବନ୍ଧୀୟ 10.65 କୋଟି ଟଙ୍କାର ଡିସି ବିଲ୍ ଦାଖଲ ହୋଇନଥିଲା (***ପରିଶିଷ୍ଟ4.4***) । ତେଣୁ, କୌଣସି ନିଶ୍ଚିତତା ନାହିଁ ଯେ ଏହି ପରିମାଣ 10.65 କୋଟି ଟଙ୍କା ପ୍ରକୃତରେ ଯେଉଁ ଉଦ୍ଦେଶ୍ୟରେ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା । ଅଗ୍ରୀମ ଉଠାଣ ବ୍ୟବସ୍ଥିତ ହୋଇ ନଥିବା, ଅର୍ଥର ଶେଷ ବ୍ୟବହାରର ଗତି ପରିବର୍ତ୍ତନ/ ଅପବ୍ୟବହାର

ସୂଚାଇଥିଲା ଏବଂ ତେଣୁ ଡିସି ବିଲ୍ ଦାଖଲ ନିଶ୍ଚିତ କରିବା ପାଇଁ ସଂପୃକ୍ତ ଡିଡିଓ ମାନଙ୍କ ଦ୍ୱାରା ତୀକ୍ଷ୍ଣ ନଜର ରଖାଯିବା ଆବଶ୍ୟକ ।

### 4.4.1 ଆଇଏଫ୍ଏମ୍ଏସ୍ ର ଅନ୍‌ଲାଇନ୍ ବିଲ୍ ପ୍ରସ୍ତୁତି ଏବଂ ଦାଖଲ ମଡ୍ୟୁଲ୍ ଅଧୀନରେ ଡିସି ବିଲ୍ କାର୍ଯ୍ୟକାରିତାର କାର୍ଯ୍ୟାନ୍ୱୟନ ନହେବା

ଅର୍ଥ ବିଭାଗ ଏବଂ ବିକ୍ରେତା (ଟାଟା କନ୍‌ସଲ୍ଟାନ୍ସି(ଟିସିଏସ୍) (ପୂର୍ବରୁ ମେସର୍ସ ସିମ୍ପେସି ଟିମିଟେଡ୍)ଙ୍କ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା (04 ଡିସେମ୍ବର 2013) ଅନୁଯାୟୀ ଏସି/ଡିସି ବିଲ୍ ଗୁଡ଼ିକର ଟ୍ରାକିଂ ଏବଂ ମନିଟରିଂ ପାଇଁ ଆଇଏଫ୍ଏମ୍ଏସ୍ ରେ ଏକ ମଡ୍ୟୁଲ୍ ବିକଶିତ କରିବାର ଥିଲା । ଅଡିଟ୍ ଆଇଏଫ୍ଏମ୍ଏସ୍ ର "ଅନ୍ ଲାଇନ୍ ବିଲ୍ ପ୍ରସ୍ତୁତି ଏବଂ ଦାଖଲ" ମଡ୍ୟୁଲର କାର୍ଯ୍ୟକାରିତାକୁ ସମୀକ୍ଷା କଲା ଏବଂ ଲକ୍ଷ୍ୟ କଲା:

i. ସଂକ୍ଷିପ୍ତ ଆକସ୍ମିକ ବ୍ୟୟ ବିଲ୍ ପ୍ରକାର ପାଇଁ ଫର୍ମ ଏବଂ ବ୍ୟବସ୍ଥା ଆଇଏଫ୍ଏମ୍ଏସ୍ ରେ ଧାର୍ଯ୍ୟ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା । ଅବଶ୍ୟ, ବିସ୍ତୃତ ଆକସ୍ମିକ ବିଲ୍ ପ୍ରକାର ପାଇଁ ଅନରୂପ ବ୍ୟବସ୍ଥା ମଡ୍ୟୁଲର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟକୁ ପରାସ୍ତ କରି ଡିସେମ୍ବର 2020 ସୁଦ୍ଧା କାର୍ଯ୍ୟକାରୀ ହୋଇନଥିଲା । ବିସ୍ତୃତ ଆକସ୍ମିକ ବିଲ୍ ପ୍ରକାରର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଧାରିତ ସମୟ ସୀମା ଅପ୍ରେଲ 2018 ଥିଲା, ଯାହାକି ଆଇଏଫ୍ଏମ୍ଏସ୍‌ର ସମାପ୍ତି ତାରିଖ ଥିଲା ।

ii. ଡିସି ବିଲ୍ ପ୍ରକାରର ଅନୁପସ୍ଥିତିରେ, ପ୍ରଶାସନିକ, କୋଷାଗାର ଏବଂ ଅର୍ଥ ବିଭାଗର ସମସ୍ତ ସ୍ତରରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚାରାଧୀନ ଏସି ବିଲ୍ ସ୍ଥିତି ନଜରରେ ଆଇଏଫ୍ଏମ୍ଏସ୍ ସାହାଯ୍ୟ କରିବାରେ ସମର୍ଥ ନଥିଲା ।

ରାଜ୍ୟ ସରକାର କହିଥିଲେ (ଡିସେମ୍ବର2021) ଯେ, ଏହି ଘଟଣା ଅର୍ଥ ବିଭାଗ ସଚିବଙ୍କ ଦ୍ୱାରା ନିୟମିତ ଭାବରେ ସମୀକ୍ଷା ହୋଇଛି । ଡିସି ବିଲ୍ ଠିକ୍ ସମୟରେ ଦାଖଲ କରିବା ବିଷୟରେ ଏଫ୍ଏ ଏବଂ ନିୟନ୍ତ୍ରମକାରୀ ଅଧିକାରୀମାନେ ମଧ୍ୟ ସମ୍ବେଦନଶୀଳ ଅଟନ୍ତି । ଆଇଏଫ୍ଏମ୍ଏସ୍ ତାଜା ଏସି ବିଲ୍ ଦାଖଲ କରିବା ସମୟରେ ଡିସି ବିଲ୍ ସଂଖ୍ୟା ପଞ୍ଜୀକୃତ କରେ ।

2003 ମସିହା ଠାରୁ 81.77 କୋଟି ଟଙ୍କାର 1,092 ଟି ଡିସି ବିଲ୍ ବକେୟା ଥିବାରୁ ସରକାରଙ୍କ ପ୍ରତିକ୍ରିୟା ଗ୍ରହଣୀୟ ନଥିଲା ।

## 4.5 ବ୍ୟକ୍ତିଗତ ଜମା (ପିଡି) ଖାତା

ବ୍ୟକ୍ତିଗତ ଜମାଖାତା ଗୁଡ଼ିକୁ ବ୍ୟାଙ୍କ୍ ଖାତା ଆକାରରେ ରାଜକୋଷରେ ରଖାଯାଇଥାଏ । ଏଗୁଡ଼ିକ ସାଧାରଣତଃ ବ୍ୟକ୍ତିଗତ ଜମାଖାତା ଭାବରେ ଜଣାଶୁଣା । ଓଡ଼ିଶା ରାଜକୋଷ ସଂହିତା ଖଣ୍ଡ-I ଅଧିନିୟମ 423 ଅନୁଯାୟୀ ମହାଲେଖାକାରଙ୍କ ବିନା ପରାମର୍ଶରେ ଏକ ବ୍ୟକ୍ତିଗତ ଜମାଖାତା ଖୋଲିବା ପାଇଁ ଅନୁମତି ଦିଆଯିବ ନାହିଁ । ଏକୀକୃତ ପାଣ୍ଠିରୁ ପାଣ୍ଠି ସ୍ଥାନାନ୍ତର କରି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆବଶ୍ୟକ ପାଣ୍ଠି ଜମା କରିବା ପାଇଁ ବ୍ୟକ୍ତିଗତ ଜମାଖାତା ଖୋଲିବାକୁ ଏହା ପ୍ରାଧିକୃତ । ବ୍ୟକ୍ତିଗତ ଖାତାକୁ ପାଣ୍ଠି ସ୍ଥାନାନ୍ତର ସଂପୃକ୍ତ ମେଜର ହେଡ୍ ଅଧୀନରେ ଏକୀକୃତ ପାଣ୍ଠିରୁ କୌଣସି ପ୍ରକୃତ ନଗଦ ପ୍ରଦାନ ବିନା ଦର୍ଶାଯାଇଥାଏ ।

### 4.5.1 ବ୍ୟକ୍ତିଗତ ଜମା ଖାତାର ଢାଞ୍ଚା

2020-21ରେ ରାଜ୍ୟରେ ଏକୀଭୂତ ପାଣ୍ଠିରୁ ଏହି ପିଡି ଆକାଉଣ୍ଟକୁ 12,304.93 କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ମାର୍ଚ୍ଚ 2021 ରେ ରାଜ୍ୟ ଏକୀକୃତ ପାଣ୍ଠିରୁ 2,040.21 କୋଟି ଟଙ୍କା ସ୍ଥାନାନ୍ତରିତକୁ ଏହା ଅନ୍ତର୍ଭୁକ୍ତ

କରେ । ପିଡି ଆକାଉଣ୍ଟରେ ସମସ୍ତ କ୍ରେଡିଟ୍ ହୋଇଥିବା ପରିମାଣର ଏହା 16.58 ପ୍ରତିଶତ ଅଟେ ଯେଉଁଥିରୁ 122.22 କୋଟି ଟଙ୍କା ମାର୍ଚ୍ଚ 2021 ର ଶେଷ ଦିନରେ ସ୍ଥାନାନ୍ତରିତ ହେଲା ।

31 ମାର୍ଚ୍ଚ 2021 ସୁଦ୍ଧା 811 ଟି ପିଡି ଆକାଉଣ୍ଟଧାରୀଙ୍କର ଅବ୍ୟୟିତ 7047.28 କୋଟି ଟଙ୍କା ସାରଣୀ 4.5 ରେ ବିସ୍ତୃତ ଭାବରେ ଦର୍ଶାହେଲା । ଓଡ଼ିଶା ମିନେରାଲ୍ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେସନ(ଓଏମ୍‌ବିଡିଏସି) ର ପିଡି ଆକାଉଣ୍ଟରେ 414.85 କୋଟି ଟଙ୍କାକୁ ଛାଡ଼ି ଓଏମ୍‌ବିଏଡିସିର ପୃଥକ ବିନିଯୋଗ ଆକାଉଣ୍ଟ8443-106-3521-91357- ସରକାରୀ ଋଣ ଏବଂ 8443-106-3521-91358-ଟ୍ରେଜେରୀ ବିଲ୍‌ରେ ଏବଂ ଯଥାକ୍ରମେ 16,758.29 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା ।

**ସାରଣୀ 4.5: ବ୍ୟକ୍ତିଗତ ଜମା ଖାତା**

(ଟଙ୍କା କୋଟିରେ)

| 01/04/2020 ସୁଦ୍ଧା ପ୍ରାରମ୍ଭିକ ଜମା | | 2020-21 ବର୍ଷ ମଧ୍ୟରେ ଯୋଗ | | ବନ୍ଦ ପିଡି ଖାତା ସଂଖ୍ୟା | ବନ୍ଦ ହୋଇଥିବା ପିଡି ଖାତା ସହିତ ବର୍ଷର ବ୍ୟୟ | 31/ 03/2021ସୁଦ୍ଧା ବଳକା ଜମା | |
|---|---|---|---|---|---|---|---|
| ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ | ସଂଖ୍ୟା | ପରିମାଣ |
| 830 | 20,899.85 | Nil | 12,304.93 | 19 | 26,157.50 | 811 | 7,047.28 |

*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ କାର୍ଯ୍ୟାଳୟ ନଥି*

ସାରଣୀ 4.5 ରୁ ଏହା ଦେଖାଯାଇପାରେ ଯେ 2020-21 ବର୍ଷରେ କୌଣସି ନୂତନ ପିଡି ଆକାଉଣ୍ଟ ଖୋଲାଯାଇ ନଥିଲା । କିନ୍ତୁ ପୂର୍ବରୁ ଥିବା ପିଡି ଆକାଉଣ୍ଟକୁ 12,304.93 କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିଲା । 2020-21 ବର୍ଷ ଶେଷରେ ସମନ୍ୱିତ ବନ୍ଦ ଅବଶେଷରେ 13.853 କୋଟି ଟଙ୍କା (66.28 ପ୍ରତିଶତ) ବାସ୍ତବିକ କମ୍ ହୋଇଛି ଯାହା ରେଖାଚିତ୍ର **4.5** ରେ ବିସ୍ତୃତ ଭାବରେ ଦର୍ଶାଗଲା :

**ରେଖାଚିତ୍ର 4.4: 2016-21 ମଧ୍ୟରେ ପିଡି ଆକାଉଣ୍ଟରେ ଅବଶେଷ**




*ଉତ୍ସ: ରାଜ୍ୟ ସରକାରଙ୍କ ସଂପୃକ୍ତ ବର୍ଷର ଆର୍ଥିକ ସ୍ଥିତି*

7,047.28 କୋଟି ଟଙ୍କାର ଅବଶେଷ ଜମା ସମ୍ବନ୍ଧିତ (i) ଶିକ୍ଷାନୁଷ୍ଠାନ ଗୁଡ଼ିକର 290 ପିଡି ଆକାଉଣ୍ଟରେ 89.22 କୋଟି ଟଙ୍କା, (ii) ପୌରପାଳିକା ନିଧିର 112 ପିଡି ଆକାଉଣ୍ଟରେ 3166.19 କୋଟି ଟଙ୍କା, (iii) ପଞ୍ଚାୟତ

କାର୍ଯ୍ୟାଳୟରେ314 ପିଡି ଆକାଉଣ୍ଟର 1026.96କୋଟି ଟଙ୍କା; (iv) ସ୍ୱାସ୍ଥ୍ୟ ଏବଂ ବଦାନ୍ୟ ଅନୁଷ୍ଠାନର ନିଧିରେ ଚାରୋଟି ପିଡି ଆକାଉଣ୍ଟର 12.27କୋଟି ଟଙ୍କା ଏବଂ (v) ଅନ୍ୟ ସଂସ୍ଥା କିମ୍ବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା  ଇତ୍ୟାଦିର 91 ଟି ପିଡି ପିଡି ଆକାଉଣ୍ଟରେ 2752.65କୋଟି ଟଙ୍କା ରହିଥିଲା । ପିଡି ଆକାଉଣ୍ଟରେ ଥିବା ଅବ୍ୟୟିତ ଅବଶେଷକୁ ରାଜ୍ୟର ଏକୀକୃତ ପାଣ୍ଠିକୁ ସ୍ଥାନାନ୍ତର ନକରିବା ଦ୍ୱାରା ଜନସାଧାରଣଙ୍କ ପାଣ୍ଠିର ଅପବ୍ୟବହାର, ଜାଲିଆତି ଏବଂ ଆତ୍ମସାତ୍ ହେବାର ଆଶଙ୍କା ରହିଥିଲା ।

ରାଜ୍ୟ ସରକାର ଦର୍ଶାଇଥିଲେ (ଡିସେମ୍ବର2021) ଯେ, ପିଡି ଆକାଉଣ୍ଟ ସମ୍ବନ୍ଧରେ ନିଶ୍ଚିତ କରିବାକୁ ସେମାନେ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ସହିତ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି । ଉନ୍ନତ କାର୍ଯ୍ୟ କ୍ଷମତା ଏଵଁ ରିପୋର୍ଟ ପାଇଁ ରାଜ୍ୟ ପିଡି ଆକାଉଣ୍ଟରେ ଅନେକ ବୈଶିଷ୍ଟ୍ୟ ଯୋଡ଼ିଛି । ସେଗୁଡ଼ିକର ପରିଚାଳନାରେ କୌଣସି ଅନିୟମିତତାକୁ ଏଡ଼ାଇବା ପାଇଁ ପିଡି ଖାତା ଗୁଡ଼ିକର ମିଳାମିଶା  ନିୟମ ଭାବେ କରାଯାଉଛି । ଯେଉଁ ପିଏଲ୍ ପ୍ରଶାସକ ନିର୍ଦ୍ଦିଷ୍ଟ ସମୟରେ ଆକାଉଣ୍ଟ ମିଳାମିଶା କରିବାରେ ବିଫଳ ହେବେ ସେମାନଙ୍କର ଚେକ୍ ଉଠାଣ ସୁବିଧାକୁ ପ୍ରତ୍ୟାହାର କରିବା ପାଇଁ ମହାଲେଖାକାର (ଲେଖା ଏବଂ ହକ୍‌ଦାରୀ) କାର୍ଯ୍ୟାଳୟକୁ ଏକକ ୱିଣ୍ଡୋ ଯୋଗାଇବା ପାଇଁ ଆଇଏଫ୍‌ଏମ୍‌ଏସ୍ କଷ୍ଟମାଇଜ୍ ହୋଇଛି ।

### 4.5.2 ଅକାମୀ ପିଡି ଆକାଉଣ୍ଟ ଏବଂ ପିଡି ଆକାଉଣ୍ଟ ଅବଶେଷର ମିଳାମିଶା ନହେବା

ଓଡ଼ିଶା କୋଷାଗାର ସଂହିତା ପ୍ରଥମ ଖଣ୍ଡର ଅନୁପୂରକ ନିୟମାବଳୀ 423 ଅନୁଯାୟୀ ଯଦି କୌଣସି ବ୍ୟକ୍ତିଗତ ଜମା ଖାତାରେ ଶେଷ ଥର କାରବାର ହେବାର ସମ୍ପୂର୍ଣ୍ଣ ତିନି ବର୍ଷ ପର୍ଯ୍ୟନ୍ତ ଆଉ କୌଣସି କାରବାର ହୋଇନଥିବ ତେବେ ଉକ୍ତ ବ୍ୟକ୍ତିଗତ ଜମାଖାତା ସ୍ୱତଃ ବନ୍ଦ ହୋଇଯାଏ ଏବଂ ଜମା ରହିଥିବା ରାଶି ସ୍ଥିତିଚ୍ୟୁତି ଘଟି ସରକାରଙ୍କ ଖାତାକୁ ଚାଲି ଯାଇଥାଏ । ଏଥିପାଇଁ ପ୍ରତିବର୍ଷ 31 ମାର୍ଚ୍ଚ ଶେଷରେ ପ୍ରତି କୋଷାଗାର ଅଧିକାରୀମାନେ ଏହିପରି ବ୍ୟକ୍ତିଗତ ଜମାଖାତାର ତାଲିକା ସହ ସ୍ଥିତିଚ୍ୟୁତ ହେଉଥିବା ରାଶିର ପରିମାଣ (ଲାପସ୍ ଆକାଉଣ୍ଟ) ମହାଲେଖାକାରଙ୍କୁ ଜଣାଇବେ ।

2020-21 ବର୍ଷରେ ଅବଶେଷ 6.10 କୋଟି ଟଙ୍କା ଥିବା 19 ଟି ବ୍ୟକ୍ତିଗତ ଜମାଖାତା ବନ୍ଦ ହୋଇଥିଲା (ପରିଶିଷ୍ଟ 4.5) ଅବଶ୍ୟ ବ୍ୟକ୍ତିଗତ ଜମାଖାତାଗୁଡ଼ିକରେ ଶେଷ ଥର କାରବାର ପରେ ସମ୍ପୂର୍ଣ୍ଣ ତିନିବର୍ଷ ଧରି ଅଚଳ ହୋଇ ପଡ଼ିଥିବା ଚାରୋଟି ପିଡି ଆକାଉଣ୍ଟକୁ ପରେ ବନ୍ଦ କରିବାକୁ ଥିଲା । ଏହି ଚାରୋଟି ଆକାଉଣ୍ଟରେ ମୋଟ 0.38 କୋଟି ଟଙ୍କାର ଅବଶେଷ ଥିଲା ଯାହା ନିମ୍ନ ସାରଣୀରେ ବିସ୍ତୃତ ହେଲା ।

**ସାରଣୀ 4.6: 31 ମାର୍ଚ୍ଚ 2021ସୁଦ୍ଧା ଅକାମୀ ପିଡି ଆକାଉଣ୍ଟ ଗୁଡ଼ିକ**

(ଟଙ୍କା ଲକ୍ଷରେ)

| କ୍ରମିକ ସଂଖ୍ୟା | ପିଡି ଆକାଉଣ୍ଟର ପ୍ରଶାକକଙ୍କ ନାମ | ଅବଶେଷ |
|---|---|---|
| 1 | ପ୍ରଧାନ ଶିକ୍ଷକ, ଏଏନ୍ ଉଚ୍ଚ ବିଦ୍ୟାଳୟ, ନରସିଂହପୁର, କଟକ, ପିନ୍-751001 | 1.52 |
| 2 | କୋଷାଧକ୍ଷ, ଦାତବ୍ୟ ଅନୁଷ୍ଠାନ (ଚାରିଟେବୁଲ୍ ଏଣ୍ଡାମେଣ୍ଟ), ଭୁବନେଶ୍ୱର, ପିନ୍-751001 | 35.65 |
| 3 | ପ୍ରଶାସକ, କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି, ଏଚ୍ ଆଣ୍ଡ ୟୁଡି ବିଭାଗ, ଭୁବନେଶ୍ୱର, ପିନ୍-751001 | 0.00 |
| 4 | ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, କୁଚିଣ୍ଡା, ସମ୍ବଲପୁର, ପିନ୍-768222 | 1.07 |
| | ମୋଟ | **38.24** |

ବ୍ୟକ୍ତିଗତ ଜମାର ପରିଚାଳକମାନେ ପ୍ରତି ବର୍ଷ ଏହି ଜମାଖାତାରେ ଥିବା ରାଶି ସହିତ କୋଷାଗାର ଜମାଖାତାର ରାଶି ସହ ମେଳ କରାଇବା ଦରକାର । 31 ମାର୍ଚ୍ଚ 2021 ସୁଦ୍ଧା 811 ଟି ବ୍ୟକ୍ତିଗତ ଜମାଖାତା ମଧ୍ୟରୁ 737 ଟି ଜମାଖାତା ଗୁଡ଼ିକୁ (90.88 ପ୍ରତିଶତ) କୋଷାଗାର ଜମାଖାତା ସହ ମେଳ କରାଯାଇଥିଲା ।

ବ୍ୟକ୍ତିଗତ ଜମାଖାତାରେ ବାକି ଥିବା ରାଶିର କୋଷାଗାର ଖାତାର ରାଶି ସହ ଅମିଳାମିଶା ଏବଂ ବ୍ୟକ୍ତିଗତ ଜମାଖାତାରେ ବ୍ୟୟ ନହୋଇ ପଡ଼ିରହିଥିବା ରାଶିକୁ ଏକୀକୃତ ପାଣ୍ଠିକୁ ହସ୍ତାନ୍ତର ନ କରିବା ଦ୍ୱାରା ଜନସାଧାରଣଙ୍କ ପାଣ୍ଠିର ଅପବ୍ୟବହାର ଜାଲିଆତି ଏବଂ ଆତ୍ମସାତ୍ ହେବାର ଆଶଙ୍କା ଥିଲା ।

ଅର୍ଥ ବିଭାଗ ଅକାମି ପିଡି ଆକାଉଣ୍ଟକୁ ବନ୍ଦ କରିବା ଏବଂ ସେଥିରେ ପଡ଼ିରହିଥିବା ଟଙ୍କାକୁ ରାଜ୍ୟର ଏକୀକୃତ ପାଣ୍ଠିକୁ ସ୍ଥାନାନ୍ତରଣ କରିବା ଉଚିତ୍ ।

### 4.6ମାଇନର ହେଡ୍ 800 ର ପୃଥକ ବ୍ୟବହାର ନ ଦେଖାଇବା

ଅନ୍ୟାନ୍ୟ ପ୍ରାପ୍ତି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସମ୍ବନ୍ଧୀୟ ମାଇନର ହେଡ୍ 800 କେବଳ ମେଜର ହେଡ୍ ଅଧିନରେ ଉପଯୁକ୍ତ ମାଇନର ହେଡ୍ ପ୍ରଦାନ କରାଯାଇ ନଥିବା ବେଳେ, କାର୍ଯ୍ୟକ୍ଷମ ହେବା ପାଇଁ ଉଦ୍ଦିଷ୍ଟ । ମାଇନର ହେଡ୍ 800 ର ଦୈନନ୍ଦିନ ପ୍ରଚଳନକୁ ନିରୁତ୍ସାହିତ କରିବାକୁ ପଡ଼ିବ, ଯେହେତୁ ଏହା ହିସାବକୁ ଅସ୍ପଷ୍ଟ କରିଥାଏ ।

2020-21 ବର୍ଷ ମଧ୍ୟରେ, ରାଜ୍ୟ ସରକାର 115 ଟି ରାଜସ୍ୱ ଓ କ୍ୟାପିଟାଲ ମେଜର ହେଡ୍ ଅଧିନରେ 800 ମାଇନର ହେଡ୍ ଅଧିନରେ 14,825.22 କୋଟି ଟଙ୍କା ବ୍ୟୟ କରିଥିଲେ, ଯାହା ମୋଟ ରାଜସ୍ୱ ଏବଂ ପୁଞ୍ଜିବ୍ୟୟ 1.13,259.83 କୋଟି ଟଙ୍କାର 13.09 ପ୍ରତିଶତ ଥିଲା । 2016-21 ମଧ୍ୟରେ ଅନ୍ୟାନ୍ୟ ବ୍ୟୟ ପାଇଁ ମାଇନର ହେଡ୍ 800 ର ବ୍ୟବହାରକୁ ମୋଟ ଖର୍ଚ୍ଚର ପ୍ରତିଶତ ହିସାବରେ ରେଖାଚିତ୍ର **4.5** ରେ ଦର୍ଶାଯାଇଛି ।

**ରେଖାଚିତ୍ର 4.5 2016-21 ମଧ୍ୟରେ ମାଇନର ହେଡ୍ 800 ର ବ୍ୟବହାର-ଅନ୍ୟାନ୍ୟ ଖର୍ଚ୍ଚ**




*ଉତ୍ସ: ରାଜ୍ୟ ସରକାରଙ୍କ **2020-21** ବର୍ଷର ଆର୍ଥିକ ସ୍ଥିତି*

ଉପରୋକ୍ତ **ସାରଣୀ4.5**ରୁ ଦେଖାଯାଏ ଯେ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମାଇନର ହେଡ୍ 800 ର ବହୁଳ ବ୍ୟବହାର ହୋଇଛି । 2016-21 ମଧ୍ୟରେ ଏହାର ଅଂଶ ମୋଟ ଖର୍ଚ୍ଚର 13 ପ୍ରତିଶତରୁ 18 ପ୍ରତିଶତ ମଧ୍ୟରେ ରହିଛି । ଗୋଟିଏ ମେଜର ହେଡ୍ ମଧ୍ୟରେ ମାଇନର ହେଡ୍ 800- ଅନ୍ୟାନ୍ୟ ଖର୍ଚ୍ଚ ଭାବରେ ଶ୍ରେଣୀଭୁକ୍ତ ହୋଇଥିବା ଖର୍ଚ୍ଚର ଯଥେଷ୍ଟ ଅନୁପାତ (50 ପ୍ରତିଶତ କିମ୍ବା ଅଧିକ) ର ଦୃଷ୍ଟାନ୍ତ ପରିଶିଷ୍ଟ 4.6 ରେ ଦର୍ଶାଯାଇଛି । ମୁଖ୍ୟ ଖିଲାପକାରୀ ବିଭାଗ ଗୁଡ଼ିକ ହେଉଛି ସଂସଦୀୟ ବ୍ୟାପାର, ଜଳ ସମ୍ପଦ, ପରିବହନ, କୃଷି ଓ କୃଷକ କଲ୍ୟାଣ ଏବଂ ଗୃହ ଓ ନଗର ଉନ୍ନୟନ । ବିଗତ ପାଞ୍ଚ ବର୍ଷ ମଧ୍ୟରେ ମାଇନର ହେଡ୍ 800 ଅନ୍ୟାନ୍ୟ ପ୍ରାପ୍ତିର ବିଶଦ ବିବରଣୀ ନିମ୍ନ ରେଖାଚିତ୍ର 4.6 ରେ ପ୍ରଦର୍ଶିତ ହେଲା ।

**ରେଖାଚିତ୍ର 4.6: 2016-21ମଧ୍ୟରେ ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି**




*ଉତ୍ସ: ରାଜ୍ୟ ସରକାରଙ୍କ 2020-21 ବର୍ଷର ଆର୍ଥିକ ସ୍ଥିତି*

ଉପରୋକ୍ତ **ରେଖାଚିତ୍ର**ରୁ ଦେଖାଯାଏ ଯେ ଖର୍ଚ୍ଚ ତୁଳନାରେ ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି କମ୍ ହୋଇଛି ଏବଂ 2016-17 ପ୍ରାପ୍ତିର 17.92 ପ୍ରତିଶତରୁ 2020-21 ର ମୋଟ ପ୍ରାପ୍ତିର 2.97 ପ୍ରତିଶତ ମଧ୍ୟରେ ରହିଛି । 2020-21 ବର୍ଷରେ ରାଜ୍ୟ ସରକାର 3100.34 କୋଟି ଟଙ୍କା ପ୍ରାପ୍ତିକୁ 64 ଟି ମେଜର ହେଡ୍ ଅଧିନରେ ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି ଭାବରେ ଶ୍ରେଣୀଭୁକ୍ତ କରିଥିଲେ । ଯେଉଁ କେସ୍‌ରେ 100 ପ୍ରତିଶତ ପ୍ରାପ୍ତି ମାଇନର ହେଡ୍ 800- ଅନ୍ୟାନ୍ୟ ପ୍ରାପ୍ତି ଅଧିନରେ ଶ୍ରେଣୀଭୁକ୍ତ କରାଗଲା, ତାହା ପରିଶିଷ୍ଟ 4.7 ରେ ଦର୍ଶାଯାଇଛି । ବ୍ୟତିକ୍ରମ କରିଥିବା ପ୍ରମୁଖ ବିଭାଗ ଗୁଡ଼ିକ ହେଲା-ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ଶିକ୍ଷ ।

ଯଦିଓ ମାଇନର ହେଡ୍ 800 ଅଧିନରେ ଥିବା ପ୍ରାପ୍ତି/ ବ୍ୟୟ ବର୍ଗୀକରଣ ପ୍ରସଙ୍ଗ କ୍ରମାଗତ ଭାବରେ ଭାରତର କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲଙ୍କ ପୂର୍ବ ରିପୋର୍ଟ ଗୁଡ଼ିକରେ ଦର୍ଶାଯାଇଥିଲା, ତଥାପି ସେଥିରେ ସାମାନ୍ୟ ଉନ୍ନତି ହୋଇନଥିଲା । ସଂପୃକ୍ତ ମେଜର ହେଡ୍ 800 ଅଧିନରେ ଦର୍ଶାଇବା ଏକ ଚିନ୍ତାର କାରଣ ଯେହେତୁ ଏହା ସ୍ୱଚ୍ଛତା ଉପରେ ଗୁରୁତର ପ୍ରଭାବ ପକାଇଥାଏ ।

ରାଜ୍ୟ ସରକାର ଅଡିଟ୍ ନିରୀକ୍ଷଣକୁ ଗ୍ରହଣ କଲେ ଏବଂ କହିଲେ (ଡିସେମ୍ବର2021) ଯେ  କେବଳ ଯଦି ବ୍ୟୟ କିମ୍ବା ପ୍ରାପ୍ତିର ପ୍ରକୃତ କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ମେଜର ଏଣ୍ଡ ମାଇନର ହେଡ(ଏଲ୍ଏମ୍ଏମ୍ଏଚ୍) ର ମେଜର ହେଡ୍ ତଳେ ଥିବା ମାଇନର ଡେ୍ ସହ ମେଳ ହେଉ ନଥିବା ତେବେ ଖର୍ଚ୍ଚ ଏବଂ ପ୍ରାପ୍ତି ମାଇନର ହେଡ୍'800-ଅନ୍ୟାନ୍ୟ ଖର୍ଚ୍ଚ' ଓ 800-ଅନ୍ୟାନ୍ୟ ପ୍ରାପ୍ତି ରେ ବୁକ୍ କରାଯାଏ । ଏହି କେସ୍ ଗୁଡ଼ିକରେ ସିଏଜି ଏଲେଟଏମଏମଏଚର ପ୍ରାସଙ୍ଗିକ ମାଇନର ହେଡ୍ ନାହିଁ । ଅବଶ୍ୟ ଏହିପରି ଅଧିକାଂଶ କ୍ଷେତ୍ରରେ ଖର୍ଚ୍ଚର ଉଦ୍ଦେଶ୍ୟ ମାଇନର ହେଡ୍ ତଳେ ନିର୍ଦ୍ଦିଷ୍ଟ କରାଯାଇଛି । 2021-22 ବାର୍ଷିକ ବଜେଟ ସଂରଚନା କରିବା ସମୟରେ 800- ଅନ୍ୟାନ୍ୟ ଖର୍ଚ୍ଚ ଅଧିନରେ ଥିବା ବଜେଟ ବ୍ୟବସ୍ଥାକୁ ସଠିକ୍ ଭାବେ ଯାଞ୍ଚ ଏକ ରୂପାନ୍ତରିତ କରାଯାଇଛି ଯାହାଦ୍ୱାରା ପରିମାଣକୁ ବହୁ ମାତ୍ରାରେ ହ୍ରାସ କରାଯାଇଛି ।

## 4.7ପ୍ରମୁଖ ଅନିଶ୍ଚିତ ହେଡ୍ ଅଧିନରେ ବକେୟା ରାଶି

କୋଷାଗାର / ପିଏଓ ଦ୍ୱାରା ବ୍ୟବସ୍ଥିତ ଥୁସୂଚୀ ପ୍ରଦାନ ନହେବା, ଆର୍‌ବିଆଇ ରୁ କ୍ଲିଅରାନ୍ସ ମେମୋ ପ୍ରାପ୍ତି ନ ହେବା, ଭାଉଚର ପ୍ରାପ୍ତି ନ ହେବା ଭଳି ସୂଚନା ଅଭାବ ହେତୁ ପ୍ରାପ୍ତି ଏବଂ ଦେୟ କାରବାରକୁ ପ୍ରତିଫଳିତ କରିବା ପାଇଁ

ସରକାରୀ ହିସାବରେ "ସସପେନ୍ସ ହେଡ୍" ଭାବରେ ଜଣାଶୁଣା କେତେକ ଆନ୍ତରୀଣ/ ବ୍ୟବସ୍ଥା ହେଡ୍ ଖୋଲା ଯାଇଥାଏ ଯାହା ଏକ ଚୂଡ଼ାନ୍ତ ଆକାଉଣ୍ଟ ହେଡ୍ ଅଧିନରେ ଦର୍ଶାଯାଇପାରିବ ନାହିଁ । ଏହି ଆକାଉଣ୍ଟଗୁଡ଼ିକର ହେଡ୍ ଗୁଡ଼ିକ ଶେଷରେ ମାଇନସ୍ ଡେବିଟ୍ କିମ୍ବା ମାଇନସ୍ କ୍ରେଡିଟ୍ ଦ୍ୱାରା ସମାହିତ ହୋଇଯାଏ, ଯେତେବେଳେ ସେମାନଙ୍କ ଅଧିନରେ ଥିବା ଆକାଉଣ୍ଟଗୁଡ଼ିକ ନିଜ ନିଜ ଅନ୍ତିମ ଆକାଉଣ୍ଟରେ ଦର୍ଶାଯାଏ । ଟଙ୍କା ପ୍ରେରଣ ସମସ୍ତ କାରବାରକୁ ଗ୍ରହଣ କରେ ଯାହା ବ୍ୟବସ୍ଥିତ କରିପାରୁଥିବା ଆକାଉଣ୍ଟ ହେଡ୍ ଏବଂ ଏହି ହେଡ୍ ଅଧିନରେ ଥିବା ଡେବିଟ୍ କିମ୍ବା କ୍ରେଡିଟ୍ ଶେଷରେ ସମାନ କିମ୍ବା ହିସାବର ଅନ୍ୟ ଏକ ମଣ୍ଡଳରେ ସଂପୃକ୍ତ କ୍ରେଡିଟ୍ କିମ୍ବା ଡେବିଟ୍ ଦ୍ୱାରା ସମାହିତ ହୋଇଥାଏ ।

ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନରେ ବାସ୍ତବିକ ଅବଶେଷ ଫାଇନାନ୍ସ ଆକାଉଣ୍ଟପ୍ରତିଫଳିତ କରେ । ଏହି ହେଡ୍ ଗୁଡ଼ିକ ଅନ୍ତର୍ଗତ ବକେୟା ରାଶି ବିଭିନ୍ନ ହେଡ୍ ଅଧିନରେ ଥିବା ଅନ୍ୟ ଡେବିଟ୍ ଏବଂ କ୍ରେଡିଟ୍ ରାଶିକୁ ଏକତ୍ରିତ କରି ସମାଧାନ କରାଯାଏ । ସସ୍‌ପେନ୍ସ ଏବଂ ଟଙ୍କା ପଠାଇବା ଚିଜଗୁଡ଼ିକର ମୁକ୍ତି ରାଜ୍ୟ କୋଷାଗାର/ କାର୍ଯ୍ୟ ଏବଂ ଜଙ୍ଗଲ ବିଭାଗ ଇତ୍ୟାଦି ଦ୍ୱାରା ପ୍ରଦାନ କରାଯାଇଥିବା ବିବରଣୀ ଉପରେ ନିର୍ଭର କରେ । ଗତ ତିନି ବର୍ଷ ଧରି ପ୍ରମୁଖ ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନରେ ମୋଟ ଆକଳନଗୁଡ଼ିକର ସ୍ଥିତି ସାରଣୀ **4.7**ରେ ଦର୍ଶାଯାଇଛି ।

**ସାରଣୀ 4.7: ସସ୍‌ପେନ୍ସ ଏବଂ ରେମିଟାନ୍ସ ହେଡ୍ ଅଧିନସ୍ଥ ଅବଶେଷ**

**(ଟଙ୍କା କୋଟିରେ)**

| ଲଘୁ ଶୀର୍ଷ | 2017-18 | | 2018-19 | | 2019-20 | |
|---|---|---|---|---|---|---|
| | Dr. | Cr. | Dr. | Cr. | Dr. | Cr. |
| **ମୁଖ୍ୟ ଶୀର୍ଷ 8658 –ସସ୍‌ପେନ୍ସ** | | | | | | |
| 101 - ପିଏଓ ସସ୍‌ପେନ୍ସ | 172.40 | 55.65 | 210.63 | 42.91 | 188.42 | 25.15 |
| ନିଟ୍ | Dr. 116.75 | | Dr.167.72 | | Dr. 163.27 | |
| 102- ସସ୍‌ପେନ୍ସ ଖାତା ବେସାମରିକ | 16.50 | 45.94 | 13.07 | 44.12 | 29.07 | 2.59 |
| ନିଟ୍ | Cr. 29.44 | | Cr.31.05 | | Cr. 26.48 | |
| 110- ରିଜର୍ଭ ବ୍ୟାଙ୍କ୍ ସସ୍‌ପେନ୍ସ-ସିଏଓ | 9.30 | .. | 1.88 | .. | 3.11 | .. |
| ନିଟ୍ | Dr. 9.30 | | Dr.1.88 | | Dr. 3.11 | |
| **ମୁଖ୍ୟ ଶୀର୍ଷ 8782- ନଗଦ ଜମା ଓ ବ୍ୟବସ୍ଥିତ** | | | | | | |
| 102-ପିଡବ୍ଲୁ ଜମା | 17.65 | 2.35 | 14.80 | 2.33 | 13.46 | 1.62 |
| ନିଟ୍ | Dr. 15.30 | | Dr. 12.47 | | Dr. 11.84 | |
| 103- ଜଙ୍ଗଲ ଜମା | 59.27 | 0.17 | 83.32 | - | 62.72 | .. |
| ନିଟ୍ | Dr. 59.10 | | Dr. 83.32 | | Dr. 62.72 | |

*ଉତ୍ସ: ରାଜ୍ୟ ସରକାରଙ୍କ ସଂପୃକ୍ତ ବର୍ଷର ଆର୍ଥିକ ସ୍ଥିତି*

ସସ୍‌ପେନ୍ସ ହେଡ୍ ଗୁଡ଼ିକରେ 2018-21 ମଧ୍ୟରେ ବାଲାନ୍ସ ଜମା ବୃଦ୍ଧି ସରକାରଙ୍କ ଅନୁପଯୁକ୍ତ ହିସାବ ନିୟନ୍ତ୍ରଣକୁ ସୂଚିତ କରେ । 101-ପିଏଓ ସସ୍‌ପେନ୍ସ ହେଡ୍ ଅନ୍ତର୍ଗତ ବାଲାନ୍ସକୁ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି:

### 4.7.1 ପେ ଏବଂ ଆକାଉଣ୍ଟସ୍ ଅଫିସ୍(ପିଏଓ) ସସ୍‌ପେନ୍ସ (ଲଘୁ ଶୀର୍ଷ101)

ଏହି ମାଇନର ହେଡ୍ ଅନ୍ତର୍ଗତ ବକେୟା ଡେବିଟ୍ ବାଲାନ୍ସ (31 ମାର୍ଚ୍ଚ 2021) 188.42 କୋଟି ଟଙ୍କା ଏବଂ କ୍ରେଡିଟ୍ ବାଲାନ୍ସ 25.15 କୋଟି ଟଙ୍କା ଥିଲା । ପ୍ରମୁଖ ବକେୟା ଡେବିଟ୍ ବାଲାନ୍ସ ପିଏଓ କେନ୍ଦ୍ରୀୟ ପେନ୍‌ସନ୍ ନୂଆ ଦିଲ୍ଲୀ (170.92 କୋଟି ଟଙ୍କା) ଏବଂ ପିଏଓ ଭୂ-ପରିବହନ ମନ୍ତ୍ରାଳୟ, କୋଲକତା (17.50 କୋଟି ଟଙ୍କା) ଉପରେ ଥିଲା । ପ୍ରମୁଖ କ୍ରେଡିଟ୍ ବାଲାନ୍ସ ଜାହାଜ ଚଳାଚଳ ମନ୍ତ୍ରାଳୟ ନୂଆ ଦିଲ୍ଲୀ(1.03 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ (26.83 କୋଟି ଟଙ୍କା) ଉପରେ ଥିଲା । ପିଏଓ ସସ୍‌ପେନ୍ସ ହେଡ୍ ଅନ୍ତର୍ଗତ ବକେୟା ବାଲାନ୍ସ ସଜାଡ଼ିବା ଆବଶ୍ୟକ ।

## 4.8 ବିଭାଗୀୟ ଆକଳନଗୁଡ଼ିକର ମିଳାମିଶା ନହେବା

ଖର୍ଚ୍ଚ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ କରିବା, ଏହାକୁ ବଜେଟ୍ ଅନୁଦାନ ମଧ୍ୟରେ ରଖିବା ଏବଂ ସେମାନଙ୍କ ହିସାବର ସଠିକତା ନିଶ୍ଚିତ କରିବାକୁ ବିଭାଗର ନିୟନ୍ତ୍ରଣ ଅଧିକାରୀଙ୍କୁ ସକ୍ଷମ କରିବା ପାଇଁ, ଓଜିଏଫ୍ଆର୍(319) ନିୟମ କରିଛି ଯେ ନିୟନ୍ତ୍ରଣ ଅଧିକାରୀଙ୍କ ପୁସ୍ତକରେ ଲିଖିତ ହୋଇଥିବା ଆର୍ଥିକ ବର୍ଷରେ ପ୍ରାପ୍ତି ଏବଂ ବ୍ୟୟ ମହାଲେଖାକାର(ଲେଖା ଓ ହକ୍‌ଦାରୀ) ଙ୍କ ପୁସ୍ତକରେ ଥିବା ଲିଖିତ ରେକର୍ଡ ସହ ପ୍ରତି ମାସରେ ସେମାନଙ୍କ ଦ୍ୱାରା ମେଳକ ହେବା କଥା ।

ଗତ ତିନି ବର୍ଷ(2018-21)ର ମେଳକର ଧାରା ନିମ୍ନ ରେଖାଚିତ୍ର 4.7 ଏବଂ 4.8 ରେ ଦର୍ଶାଯାଇଛି :

**ରେଖାଚିତ୍ର4.7: ବିଗତ ତିନି ବର୍ଷ ମଧ୍ୟରେ ପ୍ରାପ୍ତିର ମେଳକ ବିବରଣ**




**ରେଖାଚିତ୍ର 4.8:ବିଗତ ତିନି ବର୍ଷ ମଧ୍ୟରେ ବ୍ୟୟର ମେଳକ ବିବରଣ**



ଗତ ତିନି ବର୍ଷର ମେଳକର ଧାରା ନିମ୍ନ ସାରଣୀରେ ଦର୍ଶାଯାଇଛି ।

**ସାରଣୀ 4.8: ପ୍ରାପ୍ତି ଏବଂ ଖର୍ଚ୍ଚ ଆକଳନର ମେଳକ ଅବସ୍ଥା**

(ଟଙ୍କା କୋଟିରେ)

| ବର୍ଷ | ମୋଟ ନିୟନ୍ତ୍ରଣ ଅଧିକାରୀଙ୍କ ସଂଖ୍ୟା | ସଂପୂର୍ଣ୍ଣ ମେଳକ | ଆଂଶିକ ମେଳକ | ଆଦୌ ମେଳକ ହୋଇନାହିଁ | ମୋଟ ଆୟ/ ବ୍ୟୟ | ମେଳକ ଆୟ/ ବ୍ୟୟ | ମେଳକ ପ୍ରତିଶତ |
|---|---|---|---|---|---|---|---|
| **ଆୟ** | | | | | | | |
| **2018-19** | 74 | 42 | - | 32 | 99,546.12 | 97,008.58 | 97.45 |
| **2019-20** | 74 | 52 | - | 22 | 1,01,567.75 | 97,334.68 | 95.83 |
| **2020-21** | 75 | 60 | | 15 | 1,04,387.24 | 1,02,295.76 | 98.00 |
| **ବ୍ୟୟ** | | | | | | | |
| **2018-19** | 170 | 166 | - | 7 | 1,08,838.49 | 1,07,656.5 | 98.91 |
| **2019-20** | 173 | 168 | - | 5 | 1,19,414.57 | 1,15,535.83 | 96.75 |
| **2020-21** | 172 | 170 | - | 2 | 11,32,59.83 | 1,12,779.92 | 99.58 |

*ଉତ୍ସ: ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷର ଅର୍ଥ ବିଭାଗର ନଥି*

ବିଗତ ତିନି ବର୍ଷ ମଧ୍ୟରେ ପ୍ରାପ୍ତି ଏବଂ ବିତରଣର ମେଳକ 96 ରୁ 99 ପ୍ରତିଶତ ମଧ୍ୟରେ ରହିଛି ।

## 4.9ନଗଦ ବାଲାନ୍ସର ମିଳାମିଶା

31 ମାର୍ଚ୍ଚ 2021 ରେ, ରାଜ୍ୟ ସରକାରଙ୍କର ନଗଦ ବାଲାନ୍ସ ଏଜି (ଏ ଆଣ୍ଡ ଇ) ର ପୁସ୍ତକ ଅନୁଯାୟୀ ଏବଂ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ନଗଦ ବାଲାନ୍ସ ମଧ୍ୟରେ ୪.13 କୋଟି ଟଙ୍କା(ନିଟ୍ ଡେବିଟ୍) ପାର୍ଥକ୍ୟ ଥିଲା । ମୁଖ୍ୟତଃ ଏଜେନ୍ସି ବ୍ୟାଙ୍କ ଗୁଡ଼ିକ ଦ୍ୱାରା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଭୁଲ ରିପୋର୍ଟ ପ୍ରଦାନ ହେତୁ ୪.13 କୋଟି ଟଙ୍କା (ଡେବିଟ୍) ପାର୍ଥକ୍ୟ ହେଲା । ଏହି ଅମିଳାମିଶା ନଗଦ ବାଲାନ୍ସ ମଧ୍ୟରୁ 7.84 କୋଟି ଟଙ୍କା (96 ପ୍ରତିଶତ) ଜୁନ୍ 2021 ଶେଷ ସୁଦ୍ଧା ସମାଧାନ ହୋଇଛି ।

### 4.9.1 ବ୍ୟାଙ୍କ ବାଲାନ୍ସ ଓ କ୍ୟାସ୍ ବୁକ୍ ବାଲାନ୍ସ ମଧ୍ୟରେ ମିଳାମିଶା ନ ହେବା ଦ୍ୱାରା 150.31 କୋଟି ଟଙ୍କାର ଅସଙ୍ଗତି

ଆକାଉଣ୍ଟ ବହିରେ ଉଲ୍ଲେଖ ହୋଇଥିବା କାରବାରର ସଠିକତାକୁ ନିଶ୍ଚିତ କରିବା ପାଇଁ ବ୍ୟାଙ୍କ୍ ଆକାଉଣ୍ଟ ଆକଳନ ସହିତ କ୍ୟାସ୍ ବୁକ୍ ଆକଳନ ସହ ମିଳାମିଶା ପ୍ରତ୍ୟେକ ମାସ ଶେଷରେ ନିୟମିତ କରାଯିବା ଆବଶ୍ୟକ । ଯଦି କୌଣସି ଅସଙ୍ଗତି ଥାଏ ତେବେ ଡିଡିଓମାନେ ତାକୁ ଠିକ୍ କରିବା ପାଇଁ ପ୍ରତ୍ୟେକ ମାସ ଶେଷରେ ମିଳାମିଶା କରିବା ଆବଶ୍ୟକ । 21 ଟି ନମୁନା ଯାଞ୍ଚ ହୋଇଥିବା ଡିଡିଓଗୁଡ଼ିକରେ ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା କ୍ୟାସ୍ ବହି ବାଲାନ୍ସ ଏବଂ ବ୍ୟାଙ୍କ୍ ପାସ୍ ବହି ବାଲାନ୍ସ ମଧ୍ୟରେ 150.31 କୋଟି ଟଙ୍କା (**ପରିଶିଷ୍ଟ 4.8**) ପାର୍ଥକ୍ୟ ଥିଲା । କ୍ୟାସ୍ ବାଲାନ୍ସର ଅମିଳାମିଶା ହେତୁ, ଡିଡିଓମାନଙ୍କ ଦ୍ୱାରା ପରିଚାଳିତ ଆକାଉଣ୍ଟଗୁଡ଼ିକର ସତ୍ୟତା ଅଡିଟରେ ପ୍ରମାଣିତ ହୋଇପାରି ନଥିଲା ।

ରାଜ୍ୟ ସରକାର କହିଲେ (ଡିସେମ୍ବର 2021) ଯେ ସମସ୍ୟାର ସମାଧାନ ପାଇଁ ଆଇଏଫ୍ଏମ୍ଏସରେ ଏକ ସ୍କିମ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା (ଏସ୍‌ବିଏମ୍ଏସ୍) ମଡ୍ୟୁଲ୍ ବିକଶିତ ହୋଇଛି ଏବଂ ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ରିଅଲ୍ ଟାଇମ୍ ଆଧାରରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ପାର୍କ ହୋଇଥିବା ସରକାରୀ ପାଣ୍ଠିରୁ ଟ୍ରାକ୍ କରିବାରେ ଏହା ପ୍ରଭାବଶାଳୀ ହେବ ଏବଂ ଡିଜିଓ / କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ମେଳକ ଓ ବନ୍ଦ ବାଲାନ୍ସର ବିଶ୍ଳେଷଣରେ ସହାୟକ ହେବ ।

## 4.10 ଆକାଉଣ୍ଟ ମାନକ ଅନୁପାଳନ ନହେବା

2002ରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ ଦ୍ୱାରା ସ୍ଥାପିତ ସରକାରୀ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ ଆଡଭାଇଜାରୀ ବୋର୍ଡ (ଜିଏଏସ୍ଏବି) ଉତ୍ତରଦାୟିତ୍ୱ ପ୍ରଣାଳୀକୁ ବୃଦ୍ଧି କରିବା ପାଇଁ ସରକାରୀ ହିସାବ ଓ ଆର୍ଥିକ ଲିଖିତ ବିବରଣୀ

ପାଇଁ ମାନକ ପ୍ରସ୍ତୁତ କରିଆସୁଛି । ଆଜି ସୁଦ୍ଧା ତିନୋଟି ଭାରତୀୟ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ (ଆଇଜିଏଏସ୍) କୁ ସୂଚିତ କରାଯାଇଛି । 2020-21 ବର୍ଷରେ ଆର୍ଥିକ ବିବରଣୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଷ୍ଟାଣ୍ଡାର୍ଡକୁ ପାଳନ କରିବାର ପରିମାଣ ନିମ୍ନରେ ଦିଆଯାଇଛି:

**ସାରଣୀ 4.9: ସରକାରୀ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡର ଅନୁପାଳନ ନହେବା**

| କ୍ରମାଙ୍କ | ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ | ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକାର | ସରକାରୀ ପ୍ରଭାବ |
|---|---|---|---|
| 1. | ଆଇଜିଏଏସ୍-2: ଅନୁଦାନର ଆକାଉଣ୍ଟିଂ ଏବଂ ବର୍ଗୀକରଣ | ସ୍ୱୀକାର ହୋଇନାହିଁ | I. କେତେକ ଅନୁଦାନ ସହାୟତାକୁ କ୍ୟାପିଟାଲ ବିଭାଗ ଅଧୀନରେ ବର୍ଗୀକୃତ କରାଯାଇଥିଲା(ଅନୁଚ୍ଛେଦ2.4.3)<br>II. ରାଜ୍ୟ ସରକାର ପ୍ରକାର ଆକାରରେ ନେଇଥିବା ଅନୁଦାନ ସମ୍ବନ୍ଧରେ କୌଣସି ସୂଚନା ଉପଲବ୍ଧ ନଥିଲା । |

*ଉତ୍ସ: ଓଡ଼ିଶା ସରକାରଙ୍କ 2020-21 ବର୍ଷର ବିତ୍ତୀୟ ହିସାବ ଓ ଆପ୍ରୋପ୍ରିଏସନ ହିସାବ*

## 4.11 ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ବାର୍ଷିକ ହିସାବ/ ପୃଥକ ଅଡିଟ୍ ରିପୋର୍ଟର ଉପସ୍ଥାପନ ନହେବା

ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ଆକାଉଣ୍ଟଗୁଡ଼ିକର ପ୍ରମାଣପତ୍ର "କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ଡ୍ୟୁଟି, ପାୱାର ଏବଂ ସର୍ଭିସେସ୍ ଆକ୍ଟ,1971" (ସିଏଜିସ୍ ଡିପିସି ଆକ୍ଟ) ର ଧାରା 19 କିମ୍ବା 20 ଦ୍ୱାରା ପରିଚାଳିତ ।

ସିଏଜିର ଡିପିସି ଆକ୍ଟର ଧାରା 19 କିମ୍ବା 20 ଅନୁଯାୟୀ, ଅଡିଟ୍ ପରିସର ଅଧୀନରେ ଆସୁଥିବା ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ପ୍ରତିବର୍ଷ 30 ଜୁନ୍ ପୂର୍ବରୁ ଅଡିଟକୁ ବାର୍ଷିକ ହିସାବ ଦାଖଲ କରିବା ଆବଶ୍ୟକ । 16 ଟି ସ୍ୱୟଂଶାସିତ ସଂସ୍ଥା ସମ୍ବନ୍ଧରେ, ଯାହାକି ସିଏଜିକୁ ବାର୍ଷିକ ହିସାବ ପ୍ରଦାନ କରିବାକୁ ଥିଲା ଯାହ ଏକ ରୁ ନଅ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ତାହା ପରିଶିଷ୍ଟ 4.9 ରେ ଦର୍ଶାଯାଇଛି ।

ଏହି 16 ଟି ସ୍ୱୟଂଶାସିତ ସଂସ୍ଥା/ କର୍ତ୍ତୃପକ୍ଷଙ୍କ ମଧ୍ୟରୁ ସାତଟି ସଂସ୍ଥା କର୍ତ୍ତୃପକ୍ଷ ଯଥା-ଓଡ଼ିଶା ବିଦ୍ୟୁତ୍ ନିୟାମକ କମିସନ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍, ଲୋକାୟୁକ୍ତ ଓଡ଼ିଶା ଏବଂ ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ବୋର୍ଡ 2013-14 ରୁ 2019-20 ପର୍ଯ୍ୟନ୍ତ ଆର୍ଥିକ ଅଡିଟ୍ ପାଇଁ ସେମାନଙ୍କ ଆକାଉଣ୍ଟ ଦାଖଲ କରିଛନ୍ତି । ସେପ୍ଟେମ୍ବର 2021 ସୁଦ୍ଧା ଅବଶିଷ୍ଟ ନଅଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କର ବାର୍ଷିକ ଖାତା 2020-21 ପର୍ଯ୍ୟନ୍ତ ପ୍ରାପ୍ତ ହୋଇନଥିଲା । ଏହି ସଂସ୍ଥା/ କର୍ତ୍ତୃପକ୍ଷଙ୍କର ଆକାଉଣ୍ଟ ନଅ ବର୍ଷରୁ ଅଧିକ ସମୟ ବକେୟା ରହିଥିଲା ।

ଅବଶିଷ୍ଟ ନଅଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କର ବାର୍ଷିକ ହିସାବ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନଥିଲା । ଏହି ସଂସ୍ଥା/କର୍ତ୍ତୃପକ୍ଷଙ୍କର ଆକାଉଣ୍ଟ ନଅ ବର୍ଷରୁ ଅଧିକ ସମୟ ବକେୟା ରହିଥିଲା ।

ବାର୍ଷିକ ଖାତାର ଅନୁପସ୍ଥିତିରେ ଏହି ସଂସ୍ଥା/ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଦାନ ଏବଂ ବିନିଯୋଗର ହିସାବ/ ଉପଯୋଗ ଅଡିଟ୍ ଦ୍ୱାରା ଯାଞ୍ଚ ହୋଇପାରିଲା ନାହିଁ ।

## 4.12ବିଭାଗୀୟ ବାଣିଜ୍ୟିକ ଅଣ୍ଡରଟେକିଂ

ସରକାରୀ ବିଭାଗ ଯାହାକି ବ୍ୟବସାୟିକ ପ୍ରକୃତିର କାର୍ଯ୍ୟକଳାପଗୁଡ଼ିକ ସଂପାଦନ କରନ୍ତି, ସେମାନେ ଆର୍ଥିକ କାର୍ଯ୍ୟର ଫଳାଫଳ ଦର୍ଶାଇ ନିର୍ଦ୍ଦିଷ୍ଟ ଫର୍ମାଟରେ ବାର୍ଷିକ ପ୍ରୋଫର୍ମା ଆକାଉଣ୍ଟ ପ୍ରସ୍ତୁତ କରିବା ଆବଶ୍ୟକ ଯାହା ଦ୍ୱାରା ସରକାର ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଆକଳନ କରିପାରିବେ । ଆର୍ଥିକ ଖାତା 2020-21ର ଷ୍ଟେଟ୍‌ମେଣ୍ଟ15 ଟି ବିଭାଗ କାର୍ଯ୍ୟ/ ଯୋଜନା ମଧ୍ୟରୁ କୌଣସି ବିଭାଗ ପ୍ରୋଫର୍ମା ଆକାଉଣ୍ଟ ପ୍ରସ୍ତୁତ କରିନଥିଲେ ।

ଠିକ୍ ସମୟରେ ଆକାଉଣ୍ଟର ଚୂଡ଼ାନ୍ତକରଣ ଅଭାବରେ ସରକାରଙ୍କ ବିନିଯୋଗ ଅଡିଟ୍ ରାଜ୍ୟ ବିଧାନସଭାର ଯାଞ୍ଚ ବାହାରେ ରୁହେ । ଫଳସ୍ୱରୂପ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଏବଂ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ସଂଶୋଧନ ପଦକ୍ଷେପ ଯଦି କିଛି ଥାଏ ତାହା ଠିକ୍ ସମୟରେ ନିଆଯାଇପାରିବ ନାହିଁ । ଏତଦ୍ ବ୍ୟତୀତ, ବିଳମ୍ବ ମଧ୍ୟ ଜନସାଧାରଣଙ୍କ ଟଙ୍କାର ଠକେଇ ଏବଂ ଚୋରୀର ଆଶଙ୍କାକୁ ବଢ଼ାଇ ଥାଏ ।

## 4.13ସଂସ୍ଥା ଏବଂ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଦାନ/ ଋଣର ସର୍ବଶେଷ ବିବରଣୀ ଦାଖଲ ନ ହେବା

ଭାରତର ମହାଲେଖାକାର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବ ସର୍ତ୍ତାବଳୀ 1971) ଅଧିନିୟମ ଧାରା 14ଏବଂ15ଅନୁଯାୟୀ ଅଡିଟ୍ ଆକୃଷ୍ଟ କରୁଥିବା ଅନୁଷ୍ଠାନ/ ସଂଗଠନଗୁଡ଼ିକୁ ଚିହ୍ନଟ କରିବା ପାଇଁ ସରକାର/ ଏଚ୍ଓଡି ଗୁଡ଼ିକ ପ୍ରତିବର୍ଷ ଅଡିଟ୍ କିନ୍ତୁ ପ୍ରଦାନ କରିବା ଆବଶ୍ୟକ :

- ବିଭିନ୍ନ ଅନୁଷ୍ଠାନକୁ ଦିଆଯାଇଥିବା ଆର୍ଥିକ ସହାୟତା ବିଷୟରେ ବିସ୍ତୃତ ସୂଚନା,
- ଯେଉଁ ଉଦ୍ଦେଶ୍ୟ ପାଇଁ ସହାୟତା ଦିଆଯାଏ ଏବଂ
- ସଂସ୍ଥାଗୁଡ଼ିକର ମୋଟ ଖର୍ଚ୍ଚ

ଅଧିକନ୍ତୁ, ସରକାର ଏବଂ ବିଭାଗୀୟ ମୁଖ୍ୟମାନେ, ଯେଉଁମାନେ ଅନୁଷ୍ଠାନ କିମ୍ବା କର୍ତ୍ତୃପକ୍ଷ ଅନୁଦାନ ଏବଂ/ ଋଣ ମଞ୍ଜୁର କରନ୍ତି, ସେମାନେ ପ୍ରତିବର୍ଷ ଜୁଲାଇ ଶେଷ ସୁଦ୍ଧା ଅଡିଟ୍‌କୁ ଏହିପରି ସଂସ୍ଥା ଏବଂ କର୍ତ୍ତୃପକ୍ଷ ଯେଉଁମାନଙ୍କୁ ଅନୁଦାନ ଏବଂ କିମ୍ବା ଋଣ 10 ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ପୂର୍ବ ବର୍ଷରେ ପ୍ରଦାନ କରାଯାଇଥିଲା ତାହାର ଏକ ବିବରଣୀ ପ୍ରଦାନ କରିବେ । (କ) ସହାୟତା ପରିମାଣ (ଖ) କେଉଁ ଉଦ୍ଦେଶ୍ୟରେ ସହାୟତା ମଞ୍ଜୁର କରାଯାଇଥିଲା ଏବଂ (ଗ) ସଂସ୍ଥା କିମ୍ବା ପ୍ରାଧିକରଣର ମୋଟ ଖର୍ଚ୍ଚ ।

43 ଟି ବିଭାଗ ମଧ୍ୟରୁ 19 ଟି ବିଭାଗ 2020-21 ବର୍ଷରେ ବିଭିନ୍ନ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଅନୁଦାନ ସହାୟତା ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଅବଶିଷ୍ଟ 24 ଟି ବିଭାଗ[25]ର ସୂଚନା ଅନୁପସ୍ଥିତିରେ ବିଧାନସଭା/ ସରକାରଙ୍କୁ ସେମାନଙ୍କ ଦ୍ୱାରା ଅନୁମୋଦିତ/ ପ୍ରଦତ୍ତ ଅନୁଦାନଗୁଡ଼ିକ କିପରି ବ୍ୟବହାର କରାଯାଇଥିଲା ସେ ସମ୍ବନ୍ଧରେ ଯୁକ୍ତିଯୁକ୍ତ ତଥ୍ୟ ପ୍ରଦାନ କରିପାରି ନଥିଲେ । ଏହା ସରକାରୀ ଖର୍ଚ୍ଚ ବ୍ୟବସ୍ଥା ଉପରେ ଆଇନଗତ ନିୟନ୍ତ୍ରଣର ଗୁଣକୁ ହ୍ରାସ କରିଥାଏ ।

## 4.14ଆକାଉଣ୍ଟସର ସମୟାନୁବର୍ତ୍ତିତା ଏବଂ ଗୁଣବତ୍ତା

ରିଜର୍ଭ ବ୍ୟାଙ୍କର ପରାମର୍ଶ ବ୍ୟତୀତ ଜିଲ୍ଲା କୋଷାଗାର, ଉପ-କୋଷାଗାର, ସାଇବର କୋଷାଗାର, ସାଧାରଣ କାର୍ଯ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ପ୍ରାରମ୍ଭିକ ଆକାଉଣ୍ଟରୁ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଆକାଉଣ୍ଟଗୁଡ଼ିକ ସଂକଳିତ ହୁଏ । 2020-21 ଆର୍ଥିକ ବର୍ଷରେ କୋଷାଗାର ଦ୍ୱାରା ଦୁଇ ରୁ 25 ଦିନ ପବ୍ଲିକ ୱାର୍କସ୍ ଡିଭିଜନ ଦ୍ୱାରା 07 ରୁ 17 ଦିନ ଏବଂ ବନ ବିଭାଗ ଦ୍ୱାରା 15 ରୁ 28 ଦିନ ପର୍ଯ୍ୟନ୍ତ ମାସିକ ଆକାଉଣ୍ଟସ ପ୍ରଦାନରେ ବିଳମ୍ବ ହୋଇଥିଲା । ରେଖାଚିତ୍ର **4.9** ରେ ମାସିକ ସିଭିଲ୍ ଆକାଉଣ୍ଟ ଦାଖଲ କରିବାରେ ବିଳମ୍ବ (ଦିନରେ) ର ବିବରଣୀ ଦିଆଯାଇଛି ।

25 *ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ, ଆଇନ୍, ଅର୍ଥ, ଓଡ଼ିଶା ବିଧାନ ସଭା, ଏସ୍‌ଟି ଏବଂ ଏସ୍‌ସି ବିକାଶ, ସଂଖ୍ୟାଲଘୁ ତଥା ପଛୁଆ ବର୍ଗ କଲ୍ୟାଣ, ଗୃହ ଏବଂ ନଗର ଉନ୍ନୟନ, ଶ୍ରମ ଏବଂ ଇଏସ୍‌ଆଇ, କ୍ରୀଡ଼ା ଏବଂ ଯୁବ ସେବା, ଯୋଜନା ଏବଂ ସମନ୍ୱୟ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ, ଜନ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ, ସୂଚନା ଏବଂ ଜନ ସଂପର୍କ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସଂସଦୀୟ ବ୍ୟାପାର, ମତ୍ସ୍ୟ ଏବଂ ପଶୁ ସମ୍ପଦ, ସହଯୋଗ, ମହିଳା ଏବଂ ଶିଶୁ ବିକାଶ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ।*

**ରେଖାଚିତ୍ର 4.9: ଟ୍ରେଜେରୀ, ପବ୍ଲିକ ୱାର୍କସ ଏବଂ ବନ ବିଭାଗ ଦ୍ୱାରା ମାସିକ ଆକାଉଣ୍ଟ ପ୍ରଦାନରେ ବିଳମ୍ବ(ଦିନରେ)**




*ଉତ୍ସ: ମହାଲେଖାକାର (ଲେଖା ଓ ହକ୍‌ଦାରୀ), ଓଡ଼ିଶାଙ୍କ କାର୍ଯ୍ୟାଳୟର ତଥ୍ୟ*

ଆକାଉଣ୍ଟ ଦାଖଲ କରିବା ୟୁନିଟ୍ ଗୁଡ଼ିକ ଠିକ୍ ସମୟରେ ଆକାଉଣ୍ଟ ପ୍ରଦାନ କରିବାରେ ବିଫଳତା ହେତୁ, 2020-21 ବର୍ଷରେ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଙ୍କ ଦ୍ୱାରା 11ଆକାଉଣ୍ଟସ୍[26]କୁ ମାସିକ ସିଭିଲ୍ ଆକାଉଣ୍ଟରୁ ବାଦ୍ ଦିଆଯାଇଥିଲା ।

ବର୍ଷ ମଧ୍ୟରେ ଆକାଉଣ୍ଟସ୍ ଗୁଡ଼ିକର ବହିଷ୍କାର କେବଳ ସରକାରଙ୍କ ବଜେଟ ସ୍ଥିତିକୁ ବିକୃତ କରେ ନାହିଁ, ବରଂ ଏହାର କାର୍ଯ୍ୟକ୍ରମରେ ଶେଷ ମାଇଲ୍ ପର୍ଯ୍ୟନ୍ତ ପାଣ୍ଠି ପ୍ରବାହର ମନିଟରିଂକୁ, ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ, ବିଭାଗର କାର୍ଯ୍ୟ ଇତ୍ୟାଦିର ଯୋଜନାବଦ୍ଧ ସେସ୍ ଖର୍ଚ୍ଚ ଉପରେ ମଧ ପ୍ରଭାବ ପକାଇଥାଏ ।

## 4.15ଆତ୍ମସାତ୍, କ୍ଷତି, ଚୋରୀ ଇତ୍ୟାଦି

ଓଜିଏଫ୍‌ଆର୍ ଭାଗ I (ନିୟମ19), ଅନୁଯାୟୀ, ଯେଉଁଠାରେ ଟଙ୍କା, ବିଭାଗୀୟ ରାଜସ୍ୱ, ଷ୍ଟୋର କିମ୍ବା ଅନ୍ୟାନ୍ୟ ସମ୍ପତ୍ତିର ନଷ୍ଟ 500 ଟଙ୍କା କିମ୍ବା ଅଧିକ, ସରକାରୀ ଅଧିକାରୀମାନେ ତୁରନ୍ତ ଉଚ୍ଚ ପଦାଧୀକାରୀ ତଥା ମହାଲେଖାକାର, ଓଡ଼ିଶାଙ୍କୁ ଅବଗତ କରିବାକୁ କ୍ଷମତା ଦିଆଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ରିପୋର୍ଟ କରିଥିଲେ ଯେ 719 ଟି କେସରେ କ୍ଷତି, ଅପବ୍ୟବାହାର ଏବଂ ଅବନତି ଇତ୍ୟାଦି ହୋଇଥିଲା ଯାହା ***ପରିଶିଷ୍ଟ4.10*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ସରକାର କହିଲେ (ଡିସେମ୍ବର 2021) ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଏଵଁ ବିଚାରାଧୀନ ମାମଲାଗୁଡ଼ିକୁ ଠିକ୍ ସମୟରେ ସମାଧାନ କରିବାକୁ ସଂପୃକ୍ତ ବିଭାଗ ଗୁଡ଼ିକୁ ଅନୁରୋଧ କରାଯିବ ।

[26] *01 ଟ୍ରେଜେରୀ ଆକାଉଣ୍ଟ, 02 ପି.ଡବ୍ଲୁ ଆକାଉଣ୍ଟ, 08 ଜଙ୍ଗଲ ଆକାଉଣ୍ଟ*

### 4.16 ପରାମର୍ଶ ବିନା ଆକାଉଣ୍ଟସରେ ନୂତନ ସବ୍ ହେଡ୍ / ବିସ୍ତୃତ ହେଡ୍ ଖୋଲିବା

ଭାରତର ସମ୍ବିଧାନର ନିୟମ 150 ର ଆବଶ୍ୟକତା ଅନୁଯାୟୀ ମହାଲେଖାକାରଙ୍କ ପରାମର୍ଶ ନ ନେଇ 2020-21 ମସିହାରେ ଓଡ଼ିଶା ସରକାର ବଜେଟରେ 74 ଟି ନୂଆ ସବ୍ ହେଡ୍ (ରାଜସ୍ୱ ବିଭାଗ ଅଧିନରେ 61 ଟି ଏବଂ ପୁଞ୍ଜି ବିଭାଗ ଅଧିନରେ 13) ହୋଇଥିଲା । ରାଜ୍ୟ ସରକାର ଏହି ହେଡ୍ ଅଧିନରେ ବଜେଟ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି ଓ ରାଜସ୍ୱ ବିଭାଗ ଅଧିନରେ 8657.66 କୋଟି ଟଙ୍କା ଏବଂ ପୁଞ୍ଜି ବିଭାଗ ଅଧିନରେ 685.26 କୋଟି ଟଙ୍କା 2020-21 ରେ ଏହି ହେଡ୍ ପାଇଁ ଖର୍ଚ୍ଚ କରିଛନ୍ତି ।

### 4.17 ରାଜ୍ୟ ଆର୍ଥିକ ଅଡିଟ୍ ରିପୋର୍ଟ ଉପରେ କାର୍ଯ୍ୟ ଅନୁସରଣ

ରାଜ୍ୟ ଅର୍ଥ ଉପରେ ପୃଥକ ରିପୋର୍ଟ 2008-09 ବର୍ଷ ଠାରୁ ପ୍ରସ୍ତୁତ ହୋଇ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯାଉଛି । 2020-21 ମଧ୍ୟରେ, ରାଜ୍ୟ ଅର୍ଥ ଅଡିଟ୍ ରିପୋର୍ଟ (ଏସ୍‌ଏଫ୍‌ଏଆର୍) ସମ୍ବନ୍ଧୀୟ ପାରାଗ୍ରାଫ୍‌ଗୁଡ଼ିକର ବିଚାରାଧୀନ ସ୍ଥିତି ଉପରେ ଆଲୋଚନା ପାଇଁ ଚାରୋଟି[27] ବୈଠକ ଅନୁଷ୍ଠିତ ହୋଇଥିଲା । 2008-09 ରୁ 2019-20 ସମୟର ଏସ୍‌ଏଫ୍‌ଏଆର୍ ସହିତ ଜଡ଼ିତ ମୋଟ 304 ଟି ଅନୁଚ୍ଛେଦ ମାର୍ଚ୍ଚ 2021 ସୁଦ୍ଧା ବିଚାରାଧୀନ ଥିଲା ।

### 4.18 ସୁପାରିଶ:

1. ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଙ୍ଘନ କରି ଏକୀକୃତ ପାଣ୍ଠି/ ସହକାରୀ ପାଣ୍ଠି ବାହାରେ ପଡ଼ିଥିବା ସମସ୍ତ ପାଣ୍ଠିକୁ ସରକାର ଏକୀକୃତ ପାଣ୍ଠି/ ସରକାରୀ ପାଣ୍ଠି ମଧ୍ୟକୁ ଆଣିବା ଉଚିତ୍ (ଅନୁଚ୍ଛେଦ 4.1) ।
2. ରାଜ୍ୟ ସରକାର ଓଜିଏଫ୍‌ଆର୍ ନିୟମକୁ ବଦଳାଇ, ଅନୁଦାନ ରାଶି ଖର୍ଚ୍ଚ କରିବା ଏବଂ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାର ସମୟ ସୀମାକୁ ବଦଳାଇବାର ଆବଶ୍ୟକତା ଅଛି ।
3. ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏସି ବିଲ୍ ସଂଶୋଧନ କରିବାକୁ ସରକାର ବିଚାର କରିପାରନ୍ତି(ଅନୁଚ୍ଛେଦ 4.5) ।
4. ସରକାର ଅନାବଶ୍ୟକ ପିଡି ଖାତାଗୁଡ଼ିକୁ ବନ୍ଦ କରିବା ଉଚିତ୍ ଏବଂ ଅନ୍ୟ ସମସ୍ତ ପିଡି ଖାତାଗୁଡ଼ିକୁ ପୁନଃବିଚାର କରି ଖାତାଗୁଡ଼ିକରେ ଅନାବଶ୍ୟକ ଭାବେ ପଡ଼ିଥିବା ରାଶିକୁ ତୁରନ୍ତ ଏକୀକୃତ ପାଣ୍ଠିକୁ ପଠାଇବାକୁ ପଦକ୍ଷେପ ନେବା ଉଚିତ୍ (ଅନୁଚ୍ଛେଦ 4.6) ।
5. ସରକାର ମହାଲେଖାକାର (ଲେଖା ଏବଂ ହକ୍‌ଦାରୀ) ଙ୍କ ସହ ପରାମର୍ଶ କରି ବର୍ତ୍ତମାନ ମାଇନର ହେଡ୍ 800 ଅଧିନରେ ଦର୍ଶାଯାଉଥିବା ସମସ୍ତ ଚିଜଗୁଡ଼ିକର ବିସ୍ତୃତ ସମୀକ୍ଷା କରିବା ଉଚିତ୍ ଏବଂ ନିଶ୍ଚିତ କରିବେ ଯେ ଏହପରି ସମସ୍ତ ପ୍ରାପ୍ତି ଏବଂ ଖର୍ଚ୍ଚ ଭବିଷ୍ୟତରେ ଉପଯୁକ୍ତ ଆକାଉଣ୍ଟ ଅଧିନରେ ରହିବ (ଅନୁଚ୍ଛେଦ 4.7) ।
6. ଅପବ୍ୟବହାର, କ୍ଷତି, ଚୋରୀ ଇତ୍ୟାଦି ମାମଲାରେ ତୁରନ୍ତ ଏଫ୍‌ଆଇଆର୍ ଦାଖଲ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ମଜବୁତ୍ କରିବା ପାଇଁ ସରକାର ଏକ ସମୟୋପଯୋଗୀ ଢାଞ୍ଚା ପ୍ରସ୍ତୁତ କରିବାକୁ ବିଚାର କରିପାରନ୍ତି (ଅନୁଚ୍ଛେଦ 4.12) ।

[27](ପ୍ରଥମ ବୈଠକର କୌଣସି ତାରିଖ ନଥିଲା ଏବଂ ଦ୍ୱିତୀୟ ବୈଠକ-ନଭେମ୍ବର 2020, ତୃତୀୟ ବୈଠକ-ଜାନୁଆରୀ 2021 ଏବଂ ଚତୁର୍ଥ ବୈଠକ-ଫେବୃଆରୀ 2021) 2021)

# ଅଧ୍ୟାୟ-V

# ରାଜ୍ୟ ସରକାରୀ ଉଦ୍ୟୋଗ

ଅଧ୍ୟାୟ

# V

# ସରକାରୀ ଉଦ୍ୟୋଗ

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

### 5.1ଉପକ୍ରମ

ଏହି ପ୍ରତିବେଦନ ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଉପସ୍ଥାପନ କରେ। ପ୍ରତିବେଦନରେ, ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଶବ୍ଦ ସେହି ସରକାରୀ କମ୍ପାନୀଗୁଡିକୁ ଅନ୍ତର୍ଭୁକ୍ତ କରେ ଯେଉଁଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଭାଗିଦାରି 51 ପ୍ରତିଶତ କିମ୍ବା ତତୋଧିକ ଏବଂ ଏହା ସରକାରୀ କମ୍ପାନୀଗୁଡିକର ଅଧିନସ୍ଥ ସହାୟକ କମ୍ପାନୀ ଅଟେ। ବିଧାନସଭା ଦ୍ୱାରା ପ୍ରଣୀତ ବୈଧାନିକ ନିଗମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନା କିମ୍ବା ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ମଧ ଏସ୍‌ପିଏସ୍‌ଇ ଭାବରେ ବର୍ଗୀକୃତ ହୋଇଛନ୍ତି।

ଏକ ସରକାରୀ କମ୍ପାନୀ, କମ୍ପାନୀ ଅଧିନିୟମ, 2013 ର ଧାରା 2(45) ରେ ବ୍ୟାଖ୍ୟା କରାଯାଇଛି ଯେ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ୍ୟ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ ସରକାରମାନଙ୍କ ଦ୍ୱାରା ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ ଏବଂ ଏହି କମ୍ପାନୀଗୁଡିକର ଅଧିନସ୍ଥ ସହାୟକ କମ୍ପାନୀ ମଧ ସରକାରୀ କମ୍ପାନୀ ଅଟେ।

ଏହା ବ୍ୟତୀତ, ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ ସରକାରମାନଙ୍କ କିମ୍ବା ଆଂଶିକ ସରକାରୀ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ। ଏହି ପ୍ରତିବେଦନରେ ସେଗୁଡିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି।

### 5.1.1 ଆଦେଶ

ସରକାରୀ କମ୍ପାନୀଗୁଡିକ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସମୀକ୍ଷା ସିଏଜିଙ୍କ ଅଧିନସ୍ଥ ବ୍ୟବସ୍ଥା ଅନୁଯାୟୀ କମ୍ପାନୀ ଅଧିନିୟମ 2013 ର ଧାରା 143(5) ରୁ 143(7), ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ 1971 ସହ ଜଡିତ ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀ ଦ୍ୱାରା ପରିଚାଳିତ ହୁଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ, ମହାସମୀକ୍ଷକ ଚ଼ାର୍ଟର୍ଡ ଆକାଉଣ୍ଟାଣ୍ଟ ମାନଙ୍କୁ କମ୍ପାନୀଗୁଡିକ ପାଇଁ ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତ କରେ ଏବଂ ହିସାବ ଗୁଡିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାଏ । ଏଥି ସହିତ ଏକ ଅନୁପୂରକ ସମୀକ୍ଷା କରିବାକୁ ମହାସମୀକ୍ଷକଙ୍କର ଅଧିକାର ଅଛି। କେତେକ ବୈଧାନିକ ନିଗମଗୁଡିକୁ ନିୟନ୍ତ୍ରଣ କରୁଥିବା ନିୟମଗୁଡିକ କେବଳ ସେମାନଙ୍କ ମହାସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ହେବା ଆବଶ୍ୟକ କରନ୍ତି।

### 5.1.2 ଏହି ପ୍ରତିବେଦନରେ ଯାହା ଅଛି

ଏହି ପ୍ରତିବେଦନ ରାଜ୍ୟ ସରକାର କମ୍ପାନୀ ଏବଂ ନିଗମଗୁଡିକର ଆର୍ଥିକ ପ୍ରଦର୍ଶନର ଏକ ସାମଗ୍ରୀକ ଚିତ୍ର ପ୍ରଦାନ କରିଥାଏ, ଯେପରି ସେମାନଙ୍କ ହିସାବରୁ ଜଣାପଡେ।

### 5.1.3 ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା

31 ମାର୍ଚ୍ଚ 2021 ସୁଦ୍ଧା ମହାସମୀକ୍ଷକଙ୍କ ସମୀକ୍ଷା ଅଧୀନରେ 80[28] ଟି ଏସ୍‌ପିଏସ୍‌ଇ ଥିଲା (**ପରିଶିଷ୍ଟ**-5.1) । ଏଥିମଧ୍ୟରେ 62 ଟି ସରକାରୀ କମ୍ପାନୀ, 03 ଟି ବୈଧାନିକ ନିଗମ ଏବଂ 15 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ, 45 ଟି ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଏସ୍‌ପିଏସ୍‌ଇ ଗୁଡିକର ପ୍ରକୃତି ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 5.1: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ ଗୁଡିକର ଅନ୍ତର୍ଭୁକ୍ତି ଏବଂ ପ୍ରକୃତି**

| ଏସ୍‌ପିଏସ୍‌ଇର ପ୍ରକାର | ମୋଟ୍ ଏସ୍‌ପିଏସ୍‌ଇ ସଂଖ୍ୟା | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | | | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇନଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା |
|---|---|---|---|---|---|---|
| | | ହିସାବ | | | | |
| | | 2020-21 | 2019-20 | 2018-19 | ମୋଟ | |
| ସରକାରୀ କମ୍ପାନୀ ସମୂହ | 62 | 13 | 12 | 5 | 30 | 32 |
| ବୈଧାନିକ ନିଗମ ସମୂହ | 3 | 0 | 1 | 2 | 3 | 0 |
| ମୋଟ୍ କମ୍ପାନୀ ସମୂହ / ନିଗମ ସମୂହ | 65 | 13 | 13 | 7 | 33 | 32 |
| ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ | 15 | 2 | 9 | 1 | 12 | 3 |
| **ମୋଟ** | **80** | **15** | **22** | **8** | **45** | **35** |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ଏହି ପ୍ରତିବେଦନରେ 35 ଟି ଏସ୍‌ପିଏସ୍‌ଇ ଅନ୍ତର୍ଭୁକ୍ତ କରାଯାଇ ନାହିଁ (03 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଅନ୍ତର୍ଭୁକ୍ତ କରି) ଯାହାର ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ରହିଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା। ଏହା **ପରିଶିଷ୍ଟ-5.2 କ** ଏବଂ **ପରିଶିଷ୍ଟ-5.2 ଖ** ରେ ଦର୍ଶାଯାଇଛି ।

### 5.1.4 ରାଜ୍ୟଅର୍ଥନୀତିରେ ଯୋଗଦାନ

ନିମ୍ନଲିଖିତ ସାରଣୀରେ ମାର୍ଚ୍ଚ 2021 ଶେଷ ହେବାକୁ ଥିବା ତିନିବର୍ଷ ପାଇଁ 33 ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 12 ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଏବଂ ଓଡିଶାର ଜିଏସ୍‌ଡିପିର କାରବାରର ବିବରଣୀ ପ୍ରଦାନ କରାଯାଇଛି:

**ସାରଣୀ 5.2: ଓଡିଶାର ଜିଏସ୍‌ଡିପି ତଥା ରାଜ୍ୟ ପିଏସ୍‌ଇ ଗୁଡିକର କାରବାରର ବିବରଣୀ**

**(ଟଙ୍କା କୋଟିରେ)**

| ସବିଶେଷ | 2017-18 | 2018-19 | 2019-20 | 2020-21 |
|---|---|---|---|---|
| କାରବାର | 18879.25 | 20947.39 | 21149.69 | 23876.47 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | 13.06 | 10.95 | 0.97 | 12.89 |
| ଓଡିଶାର ଜିଏସ୍‌ଡିପି | 4,40,879 | 4,87,805 | 5,21,275 | 5,09,574.29 |
| ପୂର୍ବ ବର୍ଷ ତୁଳନାରେ ଜିଏସ୍‌ଡିପିର ଶତକଡା ପରିବର୍ତ୍ତନ | 4.28 | 4.29 | 4.06 | 4.69 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

[28] କୋଣାର୍କ ଜୁଟ୍‌ଲିମିଟେଡ୍‌ନାମକ ଏକ ସରକାରୀ କମ୍ପାନୀ 2020-21 ମଧ୍ୟରେ ବିନିଯୋଗ ହେତୁ ମହାସମୀକ୍ଷକଙ୍କ ସମୀକ୍ଷା ପରିସରରୁ ବାହାରିଗଲା । ଗୋଟିଏ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ,କଳିଙ୍ଗ ବିଦ୍ୟୁତ ପ୍ରସାରଣ ନିଗମ ଲିମିଟେଡ୍‌ସ ମାପନ ହେତୁ 2020-21 ମଧ୍ୟରେମହାସମୀକ୍ଷକଙ୍କ ସମୀକ୍ଷା ପରିସରରୁ ବାହାରିଗଲା ।

ଜିଏସ୍‌ଡିପି ସହିତ ଏସ୍‌ପିଏସ୍‌ଇର କାରବାର 2020-21ରେ ପୂର୍ବ ବର୍ଷରେ 4.06 ପ୍ରତିଶତରୁ ବୃଦ୍ଧି ପାଇ 4.69 ପ୍ରତିଶତ ଥିଲା। ପରିଶିଷ୍ଟ-5.3ରେ ବିଭାଗ- ଗୁଡିକର ସ୍ଥିତି ଦିଆଯାଇଛି। ଗତ ଚାରିବର୍ଷମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଅଭିବୃଦ୍ଧି[29]6.72 ପ୍ରତିଶତ ହୋଇଥିବା ବେଳେ, ଶକ୍ତିକ୍ଷେତ୍ର ଉଦ୍ୟୋଗ ଏବଂ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗର କାରବାର ବାର୍ଷିକ 9.66 ପ୍ରତିଶତ ଏବଂ 9.03 ପ୍ରତିଶତ ବୃଦ୍ଧି ହୋଇଛି। ଏହା ଦ୍ୱାରା ଏହି ରାଜ୍ୟ ପିଏସ୍‌ଇ ଗୁଡିକର କାରବାରର ଅଂଶ ଜିଏସ୍‌ଡିପିକୁ 2017-18ରେ 4.28ପ୍ରତିଶତରୁ 2020-21 ରେ 4.69 ପ୍ରତିଶତକୁ ବୃଦ୍ଧି ପାଇଥିଲା।

### 5.1.5 ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ ସହାୟତା

ଓଡିଶା ସରକାର (ଜିଓଓ) ବାର୍ଷିକ ଅଟକଳ ମାଧ୍ୟମରେ ବିଭିନ୍ନ ରୂପରେ ରାଜ୍ୟ ପିଏସ୍‌ଇମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଇକ୍ୱିଟି, ଋଣ, ଅନୁଦାନ ଛାଡ/ସବ୍‌ସିଡି ଏବଂ ଋଣର ଇକ୍ୱିଟିରେ ରୂପାନ୍ତରିତ ହୋଇଥିବା ମାର୍ଚ୍ଚ 2021 ରେ ଶେଷ ତିନିବର୍ଷ ମଧ୍ୟରେ 37ଟ[30] ରାଜ୍ୟ ପିଏସ୍‌ଇ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀଗୁଡିକ ନିମ୍ନଲିଖିତ ପ୍ରକାରେ:

**ସାରଣୀ 5.3: ରାଜ୍ୟ ପିଏସ୍‌ଇ ଗୁଡିକର ବଜେଟ୍ ସହାୟତା ସମ୍ବନ୍ଧୀୟ ବିବରଣୀ**

(ଟଙ୍କା କୋଟିରେ)

| ସବିଶେଷ[31] | 2018-19 | | 2019-20 | | 2020-21 | |
|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ |
| ସାଧାରଣ ଅଂଶଧନ(i) | 3 | 272.42 | 2 | 118.70 | 2 | 32.54 |
| ପ୍ରଦତ୍ତ ଋଣ(ii) | 1 | 45.48 | 1 | 100.05 | 1 | 30.23 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି(iii) | 9 | 1157.05 | 8 | 164.25 | 9 | 758.19 |
| **ମୋଟ ପ୍ରଦତ୍ତ ଅର୍ଥ(i+ii+iii)** | **12$** | **1474.95** | **8#** | **383.00** | **9*** | **820.96** |
| ଋଣ ପରିଶୋଧ ଛାଡ | 0 | 0 | 0 | 0 | 0 | 0 |
| ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ | 0 | 0 | 0 | 0 | 0 | 0 |
| ପ୍ରତିଭୂତିପ୍ରଦାନ | 1@ | 2350.00 | 1@ | 600.00 | 1@ | 2000.00 |
| ପ୍ରତିଭୂତି ପ୍ରତିଶ୍ରୁତି[32] | 1@ | 4186.00 | 1@ | 913.50 | 1@ | 6233.90 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକରସର୍ବଶେଷଚୂଡ଼ାନ୍ତଆକାଉଣ୍ଟ୍ଆଧାରରେସଂକଳିତ)

$ *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥାଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2018-19 ରେ ଉଭୟ ସାଧାରଣ ଅଂଶଧନ ଏବଂ ଋଣଗ୍ରହଣ କରିଥିଲା.*

\# *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥାଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2019-20ରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍ 2019-20 ରେ ଉଭୟ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା।*

\# *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍ 2020-21ରେ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା।*

@ *ଗ୍ରୀଡକୋ ଲିମିଟେଡ୍.*

29 ଯୌଗିକ ବାର୍ଷିକ ଅଭିବୃଦ୍ଧି ହାର [[{(2020-21 ର ମୂଲ୍ୟ/ 2016-17ର ମୂଲ୍ୟ)^(1/4 ବର୍ଷ)}- 1]*100] ଯେଉଁଠାରେ 2016-17 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 8530.83କୋଟି ଟଙ୍କା ଏବଂ 314363.78 କୋଟି ଟଙ୍କା ଥିଲା।

30 45 ଟି ସରକାରୀ ଏସପିଏସ୍‌ଇ ଏବଂ ସରକାରୀ ନିୟନ୍ତ୍ରିତ ଅନୁଯାୟୀ ଏସ୍‌ପିଏସ୍‌ଇ ମଧ୍ୟରୁ ରାଜ୍ୟ ସରକାରୀ ବଜେଟ ସହାୟତା ସମ୍ବନ୍ଧୀୟ ସୂଚନା 37 ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାରୀ ନିୟନ୍ତ୍ରିତ ଅନୁଯାୟୀ ଏସ୍‌ପିଏସ୍‌ଇରୁ ପ୍ରଦାନ ହୋଇଛି । 37 ଟି ମଧ୍ୟରୁ ନଅଟି ଏସ୍‌ପିଏସ୍‌ଇ ଏବଂ ସରକାରୀ ନିୟନ୍ତ୍ରିତ ଅନୁଯାୟୀ ଏସ୍‌ପିଏସ୍‌ଇକୁ ବଜେଟ୍ ସହାୟତା ପ୍ରଦାନ କରାଯାଇଥିଲା ।

31 ପରିମାଣ କେବଳ ରାଜ୍ୟ ବଜେଟ୍‌ରୁ ଆଉଟଗୋକୁ ପ୍ରତିନିଧିତ୍ୱ କରେ।

32 ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ଏସ୍ ପିଏସ୍‌ଇ ଉପରେ ସରକାରୀ ଗ୍ୟାରେଣ୍ଟିର ବଳକା।

2020-21 ବର୍ଷରେ ଦିଆଯାଇଥିବା 790.73 କୋଟି ଟଙ୍କାର ବଜେଟୀୟ ସହାୟତା ଇକ୍ୱିଟି ଏବଂ ଅନୁଦାନ/ସବ୍‌ସିଡି ଆକାରରେ ଥିଲା । 2020-21 ବର୍ଷ ମଧ୍ୟରେ ଓଡିଶାର ଜଳ ନିଗମ ଲିମିଟେଡ୍ (639.54 କୋଟି ଟଙ୍କା) ଏବଂ ଓଡ଼ିଶାର କୃଷି ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ୍ (67.59 କୋଟି ଟଙ୍କା)କୁ ସର୍ବାଧିକ ଅନୁଦାନ/ ସବ୍‌ସିଡି ପ୍ରଦାନ କରାଯାଇଥିଲା ।

ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଆର୍ଥିକ ସହାୟତା ମାଗିବା ପାଇଁ ଭାରତ ସମ୍ବିଧାନରେ ଧାର୍ଯ୍ୟ କରାଯାଇଥିବା ସୀମା ଅନୁଯାୟୀ ସରକାରଙ୍କ ଦ୍ୱାରା ଜାରି (ନଭେମ୍ବର 2002) କରାଯାଇଥିବା ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଓଡିଶା ସରକାରଙ୍କ ଗ୍ୟାରେଣ୍ଟି ପ୍ରଦାନ କରିଥାଏ, ଯେଉଁଥିପାଇଁ ଗ୍ୟାରେଣ୍ଟି କମିଶନ ଚାର୍ଜ କରାଯାଉଛି । ଅନୁମୋଦିତ ଗ୍ୟାରେଣ୍ଟିର ସର୍ବାଧିକ ଉପରେ ଏହି ହାର ହେଉଛି 0.50 ପ୍ରତିଶତ । ଜିଓଓର ବକେୟା ଗ୍ୟାରେଣ୍ଟି ପ୍ରତିଶ୍ରୁତି 2019-20ରେ 4,913.50 କୋଟି ଟଙ୍କାରୁ 2020-21 ରେ 6,233.90 କୋଟି ଟଙ୍କାରେ 26.87 ପ୍ରତିଶତ ବୃଦ୍ଧି ହୋଇଥିଲା ।  ବ୍ୟାଙ୍କ/ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବା ପାଇଁ ଗ୍ରୀଡ୍‌କୋ ଲିମିଟେଡ୍ ଜିଓଓରୁ ଅତିରିକ୍ତ ଗ୍ୟାରେଣ୍ଟି ପ୍ରତିଶ୍ରୁତି ମାଗିଥିଲା । ଗ୍ରୀଡ୍‌କୋ ଲିମିଟେଡ୍ 2020-21 ମଧ୍ୟରେ 30.94 କୋଟି ଟଙ୍କାର ଗ୍ୟାରେଣ୍ଟି କମିଶନ ଦେଇଥିଲା ।

ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ (ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ) ର ଆର୍ଥିକ କାର୍ଯ୍ୟଦକ୍ଷତାର ସାମଗ୍ରିକ ସାରାଂଶ ସ୍ଥିତିକୁ ନିମ୍ନରେ ସାରଣୀରେ ସଂକ୍ଷିପ୍ତ କରାଯାଇଛି.

**ସାରଣୀ 5.4: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ2020-21ପାଇଁ ଏସ୍‌ପିଏସ୍‌ଇର ଆର୍ଥିକ ଦକ୍ଷତାର ସାରାଂଶ ( ସରକାରୀ କମ୍ପାନୀ ସମୂହ ଏବଂ ବୈଧାନିକ ନିଗମ ସମୂହ))**

| | |
|---|---|
| ଏସ୍‌ପିଏସ୍‌ଇ ସଂଖ୍ୟା | 65 |
| ଅନ୍ତର୍ଭୁକ୍ତ ହୋଇଥିବା ଏସ୍‌ପିଏସ୍‌ଇ | 33 |
| ସମାଦତ୍ତ ପୁଞ୍ଜି (33 ଏସ୍‌ପିଏସ୍‌ଇ) | 5,746.68କୋଟି ଟଙ୍କା |
| ଦୀର୍ଘକାଳୀନ ଋଣ (33 ଏସ୍‌ପିଏସ୍‌ଇ) | 16,007.81କୋଟି ଟଙ୍କା |
| ନିଟ୍ ଲାଭ (23ଏସ୍‌ପିଏସ୍‌ଇ) | 1,937.72କୋଟିଟଙ୍କା |
| ନିଟ୍ କ୍ଷତି(10ଏସ୍‌ପିଏସ୍‌ଇ) | 3,568.19କୋଟିଟଙ୍କା |
| ଘୋଷିତ ଡିଭିଡେଣ୍ଡ (08ଏସ୍‌ପିଏସ୍‌ଇ) | 1,049.73କୋଟିଟଙ୍କା |
| ମୋଟ୍ ସମ୍ପତ୍ତି (33 ଏସ୍‌ପିଏସ୍‌ଇ) | 66,138.27କୋଟିଟଙ୍କା |
| ଉତ୍ପାଦନର ମୂଲ୍ୟ (11ଏସ୍‌ପିଏସ୍‌ଇ) | 4,771.79କୋଟିଟଙ୍କା |
| ନିଟ୍ ମୂଲ୍ୟ (33 ସିପିଏସ୍‌ଇ) | 7,068.74କୋଟିଟଙ୍କା |

## 5.2 ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକରେ ବିନିଯୋଗ

31 ମାର୍ଚ୍ଚ 2021 ଶେଷ ସୁଦ୍ଧା 33[33] ଟି ସରକାରୀ କମ୍ପାନୀ ଏବଂ ନିଗମରେ ଇକ୍ୱିଟି ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି ।

**ସାରଣୀ 5.5: ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକରେ ଇକ୍ୱିଟି ଏବଂ ଋଣ**

(ଟଙ୍କା କୋଟିରେ)

| ବିନିଯୋଗର ଉତ୍ସ | 31.03.2021ଅନୁଯାୟୀ | | | 31.03.2020ଅନୁଯାୟୀ | | |
|---|---|---|---|---|---|---|
| | ଇକ୍ୱିଟି | ଦୀର୍ଘକାଳୀନ ଋଣ | ମୋଟ୍ | ଇକ୍ୱିଟି | ଦୀର୍ଘକାଳୀନ ଋଣ | ମୋଟ୍ |
| 1. ରାଜ୍ୟ ସରକାର | 4116.06 | 1245.22 | 5361.28 | 3998.06 | 1272.30 | 5270.36 |
| 2. ରାଜ୍ୟ ସରକାରୀ କମ୍ପାନୀ / | 614.84 | 595.34 | 1210.18 | 528.84 | 791.76 | 1320.60 |

[33] 65 ଏସ୍‌ପିଏସ୍‌ଇ-32 ଏସ୍‌ପିଏସ୍‌ଇ ଯାହାର ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା ।

| | | | | | | |
|---|---|---|---|---|---|---|
| ନିଗମ/ସ୍ୱୟଂ ଚାଳିତ ସଂସ୍ଥା | | | | | | |
| 3. କେନ୍ଦ୍ର ସରକାର / କେନ୍ଦ୍ର ସରକାରୀ କମ୍ପାନୀ /ନିଗମ | 46.75 | 7241.53 | 7288.28 | 46.75 | 6882.83 | 6929.58 |
| 4. ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟମାନେ | 969.04 | 6947.77 | 7916.81 | 969.03 | 4223.55 | 5192.58 |
| **ମୋଟ** | **5746.68** | **16007.91** | **21754.59** | **5542.68** | **13170.44** | **18713.12** |
| ମୋଟ୍ ବିନିଯୋଗ ଉପରେ ରାଜ୍ୟ ସରକାରଙ୍କ ବିନିଯୋଗର ଶତକଡା ହାର | 71.60 | 7.77 | 24.62 | 72.13 | 9.66 | 28.16 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

31 ମାର୍ଚ୍ଚ 2021 ଶେଷ ସୁଦ୍ଧା 12 ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକରେ ଇକ୍ୱିଟି ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି ।

**ସାରଣୀ 5.6: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଇକ୍ୱିଟି ଏବଂ ଋଣ**

(ଟଙ୍କା କୋଟିରେ)

| ବିନିଯୋଗର ଉତ୍ସ | 31.03.2021ଅନୁଯାୟୀ | | | 31.03.2020ଅନୁଯାୟୀ | | |
|---|---|---|---|---|---|---|
| | ଇକ୍ୱିଟି | ଦୀର୍ଘକାଳୀନ ଋଣ | ମୋଟ୍ | ଇକ୍ୱିଟି | ଦୀର୍ଘକାଳୀନ ଋଣ | ମୋଟ୍ |
| ରାଜ୍ୟ ସରକାର | 933.08 | 23.29 | 956.37 | 887.08 | 23.29 | 910.37 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

### 5.2.1 ଇକ୍ୱିଟି ହୋଲ୍ଡିଂ

2020-21 ମଧ୍ୟରେ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33 ଏସ୍‌ପିଏସ୍‌ଇକ୍ଷେତ୍ରର ମୋଟ 204 କୋଟି ଟଙ୍କା ବୃଦ୍ଧି ହୋଇଛି। ଏହା 49 କୋଟି ଟଙ୍କା ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍‌ରେଏବଂ 69.00 କୋଟି ଟଙ୍କା ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ରେ ରାଜ୍ୟ ସରକାରଙ୍କ ଇକ୍ୱିଟି ସେୟାର ପୁଞ୍ଜି ବୃଦ୍ଧି ହେତୁ ଘଟିଛି ଏବଂ 86 କୋଟି ଟଙ୍କା ଓଡିଶା କୋଇଲା ପାୱାରରେ ରାଜ୍ୟ ସରକାରୀ କମ୍ପାନୀ ଗୁଡିକର ଇକ୍ୱିଟି ସେୟାର ପୁଞ୍ଜି ବୃଦ୍ଧି ହେତୁ ଘଟିଛି ।

ସରକାରୀ କମ୍ପାନୀ ଏବଂ ନିଗମରେ 31 ମାର୍ଚ୍ଚ 2021 ରେ ଶେଷ ହୋଇଥିବା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏବଂ ଅନ୍ୟମାନଙ୍କ ଇକ୍ୱିଟି ହୋଲ୍ଡିଂ ନିମ୍ନରେ ଥିବା ଚାର୍ଟରେ ଚିତ୍ରିତ ହୋଇଛି:

**ରେଖାଚିତ୍ର-5.1: ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକର ଇକ୍ୱିଟି ଉପରେ ହୋଲ୍ଡିଂ**




(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

2020-21 ମଧ୍ୟରେ ଏସ୍‌ପିଏସ୍‌ଇର ଦେୟମୁକ୍ତ ପୁଞ୍ଜିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ (200 କୋଟି ଟଙ୍କାରୁ ଅଧିକ ହୋଲ୍ଡିଂ)ର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 5.7: ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ**

(ଟଙ୍କା କୋଟିରେ)

| ଏସ୍‌ପିଏସ୍‌ଇର ନାମ | ବିଭାଗର ନାମ | ପରିମାଣ | ଏହି ବ୍ୟକ୍ତିଗତ ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ମୋଟ୍ ହୋଲ୍ଡିଂ ସହିତ ରାଜ୍ୟ ସରକାରଙ୍କ ଶତକଡା |
|---|---|---|---|
| **ବୈଧାନିକ ନିଗମ** | | | |
| ଓଡିଶା ରାଜ୍ୟ ଆର୍ଥିକ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 342.72 | 8.35 |
| ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 278.54 | 6.78 |
| **ସରକାରୀ କମ୍ପାନୀ ସମୂହ** | | | |
| ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | 929.47 | 22.61 |
| ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | 859.77 | 20.92 |
| ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍ | ଶକ୍ତି | 810.65 | 19.72 |
| ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | 576.71 | 14.03 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

## 5.2.2 ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକୁ ଦିଆଯାଇଥିବା ଋଣ

### 5.2.2.1 31 ମାର୍ଚ୍ଚ 2021 ସୁଦ୍ଧା ବକେୟା ଥିବା ଦୀର୍ଘକାଳୀନ ଋଣର ଗଣନା

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ମଧ୍ୟରୁ 11ଟି ଏସ୍‌ପିଏସ୍‌ଇର 31 ମାର୍ଚ୍ଚ 2021 ସୁଦ୍ଧା ସମସ୍ତ ଉତ୍ସରୁ 16,007.91 କୋଟି ଟଙ୍କା ବକେୟା ଦୀର୍ଘକାଳୀନ ଋଣ ରହିଥିଲା। 2020-21 ମଧ୍ୟରେ ସରକାରୀ କମ୍ପାନୀ ଏବଂ ନିଗମର ଦୀର୍ଘକାଳୀନ ଋଣରେ 2837.47 କୋଟି ଟଙ୍କାର ବୃଦ୍ଧି ହାଇଛି। ଏହି ବୃଦ୍ଧି ତିନୋଟି ଏସ୍‌ପିଏସ୍‌ଇ ଯଥା: ଗ୍ରୀଡ୍‌କୋ ଲିମିଟେଡ୍, ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍ ଏବଂ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ରେ ହୋଇଛି।

ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ବକେୟା ଦୀର୍ଘକାଳୀନ ଋଣର ବର୍ଷ-ୱାରୀ ବିବରଣୀଗୁଡିକ ନିମ୍ନ ଚାର୍ଟରେ ଚିତ୍ରିତ ହୋଇଛି:

ଚର୍ଟ5.2: ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହରେ ବକେୟା ଦୀର୍ଘକାଳୀନ ଋଣ




(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

### 5.2.2.2 ଋଣ ଦେୟକୁ ପୂରଣ ପାଇଁ ସମ୍ପତ୍ତିର ପର୍ଯାପ୍ତତା

ସମୁଦାୟ ସମ୍ପତ୍ତି ସହିତ ମୋଟ କରଜର ଅନୁପାତ ହେଉଛି ଏକ କମ୍ପାନୀ ଶୋଧକ୍ଷମ ରହିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପଦ୍ଧତି ମଧ୍ୟରୁ ଗୋଟିଏ। ଶୋଧକ୍ଷମ ଭାବରେ ବିବେଚନା କରିବାକୁ, ଏକ ସଂସ୍ଥାର ସମ୍ପତ୍ତିର ମୂଲ୍ୟ ଏହାର କରଜ/ଋଣ ପରିମାଣଠାରୁ ଅଧିକ ହେବା ଜରୁରୀ। 11ଟି ସରକାରୀ ଏସ୍‌ପିଏସ୍‌ଇରେ ମୋଟ୍ ସମ୍ପତ୍ତିର ମୂଲ୍ୟ ଅନୁଯାୟୀ ଦୀର୍ଘକାଳୀନ କରଜର କଭରେଜ୍ ଯାହା 31 ମାର୍ଚ୍ଚ 2021 ସୁଦ୍ଧା ବକେୟା କରଜ ଥିଲା ତାହା ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 5.8: ମୋଟ୍ ସମ୍ପତ୍ତି ସହିତ ଦୀର୍ଘକାଳୀନ ଋଣର କଭରେଜ୍**

| | ସକରାତ୍ମକ କଭରେଜ୍ | | | | ନକରାତ୍ମକ କଭରେଜ୍ | | | |
|---|---|---|---|---|---|---|---|---|
| | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ | ସମ୍ପତ୍ତି | ଋଣ ପାଇଁ ସମ୍ପତ୍ତିର ଶତକଡା ହାର | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ | ସମ୍ପତ୍ତି | ଋଣ ପାଇଁ ସମ୍ପତ୍ତିର ଶତକଡା ହାର |
| | | (ଟଙ୍କା କୋଟିରେ) | | | | (ଟଙ୍କା କୋଟିରେ) | | |
| ବୈଧାନିକ ନିଗମ ସମୂହ | 2 | 99.91 | 648.78 | 649.36 | - | - | - | - |
| ସରକାରୀ କମ୍ପାନୀ ସମୂହ | 9 | 15907.90 | 31713.75 | 199.36 | - | - | - | - |
| **ମୋଟ୍** | **11** | **16007.81** | **32362.53** | | - | - | - | - |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ଉପରୋକ୍ତ ସାରଣୀ ଏହା ଜଣା ପଡିଛି ଯେ ସମସ୍ତ 11 ଟି ସରକାରୀ କମ୍ପାନୀ ଏବଂ ନିଗମର ସକାରାତ୍ମକ କଭରେଜ୍ ଅନୁପାତ ରହିଛି, ଯାହା ସୂଚାଇଥାଏ ଯେ ସମସ୍ତ କମ୍ପାନୀ ଏବଂ ନିଗମର ଋଣ ଦାୟିତ୍ୱ ପୂରଣ ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ଅଛି ।

### 5.2.2.3 ସୁଧ କଭରେଜ୍

ସୁଧ କଭରେଜ୍ ଅନୁପାତ (ଆଇସିଆର୍) ବକେୟା ଋଣ ଉପରେ ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସେହି ସମୟର ସୁଧ ଖର୍ଚ୍ଚ ଦ୍ୱାରା ସୁଧ ଏବଂ ଟିକସ (ଏବିଆଇଟି) ପୂର୍ବରୁ ଏକ କମ୍ପାନୀର ଆୟକୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ କମ୍ପାନୀର କରଜ ଉପରେ ସୁଧ ଦେବାର କ୍ଷମତା କମ୍ ଅଟେ। ନିମ୍ନରେ ଦିଆଯାଇଥିବା ଏକ ଆଇସିଆର୍ ସୂଚାଇ ଦେଇଛି ଯେ ସୁଧ ଉପରେ ଏହାର ଖର୍ଚ୍ଚ ପୂରଣ କରିବା ପାଇଁ କମ୍ପାନୀ ପର୍ଯ୍ୟାପ୍ତ ପରିମାଣର ଆୟ କରୁନାହିଁ। ଏସ୍‌ପିଏସ୍‌ଇ ଗୁଡିକର ସକରାତ୍ମକ ଏବଂ ନକରାତ୍ମକ ସୁଧ କଭରେଜ୍ ଅନୁପାତର ବିବରଣୀ, ଯାହା 2018-19 ରୁ 2020-21 ମଧ୍ୟରେ ବକେୟା ଥିଲା, ତାହା ନିମ୍ନ ସାରଣୀରେ ଦିଆଯାଇଛ:

**ସାରଣୀ 5.9: ସୁଧ କଭରେଜ୍ ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ ଟିକସ ପୂର୍ବରୁ ରୋଜଗାର (ଇବିଆଇଟି) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା>= 1 | ଆଇସିଆର୍ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା<1 |
|---|---|---|---|---|---|
| **ବୈଧାନିକ ନିଗମ ସମୂହ** | | | | | |
| 2018-19 | 1.58 | 9.53 | 2 | 2 | - |
| 2019-20 | 0.47 | 5.73 | 1 | 1 | - |
| 2020-21 | 0.47 | -1.59 | 1 | - | 1 |
| **ସରକାରୀ କମ୍ପାନୀ ସମୂହ** | | | | | |
| 2018-19 | 653.60 | 625.87 | 6 | 4 | 2 |
| 2019-20 | 662.75 | 911.48 | 6 | 4 | 2 |
| 2020-21 | 1640.31 | 70.61 | 7 | 5 | 2 |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ଏହା ଦେଖାଯାଇଥିଲା ଯେ ପୂର୍ବ ବର୍ଷ ତୁଳନାରେ 2020-21 ମଧ୍ୟରେ ଏସପିଏସଇର ସଂଖ୍ୟା ଯାହାର ଆଇସିଆର ସମାନ କିମ୍ବା ଏକରୁ ଅଧିକ ଥିବା ସରକାରୀ କମ୍ପାନୀ କ୍ଷେତ୍ରରେ ସଂଖ୍ୟା ବୃଦ୍ଧିପାଇଛି ଏବଂ ବୈଧାନିକ ନିଗମ କ୍ଷେତ୍ରରେ ହ୍ରାସ ପାଇଛି ।

### 5.2.2.4 ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ ଓ୍ୱାରୀ ବିଶ୍ଳେଷଣ

31 ମାର୍ଚ୍ଚ 2021 ସୁଦ୍ଧା, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତିନୋଟି ଏସ୍‌ପିଏସ୍‌ଇର ଦୀର୍ଘକାଳୀନ ଋଣ ଉପରେ 1,767.81 କୋଟି ଟଙ୍କା ସୁଧ ବକେୟା ଥିଲା। ଏସ୍‌ପିଏସ୍‌ଇ ଗୁଡିକରେ ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବୟସ ବିଶ୍ଳେଷଣ ନିମ୍ନ ସାରଣୀରେ ଚିତ୍ରିତ ହୋଇଅଛି:

**ସାରଣୀ 5.10: ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା**

**(ଟଙ୍କା କୋଟିରେ)**

| କ୍ରମିକ ସଂଖ୍ୟା | ଏସ୍ ପିଏସ୍ଇର ନାମ | ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1 ବର୍ଷରୁ କମ୍ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1 ରୁ 3 ବର୍ଷ ପର୍ଯ୍ୟନ୍ତ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 3 ବର୍ଷରୁ ଅଧିକା ବକେୟା |
|---|---|---|---|---|---|
| 1 | ଗ୍ରୀଡ୍କୋ ଲିମିଟେଡ୍ | 935.64 | 106.04 | 212.08 | 617.52 |
| 2 | ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ୍ | 775.32 | 69.05 | 144.46 | 561.81 |
| 3 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 1.98 | - | - | 1.98 |
| 4 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 54.87 | 1.86 | 6.04 | 46.97 |
| | **ମୋଟ୍** | 1767.81 | 176.95 | 362.58 | 1228.28 |

(ଉତ୍ସ: ଏସ୍ପିଏସ୍ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ଉପରୋକ୍ତ ସାରଣୀରେ ଏହା ଜଣା ପଡ଼ିଛି ଯେ କମ୍ପାନୀ ଗୁଡ଼ିକୁ ସୁଧ ଦାୟି ପ୍ରଦାନ କରିବାରେ ବିଫଳ ହୋଇଥିଲେ ଯାହାକି ଗୋଟିଏ ବର୍ଷ ମଧ୍ୟରେ ପ୍ରଦାନ କରାଯିବା ଉଚିତ୍, ଫଳସ୍ୱରୂପ ବର୍ଷକୁ ବର୍ଷ ରାଜ୍ୟ ସରକାର ଋଣ ଉପରେ ସୁଧ ଜମା ହେଉଛି ।

## 5.2.3 ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା 2020-21 ବର୍ଷ ମଧ୍ୟରେ 12ଟି[34] ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ବିନିଯୋଗ ହୋଇଥିବା ପୁଞ୍ଜି ନିମ୍ନ ଚାର୍ଟରେ ଚିତ୍ରତ ହୋଇଅଛି:

ଚାର୍ଟ 5.3: **ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଅଂଶଧନ ପୁଞ୍ଜି ରଚନା**




31 ମାର୍ଚ୍ଚ2021ସୁଦ୍ଧା, ଏହିସରକାରୀନିୟନ୍ତ୍ରିତଅନ୍ୟକମ୍ପାନୀଗୁଡିକରେଇକ୍ୱିଟିପୂର୍ବବର୍ଷତୁଳନାରେ46କୋଟି ଟଙ୍କା ବୃଦ୍ଧିହୋଇଥିଲା ଯଥା 2019-20 ରେ 887.08 କୋଟି ଟଙ୍କାରୁ 2020-21 ରେ 933.08 କୋଟି ଟଙ୍କା। ବୃଦ୍ଧି ମୁଖ୍ୟତ ଶକ୍ତି କ୍ଷେତ୍ରର ଗୋଟିଏ ଏସ୍ପିଏସ୍ଇ, ଓଡିଶା ତାପଜ ଶକ୍ତି ନିଗମ ଲିମିଟେଡ୍ରେ ଇକ୍ୱିଟିରେ ବୃଦ୍ଧି ହେତୁ ହୋଇଥିଲା ।

[34] 15 ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ –3 ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ ଯାହାର ହିସାବ ତିନି ବର୍ଷ କିମ୍ବା ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା।

## 5.3 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରୁ ଫେରସ୍ତ

### 5.3.1 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ପ୍ରାପ୍ତ ଲାଭ

2019-20 ରେ 24 ଟି ଏସ୍‌ପିଏସ୍‌ଇରେ ହୋଇଥିବା ଅର୍ଜିତ ଲାଭ 1,686.08 କୋଟି ଟଙ୍କାରୁ ବୃଦ୍ଧି ପାଇ 2020-21 ରେ 23 ଟି ଏସ୍‌ପିଏସ୍‌ଇରେ 1,937.72 କୋଟି ଟଙ୍କା ହୋଇଅଛି । ତେବେ 2020-21 ରେ 23ଟି ଏସ୍‌ପିଏସ୍‌ଇର ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) 20.04 ପ୍ରତିଶତ ଥିଲା, ଯାହା 2019-20 ରେ 24 ଏସ୍‌ପିଏସ୍‌ଇରେ 12.51 ପ୍ରତିଶତ ଥିଲା। 2018-19 ରୁ 2020-21 ମଧ୍ୟରେ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

ଚାର୍ଟ 5.4: ଲାଭ କରିଥିବା ଏସ୍‌ପିଏସ୍‌ଇଗୁଡିକର




*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)*

ଶ୍ରେଷ୍ଠ ତିନୋଟି ବିଭାଗର ବିବରଣୀ ଯେଉଁଗୁଡିକ 2020-21 ମଧ୍ୟରେ ସର୍ବାଧିକ ଲାଭ ପ୍ରଦାନ କରିଛନ୍ତି, ନିମ୍ନ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 5.11: ଶ୍ରେଷ୍ଠ ତିନୋଟି ବିଭାଗ ଯେଉଁଗୁଡିକ2019-20ଏବଂ 2020-21ରେ ସର୍ବାଧିକ ଲାଭ ପ୍ରଦାନ କରିଛନ୍ତି**

| ବିଭାଗର ନାମ | 2020-21 | | | 2019-20 | | |
|---|---|---|---|---|---|---|
| | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ୍ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ୍ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର |
| **କୃଷି ଏବଂ କୃଷକ ସଶକ୍ତିକରଣ** | | | | | | |
| ସରକାରୀ କମ୍ପାନୀସମୂହ | 4 | 30.63 | - | 4 | 21.08 | 0.07 |
| **ଜଳ ସମ୍ପଦ** | | | | | | |
| ସରକାରୀ କମ୍ପାନୀ ସମୂହ | 1 | 49.88 | - | 1 | 49.88 | 3.61 |
| **ଏକ୍‌ସାଇଜ୍** | | | | | | |
| ସରକାରୀ କମ୍ପାନୀ ସମୂହ | 1 | 20.88 | - | 1 | 29.99 | 2.17 |
| ମୋଟ୍ | **6** | **101.39** | **-** | **6** | **100.95** | **7.31** |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ସରକାରୀ କମ୍ପାନୀଗୁଡିକର ତାଲିକା ଯେଉଁଗୁଡିକ 2020-21 ବର୍ଷ ମଧ୍ୟରେ 50 କୋଟି ଟଙ୍କାରୁ ଅଧିକ ଲାଭ ହାସଲ କରିଥିଲେ ତାହା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 5.12:** ଏସ୍‌ପିଏସ୍‌ଇ ଗୁଡିକର ତାଲିକା ଯେଉଁଗୁଡିକ 50 କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିଥିଲେ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍ ପିଏସ୍‌ଇର ନାମ | ନିଟ୍ ଲାଭ |
|---|---|---|
| 1 | ଓଡିଶା ଖଣି ନିଗମ ଲିମିଟେଡ୍ | 1,586.27 |
| 2 | ଓଡିଶା ଜଳ ଶକ୍ତି ନିଗମ ଲିମିଟେଡ | 158.06 |
| 3 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 50.13 |
| ମୋଟ୍ | | **1,794.46** |

(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)

ଏହା ଦେଖାଯାଇପାରେ ଯେ ଏହି ତିନୋଟି ଏସ୍‌ପିଏସ୍‌ଇ 2020-21 ମଧ୍ୟରେ 23ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ମୋଟ ଲାଭର 92.61 ପ୍ରତିଶତ ଯୋଗଦାନ ଦେଇଥିଲେ।

12ଟି ସରକାରୀ ନିୟନ୍ତ୍ରିତ କମ୍ପାନୀ ମଧ୍ୟରୁ, ଆଠଟି କମ୍ପାନୀ 31 ମାର୍ଚ୍ଚ 2021 ବର୍ଷ ଶେଷ ସୁଦ୍ଧା 3.78 କୋଟି ଟଙ୍କା ଲାଭ କରିଥିଲେ। ଗୋଟିଏ ସରକାରୀ ନିୟନ୍ତ୍ରିତ କମ୍ପାନୀ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ 2020-21 ମଧ୍ୟରେ କୌଣସି ଲାଭ କରିନଥିଲା।

## 5.3.2 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ହୋଇଥିବା କ୍ଷତି

2020-21 ବର୍ଷ ମଧ୍ୟରେ ଦଶଟି ସରକାରୀ କମ୍ପାନୀ କ୍ଷତିଗ୍ରସ୍ତ ହୋଇଥିଲେ। 2019-20 ମଧ୍ୟରେ ଏହି ଏସ୍‌ପିଏସ୍‌ଇ ଗୁଡ଼ିକ ଦ୍ୱାରା ଲାଭ ହୋଇଥିବା 340.28 କୋଟି ଟଙ୍କା ତୁଳନାରେ ଏହି ଏସ୍‌ପିଏସ୍‌ଇ ଗୁଡ଼ିକ 2020-21 ମଧ୍ୟରେ 3568.19 କୋଟି ଟଙ୍କା କ୍ଷତି ସହିଥିଲେ ଯାହା ପରିଶିଷ୍ଟ 5.4 ରେ ଦିଆଯାଇଛି।

2018-19 ରୁ 2020-21 ପର୍ଯ୍ୟନ୍ତ କ୍ଷତି ହୋଇଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି।

**ସାରଣୀ 5.13: ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ଯେଉଁଗୁଡିକ 2018-19 ରୁ 2020-21ଅବଧିରେ କ୍ଷତି ସହିଥିଲେ**

| ବର୍ଷ | କ୍ଷତି ସହିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ବର୍ଷକ ପାଇଁ ନିଟ୍ କ୍ଷତି (ଟଙ୍କା କୋଟିରେ) | ସଂଗୃହିତ କ୍ଷତି (ଟଙ୍କା କୋଟିରେ) | ନିଟ୍ ମୂଲ୍ୟ[35] (ଟଙ୍କା କୋଟିରେ) |
|---|---|---|---|---|
| **ସରକାରୀ କମ୍ପାନୀ** | | | | |
| 2018-19 | 8 | 313.26 | 4686.92 | -3576.24 |
| 2019-20 | 7 | 304.52 | 4982.95 | -3873.27 |
| 2020-21 | 10 | 3568.19 | 7453.93 | -2936.07 |

**(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟସ୍ ଆଧାରରେ ସଂକଳିତ)**

[35] ନିଟ୍ ମୂଲ୍ୟର ଅର୍ଥ ହେଉଛି ପେଡ୍‌ଅପ୍ ସେୟାର ପୁଞ୍ଜି ଏବଂ ମାଗଣା ରିଜର୍ଭ ଏବଂ ସର୍‌ପ୍ଲସ୍ କମ୍ ଜମା ହୋଇଥିବା କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ବ୍ୟୟ। ମାଗଣା ସଂରକ୍ଷଣ ଅର୍ଥ ହେଉଛି ଲାଭରୁ ସୃଷ୍ଟି ହୋଇଥିବା ସମସ୍ତ ସଂରକ୍ଷଣ ଏବଂ ପ୍ରିମିୟମ ଆକାଉଣ୍ଟ ଅଂଶୀଦାର କିନ୍ତୁ ସମ୍ପତ୍ତିର ପୁନଃ ମୂଲ୍ୟାଙ୍କନରୁ ସୃଷ୍ଟି ହୋଇଥିବା ସଂରକ୍ଷଣକୁ ଅନ୍ତର୍ଭୁକ୍ତ କରେ ନାହିଁ ଏବଂ ଅବନତି ବ୍ୟବସ୍ଥାର ପୁନଃ ଲେଖନ।

ଦଶଟି ସରକାରୀ ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା 3568.19କୋଟି ଟଙ୍କା କ୍ଷତି ମଧ୍ୟରୁ 3200.73 କୋଟି ଟଙ୍କା କ୍ଷତି ଶକ୍ତି ଏବଂ ଇସ୍ପାତ୍ ଏବଂ ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦୁଇଟି ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ) ଦ୍ୱାରା ହୋଇଥିଲା। ପାଞ୍ଚୋଟି କମ୍ପାନୀ ଯାହାକି 2020-21 ମଧ୍ୟରେ ପ୍ରମୁଖ କ୍ଷତି ସହିଛି ।

i) ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ 2019-20 ମଧ୍ୟରେ 22.76 କୋଟି କ୍ଷତି ମୁଖ୍ୟତ ସାମଗ୍ରୀ ଗ୍ରାସ ଖର୍ଚ୍ଚ ଏବଂ ଉତ୍ପାଦନ ଖର୍ଚ୍ଚର ଖର୍ଚ୍ଚ ହେତୁ ହୋଇଥିଲା।

ii) ଗ୍ରିଡ୍କୋ ଲିମିଟେଡ୍ 2020-21 ମଧ୍ୟରେ 1382.35 କୋଟିର କ୍ଷତି ମୁଖ୍ୟତଃ କାରଣ ହେଉଛି ଶକ୍ତି ବିକ୍ରୟରୁ ଅଧିକ ହୋଇଥିବା ବିଦ୍ୟୁତ କ୍ର ୟ ପାଇଁ ଖର୍ଚ୍ଚ ଏବଂ ଅର୍ଥ ଖର୍ଚ୍ଚ ପାଇଁ ହୋଇଥିବା ବ୍ୟୟ।

iii) ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ 2020-21ମଧ୍ୟରେ190.51କୋଟି **ଟଙ୍କାର** କ୍ଷତି ମୁଖ୍ୟତ ସାମଗ୍ରୀ ଗ୍ରାସ ଖର୍ଚ୍ଚ ଏବଂ ଉତ୍ପାଦନ ଖର୍ଚ୍ଚର ଖର୍ଚ୍ଚ ହେତୁ ହୋଇଥିଲା।

iv) ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ 2020-21 ମଧ୍ୟରେ 1818.38 କୋଟି ଟଙ୍କା କ୍ଷତି ମୁଖ୍ୟତଃ ପ୍ରକଳ୍ପ ଖର୍ଚ୍ଚ ହେତୁ ହୋଇଥିଲା ।

v) ଓଡ଼ିଶା ଶକ୍ତି ସଞ୍ଚାୟର ନିଗମ ଲିମିଟେଡ୍ 2019-20 ମଧ୍ୟରେ 144.37 କୋଟି ଟଙ୍କା କ୍ଷତି ମୁଖ୍ୟତଃ ମୋଟ ରାଜସ୍ୱ ହ୍ରାସ ଏବଂ ମୋଟ ଖର୍ଚ୍ଚ ଏବଂ ଟିକସ ଖର୍ଚ୍ଚ ହେତୁ ଘଟିଛି ।

### 5.3.3 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଗୁଡିକରେ ପୁଞ୍ଜି କ୍ଷୟ

31 ମାର୍ଚ୍ଚ 2021 ସୁଦ୍ଧା, 33ଟି ମଧ୍ୟରୁ 11ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ 8,579.06 କୋଟି ଟଙ୍କା କ୍ଷତି ସହିଛନ୍ତି। 2020-21 ବର୍ଷରେ 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ **ଆଠ**ଟି ଏସ୍‌ପିଏସ୍‌ଇର କ୍ଷତି ହୋଇଛି ଯାହା 1559.30 କୋଟି ଟଙ୍କା ଅଟେ, ଅବଶିଷ୍ଟ **ତିନି**ଟି ଏସ୍‌ପିଏସ୍‌ଇ 2020-21 ବର୍ଷରେ କ୍ଷତି କରିନାହାନ୍ତି ଯଦିଓ ସେମାନଙ୍କର 305.96 କୋଟି ଟଙ୍କାର ସଂଗୃହିତ କ୍ଷତି ରହିଛି।

11 ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଛଅଟିର ନିଟ୍ ମୂଲ୍ୟ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ନକରାତ୍ମକ ଥିଲା। ଏହି ଛଅଟି ଏସ୍‌ପିଏସ୍‌ଇର ମୋଟ୍ ଇକ୍ୱିଟି ବିନିଯୋଗ 31 ମାର୍ଚ୍ଚ 2021 ସୁଦ୍ଧା 1,208.43 କୋଟି ଟଙ୍କା ଥିଲା ବେଳେ ସେମାନଙ୍କ ନିଟ୍ ମୂଲ୍ୟ 6,999.58 କୋଟି ଟଙ୍କା ନକରାତ୍ମକ ଥିଲା। ଛଅଟି ଏସ୍‌ପିଏସ୍‌ଇ ମଧ୍ୟରୁ ଯାହାର ପୁଞ୍ଜି କ୍ଷୟ ହୋଇଯାଇଥିଲା (ନକରାତ୍ମକ ନିଟ୍ ମୂଲ୍ୟ), ଦୁଇଟି ଏସ୍‌ପିଏସ୍‌ଇ 2020-21 ବର୍ଷ ମଧ୍ୟରେ 13.00 କୋଟି ଟଙ୍କା ଲାଭ କରିଥିଲେ **(ପରିଶିଷ୍ଟ-5.5)**।

22ଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି[36] ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ ସେମାନଙ୍କ ପୁଞ୍ଜି ବିନିଯୋଗ ଅଧାରୁ କମ୍ ଥିଲା ଯାହାର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2021 ଶେଷରେ ସକରାତ୍ମକ ଥିଲା, ଯାହା ସେମାନଙ୍କର ସମ୍ଭାବ୍ୟ ଆର୍ଥିକ ଅସୁସ୍ଥତାକୁ ସୂଚାଉଛି। ମୋଟ୍ ଉପରେ, ସମସ୍ତ 33 ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ନିଟ୍ ମୂଲ୍ୟ 7,068.74 କୋଟି ଟଙ୍କା ଏବଂ ସେମାନଙ୍କର ମୋଟ୍ ପୁଞ୍ଜି ବିନିଯୋଗ 5,746.68 କୋଟି ଟଙ୍କା ଥିଲା।

### 5.3.4 ଏସ୍‌ପିଏସ୍‌ଇ ଦ୍ୱାରା ଡିଭିଡେଣ୍ଡ ଦେୟ

ରାଜ୍ୟ ସରକାର (ଡିସେମ୍ବର 2011)ରେ ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ ଯେଉଁଥିରେ ସମସ୍ତ ଲାଭ କରୁଥିବା ପିଏସ୍‌ୟୁଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଦେବାର ଥିଲା। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସପରବର୍ତ୍ତୀ

[36] ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ ଓଡିଶାର ଜଳ ନିଗମ ଲିମିଟେଡ୍

ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ପିଏସ୍‌ୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ (ଫେବୃୟାରୀ 2016) ନୀତି ଜାରି କରିଥିଲେ। ଅଧିକନ୍ତୁ, ପାଞ୍ଚୋଟି ଏସ୍‌ପିଏସ୍‌ଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଧାରରେ ଡେଭିଡେଣ୍ଡ ଘୋଷଣା କରି ନଥିଲେ ଯାହା **ପରିଶିଷ୍ଟ-5.6**ରେ ଦିଆଗଲା। ଏହି ହିସାବରେ ମୋଟ୍ ଅଭାବ 2020-21 ରେ 226.92 କୋଟି ଟଙ୍କା ଥିଲା।

ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ଅର୍ଜିତ ଲାଭ ଏବଂ ଘୋଷିତ/**ପ୍ରଦାନ** ଡେଭିଡେଣ୍ଡର ବିବରଣୀ ନିମ୍ନରେ ଥିବା ସାରଣୀରେ ଦିଆଯାଇଛି:

**ସାରଣୀ 5.14: ଅର୍ଜିତ ଲାଭ ଏବଂ ଘୋଷିତ ଡିଭିଡେଣ୍ଡ**

| ବର୍ଗ | ଏସ୍‌ପିଏସ୍‌ଇ ସଂଖ୍ୟା | ମୋଟ୍ ସମାଦତ୍ତ ପୁଞ୍ଜି (ଟଙ୍କା କୋଟିରେ) | ନିଟ୍ ଲାଭ (ଟଙ୍କା କୋଟିରେ) | ଘୋଷିତ ଡିଭିଡେଣ୍ଡ (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ | 8 | 917.28 | 1817.48 | 1049.73 |

*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟ୍ ଆଧାରରେ ସଂକଳିତ)*

33ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ମଧ୍ୟରୁ ଆଠଟି ଏସ୍‌ପିଏସ୍‌ଇ 2020-21 ରେ ଡିଭିଡେଣ୍ଡ ଘୋଷଣା କରିଥିଲେ। ଛଅଟି ଏସ୍‌ପିଏସ୍‌ଇ ମଧ୍ୟରୁ ଯାହା 2019-20 ମଧ୍ୟରେ ଡିଭିଡେଣ୍ଡ ଘୋଷଣା/ ପ୍ରଦାନ କରିଥିଲା/ ପ୍ରଦାନ କରିଥିଲା, ତିନୋଟି ଏସ୍‌ପିଏସ୍‌ଇ 2020-21 ମଧ୍ୟେର ଡିଭିଡେଣ୍ଡ ଘୋଷଣା/ ପ୍ରଦାନ କରିନଥିଲା। ନିଟ୍ ଲାଭର ଶତକଡା ଘୋଷିତ ଡିଭିଡେଣ୍ଡ 2019-20 ରେ 32.98 ପ୍ରତିଶତରୁ 2020-21 ରେ 57.76 ପ୍ରତିଶତକୁ ବୃଦ୍ଧି ପାଇଥିଲା। ସମ୍ପୂର୍ଣ୍ଣ ଶବ୍ଦ ଅନୁଯାୟୀ, 2020-21 ରେ ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ଡିଭିଡେଣ୍ଡ ପୂର୍ବ ବର୍ଷ ତୁଳନାରେ 779.73 କୋଟି ଟଙ୍କା ବୃଦ୍ଧି ପାଇଛି। ନିମ୍ନ ଚାର୍ଟରେ ଗତ ତିନି ବର୍ଷ ମଧ୍ୟରେ ଏସ୍‌ପିଏସ୍‌ଇ ଗୁଡିକ ଦ୍ୱାରା ଡିଭିଡେଣ୍ଡ ଘୋଷିତ ହୋଇଥିଲା, ସେମାନଙ୍କ ଦ୍ୱାରା ଲାଭ ଅର୍ଜନ ହୋଇଥିବା ଏବଂ ସେମାନଙ୍କ ପୁଞ୍ଜି ବିନିଯୋଗକୁ ଚିତ୍ରଣ କରାଯାଇଛି।

ଚାର୍ଟ5.5: ଘୋଷିତ ଡେଭିଡେଣ୍ଡ ଯଥା ନିଟ୍ ଲାଭ ଆୟ ଏବଂ ସମାଦତ୍ତ ପୁଞ୍ଜି

*(ଟଙ୍କା କୋଟିରେ)*




*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟ୍ ଆଧାରରେ ସଂକଳିତ)*

2020-21 ବର୍ଷ ପାଇଁ ଆଠଟି ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ/ ପ୍ରଦାନ ହୋଇଥିବା 1049.73 କୋଟି ଟଙ୍କାର ମୋଟ୍ ଡିଭିଡେଣ୍ଡ ମଧ୍ୟରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ/ ଗ୍ରହଣଯୋଗ୍ୟ ଡିଭିଡେଣ୍ଡ ହେଉଛି 1046.59 କୋଟି ଟଙ୍କା (ଘୋଷିତ ମୋଟ୍ ଡିଭିଡେଣ୍ଡର 99.70 ପ୍ରତିଶତ) । ଏହି ଆଠଟି ଏସ୍‌ପିଏସ୍‌ଇରେ ସମୁଦାୟ ଇକ୍ୱିଟି ହେଉଛି 917.28 କୋଟି ଟଙ୍କା (ରାଜ୍ୟ ସରକାର ଇକ୍ୱିଟି ବିନିଯୋଗ ହେଉଛି 914.07 କୋଟି ଟଙ୍କା)।

12ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ଆଠଟି କମ୍ପାନୀ 31 ମାର୍ଚ୍ଚ 2021 ବର୍ଷରେ 3.78 କୋଟି ଟଙ୍କା ଲାଭ କରିଥିଲେ। ଏହି ଆଠଟି କମ୍ପାନୀ ମଧ୍ୟରୁ 2020-21 ମଧ୍ୟରେ କୌଣସି କମ୍ପାନୀ ଡିଭିଡେଣ୍ଡ ଘୋଷଣା/ ପ୍ରଦାନ କରି ନଥିଲେ।

## ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ପରିଚାଳନା ଦକ୍ଷତା

### 5.4. ଉତ୍ପାଦନର ମୂଲ୍ୟ

ତିନି ବର୍ଷ ମଧ୍ୟରେ 11ଟି ଏସ୍‌ପିଏସ୍‌ଇ ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ସୂଚୀତ କରୁଥିବା ସାରାଂଶ ନିମ୍ନରେ ଦିଆଯାଇଥିବା ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ 5.6: ଉତ୍ପାଦନର ମୂଲ୍ୟ, ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି**




*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକରସର୍ବଶେଷଚୂଡ଼ାନ୍ତଆକାଉଣ୍ଟଆଧାରରେସଂକଳିତ)*

ପୂର୍ବ ବର୍ଷ ତୁଳନାରେ 2020-21 ବର୍ଷରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ବୃଦ୍ଧି ପାଇଥିଲା। **ପରିଶିଷ୍ଟ-5.7**ରେ ଏସ୍‌ପିଏସ୍‌ଇ ଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ପୁଞ୍ଜି ବିନିଯୁକ୍ତର ବିବରଣୀ ଦିଆଗଲା।

### 5.4.1 ନିୟୋଜିତ ପୁଞ୍ଜି ଉପରେ ଫେରସ୍ତ (ଆର୍‌ଓସିଇ)

ଆର୍‌ଓସିଇ ହେଉଛି ଏକ ଅନୁପାତ ଯାହା ଏକ କମ୍ପାନୀର ଲାଭ ଏବଂ ଏହାର ପୁଞ୍ଜି ନିୟୋଜିତ କରିବାର ଦକ୍ଷତାକୁ ସୂଚାଇ ଥାଏ। ନିୟୋଜିତ ପୁଞ୍ଜି[37] ଦ୍ୱାରା ସୁଧ ଏବଂ ଟିକସ ଇବିଆଇଟି ପୂର୍ବରୁ ଏକ କମ୍ପାନୀର ଆୟକୁ ଭାଗ କରି ଆର୍‌ଓସିଇ ଗଣନା କରାଯାଏ। **ପରିଶିଷ୍ଟ-5.8** ରେ ଏସ୍‌ପିଏସ୍‌ଇ ଗୁଡିକର ଆର୍‌ଓସିଇର ବିବରଣୀ ଦିଆଯାଇଛି। 2018-19 ରୁ 2020-21 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ଏକତ୍ରିତ ଆର୍‌ଓସିଇ ନିମ୍ନ ସାରଣୀ ରେ ଦିଆଯାଇଛି।

**ସାରଣୀ 5.15: ବିନିଯୁକ୍ତ ପୁଞ୍ଜି ଉପରେ ଫେରସ୍ତ**

| ବର୍ଷ | ଇବିଆଇଟି (ଟଙ୍କା କୋଟିରେ) | ବିନିଯୁକ୍ତ ପୁଞ୍ଜି (ଟଙ୍କା କୋଟିରେ) | ଆର୍‌ଓସିଇ (ଶତକଡାରେ) |
|---|---|---|---|
| 2018-19 | 1909.90 | 20303.35 | 9.41 |
| 2019-20 | 2776.42 | 22905.73 | 12.12 |
| 2020-21 | 928.02 | 23076.55 | 4.02 |

*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକରସର୍ବଶେଷଚୂଡ଼ାନ୍ତଆକାଉଣ୍ଟଆଧାରରେସଂକଳିତ)*

ଏହା ଦେଖାଗଲା ଯେ 2019-20 ବର୍ଷ ତୁଳନାରେ 2020-21 ବର୍ଷ ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ଆର୍‌ଓସିଇ **କମ୍** ଥିଲା।

### 5.4.2 ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଆୟ (ଆର୍‌ଓଇ)

ଆର୍‌ଓଇ[38] ହେଉଛି କମ୍ପାନୀ ଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ଏକ ମାପ ଯାହାକି ଅଂଶୀଦାରମାନଙ୍କ ଇକ୍ୱିଟି ଦ୍ୱାରା ନିଟ୍ ଆୟ ବଣ୍ଟନ କରି ଗଣନା କରାଯାଏ। ଏସ୍‌ପିଏସ୍‌ଇ ଗୁଡିକର ଆର୍‌ଓଇ **ପରିଶିଷ୍ଟ-5.9**ରେ ଦିଆଯାଇଛି। 2018-19 ରୁ 2020-21 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓଇ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 5.16: ଇକ୍ୱିଟି ଉପରେ ଫେରସ୍ତ**

| ବର୍ଷ | କର ପରେ ନିଟ୍ ଲାଭ ଏବଂ ପସନ୍ଦଯୋଗ୍ୟ ଡିଭିଡେଣ୍ଡ (ଟଙ୍କା କୋଟିରେ) | ଇକ୍ୱିଟି (ଟଙ୍କା କୋଟିରେ) | ଆର୍‌ଓଇ (ଶତକଡାରେ) |
|---|---|---|---|
| 2018-19 | 873.88 | 8571.46 | 10.20 |
| 2019-20 | 1394.39 | 9733.43 | 14.33 |
| 2020-21 | -1630.46 | 7068.15 | -23.07 |

*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟ ଆଧାରରେ ସଂକଳିତ)*

ଏହା ଦେଖାଗଲା ଯେ 2020-21 ବର୍ଷ ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍ ଓଇ ନକରାତ୍ମକ ଥିଲା। 2018-19 ରୁ 2020-21 ବର୍ଷ ମଧ୍ୟରେ ଯେଉଁ ସରକାରୀ କମ୍ପାନୀ ଏବଂ ନିଗମର ମୋଟ୍ ଇକ୍ୱିଟି 50 କୋଟି ଟଙ୍କାରୁ ଅଧିକ ଥିଲା ସେମାନଙ୍କ

[37] ନିୟୋଜିତ ପୁଞ୍ଜି= ପେଡ୍ ଅପ୍ ସେୟାର କ୍ୟାପିଟାଲ + ମାଗଣା ସଂରକ୍ଷଣ ଏବଂ ଅତିରିକ୍ତ + ଦୀର୍ଘକାଳୀନ ଋଣ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

[38] ଇକ୍ୱିଟି ଉପରେ ଫେରସ୍ତ = (ଟ୍ୟାକ୍ସ ଏବଂ ପ୍ରିଫରେନ୍ସ ଡିଭିଡେଣ୍ଡ ପରେ ନିଟ୍ ଲାଭ /ଇକ୍ୱିଟି)*100 ଯେଉଁଠାରେ ଇକ୍ୱିଟି = ସମାଦତ୍ତ ପୁଞ୍ଜି + ମାଗଣା ସଂରକ୍ଷଣ ଏବଂ ସରପ୍ଲସ୍ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

କ୍ଷେତ୍ର ଗୁଡିକର ଆର୍‌ଓଇ ନିମ୍ନ ସାରଣୀରେ ଦିଆଯାଇଛ:

**ସାରଣୀ 5.17: ସମୁଦାୟ ଇକ୍ୱିଟି50କୋଟି ଟଙ୍କା ଏବଂ ଅଧିକ ଥିବା କ୍ଷେତ୍ରଗୁଡିକର ଆର୍‌ଓଇ (ଟଙ୍କା କୋଟିରେ)**

| କ୍ରମିକ ସଂଖ୍ୟା | ବିଭାଗର ନାମ | 2018-19 | 2019-20 | 2020-21 |
|---|---|---|---|---|
| 1 | ଶିଳ୍ପ[39] | -66.94 | -15.42 | -9.58 |
| 2 | ବାଣିଜ୍ୟ ଏବଂ ପରିବହନ | 3.97 | 2.57 | 2.57 |
| 3 | ଶକ୍ତି | -1.26 | 3.64 | -194.59 |
| 4 | ଇସ୍ପାତ ଏବଂ ଖଣି | 14.05 | 18.00 | -3.57 |
| 5 | ଗୃହ | 13.82 | 13.82 | 14.57 |
| 6 | ଜଳ ସମ୍ପଦ | 56.89 | 33.30 | 33.30 |
| 7 | ଅବକାରୀ | 9.37 | 9.37 | 6.32 |
| 8 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 15.59 | 15.59 | 14.32 |
| 9 | ସମବାୟ | 16.34 | 9.75 | 13.63 |

*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ଆକାଉଣ୍ଟ ଆଧାରରେ ସଂକଳିତ*

**ଉପରୋକ୍ତ** ସାରଣୀରେ**ଏହା ଦେଖାଯାଇପାରେ ଯେ** 2020-21 **ବର୍ଷରେ ଶକ୍ତି କ୍ଷେତ୍ରରେ** ଆର୍‌ଓଇ **ବହୁତ ହ୍ରାସ ପାଇଛି ।**

## 5.4.3 ବିକ୍ରୟ ଏବଂ ମାର୍କେଟିଂ

2020-21 ବର୍ଷରେ, 33ଟି ସରକାରୀ କମ୍ପାନୀ ମଧ୍ୟରୁ 20ଟିର ମୋଟ୍ ବିକ୍ରି 22,902.67 କୋଟି ଟଙ୍କା ଥିଲା, ଯାହା 2019-20 ତୁଳନାରେ 20,567.00 କୋଟି ଟଙ୍କା ଥିଲା। 2020-21 ବର୍ଷରେ 20ଟି ଏସ୍‌ପିଏସ୍‌ଇ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇ ସରକାରୀ କ୍ଷେତ୍ରକୁ 3,922.86 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି/ ସେବା ଅନୁବାଦିତ କରିଥିଲା। ଏହି 10ଟି ଏସ୍‌ପିଏସ୍‌ଇ ଗୁଡିକର ସରକାରୀ କ୍ଷେତ୍ରକୁ ସାମଗ୍ରୀ ବିକ୍ରୟ ସେମାନଙ୍କ ମୋଟ୍ ବିକ୍ରୟର ସାମଗ୍ରିକ ଶତକଡା ହେଉଛି 17.13 ପ୍ରତିଶତ। ଏହି ଅବଧି ମଧ୍ୟରେ କୌଣସି ଏସ୍‌ପିଏସ୍‌ଇରେ ସାମଗ୍ରୀ/ ସେବାର ରପ୍ତାନି କିମ୍ବା ଆମଦାନୀ ହୋଇ ନଥିଲା।

ତିନି ବର୍ଷ ପାଇଁ 20ଟି ଏସ୍‌ପିଏସ୍‌ଇ ସମ୍ବନ୍ଧରେ ସମୁଦାୟ ବିକ୍ରୟ, ସରକାରୀ କ୍ଷେତ୍ରକୁ ଓ ଅନ୍ୟାନ୍ୟ ବିକ୍ରୟ ବିଷୟରେ ନିମ୍ନରେ ଦିଆଯାଇଛ:

[39] ଶିଳ୍ପ ବିଭାଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ, ମୁଖ୍ୟତଃ **କାରଣ** ଓଡିଶା ଲିମିଟେଡ୍‌ର ଶିଳ୍ପ ଉନ୍ନୟନ ନିଗମ ଦ୍ୱାରା 2018-19 ରେ 89.50 କୋଟି ଟଙ୍କା କ୍ଷତି **ଏବଂ** 2020-21 ରେ 2.46 କୋଟି ଟଙ୍କା ଲାଭ ହେତୁ ହୋଇଛି। ତାହା ପୁଣି ବେଆଇନ ଖଣି ପାଇଁ ଦିଶାଯାଇଥିବା କ୍ଷତିପୂରଣ ଏବଂ ଭିଆର୍ ଦେୟ ପ୍ରଦାନ ପାଇଁ ନିଆଯାଇଥିବା ଋଣ ଉପରେ ଅତିରିକ୍ତ ସୁଧ ଯୋଗୁ ହୋଇଥିଲା।

**ସାରଣୀ 5.18: 20ଟି ଏସ୍‌ପିଏସ୍‌ଇର ବିକ୍ରୟ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ୍ ବିକ୍ରୟ | ସରକାରୀ କ୍ଷେତ୍ରକୁ ବିକ୍ରୟ | ଅନ୍ୟକୁ ବିକ୍ରୟ |
|---|---|---|---|
| 2018-19 | 19866.34 | 2524.81 | 17341.53 |
| 2019-20 | 20567.00 | 3125.16 | 17441.84 |
| 2020-21 | 22902.67 | 3922.86 | 18979.81 |

*(ଉତ୍ସ: ଏସ୍‌ପିଏସ୍‌ଇ ଗୁଡ଼ିକରସର୍ବଶେଷଚୂଡ଼ାନ୍ତଆକାଉଣ୍ଟଆଧାରରେସଂକଳିତ)*

## 5.5 ସରକାରୀ ଉଦ୍ୟୋଗଗୁଡ଼ିକର ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଭାରତର ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଏକ ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ନିଯୁକ୍ତି କରନ୍ତି। ଅନୁପୂରକ ସମୀକ୍ଷା କରିବା ତଥା ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି। କେତେକ ନିଗମକୁ ପରିଚାଳନା କରୁଥିବା ବିଧାନ ଅନୁସାରେ ସେମାନଙ୍କର ବିବରଣୀକୁ ସିଏଜି ସମୀକ୍ଷା କରି ପ୍ରତିବେଦନ ରାଜ୍ୟ ବିଧାନସଭାରେ ଦାଖଲ କରାଯାଏ।

## 5.6 ସିଏଜିଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡ଼ିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି

କମ୍ପାନୀ ଅଧିନିୟମ, 2013 ର ଧାରା 139(5) ଅନୁସାରେ ଏକ ସରକାରୀ କମ୍ପାନୀ କିମ୍ବା ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ 180 ଦିନ ମଧ୍ୟରେ ସିଏଜି ଦ୍ୱାରା ନିଯୁକ୍ତି କରାଯାଏ।

2020-21ଆର୍ଥିକ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଗୁଡିକର ବୈଧାନିକ ସମୀକ୍ଷକମାନଙ୍କୁ ଅଗଷ୍ଟ ଏବଂସେପ୍ଟେମ୍ବର 2020 ମଧ୍ୟରେ ସିଏଜି ଦ୍ୱାରା ନିଯୁକ୍ତ ହୋଇଥିଲେ।

## 5.7 ଏସ୍‌ପିଏସ୍‌ଇ ମାନଙ୍କ ଦ୍ୱାରା ହିସାବ ଦାଖଲ

### 5.7.1 ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା

କମ୍ପାନୀ ଅଧିନିୟମ 2013ର ଧାରା 394 ଅନୁଯାୟୀ ଏକ ସରକାରୀ କମ୍ପାନୀର କାର୍ଯ୍ୟ ଏବଂ ବ୍ୟାପାର ଉପରେ ଏକ ବାର୍ଷିକ ପ୍ରତିବେଦନ ଏହାର ବାର୍ଷିକ ସାଧାରଣ ସଭା(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ କରାଯାଏ। ଏହିପରି ପ୍ରସ୍ତୁତି ପରେ ଯେତେ ଶୀଘ୍ର ହୋଇପାରେ, ବାର୍ଷିକ ବିବରଣୀ ସହିତ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ମନ୍ତବ୍ୟକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଏ। ବୈଧାନିକ ନିଗମମାନଙ୍କୁ ନିୟନ୍ତ୍ରଣ କରୁଥିବା ବିଧାନ ଗୁଡିକରେ ପ୍ରାୟ ସମାନ ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରିତ ପାଣ୍ଠିରୁ କମ୍ପାନୀଗୁଡିକର ବିନିଯୋଗ ହୋଇଥିବା ଜନସାଧାରଣ ପାଣ୍ଠିର ଉପଯୋଗ ଉପରେ ବୈଧାନିକ ନିୟନ୍ତ୍ରଣ କରିଥାଏ।

କମ୍ପାନୀ ଅଧିନିୟମ 2013ର ଧାରା 96 ପ୍ରତ୍ୟେକ କମ୍ପାନୀକୁ ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ଆବଶ୍ୟକ କରେ। ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍‌ର ତାରିଖ ଏବଂ ପରବର୍ତ୍ତୀ ତାରିଖ ମଧ୍ୟରେ 15 ମାସରୁ ଅଧିକ ହେବ ନାହିଁ। ପୁନଶ୍ଚ, କମ୍ପାନୀ ଅଧିନିୟମ 2013ର ଧାରା 129 ଧାର୍ଯ୍ୟ କରିଛି ଆର୍ଥିକ ବର୍ଷ ପାଇଁ ସମୀକ୍ଷିତ ବିତ୍ତୀୟ ବିବରଣୀକୁ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ।

କମ୍ପାନୀ ଅଧିନିୟମ 2013ର ଧାରା 129(7) ଅନୁଯାୟୀ ଯଦି ଧାରା 129 ର ନିୟମାବଳୀକୁ ପାଳନ କରାନଯାଏ ତେବେ ଦାୟୀ ଥିବା କମ୍ପାନୀର ନିର୍ଦ୍ଦେଶକଙ୍କ ସମେତ ଜୋରିମାନା ଆଦାୟ ଏବଂ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି l

ଉପରୋକ୍ତ ସତ୍ତ୍ୱେ, ବିଭିନ୍ନ ସରକାରୀ ଉଦ୍ୟୋଗଗୁଡିକର ବାର୍ଷିକ ହିସାବ 30 ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପଡିରହିଥିଲା ଯାହା ନିମ୍ନ ଅନୁଚ୍ଛେଦମାନଙ୍କରେ ବିସ୍ତୃତ ଭାବରେ ଦିଆଗଲା l

### 5.7.2 ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବ ଗୁଡିକର ସମୟୋଚିତ ପ୍ରସ୍ତୁତି

31 ମାର୍ଚ୍ଚ 2021 ସୁଦ୍ଧା, 65 ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାରୀ ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସିଏଜିଙ୍କ ସମୀକ୍ଷା ଅଧିନରେ ଥିଲା l ଏହି 65ଟି ସରକାରୀ ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ବୈଧାନିକ ନିଗମ ଅଟେ l

2020-21 ବର୍ଷ ପାଇଁ ସମସ୍ତ 65ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାରୀ ନିୟନ୍ତ୍ରିତ ଅନ୍ୟାନ୍ୟ ଏସ୍‌ପିଏସ୍‌ଇ ଗୁଡିକର ହିସାବ ଦାଖଲ କରିବାର ଥିଲା l ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବକେୟା ଥିବା ହିସାବର ବିବରଣୀ ପୃଥକ ଭାବେ **ପରିଶିଷ୍ଟ 5.2 କ** ଏବଂ **5.2 ଖ** ରେ ସୂଚିତ କରାଯାଇଛି l ଉପରୋକ୍ତ ଦୁଇଟି ବର୍ଗ ପାଇଁ ବକେୟା ଥିବା ହିସାବ ସଂଖ୍ୟା ନିମ୍ନରେ ଦିଆଗଲା:

**ସାରଣୀ 5.19: ସରକାରୀ କମ୍ପାନୀ ମାନଙ୍କର ହିସାବ ଦାଖଲର ବିବରଣୀ**

| ସବିଶେଷ | | ସରକାରୀ ଏସ୍‌ପିଏସ୍‌ଇ /ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|---|
| | | ସରକାରୀ ଏସ୍‌ପିଏସ୍‌ଇ | | ସରକାରୀ ଏସ୍‌ପିଏସ୍‌ଇ |
| 31.03.2021ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧିନରେ ଥିବା ସମୁଦାୟ ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | **65** | **15** | **80** |
| ତାଲିକାଭୁକ୍ତ ନଥିବା | | 65 | 15 | 80 |
| କମ୍: ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2020-21 ପାଇଁ ହିସାବ ଧାର୍ଯ୍ୟ ହୋଇନଥିଲା | | - | - | - |
| ନୂତନ ଏସ୍‌ପିଏସ୍‌ଇ ଗୁଡିକ ଯେଉଁଥିରୁ 2020-21 ପାଇଁ ହିସାବ ଧାର୍ଯ୍ୟ ହୋଇଥିଲା | | 65 | 15 | 80 |
| ଆର୍ଥିକ ବର୍ଷ 2020-21 ପାଇଁ 30 ସେପ୍ଟେମ୍ବର 2021 ସୁଦ୍ଧା ସିଏଜିଙ୍କ ସମୀକ୍ଷା ପାଇଁ ଖାତା ଉପସ୍ଥାପନ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | | 11 | 2 | 13 |
| ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ଯାହାର ହିସାବ ବକେୟା ଥିଲା | | **54** | **13** | **67** |
| ବକେୟାର ବର୍ଗୀକରଣ | (i) ସମାପନ ପ୍ରକ୍ରିୟାରେ | 16 | 0 | 16 |
| | (ii) ଅଚଳ | 10 | 0 | 10 |
| | (iii)ପ୍ରଥମ ହିସାବ ଦାଖଲ ହୋଇନାହିଁ | 0 | 0 | 0 |
| | (iv) ଅନ୍ୟାନ୍ୟ | 28 | 13 | 41 |
| ବକେୟା ଥିବା ହିସାବ ଗୁଡିକର ସଂଖ୍ୟା | | **931** | **21** | **952** |

| | | | | |
|---|---|---|---|---|
| ବୟସ ଓ୍ୱାରୀ ବକେୟାର ବିଶ୍ଳେଷଣ | ଏକ ବର୍ଷ (2020-21) | 14* | 8 | 22 |
| | ଦୁଇ ବର୍ଷ (2019-20ଏବଂ2020-21) | 14** | 2 | 16 |
| | ତିନି ବର୍ଷ ଏବଂ ତଦୁର୍ଦ୍ଧ | 903 | 11 | 914 |

* ଗୋଟିଏ ବୈଧାନିକ ନିଗମ ଅନ୍ତର୍ଭୁକ୍ତ ଯଥା ଓଡିଶା ରାଜ୍ୟ ଆର୍ଥିକ ନିଗମ ।

** ଦୁଇଟି ବୈଧାନିକ ନିଗମ ଯଥା ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ।

## 5.8 ସିଏଜିଙ୍କ ତଦାରଖ–ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରଖ ସମୀକ୍ଷା

### 5.8.1 ବିତ୍ତୀୟ ରିପୋର୍ଟ ଢ଼ାଞ୍ଚା

କମ୍ପାନୀ ଅଧିନିୟମ 2013ର ଅନୁସୂଚୀ III ରେ ଦର୍ଶାଯାଇଥିବା ଫର୍ମାଟରେ ଏବଂ କେନ୍ଦ୍ର ସରକାରଙ୍କ ବିହିତ ହିସାବ ମାନଦଣ୍ଡ ଯାହାକି ଜାତୀୟ ହିସାବ ମାନଦଣ୍ଡ ପରାମର୍ଶଦାତା କମିଟିର ପରାମର୍ଶ ନିର୍ଦ୍ଧାରିତ ଅନୁଯାୟୀ କମ୍ପାନୀଗୁଡିକ ଆର୍ଥିକ ବିବୃତ୍ତି ପ୍ରସ୍ତୁତ କରିବା ଆବଶ୍ୟକ କରନ୍ତି। ସିଏଜିଙ୍କ ପରାମର୍ଶ କ୍ରମେ ଏବଂ ନିଗମଗୁଡିକୁ ପରିଚାଳନା କରୁଥିବା ବିଧାନର ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନିଗମଗୁଡିକ ନିୟମରେ ବିହିତ ଫର୍ମାଟ ଅନୁସାରେ ହିସାବ ପ୍ରସ୍ତୁତ ରିଥାନ୍ତି।.

### 5.8.2 ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସରକାରୀ ଉଦ୍ୟୋଗଗୁଡିକର ହିସାବ ସମୀକ୍ଷା

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକ ସରକାରୀ କମ୍ପାନୀଗୁଡିକର ହିସାବକୁ ସମୀକ୍ଷା କରନ୍ତି ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସେମାନଙ୍କ ରିପୋର୍ଟ ଦାଖଲ କରନ୍ତି।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସରକାରୀ ଉଦ୍ୟୋଗ ଗୁଡିକର ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରେ। କ୍ଷମତା ବ୍ୟବହାର କରି କରାଯାଉଥିବା କାର୍ଯ୍ୟଗୁଡିକ:

- କମ୍ପାନୀ ଅଧିନିୟମ 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା; ଏବଂ
- କମ୍ପାନୀ ଅଧିନିୟମ 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ରିପୋର୍ଟ ଉପରେ ଅନୁପୂରକ ବା ମନ୍ତବ୍ୟ ଜାରି କରିବା।

### 5.8.3 ସରକାରୀ କମ୍ପାନୀଗୁଡିକର ହିସାବର ଅନୁପୂରକ ସମୀକ୍ଷା

କମ୍ପାନୀ ଅଧିନିୟମ 2013 କିମ୍ବା ଅନ୍ୟାନ୍ୟ ପ୍ରଯୁଜ୍ୟ ଅଧିନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଆର୍ଥିକ ରିପୋର୍ଟ ଢ଼ାଞ୍ଚା ଅନୁଯାୟୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିବାର ମୁଖ୍ୟ ଦାୟିତ୍ୱ ହେଉଛି ସଂସ୍ଥାର ପରିଚାଳନା।

କମ୍ପାନୀ ଅଧିନିୟମ 2013ର ଧାରା 139 ଅନୁଯାୟୀ ସିଏଜି ଦ୍ୱାରା ନିଯୁକ୍ତ ହୋଇଥିବା ବୈଧାନିକ ସମୀକ୍ଷକମାନେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର (ଆଇସିଏଆଇ)ର ମାନକ ସମୀକ୍ଷା ପ୍ରଥା ଏବଂ ସିଏଜି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ବିବରଣୀ ଉପରେ ଏକ ସାଧୀନ ସମୀକ୍ଷା କରି କମ୍ପାନୀ ଅଧିନିୟମ 2013ର ଧାରା 143 ଅନୁଯାୟୀ ମନ୍ତବ୍ୟ ଜାରି

କରିବା ପାଇଁ ଦାୟୀ ଅଟନ୍ତି। କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ବୈଧାନିକ ସମୀକ୍ଷକମାନେ ସମୀକ୍ଷା ପ୍ରତିବେଦନକୁ ସିଏଜିଙ୍କୁ ଦାଖଲ କରିବା ଆବଶ୍ୟକ।

ମନୋନୀତ ସରକାରୀ କମ୍ପାନୀଗୁଡିକର ପ୍ରମାଣୀକୃତ ହିସାବଗୁଡିକ ସହିତ ବୈଧାନିକ ସମୀକ୍ଷକଙ୍କ ରିପୋର୍ଟକୁ ସିଏଜି ଏକ ଅନୁପୂରକ ସମୀକ୍ଷା ଦ୍ୱାରା ପୁନର୍ବିଲୋକନ କରିଥାନ୍ତି। ଏହି ସମୀକ୍ଷା ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ କମ୍ପାନୀ ଅଧିନିୟମର ଧାରା 143(6) ଅନୁଯାୟୀ ବାର୍ଷିକ ସାଧାରଣ ସଭାରେ ସ୍ଥାନିତ କରାଯାଇଥାଏ।

## 5.9 ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ

### 5.9.1 କମ୍ପାନୀ ଅଧିନିୟମ,2013ର ଧାରା143 ଅନୁଯାୟୀ ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ହିସାବର ସମୀକ୍ଷା

30 ସେପ୍ଟେମ୍ବର 2021 ସୁଦ୍ଧା ଏଗାର ଗୋଟି ସରକାରୀ କମ୍ପାନୀ ଏବଂ ଦୁଇଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଠାରୁ 2020-21 ବର୍ଷ ପାଇଁ ସେମାନଙ୍କର ଆର୍ଥିକ ବିବରଣୀ ଗ୍ରହଣ କରାଯାଇଥିଲା। ଏଥି ମଧ୍ୟରୁ ଆଠଟି ସରକାରୀ କମ୍ପାନୀ ଏବଂ ଦୁଇଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀର ହିସାବକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା।

#### 5.9.1.1 ଅଡିଟ ରିପୋର୍ଟର ସଂଶୋଧନ

ସିଏଜିଙ୍କ ଦ୍ୱାରା ପରିଚାଳିତ 31 ମାର୍ଚ୍ଚ 2021 ରେ ଶେଷ ହୋଇଥିବା ଆର୍ଥିକ ବିବରଣୀଗୁଡିକର ସପ୍ଲିମେଣ୍ଟାରୀ ଅଡିଟ୍ ଫଳାଫଳ ଅନୁଯାୟୀ, ଏକ ସରକାରୀ କମ୍ପାନୀ ଓଡିଶା ଯଥା, ଓଡିଶା କୋଇଲା ଏବଂ ପାୱାର ଲିମିଟେଡ୍‌ର ବିଧିଗତ ଅଡିଟରମାନେ କମ୍ପାନୀର ଆର୍ଥିକ ବିବରଣୀ ଦେବା ପୂର୍ବରୁ ସେମାନଙ୍କ ରିପୋର୍ଟକୁ ଏହାର ବାର୍ଷିକ ସାଧାରଣ ସଭାରେ ପ୍ରଦାନ ହେବା ପୂର୍ବରୁ ସଂଶୋଧନ କରିଥିଲେ ।

#### 5.9.1.2 ସରକାରୀ କମ୍ପାନୀ/ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁପୂରକ ମନ୍ତବ୍ୟ

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଯାହା ଅକ୍ଟୋବର2020 ରୁ ସେପ୍ଟେମ୍ବର 2021 ମଧ୍ୟରେ ଗ୍ରହଣ କରାଯାଇଥିଲା ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ପରେ, ସିଏଜି ମନୋନୀତ ସରକାରୀ କମ୍ପାନୀଗୁଡିକ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଅନୁପୂରକ ସମୀକ୍ଷା କରିଥିଲେ। ମନ୍ତବ୍ୟ ଜାରି କରାଯାଇଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା **ପରିଶିଷ୍ଟ-5.10** ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀ ଉପରେ ଜାରି କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ, ଯାହାର ଆର୍ଥିକ ପ୍ରଭାବ ଏହାର ଲାଭ ଉପରେ 2.12 କୋଟି ଟଙ୍କା ବୃଦ୍ଧି ଏବଂ କ୍ଷତିରେ 191.22 କୋଟି ଟଙ୍କା ବୃଦ୍ଧି, ସମ୍ପତ୍ତି ବୃଦ୍ଧି (191.22କୋଟି ଟଙ୍କା)ଏବଂ ଦାୟିତ୍ୱ ହ୍ରାସ(8.65 କୋଟି ଟଙ୍କା) ଥିଲା, ଯାହା ନିମ୍ନ ସାରଣୀ5.20 ରୁ5.23ରେ ଦିଆଯାଇଛି:

**ସାରଣୀ 5.20: ସରକାରୀ କମ୍ପାନୀ ଗୁଡିକର ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1. | ଓଡିଶାର ଜଳ ନିଗମ | ୱାଟର ରିସୋର୍ସ ବିଭାଗ (ଡିଓଡବଲ୍ୟୁଆର)ର ରାଜସ୍ୱ ଆଡଜଷ୍ଟମେଣ୍ଟ ହେତୁ ଆର୍ଥିକ ଦାୟିତ୍ୱ (ଦାୟିତ୍ୱ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | ଲିମିଟେଡ୍ (ପୃଥକ ଆର୍ଥିକ ବିବୃତି) | ଅନ୍ୟମାନଙ୍କୁ) 9.96 କୋଟି ଟଙ୍କା ସହିତ ଅନ୍ୟ ଆୟର ଓଭରଷ୍ଟେମେଣ୍ଟ ସହିତ 9.96 କୋଟି ହ୍ରାସ କରାଯାଇଥିଲା ଯାହାକି ଓଏଚ୍‌ପିସିର ନିଜସ୍ୱ ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟିଂ ନୀତିର ଉଲ୍ଲଙ୍ଘନ । ଏହା ମଧ ସମାନ ପରିମାଣରେ ଲାଭର ଅବନତି ଘଟାଇଲା। |
| 2. | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | ଯେହେତୁ କମ୍ପାନୀ ଏହାର ଋଣ ପୁଞ୍ଜି ଉପରେ ସୁଧ ଜମି ଅଧିଗ୍ରହଣରେ ବ୍ୟବହୃତ କରିବାରେ ବିଫଳ ହୋଇଛି,ଖର୍ଚ୍ଚ (ଆର୍ଥିକ ମୂଲ୍ୟ) 15.91 କୋଟି ଟଙ୍କା ହ୍ରାସ ପାଇଥିଲା । ଏହାଦ୍ୱାରା କ୍ଷତିର ଅବନତି ଘଟିଛି ଏବଂ କ୍ୟାପିଟାଲ୍ ୱାର୍କ ଇନ୍ ପ୍ରୋଗ୍ରେସରେ15.91 କୋଟି ଟଙ୍କା (2018-19ର 14.14 କୋଟି ଟଙ୍କା + 2019-20ର 1.77 କୋଟି ଟଙ୍କା) ଅଗ୍ରଚତି ହୋଇଛି। ଯଦିଓ ସିଏଜି ମନ୍ତବ୍ୟ ନମ୍ବର କ(1) ରେ 31 ମାର୍ଚ୍ଚ 2018-19 ଶେଷ ହୋଇଥିବା ବର୍ଷ ପାଇଁ ସମାନ ଭାବରେ ସୂଚିତ କରାଯାଇଛି, ପରିଚାଳନା ଦ୍ୱାରା କୌଣସି ସଂଶୋଧନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। |
| 3. | ଗ୍ରୀଡ୍‌କୋ ଲିମିଟେଡ୍ | I. ପିଜିସିଆଇଏଲ୍, ଜିକେଇଏଲ. ଓପିଜିସି ଏବଂ ଓଏଚ୍‌ପିସି ଆଦି କମ୍ପାନୀମାନେ 2017-18 ରୁ 2019-20 ବର୍ଷମାନଙ୍କ ପାଇଁ ବକେୟା ବିଦ୍ୟୁତ୍ ବିଲ୍ ବାର୍ଷିକ ହିସାବ ଅନୁମୋଦନ ପୂର୍ବରୁ ପୈଠ କରିଥିଲେ ହେଁ ତାହା ହିସାବକୁ ନିଆନଯାଇଥିବାରୁ ଖର୍ଚ୍ଚ (ଶକ୍ତିର ମୂଲ୍ୟ) 22.21 କୋଟି ଟଙ୍କା ହ୍ରାସ ପାଇଥିଲା ଯାହାକି ଇଣ୍ଡଏଏସ୍ 10ର ବ୍ୟତିକ୍ରମ ଅଟେ। ଏହା ହିସାବ ନକରିବା କାରଣରୁ ବର୍ତ୍ତମାନର ଦାୟିତ୍ୱ ଓ କ୍ଷତି 22.21 କୋଟି ଟଙ୍କା କ୍ଷତି ହୋଇଥିଲା।<br>II. ଇଣ୍ଡଏଏସ୍ 18 ର ଉଲ୍ଲଂଘନ କରି ବ୍ୟବସାୟୀକ ରାଜସ୍ୱ 53.75 କୋଟି ଟଙ୍କା ବୃଦ୍ଧି ହୋଇଥିଲା ଯେହେତୁ ବେଦାନ୍ତ ଲିମିଟେଡ୍‌ର ବିବାଦୀୟ ଶକ୍ତି ବିଲ୍‌ର ଭୁଲବଶତଃ ହିସାବ କମ ହୋଇଥିଲା। ଏହାଦ୍ୱାରା ବାଣିଜ୍ୟିକ ଆୟ ବୃଦ୍ଧି ଏବଂ କ୍ଷତି 53.75 କୋଟି ପ୍ରତ୍ୟେକ କ୍ଷତି ହୋଇଥିଲା। |
| 4. | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା (ଏସ୍‌ଡି ଏବଂ ଟିଇ ବିଭାଗ)କୁ ଦିଆଯାଇଥିବା ଅଗ୍ରୀମ ତ୍ରୁଟିପୂର୍ଣ୍ଣ ବୁକିଂ ଯୋଗୁ ସମାନ ପରିମାଣରେ ଋଣ ଏବଂ ଆଡଭାନ୍ସର ଅନୁରୂପ ହ୍ରାସ ସହିତ ପ୍ରୋଜେକ୍ଟ ଖର୍ଚ୍ଚ 2.52 କୋଟି ଟଙ୍କାରୁ ଅଧିକ ହୋଇଯାଇଥିଲା ଯେଉଁଥିରୁ ଉପଯୋଗିତା ପ୍ରମାଣପତ୍ର ପାଇନାହିଁ। ଏହା ମଧ ସମାନ ପରିମାଣରେ ଆୟ ଉପରେ ବ୍ୟୟ ଅଟକଳର ଅଧିକ ପରିମାଣ ସୃଷ୍ଟି କଲା। |
| 5. | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | ଅନ୍ୟାନ୍ୟ ଆୟ (ଜମା ଉପରେ ସୁଧ) ଏସକ୍ରୋ (ରିଭୋଲଭିଂ) ଆକାଉଣ୍ଟରେ ରଖାଯାଇଥିବା କର୍ପସ ପାଣ୍ଠିରୁ ମିଳିଥିବା ସୁଧ ପ୍ରତି 1.57 କୋଟି ଟଙ୍କା ଅନ୍ତର୍ଭୁକ୍ତ କରେ। କୃଷି ବିଭାଗରେ ଓଡିଶା ସରକାର (14 ମଇ 2015) ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ପାଇଁ କର୍ପସ୍ ପାଣ୍ଠି ଗଠନ କରିଥିଲେ ଏବଂ ଏଥିପାଇଁ 60.00 କୋଟି ଟଙ୍କା ମଞ୍ଜୁର କରିଥିଲେ। କର୍ପସ୍ ପାଣ୍ଠିର ସନ୍ନିଧାନ ସମ୍ବନ୍ଧରେ ସରକାରୀ ବିଜ୍ଞପ୍ତିର ପାରା 6(xi) ରେ ଦର୍ଶାଯାଇଛି ଯେ ଏହି କର୍ପସ୍ ପାଣ୍ଠିରୁ ମିଳୁଥିବା ସୁଧ ମଧ ଏହି ପାଣ୍ଠିର ଏକ ଅଂଶ ହେବ ଏବଂ ଏହା କେବଳ ମଞ୍ଜି ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ ବ୍ୟବସାୟ ପାଇଁ ଉପଲବ୍ଧ ହେବା ଉଚିତ। ତେଣୁ କର୍ପସ୍ ପାଣ୍ଠିରୁ (60.00 କୋଟି ଟଙ୍କା) ଉପାର୍ଜିତ 1.57 କୋଟି ଟଙ୍କାର ସୁଧ ନିଗମର ଆୟ ଭାବରେ ବିବେଚନା କରାଯିବା ଉଚିତ ନୁହେଁ। ଏହାଦ୍ୱାରା ଅନ୍ୟାନ୍ୟ ଆୟ ଏବଂ ଲାଭର ବୃଦ୍ଧି 1.57 କୋଟି ଟଙ୍କା ଘଟିଛି ଏବଂ ସେହି ପରିମାଣର ସ୍ୱଳ୍ପ ମିଆଦି ଋଣ ଅବନତି ଘଟିଛି। |
| 6. | ଓଡିଶା ରାଜ୍ୟ ପଣ୍ୟାଗାର ଲିମିଟେଡ୍ | 2017-18 ବର୍ଷ ପାଇଁ ନିଗମର ଆକାଉଣ୍ଟ ଉପରେ ଜାରି କରାଯାଇଥିବା ଭାରତର ସିଏଜିଙ୍କ ମନ୍ତବ୍ୟ ନଂ 1 ଅନୁଯାୟୀ, ଦୁଇଟି ଗୋଦାମ ଯଥା ଦୁର୍ଗାପଲ୍ଲୀ ଏବଂ ବାଲେଶ୍ୱରରେ 1.22 କୋଟି ଟଙ୍କାର କର୍ମଚାରୀଙ୍କ ଦ୍ୱାରା ଅପବ୍ୟବହାର ହୋଇଥିବା ଖାଦ୍ୟଶସ୍ୟ ପାଇଁ ନିଗମକୁ ହିସାବ ଦେବାକୁ ପଡିଥିଲା। ମନ୍ତବ୍ୟ ସତ୍ତ୍ୱେ, ନିଗମ 2018-19 ବର୍ଷର ଖାତାରେ ନିଗମର କର୍ମଚାରୀଙ୍କ ଖାଦ୍ୟ ଶସ୍ୟର ଅପବ୍ୟବହାର ପାଇଁ ହିସାବ ଦେଇ ନାହିଁ କିମ୍ବା ପ୍ରକାଶ କରିନାହିଁ। ଏହାଦ୍ୱାରା ଜମାକାରୀଙ୍କ ଦ୍ୱାରା ଅସମର୍ଥତା ପାଇଁ ବ୍ୟବସ୍ଥାର ଅବନତି ଘଟିଛି ଏବଂ ବର୍ତ୍ତମାନର ଦାୟିତ୍ୱର ଅନୁରୂପ ଅବକ୍ଷୟ ସହିତ 1.22 କୋଟି ଟଙ୍କା ଲାଭ ସମାନ ପରିମାଣରେ ବୃଦ୍ଧି ହୋଇଅଛି। |
| 7. | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | ଅଏଲ୍ ଓଡିଶାର ଖୋର୍ଦ୍ଧା ଗୋଡାଉନ୍‌କୁ ଦିଆଯାଉଥିବା ଅନାଦାୟ ଭଡା ଉପରେ ସୁଧ ଦେବାର ବ୍ୟବସ୍ଥା ହିସାବ ନକରିବା କାରଣରୁ ଅନ୍ୟାନ୍ୟ ଖର୍ଚ୍ଚ (ଭଡା ଏବଂ ବୀମା) ବାବଦକୁ2.18 କୋଟି ଟଙ୍କା ହ୍ରାସ କରାଯାଇଛି। ଏହା ଦ୍ୱାରା ମଧ ଅନ୍ୟାନ୍ୟ ସାମ୍ପ୍ରତିକ ଦାୟିତ୍ୱରେ ଅବନତି ଏବଂ ସମାନ ପରିମାଣରେ ଲାଭର ଅତ୍ୟଧିକ ବୃଦ୍ଧି ଘଟାଇଛି। |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 8. | ଓଡିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ | i. ଅନ୍ୟାନ୍ୟ ଆୟ (ଗ୍ରାହକଙ୍କଠାରୁ ପ୍ରାପ୍ତ ସମ୍ପତ୍ତି ପାଇଁ ବିଳମ୍ବିତ ଆୟ) ଆର୍ଥିକ କ୍ଷେତ୍ରରେ ବିଳମ୍ବିତ ଆୟ ଭାବରେ ଓଡିଶା ସରକାରଙ୍କ ଇକ୍ୱିଟିକୁ ସମର୍ଥନ ସୃଷ୍ଟି ହୋଇଥିବା ସମ୍ପତ୍ତି ଉପରେ ମୂଲ୍ୟର ଅବନତିର ଭୁଲ ସ୍ୱୀକୃତି ହେତୁ ଦାୟୀତ୍ୱର ଅବନତି (ବିଳମ୍ବିତ ଆୟ) ସହିତ 1.96 କୋଟି ଟଙ୍କା ଅଧିକ ହୋଇଛି । ଏହାଦ୍ୱାରା କମ୍ପାନୀର କ୍ଷତି 1.96 କୋଟି ଟଙ୍କା ହ୍ରାସ ପାଇଛି ।<br>ii. ସାମ୍ପ୍ରତିକ ଦାୟିତ୍ୱ (ପ୍ରୋଭିଜନ୍ସ) ଗୁଡିକତା ସହିତ କର୍ମଚାରୀଙ୍କ ସୁବିଧା ବାବଦକୁ ଖର୍ଚ୍ଚରେ 2.73 କୋଟି ଟଙ୍କା ହ୍ରାସ ପାଇଥିଲା 31 ମାର୍ଚ୍ଚ 2020 ସୁଦ୍ଧା ଯେହେତୁ ଗ୍ରାଚ୍ୟୁଇଟି ସହିତ ଆକ୍ଚୁରିଆଲ ଭାଲ୍ୟୁଏସନ୍ ମେଳ ହେବା ପାଇଁ କମ୍ ପ୍ରୋଭିଜନ କରାଯାଇଥିଲା । ଏହାଦ୍ୱାରା କ୍ଷତି2.73 କୋଟି ଟଙ୍କା ଅବନତି ହେଲା ।<br>iii. କର୍ମଚାରୀଙ୍କ ସୁବିଧା ଖର୍ଚ୍ଚ (ଏକ୍ସଗ୍ରାସିଆ) ସମାନ ପରିମାଣରେ ଯୋଗାଣର ଅନୁରୂପ ଅବନତି ସହିତ 5.20 କୋଟି ଟଙ୍କା ଅବକ୍ଷୟ ହୋଇଛି ଯେହେତୁ ଓପିଟିସିଏଲ୍‌ର ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ 2019-20 ଆର୍ଥିକ ବର୍ଷ ପାଇଁ ଏକକାଳୀନ ଏକ୍ସଗ୍ରାସିଆ ଦେୟ ବାବଦକୁ ଅଣ-ପ୍ରାବଧାନ ଦାୟିତ୍ୱ କରାଯାଇ ନଥିଲା । |
| 9. | ଗ୍ରୀଡ୍‌କୋ ଲିମିଟେଡ୍2020-21 | i) ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ ବେଦାନ୍ତ ଲିମିଟେଡ୍‌କୁ ଦିଆଯାଉଥିବା କ୍ଷମତା ଦେୟ ପ୍ରଦାନ ନକରିବା ହେତୁ ଖର୍ଚ୍ଚ (ଶକ୍ତିର ମୂଲ୍ୟ) 4.00 କୋଟି ଟଙ୍କା ହ୍ରାସ କରାଯାଇଥିଲା । ଏହାଦ୍ୱାରା 4.00 କୋଟି ଟଙ୍କା ବିଦ୍ୟୁତ୍ ମୂଲ୍ୟର ଅବନତି ଏବଂ ସମାନ ପରିମାଣରେ କ୍ଷତିର ଅନୁରୂପ ଅବନତି ଘଟିଛି । ଏହାଦ୍ୱାରା ମଧ୍ୟ ସାମ୍ପ୍ରତିକ ଦାୟିତ୍ୱ4.00 କୋଟି ଟଙ୍କା ଅବନତି ଘଟାଇଛି ।<br>ii) ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍) କୁ ଦେୟ ପ୍ରଦାନ କରାଯାଉଥିବା ବିଳମ୍ବିତ ପେମେଣ୍ଟ ସରଚାର୍ଜ (ଡିପିଏସ୍) ପାଇଁ ଅଣ-ବ୍ୟବସ୍ଥା ଖର୍ଚ୍ଚ (ଶକ୍ତି ମୂଲ୍ୟ) 23.26 କୋଟି ଟଙ୍କା ହ୍ରାସ ପାଇଛି । ଏହାଦ୍ୱାରା ଶକ୍ତି ମୂଲ୍ୟର ମୂଲ୍ୟ 23.26 କୋଟି ଟଙ୍କା ଏବଂ ସମାନ ପରିମାଣରେ କ୍ଷତିର ଅନୁରୂପ ଅବନତି ଘଟିଛି । ଏହା ମଧ୍ୟ ସାମ୍ପ୍ରତିକ ଦାୟିତ୍ୱର 23.26 କୋଟି ଟଙ୍କାକୁ ଅବନତି କରିଛି । |
| 10. | ଇଡକଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ | ଅନ୍ୟାନ୍ୟ ଖର୍ଚ୍ଚରେ (i) ରୟାଲଟି, ଜିଲ୍ଲା ମିନେରାଲ୍ ଫାଉଣ୍ଡେସନ (ଡିଏମ୍ଏଫ୍) ଏବଂ ନ୍ୟାସନାଲ ମିନେରାଲ୍ ଏକ୍ସପ୍ଲୋରେସନ୍ ଟ୍ରଷ୍ଟ (ଏନ୍ଏମ୍ଇଟି)ର ଦେୟ ପାଇଁ 2.32 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇ ନାହିଁ ଏବଂ ରୋଏଡା ସି ମାଇନ୍ସରୁ ନିର୍ମିତ ଲୁହାପଥର ବିକ୍ରିରେ ଏବଂ (ii) କଣ୍ଟ୍ରାକ୍ଟରଙ୍କ ବିଲ୍, ଖଣି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଦରମା ଏବଂ ଯାନ ନିଯୁକ୍ତି ଖର୍ଚ୍ଚ, ଅପ୍ରେଲ 2019 ରୁ ଜୁନ୍ 2019 ପର୍ଯ୍ୟନ୍ତ 6.69 କୋଟି ଟଙ୍କା ଅନ୍ତର୍ଭୁକ୍ତ। ଏହାଦ୍ୱାରା ଅନ୍ୟାନ୍ୟ ଖର୍ଚ୍ଚ ଏବଂ କ୍ଷତି 9.01 କୋଟି ଟଙ୍କା (2.32 କୋଟି ଟଙ୍କା + 6.69 କୋଟି ଟଙ୍କା) ପ୍ରତ୍ୟେକଟି ଅବନତି ହୋଇଛି । |
| 11. | ଓଡିଶା ଶିଳ୍ପ ବିକାଶନିଗମ ଲିମିଟେଡ୍ | ଅନ୍ୟାନ୍ୟ ଖର୍ଚ୍ଚଗୁଡିକ ଅପ୍ରେଲ 2019 ରୁ ଜୁନ୍ 2019 ମଧ୍ୟରେ ଇଡ୍‌କୋଲ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍)ର ରୋଏଡା ସି ଖଣିରୁ ଆଇରନ୍ ଓର ବିକ୍ରୟ ପାଇଁ ରୟାଲଟି, ଡିଏମ୍ଏଫ୍ ଏବଂ ଏନ୍ଏମ୍ଇଟିର ଦେୟକୁ ବ୍ୟୟ ଅନ୍ତର୍ଭୁକ୍ତ କରି 1.67 କୋଟି ଟଙ୍କା ଅଧିକ ଖର୍ଚ୍ଚ କରାଯାଇଥିଲା । ଏହାଦ୍ୱାରା ଲାଭ 1.67 କୋଟି ଟଙ୍କା ଏହି ବର୍ଷ ପାଇଁ ଅବନତି ଘଟିଛି । |

**ସାରଣୀ 5.21: ସରକାରୀ କମ୍ପାନୀ ଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| 1 | ଓଡିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ | ଅଣ-ଚଳନ୍ତି ସମ୍ପତ୍ତି (ବିଲଡିଂ) ବାବଦକୁ 16.98 କୋଟି ଟଙ୍କା ହ୍ରାସ ପାଇଥିଲା ଯେହେତୁ ସମ୍ପତ୍ତିଗୁଡିକ ଅଣପୁଞ୍ଜି ବିନିଯୋଗ ଏବଂ 2019-20 ଆର୍ଥିକ ବର୍ଷରେ ସମ୍ପ୍ରସାରଣ ପ୍ରକଳ୍ପ 3 ଏବଂ 4 ଅଧିନରେ ପରିଚାଳନାକୁ ମ୍ୟାନେଜମେଣ୍ଟକୁ ହସ୍ତାନ୍ତର କରାଯାଇଥିଲା । ଏହା ମଧ୍ୟ ସମାନ ପରିମାଣରେ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | (ଷ୍ଟାଣ୍ଡଲୋନ ଆର୍ଥିକ ଷ୍ଟେଟମେଣ୍ଟ) | ସିଡବ୍ଲ୍ୟୁଆଇପିର ବୃଦ୍ଧି ଘଟାଇଲା। ଅଧିକନ୍ତୁ, ଏହି ସମ୍ପତ୍ତିଗୁଡିକର ଅଣ-କ୍ୟାପିଟାଲାଇଜେସନ୍ ହେତୁ ଏହି ସ୍ଥିର ସମ୍ପତ୍ତିର ଅବନତି ସମାନ ପରିମାଣରେ କ୍ଷତିର ଅନୁରୂପ ଅବନତି ସହିତ 7.32 ଲକ୍ଷ ପରିମାଣରେ ଅବକ୍ଷୟ ହୋଇଛି। |
| 2. | ଓଡିଶା ହାଇଡ୍ରୋପାୱାର କର୍ପୋରେସନ୍ ଲିମିଟେଡ୍ (ଷ୍ଟାଣ୍ଡଲୋନ ଆର୍ଥିକ ଷ୍ଟେଟମେଣ୍ଟ) | ସାମ୍ପ୍ରତିକ ଦାୟିତ୍ୱ ଗୁଡିକ (ମାଛକୁଣ୍ଡ ଆକାଉଣ୍ଟ ଉପରେ ଏପିଜିଇଏନ୍‌ସିଓକୁ ଦେୟ) ଏପିଜିଇଏନ୍‌ସିଓର ବିଲ୍ ନଦେବା କାରଣରୁ ଅର୍ଥାତ୍ ଇ-ଟାଇପ୍ ଏବଂ ଏଫ୍-ଟାଇପ୍ ବ୍ଲକ୍ ମାଛକୁଣ୍ଡ ପ୍ରକଳ୍ପନିର୍ମାଣ ପାଇଁ 30 ପ୍ରତିଶତ ଖର୍ଚ୍ଚ ହେତୁ 1.66 କୋଟି ଟଙ୍କା ହ୍ରାସ ପାଇଛି। ସମାନ ପରିମାଣରେ ପିପିଇର ଅବକ୍ଷୟ ହୋଇଛି। |
| 3. | ଓଡିଶା କୋଇଲା ଏବଂ ପାୱାର ଲିମିଟେଡ୍ | ଅଣ-ସାମ୍ପ୍ରତିକ ସମ୍ପତ୍ତିଗୁଡିକ (ଅନ୍ୟାନ୍ୟ ଅଣ-ସାମ୍ପ୍ରତିକ ସମ୍ପତ୍ତିଗୁଡିକ) 45.66 କୋଟି ଟଙ୍କା (2018-19 ର 42.05 କୋଟି ଟଙ୍କା + 2019-20 ର 3.61 କୋଟି ଟଙ୍କା) ହ୍ରାସ ପାଇଥିଲା, କାର୍ଯ୍ୟ ଚାଲୁଥିବା ପୁଞ୍ଜିରେ ବୃଦ୍ଧିର କାରଣ 45.66 କୋଟି ଟଙ୍କାର ଅଣ-ପୁଞ୍ଜିଭୂତ କରଜ ମୂଲ୍ୟ ପାଇଁ। ଅଧିକନ୍ତୁ, ଅନ୍ୟାନ୍ୟ ଖର୍ଚ୍ଚ ଉପରୋକ୍ତ ପରିମାଣ ଉପରେ ଜମିର ଆମର୍ଟାଇଜେସନ୍ ହିସାବ ନକରି ସମାନ ପରିମାଣର କ୍ଷତିର ଅବନତି ସହିତ 2.92 କୋଟି ଟଙ୍କା (2018-19 ପାଇଁ 1.40 କୋଟି ଟଙ୍କା + 2019-20 ପାଇଁ 1.52 କୋଟି ଟଙ୍କା) ଅବନତି ହୋଇଛି। |
| 4. | ଓଡିଶା ମିନେରାଲର୍ ବିୟରିଂ ଏରିଆ ବିକାଶ ନିଗମ | 2019-20 ମଧ୍ୟରେ ବିଭିନ୍ନ ତାରିଖଗୁଡିକରେ 364 ଏବଂ 182 ଦିନ ପାଇଁ ବିନିଯୋଗ ହୋଇଥିବା ନଅଟି ନିଲାମ ଟ୍ରେଜେରୀ ବିଲ୍ (ଏଟିବି) ଗୁଡିକ ଉପରେ ଆକାଉଣ୍ଟ ହୋଇଥିବା ସୁଧର ହିସାବ ନହେବା ହେତୁ ସାମ୍ପ୍ରତିକ ସମ୍ପତ୍ତିଗୁଡିକ (ସଂଗୃହିତ ସୁଧ) 291.54 କୋଟି ଟଙ୍କା ହ୍ରାସ ପାଇଛି, ଯାହାକି କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଆକାଉଣ୍ଟିଂ ପଲିସିର ପାରା ନମ୍ବର 2.1 ର ଉଲ୍ଲଂଘନ କରିଛି। ଏହାଦ୍ୱାରା ଅନ୍ୟାନ୍ୟ ଆୟ ଏବଂ ରିଜର୍ଭ ଏବଂ ସରପ୍ଲସ୍ ପ୍ରତ୍ୟେକକୁ 291.54 କୋଟି ଟଙ୍କା ଅବନତି କରାଯାଇଥିଲା। |
| 5. | ଓଡିଶା ରାଜ୍ୟ ଆର୍ଥିକ ନିଗମ ଲିମିଟେଡ୍ | ଏସ୍‌ଆଇଡିବିଆଇ ସହିତ କରାଯାଇଥିବା ଓଟିଏସ୍ ଚୁକ୍ତି ଅନୁଯାୟୀ ଡିଫଲ୍ଟରେ ଜମା ହୋଇଥିବା ସୁଧ ବାବଦକୁ 4.76 କୋଟି ଟଙ୍କା ଏବଂ ଓଟିଏସ୍ କିସ୍ତିର ବିଳମ୍ବିତ ଦେୟ ପରିପ୍ରେକ୍ଷିରେ 42 କୋଟି ଟଙ୍କା ପୁଞ୍ଜି ଏବଂ ଦାୟିତ୍ୱ (କରଜ) ଅନ୍ତର୍ଭୁକ୍ତ କରେ ନାହିଁ। ଏହାଦ୍ୱାରା 'ଅନ୍ୟାନ୍ୟ ଆର୍ଥିକ ଖର୍ଚ୍ଚ','କରଜ' ଏବଂ 'ଅପରେଟିଂ କ୍ଷତି'ର 4.76 କୋଟି ଟଙ୍କା ହ୍ରାସ ପାଇଛି। |
| 6. | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ | ଏମ୍‌ଏସ୍‌ଇଏଫ୍‌ସି, କଟକର ଆଦେଶ (05.12.2018) ଅନୁଯାୟୀ ମେସର୍ସ କେବୁଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌କୁ ପ୍ରଦାନ କରାଯିବାକୁ ଥିବା ବିଚାରାଧିନ ଦେୟ ଭାବରେ 1.75 କୋଟି ଟଙ୍କା ସାମ୍ପ୍ରତିକ ଦାୟିତ୍ୱ ଗୁଡିକ (ଅନ୍ୟାନ୍ୟ ସାମ୍ପ୍ରତିକ ଦାୟିତ୍ୱ) ଅନ୍ତର୍ଭୁକ୍ତ କରେ ନାହିଁ। ଏହାଦ୍ୱାରା ଅନ୍ୟ ସାମ୍ପ୍ରତିକ ଦାୟିତ୍ୱ ଗୁଡିକର 1.75 କୋଟି ଟଙ୍କା ହ୍ରାସ ଘଟିଛି ଏବଂ ସମାନ ପରିମାଣରେ ଲାଭର ଅତ୍ୟଧିକ ବୃଦ୍ଧିଘଟିଛି। |
| 7. | ଓଡିଶା ରାଜ୍ୟ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍ | I. 2017-18 ବର୍ଷ ପାଇଁ ଆୟକର ବାବଦକୁ3.84 କୋଟି ଟଙ୍କା ବ୍ୟବସ୍ଥା ସାମ୍ପ୍ରତିକ ଦାୟିତ୍ୱ ଗୁଡିକ (ସ୍ୱଳ୍ପକାଳୀନ ବ୍ୟବସ୍ଥା)ରେ ଅନ୍ତର୍ଭୁକ୍ତ କଲା। ଆୟକରର ଡେପୁଟି କମିଶନର 2017-18 ଆର୍ଥିକ ବର୍ଷ ପାଇଁ କମ୍ପାନୀ ଦ୍ୱାରା ଦାଖଲ ହୋଇଥିବା ଆୟ ଉପରେ ଟିକସ ଗଣନା କରିଥିଲେ ଏବଂ କମ୍ପାନୀ ପାଇଁ ଆୟକରର ସଂକ୍ଷିପ୍ତ ମୂଲ୍ୟାଙ୍କନ ଆଦେଶ ପାସ୍ କରିଥିଲେ (17.11.2019)। ଯେହେତୁ ମୂଲ୍ୟାଙ୍କନ ଅଧିକାରୀଙ୍କ ଦ୍ୱାରା ନଭେମ୍ବର 2019 ରେ ପାସ୍ ହୋଇଥିଲା ତେଣୁ 2017-18 ଆର୍ଥିକ ବର୍ଷ ପାଇଁ ଆୟକର ଦାୟିତ୍ୱ ବ୍ୟବସ୍ଥାକୁ ରାଇଟ୍ ବ୍ୟାକ୍ ହେବା ଉଚିତ। ଏହା ଫଳରେ ସାମ୍ପ୍ରତିକ ଦାୟିତ୍ୱ 3.84 କୋଟି ଟଙ୍କା ବୃଦ୍ଧି ସହିତ ବ୍ୟାଙ୍କ ସୁଧ ଉପରେ ଟିଡିଏସ୍‌ର ସମାନ ଭାବରେ ବୃଦ୍ଧି ହୋଇଥିଲା।<br>II. ଓଡିଶା ସରକାରଙ୍କ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (17 ଫେବୃୟାରୀ 2016) ରାଜ୍ୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ଏସ୍‌ପିଏସ୍‌ୟୁ)ଙ୍କ ଦ୍ୱାରା ଲାଭାଂଶ ଦେୟ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ନିର୍ଦ୍ଦେଶାବଳୀ ଅନୁଯାୟୀ, ଏକ ଏସ୍‌ପିଏସ୍‌ୟୁ ଲାଭ ଉପରେ କର କିମ୍ବା ରାଜ୍ୟ ସରକାରଙ୍କ 30 ପ୍ରତିଶତ ଇକ୍ୱିଟି ଉପରେ ଲାଭର 30 ପ୍ରତିଶତ ଡିଭିଡେଣ୍ଡଯାହା ଅଧିକ। ସେହିଟିକୁ ପ୍ରଦାନ କରିବେ। ଟ୍ୟାକ୍ସ ପରେ କମ୍ପାନୀର ଲାଭ 2019-20 ବର୍ଷ ପାଇଁ 9.78 କୋଟି ଟଙ୍କା ଥିଲା ଏବଂ 31 ମାର୍ଚ୍ଚ 2020 ସୁଦ୍ଧା କମ୍ପାନୀର ଇକ୍ୱିଟି ଅଂଶ 1.000 ଲକ୍ଷ ଥିଲା। ସେହି ଅନୁଯାୟୀ, କମ୍ପାନୀ 2019-20 ବର୍ଷ ପାଇଁ 3.00 କୋଟି ଟଙ୍କାର ଡିଭିଡେଣ୍ଡ ଏବଂ ଡିଭିଡେଣ୍ଡ ବଣ୍ଟନ ଟିକସ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ମନ୍ତବ୍ୟ |
|---|---|---|
| | | ବାବଦକୁ0.62 କୋଟି ଟଙ୍କା (ଡିଭିଡେଣ୍ଡର 20.56 ପ୍ରତିଶତ) ପ୍ରଦାନ କରିବାକୁ ଦାୟୀ ଅଟେ। ଅବଶ୍ୟ, ଉପରୋକ୍ତ ଗାଇଡଲାଇନର ଉଲ୍ଲଂଘନ କରି କମ୍ପାନୀ 2019-20 ଆର୍ଥିକ ବର୍ଷ ପାଇଁ ଡେଭିଡେଣ୍ଡ ଏବଂ ଡିଭିଡେଣ୍ଡ ବଣ୍ଟନ କର ପାଇଁ କୌଣସି ବ୍ୟବସ୍ଥା କରିନାହିଁ। ଏହାଦ୍ୱାରା ରିଜର୍ଭ ଏବଂ ସରପ୍ଲସ୍‌ର 3.62 କୋଟି ଟଙ୍କା ବୃଦ୍ଧି ସହିତ ଡିଭିଡେଣ୍ଡ ପ୍ରୋଭିଜନସ୍ ପାଇଁ 3 କୋଟି ଟଙ୍କା ଏବଂ ଡିଭିଡେଣ୍ଡ ବଣ୍ଟନ ଟିକସ ପ୍ରୋଭିଜନସ୍ 2019-20 ବର୍ଷ ପାଇଁ 0.62 କୋଟି ଟଙ୍କା ହ୍ରାସ ପାଇଥିଲା। |
| 8. | ଓଡିଶା ରାଜ୍ୟ ଗୋଦାମ ନିଗମ | (i) 2017-18 ବର୍ଷ ପାଇଁ କର୍ପୋରେସନ୍ ଆକାଉଣ୍ଟରେ ଜାରି କରାଯାଇଥିବା ଭାରତର ସିଏଜିଙ୍କର ମନ୍ତବ୍ୟ ସଂଖ୍ୟା 3 ଅନୁଯାୟୀ 15 ଟି ଡିପୋ ଷ୍ଟୋରେଜ୍ କ୍ଷୟକ୍ଷତିର ସନ୍ଦେହଜନକ ପୁନରୁଦ୍ଧାର ଦିଗରେ ଘରୋଇ ଉଦ୍ୟୋଗୀ ଗ୍ୟାରେଣ୍ଟି (ପିଇଜି) ଯୋଜନା ଅଧିନରେ ଫେବୃୟାରୀ 2011 ରୁ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଅବଧି ନିଗମକୁ 1.57 କୋଟି ଟଙ୍କା ପ୍ରଦାନ କରିବାକୁ ପଡିବ। ମନ୍ତବ୍ୟ ସତ୍ତ୍ୱେ ନିଗମ 2018-19 ବର୍ଷ ପାଇଁ ଆକାଉଣ୍ଟରେ ସନ୍ଦେହଜନକ ପୁନରୁଦ୍ଧାରର କୌଣସି ବ୍ୟବସ୍ଥା କରିନାହିଁ। ଏହାଦ୍ୱାରା ଜମାକାରୀଙ୍କ ଅନୁମତି ନହେବା ଏବଂ ଅନ୍ୟାନ୍ୟ ଦାୟିତ୍ୱର 1.57 କୋଟି ଟଙ୍କା ହ୍ରାସ ସହିତ ସମାନ ପରିମାଣର ଲାଭର ପରିମାଣ ବୃଦ୍ଧି ହୋଇଛି।<br>(ii) ଆକାଉଣ୍ଟିଂ ଷ୍ଟାଣ୍ଡାଡ୍ (ଏଏସ୍)-15 ର ପାରା 63 ଅନୁଯାୟୀ (2005 ରେ ସଂଶୋଧିତ), ଏକ ସଂସ୍ଥା ବାଲାନ୍ସ ଶୀଟ୍‌ରେ ନିଟ୍ ନିର୍ଦ୍ଦିଷ୍ଟ ଲାଭ ଦାୟିତ୍ୱକୁ ସ୍ୱୀକୃତି ଦେବ। 31 ମାର୍ଚ୍ଚ 2019 ଶେଷ ହୋଇଥିବା ବର୍ଷ ପାଇଁ ନିଗମର ବାଧ୍ୟତାମୂଳକ ମୂଲ୍ୟ ବର୍ତ୍ତମାନର ମୂଲ୍ୟ 12.53କୋଟି ଟଙ୍କା ଗ୍ରାଚ୍ୟୁଇଟି ବାବଦକୁ ଥିଲା ଯାହା ବିରୁଦ୍ଧରେ ଯୋଜନା ସମ୍ପତ୍ତିର ଉଚିତ ମୂଲ୍ୟ 11.31 କୋଟି ଟଙ୍କା ଥିଲା। ଏହିପରି, 2018-19 ଆର୍ଥିକ ବର୍ଷ ପାଇଁ ଗ୍ରାଚ୍ୟୁଇଟି ମୂଲ୍ୟବୋଧ ରିପୋର୍ଟ ଅନୁଯାୟୀ ବାଲାନ୍ସ ସିଟ୍‌ରେ 1.22 କୋଟି ଟଙ୍କାର ନିଟ୍ ଦାୟିତ୍ୱକୁ ସ୍ୱୀକୃତି ଦିଆଯିବା ଉଚିତ। ଏହାଦ୍ୱାରା ଅନ୍ୟାନ୍ୟ ଦାୟିତ୍ୱ 1.22 କୋଟି ଟଙ୍କା ହ୍ରାସ ସହିତ ସମାନ ପରିମାଣରେ ଲାଭ ବୃଦ୍ଧି ହୋଇଛି।<br>(iii) ଚୁକ୍ତିର ବର୍ଦ୍ଧିତ ଅବଧି 2015-17 ମଧ୍ୟରେ ଏଚ୍ଆଣ୍ଡଟି ଚୁକ୍ତିକୁ ଚୂଡାନ୍ତ ନକରିବା ଦ୍ୱାରା ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ହୋଲଡିଂ ଏବଂ ପରିବହନ (ଏଚ୍ଆଣ୍ଡଟି) ଦେୟ ବାବଦରେ ସନ୍ଦେହଜନକ ଆଦାୟ କରିଥିବା ରାଶିର ବ୍ୟବସ୍ଥା ନକରିବା ଦ୍ୱାରା ବିଭିନ୍ନ ପ୍ରକାର ଋଣ(ଏଫ୍‌ସିଆଇ ଦ୍ୱାରା କଟାଯାଇଥିବା ଭିନ୍ନ ଏଚ୍ଆଣ୍ଡଟି ହାର)ରେ 16.29 କୋଟିଟଙ୍କା ବୃଦ୍ଧି ପାଇଥିଲା। ଏହାଦ୍ୱାରା ସମାନ ପରିମାଣରେ ହୋଲଡିଂ ଏବଂ ପରିବହନ ଦେୟ ହ୍ରାସ ଏବଂ ଲାଭ ବାବଦରେ 16.29 କୋଟି ଟଙ୍କା ବୃଦ୍ଧି ହୋଇଥିଲା। |
